# ଧରିତ୍ରୀ
DHARITRI

49 ୪୯

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୦/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 10/2022 Page 16 ₹ 7.00 ★★★★

୪୯ଶ ଭାଗ ୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 17 ମୂଲ୍ୟ ₹୭/-




**ସୌରଭ କୁମାରଙ୍କୁ ୬ ଉଇକେଟ**

ବାଂଲାଦେଶ ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟରେ ଭାରତ ଏ' ସ୍ପିନର ସୌରଭ କୁମାର ୬ଉଇକେଟ ସଫଳତା ହାସଲ କରିଛନ୍ତି।

୧୧

୧୪

**ପ୍ରେମରେ ପଡ଼ିଲେ ରିୟା**

ବଲିଉଡ୍ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ଲଭ୍ ଲାଇଫ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବଣ୍ଟି ସଜ୍‌ଦେହଙ୍କ ସହିତ ପ୍ରେମ ସମ୍ପର୍କକୁ ସେ ଗୋପନୀୟ ରଖିଛନ୍ତି।



# ଉଧେଇ ପାରୁନାହାନ୍ତି ବହୁ ପ୍ରାଣୀ

**ଲିଙ୍ଗରାଜ ରାଉତ**
**ବାରଙ୍ଗ, ୯।୧୨**

ବିଶ୍ୱସ୍ତରୀୟ ହେବ ପ୍ରାଣୀଉଦ୍ୟାନ ନନ୍ଦନକାନନ। ବଦଳିବ ଏହାର ଚେହେରା। ବୃଦ୍ଧି ପାଇବ ବନ୍ୟପ୍ରାଣୀଙ୍କ ସଂଖ୍ୟା। ନୂଆ ନୂଆ ପ୍ରଜାତିକୁ ଦେଖିବେ ପର୍ଯ୍ୟଟକ। ଏଥିପାଇଁ ଦେଶବିଦେଶରୁ ଅଣାଯାଉଛି ପଶୁପକ୍ଷୀ। ଏପରି କି ବଂଶାନୁକ୍ରମିକ ଓ ରକ୍ତସମ୍ପର୍କ ମିଳନରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଚାଲିଛି ପ୍ରୟାସ। ହେଲେ କିଛିବର୍ଷର ଉଦ୍ୟମ ସତ୍ତ୍ୱେ ଅନେକ କ୍ଷେତ୍ରରେ ମିଳିପାରୁନାହିଁ ସଫଳତା। ବନ୍ୟଜନ୍ତୁଙ୍କ ବଂଶବୃଦ୍ଧି, ନିଃସଙ୍ଗ ପ୍ରାଣୀଙ୍କୁ ସାଥୀ ଦେବାରେ ଏକପ୍ରକାର ବିଫଳ ହୋଇଛନ୍ତି ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ। ଏହି କାରଣରୁ ନନ୍ଦନକାନନରେ କିଛି ପ୍ରଜାତିର ପଶୁପକ୍ଷୀଙ୍କ ସଂଖ୍ୟା ବଢ଼ିବା ପରିବର୍ତ୍ତେ କମିଯାଉଛି। ଏଠାରେ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତି ସମ୍ପୂର୍ଣ୍ଣ ଲୋପ ପାଇଯାଇଛି। ଅନେକ କୋଟି ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ବିଦେଶୀ ପ୍ରାଣୀଙ୍କୁ ବଞ୍ଚାଇ ରଖାଯାଇ ପାରୁନାହିଁ। ନନ୍ଦନକାନନରେ ବହୁ ପ୍ରାଣୀ ଉଧେଇ ପାରୁ ନ ଥିବାରୁ ନିରାଶ ହେଉଛନ୍ତି ପର୍ଯ୍ୟଟକ।

ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ୨୦୨୨ ସେପ୍ଟେମ୍ବର ସୁଦ୍ଧା ନନ୍ଦନକାନନରେ ସମୁଦାୟ ୧୬୧ ପ୍ରଜାତିର ୪,୦୫୪ ପଶୁପକ୍ଷୀ ଅଛନ୍ତି। ତନ୍ମଧ୍ୟରେ ୧,୪୫୨ ଅଣ୍ଡିରା, ୧,୬୯୧ ମାଈ। ସେହିପରି ୯୧୧ ପ୍ରାଣୀଙ୍କ ଲିଙ୍ଗ ନିରୂପଣ ହୋଇନାହିଁ। ସାଥୀ ନ ଥିବାରୁ ୩୨ ପ୍ରଜାତିର ପ୍ରାଣୀ ନିଃସଙ୍ଗ ଜୀବନ ବିତାଉଛନ୍ତି। ସେହିପରି ଗତ ୬ବର୍ଷ ମଧ୍ୟରେ ନନ୍ଦନକାନନକୁ ୧୨୮ ପ୍ରାଣୀ କିଣା ହୋଇ ଆସିଥିବାବେଳେ ଏହି ସମୟରେ ୧୦୬ ପଶୁପକ୍ଷୀ ହସ୍ତାନ୍ତର କରାଯାଇଛି। ଅଦଳବଦଳ ଏବଂ କିଣା ହୋଇଥିବା ପଶୁପକ୍ଷୀଙ୍କ ମଧ୍ୟରୁ ୧୧ଟିର ମୃତ୍ୟୁ ଘଟିଛି। ତେବେ ବାହାରୁ ଆସିଥିବା ବନ୍ୟପ୍ରାଣୀଙ୍କ ବଂଶବୃଦ୍ଧି ପ୍ରକ୍ରିୟା ଯେତିକି ନୈରାଶ୍ୟଜନକ, ସେତିକି ବ୍ୟୟବହୁଳ ସାବ୍ୟସ୍ତ ହୋଇଛି।

୨୦୧୭ରେ ନନ୍ଦନକାନନକୁ ୩୯ ପଶୁପକ୍ଷୀ ଅଣାଯାଇଥିବାବେଳେ ପ୍ରତିବଦଳରେ ୨୨ଟି ଦେବାକୁ ପଡ଼ିଛି। ସେହିପରି ୮ ପ୍ରାଣୀ କିଣାହୋଇ ଆସିଛନ୍ତି। ୨୦୧୮ରେ ୨୩ ପଶୁପକ୍ଷୀ ଆସିଥିବାବେଳେ ୨ ଜଳହସ୍ତୀ ଦେବାକୁ ପଡ଼ିଛି। ୨୦୧୯ରେ ୨୫ଟି ପ୍ରାଣୀ ଅଣାଯାଇଥିଲା। ତନ୍ମଧ୍ୟରୁ ୮ଟି କିଣାହୋଇ ଏବଂ ୧୧ଟି ଉପହାର ସୂତ୍ରରେ ପାଇଥିଲା ନନ୍ଦନକାନନ। ପୁନର୍ବାର ୨ ଜଳହସ୍ତୀକୁ ନନ୍ଦନକାନନକୁ ଦେବାକୁ ପଡ଼ିଥିଲା। ୨୦୨୦ରେ ୧୫ ନୂଆ ପଶୁପକ୍ଷୀ ଆସିଥିବାବେଳେ ୧୫ ପଶୁପକ୍ଷୀଙ୍କୁ ହସ୍ତାନ୍ତର କରିବାକୁ ପଡ଼ିଛି। ୨୦୨୧ରେ ୨୬ ନୂଆ ପଶୁପକ୍ଷୀ ଅଣାଯାଇଥିବାବେଳେ ୬୫ ପଶୁପକ୍ଷୀଙ୍କୁ ଦେବାକୁ ପଡ଼ିଛି। ଏହାପରଠାରୁ ଜନ୍ତୁ ଅଦଳବଦଳ ପ୍ରକ୍ରିୟା କିମ୍ବା କ୍ରୟ କରି ଆଣିବା ଯୋଜନା ବନ୍ଦ ହୋଇଯାଇଛି।

ଇତିମଧ୍ୟରେ ଲିଭିଷ୍ଟୋନ୍, ଟୁରାକୋ, ସୁନେଲି ଫିଜାଣ୍ଟ, ହଳଦିଆ ପିଠି ଆଲରୀ, ଷ୍ଟାରଫିଞ୍ଚ, ବାର୍ବି କପୋତ, ଅମ୍ଭେଲାକକାଟୋ, ଲେସର ସଲଫର କକାଟୋ, ବାଦୁଡ଼ି, ପେଚା, ମୁନିଆ, ଲାଲମୁନିଆ, କଳାମୁଣ୍ଡିଆ ମୁନିଆ, ସାରସପକ୍ଷୀ, ଶାରୀ, ଚାମଚ ଥଣ୍ଟିଆ, ଧଳାପିଠିଆ ଶାଗୁଣା, ଶଙ୍ଖଚିଲ, କୋଚିଲାଖାଇ ସମେତ ୨ ବଗଜାତୀୟ ପକ୍ଷୀକୁ ମିଶାଇ ମୋଟ୍ ୨୦ ପ୍ରଜାତିର ପକ୍ଷୀ ଖୁଆଡ଼ରେ ଏକାକୀ ଜୀବନ ବିତାଉଛନ୍ତି। ସେହିପରି ଜିରାଫ, ଆଫ୍ରିକୀୟ ସିଂହ, ନାଲିହାତୀଆତାମାରିନ, କ୍ୟାପଚୁନ, ନାଲି ଇଗୁଆନା, ଚିଙ୍କାରା ହରିଣ, ବୋଡ଼ା, ବଉଳା କୁମ୍ଭୀର, ଅହିରାଜ, ବେଲେରା ମୂଷା, ଶାଳିଆ ପତନିଙ୍କ ସମେତ ପାଣି ଜାତୀୟ କଇଁଛକୁ ମିଶାଇ ୧୨ ପ୍ରଜାତି ସାଥୀ ଅପେକ୍ଷାରେ ଅଛନ୍ତି। ଅନ୍ୟପଟେ ନନ୍ଦନକାନନର ବିଭିନ୍ନ ଖୁଆଡ଼ରୁ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତି ଲୋପ ପାଇଯାଇଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କୁହନ୍ତି, ନୂଆ ଜୀବଜନ୍ତୁ ଆଣିବା ପାଇଁ ୭ଟି ଜାତୀୟ ଚିଡ଼ିଆଖାନା ଏବଂ ଗୋଟିଏ ଅନ୍ତର୍ଜାତୀୟ ଚିଡ଼ିଆଖାନା ସହିତ କଥାବର୍ତ୍ତା ସରିଛି। କେବଳ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତିକୁ ଅପେକ୍ଷା ☞ପୃଷ୍ଠା-୪

**■ ବଢ଼ିବା ବଦଳରେ କମୁଛି ସଂଖ୍ୟା**
**■ ବିଦେଶୀ ଜୀବଜନ୍ତୁଙ୍କ ଅଭାବ**




## ବୁଡ଼ିଛି ୨୦ରୁ ଊର୍ଦ୍ଧ୍ୱ ପ୍ରଜାତି

ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ନନ୍ଦନକାନନକୁ ବିଭିନ୍ନ ସମୟରେ ଅଣାଯାଉଛି ନୂଆ ପ୍ରଜାତିର ଜୀବଜନ୍ତୁ। ଏପରିକି ବଂଶବୃଦ୍ଧି ପାଇଁ ନିଆଯାଉଛି ନାନା ପଦକ୍ଷେପ। ହେଲେ ବିଭିନ୍ନ କାରଣରୁ ସେମାନଙ୍କ ସଂଖ୍ୟା ବୃଦ୍ଧି ତ ଦୂରର କଥା, ବଂଶ ମଧ୍ୟ ବଞ୍ଚାଇ ହେଉନାହିଁ। ଗତ କିଛିବର୍ଷ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଜୀବଜନ୍ତୁ ନନ୍ଦନକାନନରୁ ଲୋପ ପାଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଓରାଙ୍ଗଓଟାନ୍, ଜେବ୍ରା, କାସୁଆରି, ୱାଲାବୀ, ନୀଳଗିରି ହନୁ, ଧଳାମୟୂର, ଧଳାଝିଙ୍କ, କ୍ୟାପି ବାରହା, ଚିତା, ମେଘୁଆ ଚିତା, କଳାଚିତା, ମାଟିଆ ଭାଲୁ, ସବୁଜହଳଦୀ ମାକାଓ, ଓଧ,ଏରାପକ୍ଷୀ, ଲଜ୍ଜାବତୀ, ଗିବନ, ସିଂହଲାଞ୍ଜି ମାଙ୍କଡ଼, ଧଳା କୃଷ୍ଣସାର। ଏବେ ଦୁବାଇରୁ ଚିତାବାଘ ଆଣିବାକୁ ଯୋଜନା କରାଯାଉଥିଲେ ମଧ୍ୟ ଏହା କେତେଦୂର ଫଳବତୀ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଘରେ ପଶି ବୃଦ୍ଧଙ୍କୁ ହତ୍ୟା, ସଶସ୍ତ୍ର ଡକାୟତି**
........୩........

**ଆଜିର ସମ୍ପାଦକୀୟ**

**ବିବାଦରେ ଫସିଲେ**

**ଆଜିର ମନ୍ତବ୍ୟ**

"ବର୍ତ୍ତମାନ ସ୍ଥିତିରେ ଦେଶରେ ବାର୍ଷିକ ୪,୩୭୪ ଜଣଙ୍କୁ ଚାକିରି ଦିଆଯାଉଛି। ଏହି ହାରକୁ ଦେଖିଲେ ୨ କୋଟି ଆଶାୟୀଙ୍କୁ ନିଯୁକ୍ତି ଦେବା ପାଇଁ ମୋଦି ସରକାରଙ୍କୁ ୧୬,୬୬,୬୬୭ ଦିନ ଲାଗିଯିବ।

**-ରଣଦୀପ ସୂର୍ଯ୍ୟେୱାଲା, କଂଗ୍ରେସ ନେତା**






# ଧନୁଯାତ୍ରାର 'ବଳରାମ'ଙ୍କ ବିୟୋଗ



ଶ୍ରେୟସ ପୂଜାରୀ

**ବରଗଡ଼ ଅଫିସ୍,୯।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୭ତାରିଖରୁ ଆରମ୍ଭ ହେବ। ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରୁଥିବା ଯୋଗୁ ଅଭିନୟକୁ ଗୁରୁତ୍ୱ ଦିଆଯାଇ ଏଥର କଳାକାର ଚୟନ କରାଯାଇଥିଲା। ମନୋନୀତ କଳାକାରଙ୍କ ପୂର୍ବାଭ୍ୟାସ ଇତିମଧ୍ୟରେ ଆରମ୍ଭ ହୋଇଛି। ମାତ୍ର ଧନୁଯାତ୍ରା ପୂର୍ବରୁ ଶୁକ୍ରବାର ବଳରାମ ଭୂମିକାରେ ଅଭିନୟ ☞ପୃଷ୍ଠା-୪

# ସିଟ୍ ଖାଲି, ନୂଆ କଲେଜ ଖୋଲିବାକୁ ତତ୍ପର

**ଭୁବନେଶ୍ୱର, ୯।୧୨(ବ୍ୟୁରୋ)**

ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଜବ ନୀତିକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଡିଗ୍ରୀ କଲେଜରେ ସିଟ୍ ପୂରଣ ହେଉ ନ ଥିବାବେଳେ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଓ ଭିତ୍ତିଭୂମି ନାହିଁ। ଏ ପରିସ୍ଥିତିରେ ନୂଆ ଡିଗ୍ରୀ କଲେଜ ଖୋଲିବାକୁ ଅଣ୍ଟାଭିଡ଼ିଛି ଉଚ୍ଚଶିକ୍ଷା ବିଭାଗ। ୨୦୨୦-୨୧ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା ଯେ, ୨୦୨୫-୨୬ ଶିକ୍ଷାବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ନୂତନ ଡିଗ୍ରୀ ଓ ପ୍ରଫେସନାଲ କଲେଜ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ସିଟ୍ ଖାଲି ପଡୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏବେ ସେଥିରେ ପରିବର୍ତ୍ତନ କରାଯିବା ସହ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି। ଗତ ମାସରେ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଷମତାସମ୍ପନ୍ନ କମିଟିରେ ସ୍ଥିର ହୋଇଛି ଯେ, ଏଣିକି ରାଜ୍ୟରେ ନୂଆ କଲେଜ/ବିଭାଗ/ପାଠ୍ୟକ୍ରମ ଖୋଲିବ। ସିଟ୍ ବୃଦ୍ଧି ଲାଗି ମଧ୍ୟ ଅନୁମତି ଦିଆଯିବ। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଉଚ୍ଚଶିକ୍ଷା ବିଭାଗ କହୁଥିବାବେଳେ ଏହାକୁ ନେଇ ଶିକ୍ଷାବିତ୍ ଓ ଅଧ୍ୟାପକ ସଂଘ ସମାଲୋଚନା ଆରମ୍ଭ କରିଛନ୍ତି।

ରାଜ୍ୟରେ ବର୍ତ୍ତମାନ ୧,୦୨୪ ଡିଗ୍ରୀ କଲେଜରେ ୨,୫୫,୯୧୩ ସିଟ୍ ରହିଛି। ଯୁକ୍ତ୩ ନାମଲେଖା ପାଇଁ ୩ଥର ଆବେଦନ ଲାଗି ସୁଯୋଗ ଦିଆଯାଇଥିଲେ ମଧ୍ୟ ୫୭ ହଜାରରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଛି। ସାମ୍ସ ପୋର୍ଟାଲର ସୂଚନାନୁସାରେ, ୨,୫୫,୯୧୩ ସିଟ୍ ମଧ୍ୟରୁ ୧,୯୮,୪୪୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ୫୭,୪୬୮ ସିଟ୍ ଖାଲି ପଡ଼ିଛି। କଳାରେ ୧୭,୩୦୩ ସିଟ୍ ଖାଲି ଥିବାବେଳେ ପଦାର୍ଥ ବିଜ୍ଞାନରେ ୧୮,୧୬୯, ଜୈବ ବିଜ୍ଞାନରେ ୮,୨୯୪, ବାଣିଜ୍ୟରେ ୧୦,୪୧୮, ସେଲ୍ଫ ଫାଇନାନ୍ସିଂରେ ୫୮୦ ଏବଂ ସଂସ୍କୃତରେ ୨,୭୦୪ ସିଟ୍ ବଳକା ପଡ଼ିଛି। ଇତିମଧ୍ୟରେ ଅକ୍ଟୋବର ୧୩ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ☞ପୃଷ୍ଠା-୪

**ଉଚ୍ଚଶିକ୍ଷା ବିଭାଗର ଅଜବ ନୀତି**

**■ ପ୍ରଶ୍ନ ଉଠାଇଲେ ଶିକ୍ଷାବିତ୍**
**■ ସମାଲୋଚନା କଲା ଅଧ୍ୟାପକ ସଂଘ**

# ମଙ୍ଗଳରୁ ଧୂଳି ସଂଗ୍ରହ କଲା ନାସା ରୋଭର

**ୱାଶିଂଟନ,୯।୧୨**

ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ମଙ୍ଗଳ ଗ୍ରହକୁ ପଠାଇଥିବା ପର୍ସେଭେରାନ୍ସ ରୋଭର ଲାଲ୍ ଗ୍ରହ ପୃଷ୍ଠରୁ ଧୂଳି ନମୁନା ସଂଗ୍ରହ କରିଛି। ଡିସେମ୍ବର ୨ ଏବଂ ୬ରେ ଦୁଇଟି ନମୁନା ସଂଗ୍ରହ କରାଯାଇଥିବା ନାସାର ଜେଟ୍ ପ୍ରପଲ୍‌ଶନ ଲାବରେଟୋରି ପକ୍ଷରୁ କୁହାଯାଇଛି। ମଙ୍ଗଳ ପୃଷ୍ଠରେ ଜୀବସତ୍ତାର ସନ୍ଧାନ କରିବାରେ ଏହା ସହାୟକ ହୋଇପାରିବ। ପୂର୍ବରୁ ଉକ୍ତ ରୋଭର ଶିଳା ନମୁନା ସଂଗ୍ରହ କରିଥିବାବେଳେ ଏଥର ପବନରେ ଉଡୁଥିବା ବାଲିକଣା ଓ ଧୂଳି ଏକ କ୍ଷୁଦ୍ର ବାଲୁକା ସ୍ତୁପରୁ ସଂଗୃହୀତ ହୋଇଛି। ପୃଥିବୀକୁ ଆସିବା ପରେ ଏହି ନମୁନା ଉପରେ ବୈଜ୍ଞାନିକମାନେ ଶକ୍ତିଶାଳୀ ଉପକରଣ ଯୋଗେ ଗବେଷଣା କରିବେ ଏବଂ ମଙ୍ଗଳ ଗ୍ରହରେ ଅତୀତରେ ଜୀବସତ୍ତା ଥିଲା କି ନାହିଁ ତାହାର ଲକ୍ଷଣ ଖୋଜିବେ। ଏଥିରୁ ମଙ୍ଗଳ ଗ୍ରହର ଭୂତାତ୍ତ୍ୱିକ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଗବେଷକମାନେ ଜାଣିପାରିବେ। ମଙ୍ଗଳ ଅଭିଯାନରେ ଯିବାକୁ ଥିବା ମହାକାଶଚାରୀ ଆଗାମୀ ଦିନରେ ବିଭିନ୍ନ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ଏହି ଗବେଷଣା ସହାୟକ ହେବ ବୋଲି କୁହାଯାଉଛି।



ପର୍ସେଭେରାନ୍ସର ରୋବୋ ଆର୍ମ ପୂର୍ବରୁ ମଙ୍ଗଳ ପୃଷ୍ଠରେ ଡ୍ରିଲ୍ କରି ଧୂଳି ନମୁନା ସଂଗ୍ରହ କରିଥିଲା। ଏଥର କଣ୍ଟା ଭଳି ଦେଖାଯାଉଥିବା ଏବଂ ଗୋଟିଏ ପଟେ କ୍ଷୁଦ୍ର ଛିଦ୍ର ଥିବା ସ୍ୱତନ୍ତ୍ର ଡ୍ରିଲ୍ ଦ୍ୱାରା ହାଲୁକା ଧୂଳି ସଂଗ୍ରହ କରାଯାଇଛି। ଏହା ଉପରେ ଗବେଷଣା ଭବିଷ୍ୟତର ମଙ୍ଗଳ ମିଶନ ଲାଗି ନାସା ଇଞ୍ଜିନିୟରମାନଙ୍କୁ ଉପଯୁକ୍ତ ଉପକରଣ ଡିଜାଇନ କରିବାରେ ସହାୟକ ହେବ। ଏହି ଧୂଳିକଣା ମହାକାଶ ଯାନ ଏବଂ ବୈଜ୍ଞାନିକ ଉପକରଣକୁ କ୍ଷତିଗ୍ରସ୍ତ କରିଦେଇପାରେ। ଏହା ଉପକରଣଗୁଡ଼ିକର ସମ୍ବେଦନଶୀଳ ଅଂଶକୁ ଜାମ୍ କରିପାରେ ଏବଂ ମଙ୍ଗଳ ପୃଷ୍ଠରେ ରୋଭରର ଗତିକୁ ଧିମା କରିଦେଇପାରେ। ଏହିସବୁ ଚ୍ୟାଲେଞ୍ଜ ଉପରେ ବୈଜ୍ଞାନିକମାନେ ଗବେଷଣା କରିବେ ବୋଲି ନାସା ପକ୍ଷରୁ କୁହାଯାଇଛି।






ମସ୍କୋ ଉପରେ କୌଣସି ଦେଶ ଆଣବିକ ଆକ୍ରମଣ କଲେ ରୁଷିଆ ଅସ୍ତ୍ରରେ ଜବାବ ଦେବାକୁ ବାଧହେବ। ଜବାବୀ କାର୍ଯ୍ୟାନୁଷ୍ଠାନରେ ଆକ୍ରମଣକାରୀ ରାଷ୍ଟ୍ର ସଫା ହୋଇଯିବ।

-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି





# 'ଆକସ୍ମିକ ରାଷ୍ଟ୍ରପତି' ଡିନା ବୋଲୁଆର୍ଟେ

ଲିମା,୯।୧୨

ପେରୁରେ ପୂର୍ବରୁ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା ଅନ୍ୟ ନେତାମାନେ ୫ ବର୍ଷ ଶାସନ କାଳ ପୂରଣ କରିପାରି ନ ଥିବାରୁ ଦେଶରେ ରାଜନୈତିକ ଅସ୍ଥିରତା ଲାଗିରହିଥାଏ। ସେହି ନେତାଙ୍କ ଭଳି ଡିନା ବୋଲୁଆର୍ଟେଙ୍କୁ ମଧ୍ୟ 'ଆକସ୍ମିକ ରାଷ୍ଟ୍ରପତି' ବୋଲି ଅଭିହିତ କରାଯାଇପାରିବ। ୬୦ ବର୍ଷୀୟା ଡିନା ପେସାରେ ଜଣେ ଆଇନଜୀବୀ। ବିଦାୟୀ ରାଷ୍ଟ୍ରପତି ପେଡ୍ରୋ କାଷ୍ଟିଲୋଙ୍କ ଅଧୀନରେ ସେ ଉପରାଷ୍ଟ୍ରପତି ଦାୟିତ୍ୱ ତୁଲାଉଥିଲେ। ବାମପନ୍ଥୀ ନେତା କାଷ୍ଟିଲୋ ଗତ ବୁଧବାର ସଂସଦକୁ ଭଙ୍ଗକରି ଜରୁରିକାଳୀନ ସରକାର ଗଢ଼ିବାକୁ ଉଦ୍ୟମ କରିଥିଲେ। ବିରୋଧୀମାନେ ଏହାକୁ ସମ୍ବିଧାନର ଉଲ୍ଲଂଘନ ଦର୍ଶାଇ ତାଙ୍କ ବିରୋଧରେ ମହାଭିଯୋଗ ଆଣିଥିଲେ। ପ୍ରସ୍ତାବ ସପକ୍ଷରେ ୧୦୧ ଓ ବିରୋଧରେ ୬ ଭୋଟ ପଡ଼ିଥିଲା। ଶେଷରେ କାଷ୍ଟିଲୋଙ୍କୁ ରାଷ୍ଟ୍ରପତି ପଦ ହରାଇବାକୁ ପଡ଼ିଲା। ତତ୍କାଳ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଡିନା ଶପଥ ନେଲେ।

# ୟୁକ୍ରେନ୍‌ରେ ୧,୧୦୦ ଭାରତୀୟ ଛାତ୍ରୀଛାତ୍ର

ନୂଆଦିଲ୍ଲୀ,୯।୧୨

ରୁଷିଆର ଆକ୍ରମଣ ପରେ ୟୁକ୍ରେନ୍‌ରେ ପାଠ ପଢୁଥିବା ବହୁ ଛାତ୍ରୀଛାତ୍ର ସ୍ୱଦେଶକୁ ଫେରିଆସିଥିଲେ। କିନ୍ତୁ ଏବେ ବି ସେଠାରେ ପ୍ରାୟ ୧,୧୦୦ ଜଣ ଭାରତୀୟ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତରୀ ଛାତ୍ରୀଛାତ୍ର ବୋଲି ଶୁକ୍ରବାର ଲୋକ ସଭାକୁ କେନ୍ଦ୍ର ସରକାର ଅବଗତ କରାଇଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି



କହିଛନ୍ତି, କିଭ୍‌ସ୍ଥିତ ଭାରତୀୟ ଦୂତାବାସ ଅକ୍ଟୋବର ୨୫ରେ ତୁରନ୍ତ ୟୁକ୍ରେନ୍ ଛାଡ଼ି ଚାଲିଯିବାକୁ ସମସ୍ତ ଭାରତୀୟଙ୍କ ଉଦ୍ଦେଶ୍ୟରେ ଆଡ୍‌ଭାଇଜରି ଜାରି କରିଥିଲା। ସେଠାରେ ମେଡିକାଲ ପଢୁଥିବା ଅଧିକାଂଶ ପିଲା ଯୁଦ୍ଧ ଆରମ୍ଭ ବେଳେ ଭାରତକୁ ଫେରିଆସିଥିବାବେଳେ ଆଉ ୧,୧୦୦ ଛାତ୍ରୀଛାତ୍ର ବର୍ତ୍ତମାନ ସୁଦ୍ଧା ଫେରିନାହାନ୍ତି। ଯୁଦ୍ଧ ଯୋଗୁ ଯେଉଁମାନଙ୍କ ପଢ଼ାରେ ବାଧା ସୃଷ୍ଟି ହୋଇଛି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଭାରତର ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ଲେଖି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବୁର୍ଖା ପିନ୍ଧି ନୃତ୍ୟ: ୪ ଇଞ୍ଜିନିୟରିଂ ଛାତ୍ର ନିଲମ୍ବିତ

**ବେଙ୍ଗାଲୁରୁ,୯।୧୨:** କର୍ନାଟକର ମାଙ୍ଗାଲୁରୁସ୍ଥିତ ଏକ ଇଞ୍ଜିନିୟରିଂ କଲେଜର ୪ ଜଣ ଛାତ୍ର ବୁର୍ଖା ପିନ୍ଧି ବଲିଉଡ୍ ଗୀତରେ ନୃତ୍ୟ କରିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। କଲେଜ ଉତ୍ସବରେ ସେମାନଙ୍କ ନୃତ୍ୟର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ମଙ୍ଗଳବାର ସେଣ୍ଟ ଜୋସେଫ୍ ଇଞ୍ଜିନିୟରିଂ କଲେଜ (ଏସ୍‌ଜେଇସି) ଉତ୍ସବ ଚାଲିଥିବାବେଳେ ଛାତ୍ରମାନେ ଅଶ୍ଳୀଳ ନୃତ୍ୟ କରି ବୁର୍ଖାକୁ ତାଚ୍ଛଲ୍ୟ କରିଥିବା ଅଭିଯୋଗ ହେବା ପରେ କଲେଜ କର୍ତ୍ତୃପକ୍ଷ ୪ ଜଣ ଛାତ୍ରଙ୍କୁ ନିଲମ୍ବନ କରିଛନ୍ତି।

### ଇଣ୍ଡୋନେସିଆ କୋଇଲା ଖଣିରେ ବିସ୍ଫୋରଣ: ୯ ମୃତ

**ଜାକର୍ତ୍ତା,୯।୧୨:** ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ପ୍ରଦେଶରେ ଥିବା ଏକ କୋଇଲା ଖଣିରେ ଶୁକ୍ରବାର ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ନିଖୋଜ ଅଛନ୍ତି। ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଏକ ଘରୋଇ କମ୍ପାନୀର ଏହି ଖଣିରେ ମିଥେନ୍ ଆଦି ବିଷାକ୍ତ ଗ୍ୟାସ୍ ଯୋଗୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଏହି ସମୟରେ ଖଣିରେ ୧୨ ଜଣ ଶ୍ରମିକ କାମ କରୁଥିଲେ। ଉଦ୍ଧାରକାରୀ ଟିମ୍ ବହୁ କଷ୍ଟରେ ୨ ଜଣଙ୍କୁ ଜୀବନ୍ତ ଅବସ୍ଥାରେ ଖଣିରୁ ବାହାର କରିବାରେ ସଫଳ ହୋଇଥିଲେ।

### ସୁସ୍ମିତା ଶୁକ୍ଲା ନ୍ୟୁୟର୍କ ଫେଡେରାଲ ରିଜର୍ଭ ବ୍ୟାଙ୍କ ଭିପି



**ନ୍ୟୁୟର୍କ,୯।୧୨:** ନ୍ୟୁୟର୍କର ଫେଡେରାଲ ରିଜର୍ଭ ବ୍ୟାଙ୍କ ଭାରତୀୟ ବଂଶୋଦ୍ଭବ ସୁସ୍ମିତା ଶୁକ୍ଲାଙ୍କୁ ପ୍ରଥମ ଉପାଧ୍ୟକ୍ଷ (ଭିପି) ଏବଂ ମୁଖ୍ୟ ଅପରେଟିଂ ଅଫିସର ଭାବେ ନିଯୁକ୍ତି ଦେଇଛି। ୫୪ ବର୍ଷୀୟ ଶୁକ୍ଲା ଉକ୍ତ ବ୍ୟାଙ୍କର ଦ୍ୱିତୀୟ ର୍‍ୟାଙ୍କର ଅଫିସର। ତାଙ୍କ ନିଯୁକ୍ତିକୁ ଫେଡେରାଲ ରିଜର୍ଭ ସିଷ୍ଟମର ଗଭର୍ନରସ୍ ବୋର୍ଡ ଅନୁମୋଦନ କରିଛି। ନ୍ୟୁୟର୍କ ଫେଡେରାଲରେ କାମ କରିବା ସୁଯୋଗ ମିଳିଥିବାରୁ ଶୁକ୍ଲା ଖୁସି ବ୍ୟକ୍ତ କରିବା ସହ ଏଥିରେ ତାଙ୍କର ସମସ୍ତ ଅଭିଜ୍ଞତାକୁ ବିନିଯୋଗ କରିବେ ବୋଲି କହିଛନ୍ତି।

# ସ୍ୱଦେଶ ଫେରିଲେ ବ୍ରିଟ୍‌ନି ଗ୍ରାଇନର




ୱାଶିଂଟନ/ମସ୍କୋ,୯।୧୨

ରୁଷିଆ ଜେଲରୁ ମୁକୁଳିବା ପରେ ଆମେରିକାର ବାସ୍କେଟବଲ୍ ଷ୍ଟାର ବ୍ରିଟ୍‌ନି ଗ୍ରାଇନର ଶୁକ୍ରବାର ସକାଳେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୧୦ ମାସ ତଳେ ଗ୍ରାଇନରଙ୍କ ନିକଟରୁ ନିଶାଦ୍ରବ୍ୟ ମିଳିବା ପରେ ରୁଷୀୟ ଅଧିକାରୀମାନେ ତାଙ୍କୁ ବନ୍ଦୀ କରି ରଖିଥିଲେ। ଗ୍ରାଇନରଙ୍କ ମୁକ୍ତି ବଦଳରେ ମୃତ୍ୟୁର ସୌଦାଗର ନାମରେ ପରିଚିତ ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଭିକ୍ଟର ବାଉଟ୍‌ଙ୍କୁ ଆମେରିକା ଛାଡ଼ିଦେଇଛି। ୩୨ ବର୍ଷୀୟା କୃଷ୍ଣକାୟ ସମଲିଙ୍ଗୀ ବ୍ରିଟ୍‌ନି ଗ୍ରାଇନର ଜଣେ ବାସ୍କେଟବଲ୍ ଖେଳାଳି। ଓମେନ୍ସ ନ୍ୟାଶନାଲ ବାସ୍କେଟବଲ୍ ଆସୋସିଏଶନ୍ ଅଧୀନ ଫୋନିକ୍ସ ମାର୍କ୍ୟୁରିର ଏହି ଷ୍ଟାର ଅଲିମ୍ପିକ୍‌ରେ ଦୁଇଥର ଗୋଲ୍ଡ ମେଡାଲ ପାଇଥିଲେ। ଗତ ଫେବୃୟାରୀ ୧୭ରେ ଗ୍ରାଇନର ରୁଷିଆ ଯାଇଥିବାବେଳେ ମସ୍କୋର ଶେରେମେଟୟେଭୋ ବିମାନବନ୍ଦରରେ ତାଙ୍କ ଲଗେଜ୍‌ରୁ କାନାବିଜ୍ ଅଏଲ୍ ଭର୍ତ୍ତି କେତେକ କ୍ୟାଟ୍ରିଜ୍ ମିଳିବା ପରେ ଗିରଫ ହୋଇଥିଲେ। ରୁଷିଆରେ ଭାଙ୍ଗ ନିଷିଦ୍ଧ ହୋଇଥିବାରୁ ତାଙ୍କୁ ୧୦ ମାସ ଜେଲରେ ରହିବାକୁ ପଡ଼ିଥିଲା। ଗ୍ରାଇନର ସାଙ୍ଗରେ କାନାବିଜ୍ ଅଏଲ୍ ନେଇଥିବା ବିଷୟ ସ୍ୱୀକାର କରିଥିଲେ। କିନ୍ତୁ ଏହା ପଛରେ ତାଙ୍କର କୌଣସି ଆପରାଧିକ ଉଦ୍ଦେଶ୍ୟ ନ ଥିବା କହିଥିଲେ। ଗ୍ରାଇନରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲମାନେ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଯନ୍ତ୍ରଣା ଲାଘବ ପାଇଁ ତାଙ୍କୁ ଡାକ୍ତର ଏହାକୁ ସେବନ ପାଇଁ ପରାମର୍ଶ ଦେଇଛନ୍ତି। ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ପୂର୍ବରୁ ଆମେରିକାର ପରରାଷ୍ଟ୍ର ବିଭାଗ ତାଙ୍କ ଗିରଫଦାରିକୁ ସମ୍ପୂର୍ଣ୍ଣ ଭୁଲ୍ ପଦକ୍ଷେପ ବୋଲି ଦର୍ଶାଇବା ସହ ତୁରନ୍ତ ଛାଡ଼ିଦେବାକୁ ଚାପ ପକାଇଥିଲା। କିନ୍ତୁ ରୁଷିଆ ଏହାକୁ ଅଗ୍ରାହ୍ୟ କରିଦେଇଥିଲା। ଗ୍ରାଇନର ଟେକ୍ସାସ୍‌ର ସାନ୍ ଆଣ୍ଟୋନିଓ ବିମାନବନ୍ଦରରେ ପହଞ୍ଚିବା ପରେ ନିଜ ଘରକୁ ଯାଇଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ଗ୍ରାଇନରଙ୍କୁ ଫୋନ୍ କରି କଥା ହୋଇଛନ୍ତି। ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଓ କାଉନ୍‌ସେଲିଂ ପ୍ରଦାନ ପାଇଁ ବାଇଡେନ୍ ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେପଟେ ଆମେରିକାର ଜେଲରେ ଥିବା ରୁଷିଆର କୁଖ୍ୟାତ୍ ଆର୍ମ ଡିଲର ଭିକ୍ଟର ବାଉଟ୍‌ଙ୍କୁ ୱାଶିଂଟନ ମୁକ୍ତ କରିଛି। ଏହି ପ୍ରିଜନର ସ୍ୱାପ୍ ଚୁକ୍ତି ଆବୁଧାବିରେ ସ୍ୱାକ୍ଷରିତ ହୋଇଥିଲା। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଭିକ୍ଟର କହିଛନ୍ତି, ସେ ନିଜ ୧୨ ବର୍ଷର ଜେଲ ଅନୁଭୂତି ବଖାଣିବାକୁ ଭାଷା ପାଉନାହାନ୍ତି। ତାଙ୍କୁ ହାତକଡ଼ି ପକାଇ ରଖାଯାଇ ନ ଥିଲା। ଜେଲରେ ଥିବା ଭିତରେ ସେ ବିଶେଷ ଭାବେ ରୁଷିଆ ବିରୋଧୀ ମନୋଭାବର ଶିକାର ହୋଇନାହାନ୍ତି। ବନ୍ଦୀ ଜୀବନ ବିତାଉଥିବା ଅନେକ କଏଦୀଙ୍କ ମନୋଭାବ ମସ୍କୋ ପ୍ରତି ନରମ ଥିଲା। ତାଙ୍କ ସ୍ତ୍ରୀ ଅଲ୍ଲା ବାଉଟ୍ କହିଛନ୍ତି, ସ୍ୱାମୀଙ୍କ ଦସ୍ତାବିଜ ଓ ଡ୍ରଇଂଗୁଡ଼ିକୁ ଆମେରିକା ଯଥାଶ୍ରୀଘ୍ର ସମ୍ଭବ ରୁଷିଆ ଦୂତାବାସକୁ ହସ୍ତାନ୍ତର କରିବ ବୋଲି ଆଶା। ଭିକ୍ଟର ବାଉଟ୍ ୩ ଦିନ ହେଲା ଶୋଇ ନ ଥିବାରୁ ଥକିପଡ଼ିଛନ୍ତି। ପ୍ରକାଶ ଯେ, ପୂର୍ବରୁ ସୋଭିଏଟ୍ ଆର୍ମିରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ଥିବା ବାଉଟ୍ ହେଉଛନ୍ତି ବିଶ୍ୱର ଅନ୍ୟତମ ବୃହତ୍ ଆର୍ମ ଡିଲର। ସେ ଅନେକ ନିୟୁତ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରି କରିଥିଲେ, ଯାହାକି ଆମେରିକୀୟମାନଙ୍କ ବିରୋଧରେ ବ୍ୟବହାର କରାଯାଇଥିଲା। ୨୦୦୮ରେ ୱାଶିଂଟନର ଏଜେଣ୍ଟମାନଙ୍କ ପକ୍ଷରୁ ଏକ ଅଣ୍ଡରକଭର୍ ଅପରେଶନ ବେଳେ ଥାଇଲାଣ୍ଡରେ ସେ ଗିରଫ ହୋଇଥିଲେ। ବାଉଟ୍‌ଙ୍କୁ ୨୦୧୦ରେ ବ୍ୟାଙ୍କକ୍ ଆମେରିକାକୁ ପ୍ରତ୍ୟର୍ପଣ କରିଥିଲା। ୨୦୧୨ରେ ଏକ ଆମେରିକୀୟ ଅଦାଲତ ତାଙ୍କୁ ୨୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଆମେରିକା ସହ ମସ୍କୋର ସମ୍ପର୍କ ସବୁଠୁ ଖରାପ ସ୍ଥିତିରେ ଥିବାବେଳେ ଏହି ହାଇପ୍ରୋଫାଇଲ୍ ବନ୍ଦୀ ବିନିମୟ ହେଉଛି ଦୁଇଦେଶ ମଧ୍ୟରେ ସହଯୋଗିତାର ଏକ ବିରଳ ଦୃଷ୍ଟାନ୍ତ। ଏହା ପୂର୍ବରୁ ଏପ୍ରିଲରେ ମଧ୍ୟ ଆମେରିକା ଓ ରୁଷିଆ ପ୍ରିଜନର୍ସ ସ୍ୱାପ୍ କରିଥିଲେ। ସେତେବେଳେ ଆମେରିକାର ପୂର୍ବତନ ମେରାଇନ୍ ଟ୍ରେଭୋର ରିଡ୍‌ଙ୍କୁ ରୁଷିଆ ଛାଡ଼ିଦେଇଥିଲା। ଏହା ବଦଳରେ ରୁଷୀୟ ପାଇଲଟ୍ କୋନ୍‌ଷ୍ଟାନ୍‌ଟିନ୍ ୟାରୋଶେଙ୍କୋଙ୍କୁ ଆମେରିକା ମୁକ୍ତ କରିଥିଲା। ଏନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି, ମସ୍କୋ ଓ ୱାଶିଂଟନ ମଧ୍ୟରେ ଅଧିକ ସଂଖ୍ୟକ ବନ୍ଦୀଙ୍କୁ ମୁକ୍ତ କରିବା ନେଇ ଚୁକ୍ତି ହୋଇପାରିବ। କଏଦୀ ବିନିମୟ କରିବାକୁ ଆମେ ମନାକରୁନାହୁଁ। ଏହା ଜାରି ରହିବା ଉଚିତ।

## ରୁଷୀୟ ଆର୍ମ ଡିଲର ଭିକ୍ଟର ବାଉଟ୍ ମୁକ୍ତ



# କଲେଜିୟମ ତଥ୍ୟ ଦେଇହେବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୯।୧୨:** ସୂଚନା ଅଧିକାରୀ ଆଇନ ବଳରେ କଲେଜିୟମର ୨୦୧୮ ଡିସେମ୍ବର ୧୨ ତାରିଖ ବୈଠକର ସବିଶେଷ ବିବରଣୀ ପ୍ରଦାନ ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ବହୁସଦସ୍ୟ ବିଶିଷ୍ଟ କଲେଜିୟମର ପରୀକ୍ଷାମୂଳକ ନିଷ୍ପତ୍ତିକୁ ସର୍ବସାଧାରଣରେ ପ୍ରକାଶ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରସ୍ତାବରେ କଲେଜିୟମର ସମସ୍ତ ସଦସ୍ୟ ସ୍ୱାକ୍ଷର କରିବା ପରେ ଏହା ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିବ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ପରୀକ୍ଷାମୂଳକ ପ୍ରସ୍ତାବଗୁଡ଼ିକ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ଓ ପରାମର୍ଶ ପାଇଁ ଅଣାଯାଇଥାଏ। ସେଗୁଡ଼ିକୁ ଚୂଡ଼ାନ୍ତ ନିଷ୍ପତ୍ତି କୁହାଯାଇପାରିବ ନାହିଁ। ୨୦୧୮ ଡିସେମ୍ବର ୧୨କଲେଜିୟମ ବୈଠକରେ କେତେଜଣ ବିଚାରପତିଙ୍କ ନାମକୁ ନେଇ ଆଲୋଚନା ହୋଇଥିଲେ ହେଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା। ଉକ୍ତ ବୈଠକର ସବିଶେଷ ତଥ୍ୟ ଜାଣିବା ପାଇଁ ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜ କରିଥିବା ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଯିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଧର୍ମୀୟ ଶୋଭାଯାତ୍ରା ନିୟନ୍ତ୍ରଣ ଆବେଦନ ଖାରଜ

ଦେଶରେ ଧର୍ମୀୟ ଶୋଭାଯାତ୍ରାଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ସିଟିଜେନ୍ସ ଫର୍ ଜଷ୍ଟିସ୍ ଆଣ୍ଡ ପିସ୍ ନାମକ ଏନ୍‌ଜିଓ ପକ୍ଷରୁ ଏହି ପିଆଇଏଲ୍ ଦାଏର କରାଯାଇଥିଲା। ସମସ୍ତ ଧର୍ମୀୟ ଶୋଭାଯାତ୍ରାକୁ ଦଙ୍ଗାର ଉତ୍ସ ଭାବେ ଚିତ୍ରଣ ନ କରିବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ଆଇନ ଶୃଙ୍ଖଳା ରାଜ୍ୟ ପ୍ରସଙ୍ଗ। ସବୁ ଅଞ୍ଚଳର ଆଇନ ଶୃଙ୍ଖଳା ମଧ୍ୟକୁ ସୁପ୍ରିମକୋର୍ଟଙ୍କୁ ଟଣାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏନ୍‌ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ୟୁ. ସିଂ ଅଦାଲତଙ୍କୁ କହିଥିଲେ, ଧର୍ମୀୟ ଉତ୍ସବ ବେଳେ ଶୋଭାଯାତ୍ରାରେ ଖଣ୍ଡା ଆଦି ଅସ୍ତ୍ରକୁ ସାମିଲ କରାଯାଉଛି। ଏଗୁଡ଼ିକ ଉପରେ ନିୟନ୍ତ୍ରଣ ଲାଗି ଗାଇଡ୍‌ଲାଇନ ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଥିଲେ।

# ଆଫତାବଙ୍କୁ ଫାଶୀ ମିଳୁ: ଶ୍ରଦ୍ଧାଙ୍କ ବାପା

ମୁମ୍ବାଇ,୯।୧୨

ଦିଲ୍ଲୀରେ ଲିଭ୍-ଇନ୍-ପାର୍ଟନର ଶ୍ରଦ୍ଧା ୱାଲ୍‌କରଙ୍କୁ ହତ୍ୟାକରି ୩୫ ଖଣ୍ଡ କରିଥିବା ଆଫତାବ ପୁନାୱାଲାଙ୍କୁ ଫାଶୀ ଦିଆଯାଉ ବୋଲି ଶ୍ରଦ୍ଧାଙ୍କ ବାପା ବିକାଶ ୱାଲ୍‌କର ଶୁକ୍ରବାର ଦାବି କରିଛନ୍ତି। ଏହି ହତ୍ୟାକାଣ୍ଡରେ ଆଫତାବଙ୍କ ସହ ଅନ୍ୟ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଭେଟିବା ପରେ ସେ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଦାବି ଉଠାଇଥିଲେ। ଶ୍ରଦ୍ଧାଙ୍କ ଅଭିଯୋଗ ସତ୍ତ୍ୱେ ତଦନ୍ତରେ ବିଳମ୍ବ କରିଥିବା ପୋଲିସଙ୍କ ବିରୋଧରେ ମଧ୍ୟ ତଦନ୍ତ ହେବା ଆବଶ୍ୟକ। କାରଣ ସେମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ତାଙ୍କ ଝିଅ ମରି ନ ଥାନ୍ତା ବୋଲି ବିକାଶ କହିଛନ୍ତି। ଆଫତାବ୍ ୬ ମାସ ହେଲା ମାଡ଼ ମାରିବା ସହ ନିଃଶ୍ୱାସ ବନ୍ଦ କରି ହତ୍ୟା କରିବାକୁ ଉଦ୍ୟମ କରିଥିବା ସମ୍ପର୍କରେ ଶ୍ରଦ୍ଧା ୨୦୨୦ ନଭେମ୍ବରରେ ତୁଲିଞ୍ଜ୍ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଶୁକ୍ରବାର ବିକାଶ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ଝିଅ ପାଇଁ ନ୍ୟାୟ ଦାବି କରିଥିଲେ। ନ୍ୟାୟ ପ୍ରଦାନ ଲାଗି ଫଡ୍‌ନବିସ୍‌ଙ୍କ ସମେତ ଦିଲ୍ଲୀ ଉପରାଜ୍ୟପାଳ ଏବଂ ଦକ୍ଷିଣ ଦିଲ୍ଲୀ ଡିସିପି ପ୍ରତିଶ୍ରୁତି ଦେଇଥିବା ବିକାଶ କହିଛନ୍ତି।

## କାନ୍ଦିଲେ ପୋପ୍



ରୋମ୍‌ର ଏକ ପାରମ୍ପରିକ ପ୍ରାର୍ଥନା ସଭାରେ ଶୁକ୍ରବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ବାସୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ କହୁଥିବାବେଳେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ହଠାତ୍ କୋହ ସମ୍ବରଣ କରି ନ ପାରି କାନ୍ଦି ପକାଇଲେ।

# ରାଜ୍ୟ ସଭାରେ ୟୁସିସି ବିଲ୍‌କୁ ବିରୋଧ

ନୂଆଦିଲ୍ଲୀ,୯।୧୨(ପି.ଟି.)

ରାଜ୍ୟ ସଭାରେ ଶୁକ୍ରବାର ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ବିଲ୍, ୨୦୨୦ ଆଗତ କରାଯାଇଛି। ୟୁସିସି ବା ସମାନ ନାଗରିକ ସଂହିତା ପ୍ରସ୍ତୁତି ନିମନ୍ତେ ଏକ କମିଟିଗଠନ ପାଇଁ ଏହାକୁ ଏକ ପ୍ରାଇଭେଟ୍ ମେମ୍ବର ବିଲ୍ ଭାବେ ଅଣାଯାଇଛି।

ଭାଜପା ଏମ୍‌ପି କିରୋଡି ଲାଲ୍ ମୀନା ବିଲ୍ ଆଗତ କରି ୟୁନିଫର୍ମ ସିଭିଲ୍ କୋଡ୍ ପ୍ରସ୍ତୁତି ଓ ସାରା ଦେଶରେ ଏହାର କାର୍ଯ୍ୟକାରିତା ନିମନ୍ତେ ଏକ



ଜାତୀୟ ନିରୀକ୍ଷଣ ଓ ଅନୁଧ୍ୟାନ କମିଟି ଗଠନ ଚାହିଁଥିଲେ। ତେବେ ବିରୋଧୀ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ତୃଣମୂଳ କଂଗ୍ରେସ ସଦସ୍ୟମାନେ

## ସମାନ ନାଗରିକ ସଂହିତା ସାମାଜିକ ସମ୍ପର୍କ, ଏକତା ନଷ୍ଟ କରିବ: ବିରୋଧୀ

ବିଲ୍‌କୁ ବିରୋଧ କରିଥିଲେ। ଏହା ଦେଶରେ ରହିଥିବା ସାମାଜିକ ସମ୍ପର୍କ ଏବଂ ବିବିଧତା ମଧ୍ୟରେ ଏକତାକୁ ନଷ୍ଟ କରିଦେବ ବୋଲି ସେମାନେ ଅଭିଯୋଗ କରିଥିଲେ। ୟୁନିଫର୍ମ ସିଭିଲ୍ କୋଡ୍ ନା ଜରୁରୀ ନା ବାଞ୍ଛନୀୟ ବୋଲି ନ୍ୟାୟିକ କମିଶନ ରିପୋର୍ଟରେ କୁହାଯାଇଥିବା ସିପିଆଇ(ଏମ୍) ସଦସ୍ୟ ଜନ୍ ବ୍ରିଟ୍ଟାସ୍ କହିଥିଲେ। ୟୁସିସି ଧର୍ମନିରପେକ୍ଷତା ବିରୋଧୀ ବୋଲି ଡିଏମ୍‌କେ ସଦସ୍ୟ ତିରୁଚି ଶିବା କହିଥିଲେ। ସମାଜବାଦୀ ପାର୍ଟି ଏମ୍‌ପି ଆର୍.ଜି. ବର୍ମା ମଧ୍ୟ ବିଲ୍‌କୁ ବିରୋଧ କରିଥିଲେ। ଏହା ସାମ୍ବିଧାନିକ ବ୍ୟବସ୍ଥାର ବିରୋଧୀ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ଭାଜପା ଏମ୍‌ପି ହରନାଥ ସିଂ ଯାଦବ ଦେଶରେ ସମାନ ନାଗରିକ ସଂହିତା କାର୍ଯ୍ୟକମାରୀ କରିବା ଉପରେ ଶୂନ୍ୟ କାଳରେ ଆଲୋଚନା ପାଇଁ ନୋଟିସ୍ ଦେଇଥିଲେ। ବିଲ୍ ପ୍ରତ୍ୟାହାର କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ। ବିଲ୍ ଆଗତକୁ ବିରୋଧ କରି ଗୃହରେ ହଟ୍ଟଗୋଳ ଲାଗି ରହିବାରୁ ଭୋଟ ଜରିଆରେ ଏହା ସ୍ଥିର କରାଯାଉ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଥିଲେ। ୬୩ ଭୋଟରେ ବିଲ୍‌କୁ ଆଗତ ଲାଗି ଅନୁମତି ମିଳିଥିଲା ବେଳେ ବିରୋଧରେ ୨୩ ଖଣ୍ଡ ଭୋଟ ପଡ଼ିଥିଲା। ପୂର୍ବରୁ ଏହି ବିଲ୍ ଆଗତ କରିବା ଲାଗି ତାଲିକାଭୁକ୍ତ ହୋଇଥିଲେ ହେଁ ରାଜ୍ୟ ସଭାରେ ଅଣାଯାଇ ପାରି ନ ଥିଲା। ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ବ୍ୟକ୍ତିଗତ ସୁରକ୍ଷା ଲାଗି ସମାନ ଆଇନ କାର୍ଯ୍ୟକାରୀ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ।

# ଘରେ ପଶି ବୃଦ୍ଧଙ୍କୁ ହତ୍ୟା, ସଶସ୍ତ୍ର ଡକାୟତି

- ଆଲମିରା ଭାଙ୍ଗି ଲୁଟି ନେଲେ ସୁନା ଅଳଙ୍କାର
- ନାଁ ଧରି ଡାକି କବାଟ ଖୋଲିବାକୁ କହିଲେ
- ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ


ସ୍ତ୍ରୀ କନକଲତାଙ୍କ ସହ ହୃଷୀକେଶ ମୁଦୁଲି।

**ନିଶ୍ଚିନ୍ତକୋଇଲି/ନେମାଳ, ୯।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

କଟକ ଜିଲା ନେମାଳ ଥାନା ଅଧୀନ କଳମିଶ୍ରୀ ପଞ୍ଚାୟତ ଲେଣ୍ଡୁରା ଭଗବାନପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ସହ ହତ୍ୟାକାଣ୍ଡ ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ଜଣେ ବୃଦ୍ଧଙ୍କୁ ହତ୍ୟା କରିବା ସହ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ଗୁରୁତର କରିଛନ୍ତି। ଏଥିସହ ଘରର ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ କରି ନେଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଲେଣ୍ଡୁରା ଭଗବାନପୁର ଗ୍ରାମର ହୃଷୀକେଶ ମୁଦୁଲି (୬୯)। ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ମୃତକଙ୍କ ଭାଇ ନୃସିଂହ ଚରଣ ମୁଦୁଲିଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୨୧୯/୨୨) ରୁଜୁ ହୋଇଛି।

ଡକାୟତି ଉଦ୍ଦେଶ୍ୟରେ ନା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲେଣ୍ଡୁରା ଭଗବାନପୁରର ଅନନ୍ତେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ହୃଷୀକେଶ କିରାଣି ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ଏହି ଘରେ ସ୍ତ୍ରୀ କନକଲତା(୬୫)ଙ୍କ ସହ ରହିଆସୁଥିଲେ। ଗୁରୁବାର ସ୍ୱାମୀ ସ୍ତ୍ରୀଙ୍କ ସହ ନାତି ଓମ୍‌ପ୍ରକାଶ ମୁଦୁଲି(୧୮) ସେଠାରେ ଥିଲେ। ରାତିରେ ପରିବାର ଲୋକ ଶୋଇଥିଲେ। ବିଳମ୍ବିତ ରାତିରେ ୪ ଜଣ ଅଚିହ୍ନା ଦୁର୍ବୃତ୍ତ ତାଙ୍କ ଘରକୁ ଆସି ହୃଷୀକେଶଙ୍କ ନାମ ଧରି ଡାକିବା ସହ କବାଟ ଖୋଲିବାକୁ କହିଥିଲେ। ସେମାନଙ୍କ ଡାକ ଶୁଣି ହୃଷୀକେଶ କବାଟ ଖୋଲିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଅତର୍କିତଭାବେ ବୃଦ୍ଧଙ୍କ ଗଳାକୁ ମାରଣାସ୍ତ୍ର ସାହାଯ୍ୟରେ କାଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ହୃଷୀକେଶଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ସ୍ତ୍ରୀ କନକଲତା ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରି ଗୁରୁତର କରିଥିଲେ ବୋଲି ନାତି ଓମପ୍ରକାଶ କହିଛନ୍ତି। ଏହାପରେ ଦୁର୍ବୃତ୍ତମାନେ ଘରେ ଥିବା ଲୁହା ଆଲମିରା ଭାଙ୍ଗି ସୁନା ଅଳଙ୍କାର ନେଇଯିବା ସହ ଘରର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଆସବାବପତ୍ରରେ ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଓମ୍‌ପ୍ରକାଶଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ପ୍ରତିବାଦ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ଓମ୍‌ପ୍ରକାଶ ପାଟି ଚୁପ୍ କରି ନିରବତାର ସହ ବସି ରହିଥିଲେ। ଦୁର୍ବୃତ୍ତମାନେ ଘର ଛାଡି ପଳାଇ ଯିବାପରେ ଓମ୍‌ପ୍ରକାଶ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ପାଟିଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି କନକଲତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲେ। ପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଓମ୍‌ପ୍ରକାଶଙ୍କ ହାତରେ ସାମାନ୍ୟ ଆଘାତ ଲାଗିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ନେମାଳ ଥାନା ପୋଲିସ, କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗୋଳ କିଶୋର, ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ନାୟକ, ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ନେମାଳ ଥାନା ଭାରପ୍ରାପ୍ତ ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର ତାଙ୍କ ଘର ଚାରିପାଖରେ ବୁଲିବା ସହ ନଦୀବନ୍ଧକୁ ଯାଇ ଫେରିଆସିଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ।

# ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଲାଗି ଓଡ଼ିଶା ଏଯାଏ ପ୍ରସ୍ତାବ ଦେଇନି: ରିଜିଜୁ

**ନୂଆଦିଲ୍ଲୀ,୯।୧୨**



ଓଡ଼ିଶା ହାଇକୋର୍ଟର ବେଞ୍ଚ୍ ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ଏପର୍ଯ୍ୟନ୍ତ ସବିଶେଷ ପ୍ରସ୍ତାବ ଦାଖଲ କରି ନ ଥିବା କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର ଲୋକ ସଭାକୁ ସୂଚନା ଦେଇଛନ୍ତି। କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକାଙ୍କ ଏକ ଲିଖିତ ପ୍ରଶ୍ନ ଉପରେ ରିଜିଜୁ କହିଥିଲେ, ବିଭିନ୍ନ ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଲାଗି ଭିନ୍ନ ଭିନ୍ନ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଆସୁଛି। ଓଡ଼ିଶା ସରକାର ମଧ୍ୟ ଅତୀତରେ ଏଥିପାଇଁ ଅନୁରୋଧ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ସରକାରଙ୍କଠାରୁ ସମ୍ପୂର୍ଣ୍ଣ ପ୍ରସ୍ତାବ ମିଳିନାହିଁ।

ରିଜିଜୁ କହିଛନ୍ତି, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନ ଲାଗି ରାଜ୍ୟ ସରକାର ଅନୁରୋଧ କରିଥିଲେ। ହାଇକୋର୍ଟଙ୍କ ସହ ଆଲୋଚନା କରି ପ୍ରସ୍ତାବିତ ବେଞ୍ଚ୍ ପ୍ରତିଷ୍ଠା ସ୍ଥାନ ସମେତ ସବିଶେଷ ବିବରଣୀ ଦାଖଲ କରିବାକୁ କେନ୍ଦ୍ର ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ରାଜ୍ୟ ସରକାର କୌଣସି ଜବାବ ରଖି ନ ଥିବା ମନ୍ତ୍ରୀ କହିଛନ୍ତି। ଜଶୱନ୍ତ ସିଂ କମିଶନଙ୍କ ସୁପାରିସ ଏବଂ ବାର୍ ଆସୋସିଏଶନଗୁଡ଼ିକର ମହାସଂଘର ପରାମର୍ଶକ୍ରମେ ସୁପ୍ରିମକୋର୍ଟ ରାୟ ଆଧାରରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ନିଷ୍ପତ୍ତି ନିଆଯାଇଥାଏ। ରାଜ୍ୟ ସରକାର ଆବଶ୍ୟକ ବ୍ୟୟ ଓ ଭିତ୍ତିଭୂମି ସୁବିଧା କରିଥାନ୍ତି। ଏଥିପାଇଁ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ସବିଶେଷ ପ୍ରସ୍ତାବ ଦାଖଲ କରିବା ଆବଶ୍ୟକ। ଏହି ପ୍ରସ୍ତାବ ଉପରେ ରାଜ୍ୟପାଳଙ୍କ ସ୍ୱୀକୃତି ଦରକାର ହୋଇଥାଏ। ଉଲ୍ଲେଖଯୋଗ୍ୟ, ପଶ୍ଚିମ ଓଡ଼ିଶାର ସମ୍ବଲପୁର ଏବଂ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରଠାରେ ବେଞ୍ଚ୍ ପ୍ରତିଷ୍ଠା ଲାଗି ସମ୍ପୃକ୍ତ ଅଞ୍ଚଳର ଆଇନଜୀବୀମାନେ ଦାବି କରିଆସୁଛନ୍ତି।

# ମାଟ୍ରିକ ସପ୍ଲିମେଣ୍ଟିଭ୍-୧ ଖାତାଦେଖା ଆରମ୍ଭ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ)**

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ, ମଧ୍ୟମା ଏବଂ ଓପନ ସ୍କୁଲ ସପ୍ଲିମେଣ୍ଟିଭ୍-୧ ପରୀକ୍ଷା ଖାତା ମୂଲ୍ୟାୟନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାଜ୍ୟର ୫୬ଟି ପରୀକ୍ଷା କେନ୍ଦ୍ରରେ ୧୨,୨୫୦ଜଣ ଶିକ୍ଷକ ଖାତା ଦେଖାରେ ନିୟୋଜିତ ହୋଇଛନ୍ତି। ମୂଲ୍ୟାୟନ କେନ୍ଦ୍ରରେ ଅନୁପସ୍ଥିତ ଶିକ୍ଷକଙ୍କ ସ୍ଥାନରେ ସ୍ଥାନୀୟ ଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ୧୦ଦିନ ମଧ୍ୟରେ ଖାତାଦେଖା ଶେଷ ହେବ। ପ୍ରତିଦିନ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖାତାଦେଖା ଚାଲିବ। ସୂଚନାଯୋଗ୍ୟ, ରାଜ୍ୟର ୩,୦୨୯ କେନ୍ଦ୍ରରେ ୫ଲକ୍ଷ ୪୦ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଖାତାଦେଖା ସରିବା ପରେ ଆବଶ୍ୟକ ତର୍ଜମା ପରେ ପରୀକ୍ଷା ଫଳ ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ।

# ୧୨ ଦିନରେ ଚାଲିଗଲେ ପରିବାରର ୩ଜଣ

## ଦୁଇ ପୁଅଙ୍କ ଦ୍ୱାଦଶାହରେ ସାନବୋହୂ ମୃତ


ପୁଅ, ବୋହୂଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ଗୋପବନ୍ଧୁ।

**ଭଦ୍ରକ ଅଫିସ,୯।୧୨**

ଗୋଟିଏ ଦିନରେ ଦୁଇଭାଇ ଆଗ ପଛ ହୋଇ ଚାଲିଗଲେ। ଗୁରୁବାର ସେମାନଙ୍କ ଦ୍ୱାଦଶ କର୍ମ ଚାଲିଥିବା ବେଳେ ସାନ ବୋହୂ ମଧ୍ୟ ଆରପାରିକୁ ଚାଲିଯାଇଛନ୍ତି। ୧୨ ଦିନ ମଧ୍ୟରେ ଦୁଇପୁଅ ଓ ବୋହୂଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ଗ୍ରାମର ୯୨ ବର୍ଷୀୟ ଗୋପବନ୍ଧୁ ପାଣିଗ୍ରାହୀ।

ତାଙ୍କର ୪ ପୁଅ। ଗତ ନଭେମ୍ବର ୨୭ ସନ୍ଧ୍ୟାରେ କିଡ୍‌ନୀ ରୋଗରେ ପୀଡ଼ିତ ବଡ଼ପୁଅ ଦୁର୍ଗାପ୍ରସାଦ ଓ ରାତିରେ ଦୁରାରୋଗରେ ପୀଡ଼ିତ ମଝିଆ ପୁଅ ହରପ୍ରସାଦଙ୍କର ମୃତ୍ୟୁ ଘଟିଥିଲା। ଗୋପବନ୍ଧୁ ନିଜେ କରିଥିବା ଦୋଳ ମଣ୍ଡପରେ ଗୁରୁବାର ଦୁଇଭାଇଙ୍କ ଦ୍ୱାଦଶ କ୍ରିୟା ଚାଲିଥିଲା। ଗୋଟିଏପଟେ ଦ୍ୱାଦଶ ଭୋଜି ପାଇଁ ରୋଷେଇ ସରିଥିଲା। ଏହି ସମୟରେ କାର୍ଯ୍ୟ ବ୍ୟସ୍ତ ଥିବା ଗୋପବନ୍ଧୁଙ୍କ ସାନବୋହୂ ଭାରତୀ(୪୮) ଘର ପାଖରେ ରାସ୍ତା ପାରି ହେଉଥିବା ବେଳେ ଏକ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭାରତୀଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଶେଷକୃତ୍ୟ କରାଯାଇଛି। ନିକଟରେ ଛାଡ଼ି ଚାଲି ଯାଇଥିବା ଦୁଇ ପୁଅଙ୍କୁ ଝୁରି ହେଉଥିବା ବେଳେ ସାନବୋହୂଙ୍କ ମୃତ୍ୟୁରେ ହତବାକ୍ ହୋଇପଡ଼ିଛନ୍ତି ଗୋପବନ୍ଧୁ। ୪ ପୁଅଙ୍କୁ ଏହି ହାତରେ ଧରି ଛୋଟରୁ ବଡ଼ କଲି। ହେଲେ ମୁଁ ବଞ୍ଚି ଥାଉ ଥାଉ ସେମାନେ ମୋ ଅଖି ଆଗରେ ଚାଲିଗଲେ। ବୃଦ୍ଧାବସ୍ଥାରେ ଘରେ ପଡ଼ିରହି ଦୁଇପୁଅ ଓ ବୋହୂଙ୍କ ମୃତ୍ୟୁ ଖବର ଶୁଣୁଛି ବୋଲି ଦୁଃଖଭରା କଣ୍ଠରେ ସେ କହିଛନ୍ତି।










## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରେ ନାହିଁ ଧନ**
**ପୁଅ ବାହାଘର କରିବାକୁ ମନ ।**

ସାଧାରଣତଃ ବାହାପୁଆଣି କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏପରି ସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ । ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ହାତରେ ନ ଥାଇ ମୂଲଉ ଥାଏ,**
**ଦେଖୁଥିଲେ ପେଟ ଫୁଲାଉ ଥାଏ ।**

ଅଭାବଗ୍ରସ୍ତ ଘର କିନ୍ତୁ ସମସ୍ତଙ୍କ ଆଗରେ ଅଭାବ ଅସୁବିଧା କଥା କହି ହୋଇ ନଥାଏ । ଯିଏ ଦୁଃଖ ବୁଝିବ ତା ଆଗରେ ଅଭାବ ଅଛି, ଆଉ ଯିଏ ଦୁଃଖ ଦୁର୍ଦ୍ଦଶା ବୁଝି ନ ପାରିବ ତାହା ଆଗରେ ନାଇଁ କିଛି ଅସୁବିଧା ନାହିଁ, ସବୁ ଠିକ୍ ଅଛି ବୋଲି ବାଛବିଚାର କରି କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



କନ୍ଧମାଳ ଜିଲା ଫୁଲବାଣୀରେ ଶୁକ୍ରବାର କୁହୁଡ଼ିରେ ଆଚ୍ଛାଦିତ ସକାଳ ।

# ଇନ୍‌ଫୋସିଟି ଆଇଆଇସିଙ୍କୁ ବର୍ଷେ ଥାନା ମନା

**ହାଇକୋର୍ଟରେ ଆନନ୍ଦ ଟପ୍ପୋ ହତ୍ୟା ମାମଲା**
■ ୩ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦେବେ ଡିସିପି

କଟକ ଅଫିସ,୯।୧୨

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଆଇଆଇସିଙ୍କ କାର୍ଯ୍ୟକଳାପକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ତାଙ୍କୁ ବର୍ଷେ ପାଇଁ ଫିଲ୍ଡ ଡ୍ୟୁଟି ନ ଦେବା ଏବଂ ମାମଲା ପ୍ରତି ସମ୍ବେଦନଶୀଳ ହେବା ନେଇ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରେ ଏକ ମାସ ତାଲିମ ନେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିବା ସହ ଭୁବନେଶ୍ୱର ଡିସିପିଙ୍କୁ ମାମଲାର ତଦାରଖ କରି ଚଳିତ ଶୁଣାଣି ଦିନରୁ ଆରମ୍ଭ କରି ଆଗାମୀ ୩ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।

ଆବେଦନକାରୀ ତଥା ମୃତ ଆନନ୍ଦଙ୍କ ବାପା ରାଉରକେଲାର ବାସିନ୍ଦା ବନ୍ଧନ ଟପ୍ପୋଙ୍କ ଅଭିଯୋଗ ଅନୁଯାୟୀ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଆନନ୍ଦଙ୍କ ପିଲାଦିନର ସାଙ୍ଗ । ଆନନ୍ଦ ଚାକିରି ସନ୍ଧାନରେ ଆସି ଭୁବନେଶ୍ୱର ପଟିଆ ଅଞ୍ଚଳର ଏକ ଫ୍ଲାଟ୍‌ରେ ରହୁଥିଲେ । ସ୍ତ୍ରୀଙ୍କ ସହ ବିବାଦ ହେବାରୁ ବୀରେନ୍ଦ୍ର ଆସି ଆନନ୍ଦଙ୍କ ସହ ରହୁଥିଲେ । ଆନନ୍ଦ ଗତ ଫେବୃୟାରୀ ୨୮ ତାରିଖ ସକାଳ ୭ଟାରେ ରାଉରକେଲାରୁ ଫେରି ଉକ୍ତ ଫ୍ଲାଟ୍‌କୁ ଆସିଥିଲେ । ପୂର୍ବାହ୍ନ ସାଢ଼େ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଜଣାପଡିଥିଲା । ବୀରେନ୍ଦ୍ର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଆନନ୍ଦଙ୍କ ପରିବାର ଖବର ପାଇବା ପରେ ରାଉରକେଲାରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ । ତେବେ ଆନନ୍ଦଙ୍କୁ ବୀରେନ୍ଦ୍ର ଓ ତାଙ୍କ ବାନ୍ଧବୀ ହତ୍ୟା କରିଥିବା ନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ମାତ୍ର ପୋଲିସ ତାଙ୍କ ଏତଲାକୁ ଗ୍ରହଣ କରି ନ ଥିଲା । ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଇନ୍‌ଫୋସିଟି ଥାନା ଆଇଆଇସିଙ୍କୁ ଭର୍ଚୁଆଲରେ ହାଜର ହେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ନଭେମ୍ବର ୨୩ରେ ମାମଲାର ଶୁଣାଣିବେଳେ ଇନ୍‌ଫୋସିଟି ଥାନା ଆଇଆଇସି ଭର୍ଚୁଆଲରେ ହାଜର ହୋଇ ଯଥାର୍ଥ ଉତ୍ତର ଦେଇପାରି ନ ଥିଲେ । ଫଳରେ ହାଇକୋର୍ଟ ଏତଲା ଦିଆଯାଇଛି କି ନାହିଁ ସେନେଇ ତଦନ୍ତ ପାଇଁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ ଡିସେମ୍ବର ୬ ତାରିଖ ଶୁଣାଣିରେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

# ଶୀତରେ ଥରୁଛି କନ୍ଧମାଳ

■ **ଫୁଲବାଣୀ, ଜି.ଉଦୟଗିରିରେ ୬ ଡିଗ୍ରୀ**
■ **ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ**

ଫୁଲବାଣୀ ଅଫିସ/ଜି.ଉଦୟଗିରି/ଦାରିଙ୍ଗବାଡି(ଡି.ଏନ୍.ଏ.)୯।୧୨

କନ୍ଧମାଳ ଜିଲା ଶୀତରେ ଥରୁଛି । ଶୁକ୍ରବାର ଜି.ଉଦୟଗିରିରେ ପାରଦ ଖସି ୬ ଡିଗ୍ରୀରେ ପହଞ୍ଚିଥିବା ବେଳେ ଫୁଲବାଣୀରେ ୬.୬ ଡିଗ୍ରୀଓ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଛି । ପ୍ରବଳ ଶୀତ ସାଙ୍ଗକୁ କୁହୁଡି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଲୋକେ ସକାଳ ୯ଟା ପର୍ଯ୍ୟନ୍ତ ବାହାରକୁ ବାହାରି ପାରୁନାହାନ୍ତି । ଜିଲା ଜରୁରୀକାଳୀନ ବିଭାଗ ସୂଚନା ଅନୁସାରେ ଗୁରୁବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଥିବା ବେଳେ ଗୋଟିଏ ଦିନରେ ପାରଦ୨.୫ ଡିଗ୍ରୀ କମିଛି । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥଣ୍ଡା ପ୍ରକୋପ ଅଧିକ ରହିଛି । ଗ୍ରାମାଞ୍ଚଳ ଲୋକେ ଥଣ୍ଡା ଯୋଗୁ ପନିପରିବା ବିକ୍ରି କରିବା ପାଇଁ ସକାଳୁ ସହରକୁ ଆସୁନାହାନ୍ତି । କୁହୁଡି ଦିନ ୧୦ ଟା ପର୍ଯ୍ୟନ୍ତ ଲାଗି ରହୁଛି । ରାତିରେ ଥଣ୍ଡାରୁ ରକ୍ଷା ପାଇବା ଲୋକେ ନିଆଁ ଜାଳି ବସି ରହୁଛନ୍ତି । ଅନ୍ୟପକ୍ଷରେ ଥଣ୍ଡା ବଢିବା ଯୋଗୁ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ଦେଖାଯାଉଛି ।

# ୧୫ରୁ ବକେୟା ପ୍ରାପ୍ୟ ପ୍ରଦାନ

**ଓଟିଏମ୍ ପୁନରୁଦ୍ଧାର ମାମଲା**
■ **୧୬ରେ ପରବର୍ତ୍ତୀ ଶୁଣାଣି**

କଟକ ଅଫିସ,୯।୧୨

ଅଫିସିଆଲ ଲିକ୍ୟୁଡେଟର ହିମାଂଶୁ ଶେଖରଙ୍କ ପକ୍ଷରୁ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ(ଓଟିଏମ୍) ବକେୟା ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ । ହେଲେ ଏହା ପୂର୍ବରୁ ପ୍ରାପ୍ୟ ପାଇବାକୁ ଥିବା ବ୍ୟକ୍ତିମାନଙ୍କୁ ନୋଟିସ୍ ଦିଆଯିବ । ପ୍ରାପ୍ୟ ନେବା ନିମନ୍ତେ ସେମାନେ ଉକ୍ତ ନୋଟିସ୍‌କୁ ସାଙ୍ଗରେ ଆଣିବା ନିମନ୍ତେ ଅଫିସିଆଲ ଲିକ୍ୟୁଡେଟର ବିଜ୍ଞପ୍ତି ମାଧ୍ୟମରେ ସ୍ପଷ୍ଟ କରିଛନ୍ତି । କଟକ ଜିଲା ଚୌଦ୍ୱାରଠାରେ ଥିବା ଓଟିଏମ୍‌କୁ ରାଜ୍ୟ ସରକାର ହାତକୁ ନେବା ପରେ ପ୍ରାପ୍ୟ ପ୍ରଦାନ ପାଇଁ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଅଫିସିଆଲ ଲିକ୍ୟୁଡେଟର ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଶୁକ୍ରବାର ଜଣାଇଛନ୍ତି । ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ । ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ ତାରିଖରେ ହେବ । ଆବେଦନକାରୀ ପୂର୍ବତନ କର୍ମଚାରୀମାନଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି ।

ଓଟିଏମ୍ ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟରେ ଗତ ୬ ତାରିଖରେ ଶୁଣାଣି ହୋଇଥିଲା । ଏହି ଶୁଣାଣିରେ ବକେୟା ପ୍ରାପ୍ୟ ପ୍ରଦାନ ସମ୍ପର୍କରେ ୯ ତାରିଖରେ ହାଇକୋର୍ଟଙ୍କୁ ଅବଗତ କରାଯିବ ବୋଲି ରାଜ୍ୟ ସରକାର ଜଣାଇଥିଲେ । ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଓଟିଏମ୍‌ର ସମସ୍ତ ସମ୍ପତ୍ତିକୁ ରାଜ୍ୟ ସରକାର ହାତକୁ ନେଇଥିଲେ । ଏହି ହସ୍ତାନ୍ତର ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିଥିଲେ । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍‌କୋ)କୁ ରକ୍ଷଣାବେକ୍ଷଣ ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଛି । ଫଳରେ ଇଡ୍‌କୋ ଓଟିଏମ୍ ପରିସରରେ ସିସିଟିଭି ଲଗାଇବା, ଆଲୋକୀକରଣ କାର୍ଯ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ କରିବ ବୋଲି ଜଣାଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାଧିପତିଙ୍କ ପ୍ରଭାବରୁ ସ୍ଥଗିତ କାମ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ । ନୀଚାଭିମୁଖୀ ମଙ୍ଗଳଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ କିନ୍ତୁ ସମ୍ପୂର୍ଣ୍ଣ ନୁହେଁ । ଜଳ, ତୈଳ, ବିଦ୍ୟୁତ୍, ଲୁହା, ଖାଡି, ସିମେଣ୍ଟ ବ୍ୟବସାୟରୁ ଲାଭବାନ ହେବେ । ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି ।

**ବୃଷ** ଭ୍ରାତୃକାରକ ମଙ୍ଗଳ ହେତୁ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ । ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ । ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାମ ହୋଇଯିବ ।

**ମିଥୁନ** ଧନାଧିପ ରାଶିରେ ଧନାଗମକୁ ସହଜ ଓ ସରଳ କରାଇବେ । କଠିନ ଶ୍ରମ ଓ ପ୍ରତ୍ୟୁତ୍ପନ୍ନମତିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିପାରିବେ । ସାମାଜିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ । ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ।

**କର୍କଟ** କର୍ମାଧିପ ଏକାଦଶସ୍ଥ ଯୋଗୁ କାର୍ଯ୍ୟସିଦ୍ଧି ଘଟିବା ସହ ସମ୍ମାନଜନକ ସ୍ଥିତିରେ ପହଞ୍ଚିବେ । ଖଳଲୋକମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ । ଘର କଥା ନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ । ନିଜ ପରିସରରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ।

**ସିଂହ** କେତୁଙ୍କ କୁପ୍ରଭାବରୁ ଭାଇ, ବନ୍ଧୁଙ୍କ ସହ ସୁସମ୍ପର୍କ ରହି ନ ପାରେ । ଏହାସଙ୍ଗକୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ଅଥବା କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ । କେହି ଅଜଣା ବ୍ୟକ୍ତି ଅଚାନକ ସହାୟତାର ହାତ ବଢ଼ାଇବେ । ପରିବାରରୁ ପୂର୍ଣ୍ଣ ସହଯୋଗ ମିଳିବ ।

**କନ୍ୟା** ପାପମଧ୍ୟସ୍ଥ ବୁଧଙ୍କ କାରଣରୁ ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ । ମୂଲ୍ୟବାନ ଜିନିଷ ଅଥବା ସୁନା ଜିନିଷ କିଣାବିକାରେ ଠକାମିରେ ପଡ଼ିପାରନ୍ତି । ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ ଏବଂ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ଅବଶ୍ୟ ଇଚ୍ଛା କରୁଥିବା ଜିନିଷଟି ଲାଭକରି ଖୁସି ହେବେ ।

**ତୁଳା** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ପରସ୍ଥିତିବଶତଃ ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ । ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ । ବନ୍ଧୁଙ୍କ ପରାମର୍ଶରେ ଦେବଦର୍ଶନ ଓ ଭ୍ରମଣ ସକାଶେ ମନ ବଳାଇପାରନ୍ତି ।

**ବିଛା** ରବିଙ୍କ ପ୍ରଭାବରେ କର୍ମମୁଖର ହେବେ ଏବଂ କୌଣସି ନୂତନ କାର୍ଯ୍ୟପନ୍ଥା ଗ୍ରହଣ କରିପାରନ୍ତି । ରଚନାତ୍ମକ କାର୍ଯ୍ୟ, ଗବେଷଣା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ । ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ନେତୃତ୍ୱ ନେଇ ପ୍ରଶଂସିତ ହେବେ । ପରିସ୍ଥିତିରେ ପଡି ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି ।

**ଧନୁ** ବୁଧଙ୍କ ଆଶୀର୍ବାଦରୁ ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ । ଆଜି ଯେ କୌଣସି ପ୍ରତିଯୋଗିତାରେ ଯୋଗଦେଲେ ସଫଳତା ହାସଲ କରିବେ । ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ମଧ୍ୟ ସଫଳ ହେବେ । ପଡ଼ୋଶୀ କିମ୍ବା ବନ୍ଧୁଙ୍କ ସମର୍ଥନରୁ କାର୍ଯ୍ୟ ହାସଲ କରିବେ ।

**ମକର** ଭଲ ଓ ମନ୍ଦର ମିଶ୍ରିତ ପ୍ରଭାବ ମଧ୍ୟରେ ଦିନଟି ଅତିବାହିତ ହେବ । ଅଟକି ରହିଥିବା କାମଗୁଡ଼ିକ ବନ୍ଧୁ ସୁବିଧାରେ କରାଇଦେଇ ପାରନ୍ତି । ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଶ୍ରବଣା ନକ୍ଷତ୍ର ସହଜରେ କାମ ହାସଲ କରିବେ ।

**କୁମ୍ଭ** ଗୁରୁ ଓ ଚନ୍ଦ୍ରଙ୍କ କୃପାରୁ ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ । ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ । ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ମୀନ** କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବା ସମ୍ଭାବନା ରହିଛି । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ମନ ଖୁସି ରହିବ । ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳିଯାଇପାରେ ।

ଆଜି ଡିସେମ୍ବର ୧୦ ତାରିଖ, ପୌଷ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର-ଆଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୭।୪୦ ଗତେ ଘ. ୦୮।୫୬ ମଧ୍ୟେ, ଘ.୧୨।୦୦ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୮।୫୬ ଗତେ ଘ.୧୦।୧୭ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ଉଧେଇ ପାରୁନାହାନ୍ତି ...

କରାଯାଇଛି । ଯେଉମାନଙ୍କ ବଂଶବୃଦ୍ଧି ହେଉନାହିଁ, ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ଚିକିତ୍ସା କରାଯିବା ସହ ଯେପରି ପ୍ରଜନନ ହୋଇପାରିବ ସେଥିପ୍ରତି ଉଦ୍ୟମ କରାଯାଉଛି । ଇତିମଧ୍ୟରେ ଜଙ୍ଗଲୀ କୁକୁର, ଗଧିଆ, କଲରାପତରିଆ ବାଘର ମିଳନ ହୋଇଥିବାରୁ ସେମାନଙ୍କ ବଂଶବୃଦ୍ଧି ହେବା ଆଶା କରାଯାଉଛି ।

### ରୋଗଗ୍ରସ୍ତ କରୁଛି ଆନୁବଂଶିକ ମିଳନ

ନନ୍ଦନକାନନରେ ଜନ୍ମିତ ବନ୍ୟପ୍ରାଣୀଙ୍କ ଆୟୁ କମୁଛି । ସେମାନେ ଶୀଘ୍ର ରୋଗାକ୍ରାନ୍ତ ହୋଇପଡୁଥିବା ପରିଲକ୍ଷିତ ହୋଇଛି । ଏହା ପଛର କାରଣ ସମଜାତୀୟ ଆନୁବଂଶିକ ମିଳନ ବୋଲି କୁହାଯାଉଛି । ତେଣୁ ବିଦେଶରୁ ନୂତନ ପଶୁପକ୍ଷୀଙ୍କୁ ଆଣି ନୂଆ ବଂଶ ସୃଷ୍ଟି କରିବା ଲାଗି ଏବେ ଉଦ୍ୟମ ଆରମ୍ଭ ହୋଇଛି । ଏଥିସହ ନିଃସଙ୍ଗ ଜୀବନ ବିତାଉଥିବା ପ୍ରାଣୀଙ୍କ ପାଇଁ ସାଥୀ ଯୋଗାଡ଼ କରି ବଂଶବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏ କ୍ଷେତ୍ରରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟାକୁ ଅଧିକ ଭରସା କରୁଛନ୍ତି କର୍ତ୍ତୃପକ୍ଷ । ହେଲେ ଏଥିରେ ମାତ୍ରାଧିକ ଅର୍ଥ ଖର୍ଚ୍ଚ ହେଉଛି । ଦେଶ ମଧ୍ୟରୁ ପ୍ରାଣୀ ଅଦଳବଦଳ ଲାଗି ଆବଶ୍ୟକ ଗସ୍ତଖର୍ଚ୍ଚ, ସେମାନଙ୍କ ଖାଦ୍ୟପେୟ ବାବଦରେ ୫ରୁ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବିଦେଶରୁ ପଶୁପକ୍ଷୀ ଆଣିବାରେ ୩୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପଡୁଛି ।

ନୂଆ ବନ୍ୟପ୍ରାଣୀଙ୍କ ଆବଶ୍ୟକତା ଅନୁଯାୟୀ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ଜ୍ଞାନକୌଶଳର ପ୍ରୟୋଗ କରାଯାଇ ଏନ୍‌କ୍ଲୋଜର ନିର୍ମାଣ କରାଯାଉଛି । ନନ୍ଦନକାନନରେ ବନ୍ୟପ୍ରାଣୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ୩ ଡାକ୍ତର, ୨ ଏଲ୍ଆଇ ଅଛନ୍ତି । ଏହାକୁ ବାଦ୍‌ଦେଲେ ଉପନିର୍ଦ୍ଦେଶକ, ରେଞ୍ଜର, ଏସିଏଫ୍ ମଧ୍ୟ ସହଯୋଗ କରୁଛନ୍ତି । ଆବଶ୍ୟକତା ଅନୁଯାୟୀ ଓୟୁଏଟିର ସହାୟତା ନିଆଯାଉଛି । ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ପ୍ରାଣୀଙ୍କ ବଂଶବୃଦ୍ଧି ନ ହେବା ଚିନ୍ତାର ବିଷୟ ପାଲଟିଛି । ପରିଚାଳନାଗତ ତ୍ରୁଟି ସାଙ୍ଗକୁ ଠିକ୍ ସମୟରେ ରୋଗ ନିରୂପଣ ହୋଇ ନ ପାରିବାରୁ ବହୁ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି । ଏହା ବଂଶବୃଦ୍ଧିରେ ପ୍ରମୁଖ ଅନ୍ତରାୟ ବୋଲି କୁହାଯାଉଛି ।

### ତିଷ୍ଠୁନାହାନ୍ତି ଜେବ୍ରା

ନନ୍ଦନକାନନର ପରିବେଶ ଜେବ୍ରାଙ୍କ ପାଇଁ ପାଲଟିଛି ଅଭିଶାପ । ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଦେଶ ଏବଂ ବିଦେଶରୁ ବିଭିନ୍ନ ସମୟରେ ଏହି ତୃଣଭୋଜୀ ପ୍ରାଣୀଙ୍କୁ ଅଣାଯାଉଥିବାବେଳେ ସେମାନେ ପ୍ରାଣୀ ଉଦ୍ୟାନର ପରିବେଶ ସହିତ ଖାପଖୁଆଇ ପାରୁନାହାନ୍ତି । ୧୯୯୭ ମାର୍ଚ୍ଚ ୨୩ରେ ଛୁଆ ହାତୀ 'ବେଗମ୍' ବଦଳରେ ଇସ୍ରାଏଲ୍‌ରୁ ୨ଟି ଅଣ୍ଡିରା ଏବଂ ୩ ମାଈ ଜେବ୍ରା ଅଣାଯାଇଥିଲା । ଦୀର୍ଘ ୨ବର୍ଷ ପରେ ମାତ୍ର ଗୋଟିଏ ଛୁଆ ଜନ୍ମ ହୋଇଥିଲା । ଏହାର ନାମକରଣ କରାଯାଇଥିଲା 'ସବିତା' । ତେବେ ଏହାପରେ ସେମାନଙ୍କ ମୃତ୍ୟୁର ପର୍ବ ଆରମ୍ଭ ହୋଇଥିଲା । ପରିସ୍ଥିତି ଏପରି ହେଲା ଯେ 'ସବିତା'କୁ ବାଦ୍‌ଦେଲେ ଅନ୍ୟ ସମସ୍ତେ ବିଭିନ୍ନ କାରଣରୁ ଆଖି ବୁଜିଦେଇଥିଲେ । ଏହାପରେ ନିଃସଙ୍ଗ ଜୀବନ ବିତାଉଥିବା 'ସବିତା' ପାଇଁ ସାଥୀ ଖୋଜିଥିଲେ ନନ୍ଦନକାନନ କର୍ତ୍ତୃପକ୍ଷ । ୨୦୧୨ ମାର୍ଚ୍ଚ ୧୦ରେ ପଞ୍ଜାବ ଛତବୀର ପ୍ରାଣୀ ଉଦ୍ୟାନରୁ ଅଣାଯାଇଥିଲା ଏକ ଅଣ୍ଡିରା ଜେବ୍ରା । ତେବେ ଆସିବାର ମାତ୍ର ୨ ମାସ ମଧ୍ୟରେ 'ସବିତା' ସହ ମିଳନ ହେବା ପରେ ସାଥୀଟିର ମୃତ୍ୟୁ ଘଟିଲା । ଧୀରେ ଧୀରେ 'ସବିତା' ମଧ୍ୟ ରୋଗଗ୍ରସ୍ତ ହୋଇପଡ଼ିଲା । ଶେଷରେ ୨୦୧୫ ଜାନୁୟାରୀ ୬ରେ ସେ ଆଖି ବୁଜିଦେଲା । ଏହାପରେ ପୁନର୍ବାର ଇସ୍ରାଏଲ୍‌ରୁ ୨୦୧୫ ସେପ୍ଟେମ୍ବର ୧୩ରେ ୪ଟି ଜେବ୍ରା ଅଣାଯାଇଥିଲା । କିନ୍ତୁ ସେମାନେ ମଧ୍ୟ ତିଷ୍ଠିପାରିଲେ ନାହିଁ । ୨୦୧୭ରେ ସେପ୍ଟେମ୍ବର ୨୪ରେ ଶେଷ ଜେବ୍ରାର ମୃତ୍ୟୁ ସହିତ ନନ୍ଦନକାନନ ଜେବ୍ରାଶୂନ୍ୟ ହୋଇଯାଇଛି ।

### ଜିରାଫ୍ ଖୁସିରେ ଗ୍ରହଣ

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ଜିରାଫ୍ ଆଣିବା ଲାଗି ୨୦୦୮ରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତଦନୁଯାୟୀ କୋଲକାତା ଚିଡ଼ିଆଖାନାରୁ ସେହିବର୍ଷ ମେ' ୨୨ରେ ନନ୍ଦନକାନନର ଟିମ୍ ଏକ ଜିରାଫ୍‌କୁ ନେଇ ବାହାରିଥିଲା । ତେବେ ୨୩ ତାରିଖରେ ରାସ୍ତାରେ ବିଦ୍ୟୁତ୍ ଦୁର୍ଘଟଣାର ଶିକାର ହେବା ପରେ ଉକ୍ତ ଜିରାଫ୍‌କୁ ପୁନର୍ବାର ଫେରାଇ ନିଆଯାଇଥିଲା । ସେଠାରେ ତା'ର ମୃତ୍ୟୁ ଘଟିଥିଲା । ଉକ୍ତ ଜିରାଫ୍‌କୁ ଆଣିବା ପାଇଁ ନନ୍ଦନକାନନକୁ ୨୨ଟି ପଶୁପକ୍ଷୀଙ୍କୁ ଦେବାକୁ ପଡ଼ିଥିଲା । ଏହାପରେ ୨୦୧୨ ଜୁଲାଇ ୫ରେ ପୁନର୍ବାର ବିହାର ରାଜ୍ୟ ପାଟଣା ଜୁ'ରୁ ଜିରାଫ୍ 'ଖୁସି'କୁ ଅଣାଯାଇଥିଲା । ସେହିପରି ୨ ସିମ୍ପାଞ୍ଜି ବଦଳରେ ୨୦୧୬ ଫେବୃୟାରୀ ୨୪ରେ କୋଲକାତାରୁ ଜିରାଫ୍ 'ଜୟ'କୁ ଅଣାଯାଇଥିବାବେଳେ ମାତ୍ର ୪ ଦିନ ପରେ ଅର୍ଥାତ୍ ୨୯ ତାରିଖରେ ଏହାର ମୃତ୍ୟୁ ଘଟିଥିଲା । 'ଜୟ' ହସ୍ତାନ୍ତରଣ ପ୍ରକ୍ରିୟାରେ ୭ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ନନ୍ଦନକାନନରେ ଜିରାଫ ବଂଶବୃଦ୍ଧି ଖୁସିରେ ଗ୍ରହଣ ଲାଗିଥିବାବେଳେ ଏଠାରେ ଥିବା ଏକମାତ୍ର ମାଈ ଜିରାଫ 'ଖୁସି' ଏବେ ନିଃସଙ୍ଗ ଜୀବନ ବିତାଉଛି ।

## ଧନୁଯାତ୍ରାର 'ବଳରାମ'ଙ୍କ... ...

ପାଇ ମନୋନୀତ ଶିଶୁ କଳାକାର ଶ୍ରେୟସ ପୂଜାରୀ(୧୨)ଙ୍କ ଅକାଳ ବିୟୋଗ ହୋଇଛି । ତାଙ୍କ ବିୟୋଗ ସମସ୍ତ ଧନୁଯାତ୍ରାପ୍ରେମୀଙ୍କୁ ସ୍ତବ୍ଧ ଓ ଶୋକାଭିଭୂତ କରିଛି । ସୂଚନା ଅନୁଯାୟୀ, ଅମ୍ବାପାଲି(ଗୋପପୁର)ର ମହେନ୍ଦ୍ର ଓ ଜୟନ୍ତୀ ପୂଜାରୀଙ୍କ ପୁଅ ଶ୍ରେୟସ ବରଗଡ଼ ସରସ୍ୱତୀ ଶିଶୁ ମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ର ଥିଲେ । ଗତ ନଭେମ୍ବର ୧୪ତାରିଖରେ ହୋଇଥିବା ଗୋପପୁର କଳାକାର ଚୟନରେ ସେ ବଳରାମ ଚରିତ୍ରରେ ଅଭିନୟ କରିବାକୁ ମନୋନୀତ ହୋଇଥିଲେ । ଗତ କିଛିଦିନ ହେଲା ଅମ୍ବାପାଲି ସମଲେଶ୍ୱରୀ ମନ୍ଦିର ନିକଟ ପାର୍ବତୀ ଗିରି ବାଳିକା ହାଇସ୍କୁଲ ପରିସରରେ ଚାଲିଥିବା ଗୋପପୁର କଳାକାରଙ୍କ ପୂର୍ବାଭ୍ୟାସ କାର୍ଯ୍ୟକ୍ରମରେ ମଧ୍ୟ ସେ ସାମିଲ ରହି ଅଭିନୟର ପୂର୍ବାଭ୍ୟାସ କରୁଥିଲେ ।

ସରସରାଠାରେ ଚାଲିଥିବା ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଗୁରୁବାର ଶ୍ରେୟସ ପରିବାର ସହିତ ଯାଇଥିଲେ । ସେଠାରୁ ଫେରିବା ପରେ ସେ କ୍ଳାନ୍ତ ଅନୁଭବ କରିବା ଯୋଗୁ ଶୁକ୍ରବାର ବିଦ୍ୟାଳୟକୁ ଯାଇ ନ ଥିଲେ । ନିଜ ଘର ଛାତ ଉପରେ ବସି ସେ ପାଠ ପଢୁଥିଲେ । ମାତ୍ର ଦୀର୍ଘ ସମୟ ଧରି ସେ ତଳକୁ ନ ଆସିବାରୁ ପରିବାର ଲୋକେ ଛାତକୁ ଯାଇଥିଲେ । ଏକ ଦଉଡ଼ିରେ ଛନ୍ଦି ହୋଇ ଛାତ ଉପରେ ଗଦା ହୋଇଥିବା ମେଟାଲ୍ ଉପରେ ଶ୍ରେୟସ ପଡ଼ି ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ । ତାଙ୍କୁ ତୁରନ୍ତ ବରଗଡ଼ ଡାକ୍ତରଖାନା ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ଥାନୀୟ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରାଇଛି ।

## ସିଟ୍ ଖାଲି, ନୂଆ କଲେଜ ...

ହୋଇସାରିଛି । ଏବେ ସିଟ୍ ପୂରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପୁଣି ଚତୁର୍ଥ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଛି । ଶନିବାର ପୂର୍ବାହ୍ନ ୧୧ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ଏହା ୧୨ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୧୭ତାରିଖ ଦିନ ମନୋନୀତ ଛାତ୍ରୀଛାତ୍ରଙ୍କ ମେଧା ତାଲିକା ପ୍ରକାଶ ପାଇବ । ୧୯ ଓ ୨୦ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ । ତେବେ ସିଟ୍ ପୂରଣ ହେଉ ନ ଥିବାରୁ ନାମଲେଖା ପ୍ରକ୍ରିୟା ସରୁନାହିଁ । ଏପରି ସ୍ଥିତିରେ ନୂଆ କଜେଲ ଖୋଲିବା କେତେ ଯୁକ୍ତିଯୁକ୍ତ ତାକୁ ନେଇ ଉଠିଛି ପ୍ରଶ୍ନ । ଏନେଇ ୬୬୨ବର୍ଗ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, ସରକାରଙ୍କ ଏଭଳି ନିଷ୍ପତ୍ତି ସମସ୍ତଙ୍କୁ ବ୍ୟଥିତ କରିଛି । ଗୋଟିଏପଟେ କଲେଜରେ ସିଟ୍ ପୂରଣ ହେଉ ନ ଥିବାବେଳେ ଅନ୍ୟପଟେ ନୂଆ କଲେଜ ଖୋଲିବା ପଛରେ କ'ଣ କାରଣ ତାହା ଜଣାପଡୁନାହିଁ । ଯେଉଁସବୁ କଲେଜରେ ଭିତ୍ତିଭୂମିର ଅଭାବ ରହିଛି ତାକୁ ସଜାଡ଼ିବା ଦରକାର । ସବୁଠାରୁ ବଡ଼ କଥାହେଲା ରାଜ୍ୟରେ ୫୩ଟି ସରକାରୀ ଡିଗ୍ରୀ କଲେଜ ରହିଛି । ଏସବୁ କଲେଜରେ ବି ସିଟ୍ ପୂରଣ ହେଉ ନାହିଁ । କାରଣ ଏସବୁ କଲେଜରେ ଆବଶ୍ୟକ ଅଧ୍ୟାପକ ନାହାନ୍ତି । ସେହିପରି ଅନୁଦାନପ୍ରାପ୍ତ କଲେଜରୁ ଯେଉଁ ଅଧ୍ୟାପକମାନେ ଅବସର ନେଉଛନ୍ତି, ଉକ୍ତ ପଦବୀ ଆଉ ପୂରଣ ହେଉ ନାହିଁ । ଫଳରେ ପାଠପଢ଼ା ଗୁରୁତର ବ୍ୟାଘାତ ହେଉଛି । ପିଲାମାନେ ନାମଲେଖା ପାଇଁ ମଧ୍ୟ ଇଚ୍ଛା ପ୍ରକାଶ କରୁନାହାନ୍ତି । ତେବେ ଆବାସିକ ମହାବିଦ୍ୟାଳୟଗୁଡ଼ିକ ଲାଭବାନ ହେଉଛନ୍ତି । ମିଛ ପ୍ରଲୋଭନ ଦେଖାଇ ଛାତ୍ରୀଛାତ୍ରଙ୍କୁ ନିଜ ଶିକ୍ଷାନୁଷ୍ଠାନକୁ ଟାଣି ନେଉଛନ୍ତି । ଉଚ୍ଚଶିକ୍ଷା ବିଭାଗର ନୂଆ ନିଷ୍ପତ୍ତି ଘରୋଇ କଲେଜଗୁଡ଼ିକୁ ଅଧିକ ପ୍ରୋତ୍ସାହିତ କରିବ । ସରକାର ଆଗକୁ ବଢୁଛନ୍ତି ତାହା ଠିକ୍ । କିନ୍ତୁ ରାଜ୍ୟରେ ଏବେ ଯେଉଁସବୁ କଲେଜ ରହିଛି ତା'ର ଭିତ୍ତିଭୂମି ସଜାଡ଼ିବା ସହିତ ସେଠାରେ କିପରି ଅଧ୍ୟାପକ ପଦବୀ ପୂରଣ ହେବ ଏବଂ ସେଠାକୁ କିପରି ପିଲା ଆସିବେ ସେଥିପାଇଁ ପଦକ୍ଷେପ ନେବା ଉଚିତ ବୋଲି ସଭାପତି ନାୟକ କହିଛନ୍ତି ।



ପଦ୍ମପୁରର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ଦଳୀୟ ନେତାଙ୍କ ସହ ଶୁକ୍ରବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

# ହିମାଚଳ ପ୍ରଦେଶରେ ଏଏପିକୁ ଶକ୍ତ ଧକ୍କା

**କୁଲୁ,୯।୧୨**

## ଅମାନତ ହରାଇଲେ ସବୁ ପ୍ରାର୍ଥୀ

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ରାଜ୍ୟର ତୃତୀୟ ତଥା ଶ୍ରେଷ୍ଠ ବିକଳ୍ପ ଦଳ ଭାବେ ନିଜକୁ ଉପସ୍ଥାପିତ କରିଥିଲା। ତେବେ ନିର୍ବାଚନ ଫଳାଫଳ ଏହି ଦଳ ପାଇଁ ଶକ୍ତ ଧକ୍କା ହୋଇଛି। ଦଳ ଏଠାରେ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବାବେଳେ ସମସ୍ତ ୬୭ ଜଣ ପ୍ରାର୍ଥୀ ଅମାନତ ହରାଇଛନ୍ତି। କାରଣ ଜଣେ ହେଲେ ମୋଟ ବୈଧ ଭୋଟର ସର୍ବନିମ୍ନ ୬ ଭାଗରୁ ଭାଗେ ଭୋଟ ପାଇନାହାନ୍ତି। ଏଏପି ଟିକେଟରେ ଲଢ଼ିଥିବା ପୂର୍ବତନ ଲୋକ ସଭା ସଦସ୍ୟ ରାଜନ ସୁଶାନ୍ତ ମଧ୍ୟ ହାରିଯାଇଛନ୍ତି। ପଞ୍ଜାବରେ ଏଏପି କ୍ଷମତାରେ ଥିବାବେଳେ ଏହାର ପଡୋଶୀ ରାଜ୍ୟ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବାରମ୍ବାର ହିମାଚଳପ୍ରଦେଶ ଯାଇ ଏକାଧିକ ରୋଡ୍ ଶୋ' କରିଥିଲେ। ତେବେ ପ୍ରଚାର ମଧ୍ୟଭାଗରୁ ଦଳ ନିରାଶ ହୋଇପଡ଼ିଥିଲା। ପ୍ରଚାର ଶେଷ ପର୍ଯ୍ୟାୟରେ କେବଳ ଭାଜପା ଏବଂ କଂଗ୍ରେସ ରାଲି କରିଥିଲେ।

# କଂଗ୍ରେସକୁ ଝଟ୍‌କା: ଏଏପିରେ ଯୋଗଦେଲେ ୨ କାଉନ୍‌ସିଲର

**ନୂଆଦିଲ୍ଲୀ,୯।୧୨**

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ(ଏମ୍‌ସିଡି)ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ତୃତୀୟ ଦିନରେ ହିଁ କଂଗ୍ରେସକୁ ଏକ ଝଟ୍‌କା ଲାଗିଛି। ମେୟର ନିର୍ବାଚନ ପୂର୍ବରୁ ଶୁକ୍ରବାର କଂଗ୍ରେସର ୨ଜଣ କାଉନସିଲର ଦଳ ଛାଡ଼ି ଆମ୍ ଆଦ୍‌ମୀ ପାର୍ଟି(ଏଏପି)ରେ ସାମିଲ ହୋଇଛନ୍ତି। ଏଏପିର ମ୍ୟୁନିସିପାଲିଟି କର୍ପୋରେଶନ ପ୍ରଭାରୀ ଦୁର୍ଗେଶ ପାଠକ କଂଗ୍ରେସର ମୁସ୍ତଫାବାଦ କାଉନସିଲର ସବିଲା ବେଗମ, ବ୍ରିଜପୁରୀର କାଉନସିଲର ନାଜିଆ ଖାତୁନ ଏବଂ ଜଣେ କଂଗ୍ରେସ ନେତାଙ୍କୁ ଦଳରେ ସାମିଲ କରାଇଛନ୍ତି। ଦୁର୍ଗେଶ ଏକ ଖବରଦାତା ସମ୍ମିଳନୀ କରି ଏସମ୍ପର୍କରେ ସୂଚନା ଦେବା ସହ ବର୍ତ୍ତମାନ ମେୟର ନିର୍ବାଚନ ପାଇଁ ଏଏପି ଅଧିକ ଶକ୍ତିଶାଳୀ ହୋଇଛି ବୋଲି କହିଛନ୍ତି।

# ମିଳିମିଶି ପଦ୍ମପୁର ପାଇଁ କାମ କରିବା: ନବୀନ

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

## ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଲେ ବର୍ଷା

ପଦ୍ମପୁର ଉପନିର୍ବାଚନରେ ବିଜୟୀ ହେବା ପରେ ବିଜେଡିର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ଶୁକ୍ରବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ବିଜୟ ପାଇଁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବହୁତ ବହୁତ ସ୍ୱାଗତ..। ଆମେ ସମସ୍ତେ ମିଳିମିଶି ପଦ୍ମପୁର ପାଇଁ ବହୁତ କାମ କରିବା। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ଦଳୀୟ ନେତା ଓ କର୍ମୀମାନେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ ନବୀନ ନିବାସକୁ କମ୍ପାଇ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ନିଜେ ଖୁବ୍ କମ୍ ଦିନ ମଧ୍ୟରେ ପଦ୍ମପୁର ଗସ୍ତ କରିବେ ବୋଲି ଘୋଷଣା କରିଛନ୍ତି। ଏଥିସହିତ ମହିଳାମାନଙ୍କୁ ସମ୍ମାନ ଦେଇ ଗଣତାନ୍ତ୍ରିକ ମହାପର୍ବରେ ସାମିଲ କରିବାକୁ ବିଜେଡି ଯେପରି ସୁଯୋଗ ଦେଇଥିଲା, ତାହା ଉଲ୍ଲେଖନୀୟ ବୋଲି କହିଛନ୍ତି। କିନ୍ତୁ ବିରୋଧୀ ଦଳ ଯେପରି ଜଣେ ମହିଳାଙ୍କୁ ବାରମ୍ବାର ଅପପ୍ରଚାର ମାଧ୍ୟମରେ କଷ୍ଟ ଓ ଲାଞ୍ଛନା ଦେଇଥିଲା ତାହା ଗଣତନ୍ତ୍ରରେ ସ୍ପୃହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ଷାଙ୍କ ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ, ମନ୍ତ୍ରୀ ରୀତା ସାହୁ, ଟୁକୁନି ସାହୁ, ସୁଶାନ୍ତ ସିଂ ଏବଂ ସ୍ନେହାଙ୍ଗିନୀ ଛୁରିଆ ନବୀନ ନିବାସରେ ଉପସ୍ଥିତ ଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ପରେ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡି ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ କନ୍ୟା ବର୍ଷାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା। ଡିସେମ୍ବର ୫ ତାରିଖରେ ଉପନିର୍ବାଚନ ହୋଇଥିବା ବେଳେ ୮ ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା। ବର୍ଷା ୪୨ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

# ଅଟକ ପରେ ଅନଶନରେ ବସିଲେ ଶର୍ମିଳା



ଅନଶନ ବେଳେ ୱାଇଏସ୍ ଶର୍ମିଳା

**ହାଇଦ୍ରାବାଦ,୯।୧୨**

ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ଅଧକ୍ଷା ୱାଇଏସ୍ ଶର୍ମିଳାଙ୍କୁ ଶୁକ୍ରବାର ପୋଲିସ ଅଟକ ରଖିବା ପରେ ସେ ଅନଶନରେ ବସିବା ସହ ରାଜ୍ୟରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଦାବି କରିଛନ୍ତି। ୱାରାଙ୍ଗଲ୍ ପୋଲିସ ତାଙ୍କୁ ପଦଯାତ୍ରା ପାଇଁ ଅନୁମତି ନ ଦେବାରୁ ଶର୍ମିଳା ଟ୍ୟାଙ୍କ୍ ବୁନ୍ଦ୍ ଆମ୍ବେଡ୍‌କର ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେ ହିଂସାକୁ ଉସୁକାଉଥିବା ଅଭିଯୋଗ ଆଣି ପୋଲିସ ତାଙ୍କୁ ଅଟକ ରଖିଥିଲା। ଶର୍ମିଳା ଅନଶନରେ ବସିବା ସହ ତାଙ୍କୁ ପଦଯାତ୍ରା ନିମନ୍ତେ ଅନୁମତି ଦେବାକୁ ଦାବି କରିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ତାଙ୍କ ପଦଯାତ୍ରାକୁ ବନ୍ଦ କରିବା ଲାଗି ସମସ୍ତ ଉଦ୍ୟମ ଚଳାଇଛନ୍ତି। ତାଙ୍କ ବସ୍‌କୁ ଜାଳିଦିଆଯିବା ସହ ଦଳୀୟ କର୍ମୀମାନଙ୍କୁ ମାଡ଼ ମରାଗଲା ବୋଲି ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି ନେତ୍ରୀ କହିଛନ୍ତି। ପଦଯାତ୍ରା ଲାଗି ଅଦାଲତ ଅନୁମତି ଦେବା ସତ୍ତ୍ୱେ ତାଙ୍କୁ ପୋଲିସ ଛାଡୁ ନ ଥିବା ଶର୍ମିଳା କହିଛନ୍ତି।

# ନିର୍ବାଚନ ଜିତିବା ପରେ ଶାଶୁଶ୍ୱଶୁରଙ୍କୁ ଭେଟିଲେ ବର୍ଷା

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହେବା ପରେ ନବନିର୍ବାଚିତ ବିଧାୟକ ବର୍ଷା ସିଂ ବରିହା ଭୁବନେଶ୍ୱର ଫେରିଛନ୍ତି। ସ୍ୱାମୀ ସ୍ମୃତିସୌରଭଙ୍କ ସହ ସେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଶ୍ୱଶୁରଘରକୁ ଯାଇଛନ୍ତି। ଘରେ ପହଞ୍ଚିବା ପରେ ସେ ପ୍ରଥମେ ଶ୍ୱଶୁର ରମାରଞ୍ଜନ ବଳିଆର ସିଂ ଓ ଶାଶୁଙ୍କୁ ପ୍ରଣାମକରି ଆଶୀର୍ବାଦ ନେଇଛନ୍ତି।

ଶ୍ୱଶୁରଘରେ ପହଞ୍ଚିବା ପରେ ଗଣମାଧ୍ୟମକୁ ବର୍ଷା କହିଛନ୍ତି, ବିଜୟ ପରେ ବହୁତ ଖୁସି ଲାଗୁଛି। ମୋ ଶ୍ୱଶୁର ଓ ପରିବାର ତରଫରୁ ବହୁ ସମର୍ଥନ ମିଳିଛି। ପଦ୍ମପୁରରୁ ବିଧାୟିକା ଭାବେ ନିର୍ବାଚିତ ହୋଇଛି। ତେଣୁ ପଦ୍ମପୁର ହେଉଛି ମୋର କର୍ମଭୂମି। ସେହି ଅଞ୍ଚଳର ବିକାଶ ହେଉଛି ତାଙ୍କର ପ୍ରାଥମିକତା ବୋଲି ବର୍ଷା କହିଛନ୍ତି।

ବୋହୂଙ୍କ ବିଜୟ ନେଇ ଶ୍ୱଶୁର ରମାରଞ୍ଜନ ବଳିଆର ସିଂ କହିଛନ୍ତି, ଗଣତନ୍ତ୍ରରେ ଲୋକମତ ହେଉଛି ସର୍ବାଗ୍ରେ। ଲୋକମାନେ ଯେଉଁ ମତ ଦେଇଛନ୍ତି, ତାକୁ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଗ୍ରହଣ କରିବାକୁ ପଡ଼ିବ। ସେହି ହିସାବରେ ପଦ୍ମପୁରବାସୀ ଯେଉଁ ମତ ଦେଇଛନ୍ତି, ସମସ୍ତଙ୍କର ଗ୍ରହଣୀୟ। ଏହା ଲୋକମତର ବିଜୟ ହୋଇଛି ବୋଲି ରମାରଞ୍ଜନ କହିଛନ୍ତି।





# ସ୍ଥିତି ଏମିତି ହେଲେ ୨୦୨୪ରେ ନୋଟା ସହ ଲଢ଼ିବ କଂଗ୍ରେସ: ମୋକିମ

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

## ପିସିସି ସଭାପତି ନିଜକୁ ପରଖିବା ଦରକାର: ତାରା

ଓଡ଼ିଶାରେ କଂଗ୍ରେସ ଦାୟିତ୍ୱରେ ଥିବା ମୁଖିଆମାନେ ଆସନ ଛାଡ଼ି ଅବସର ନିଅନ୍ତୁ। ତାଙ୍କ ମୁହଁ ଦେଖିବାକୁ ଲୋକେ ଆଉ ଚାହୁଁନାହାନ୍ତି। ସେମାନେ ଆକର୍ଷଣ ହରାଇ ସାରିଲେଣି। ୟୁପି ଓ ପଶ୍ଚିମବଙ୍ଗ ଭଳି ଓଡ଼ିଶାରେ କଂଗ୍ରେସ ଦଳ ମୂଳପୋଛ ହେବାକୁ ବସିଛି। ୨୦୨୪ରେ ଏଭଳି ସ୍ଥିତି ରହିଲେ ନୋଟା ସହ ଲଢ଼ିବାକୁ ପଡ଼ିବ ବୋଲି ଶୁକ୍ରବାର କଂଗ୍ରେସ ବିଧାୟକ ମହମ୍ମଦ ମୋକିମ କହିଛନ୍ତି।

ସେ ଆହୁରି କହିଛନ୍ତି, ବାରମ୍ବାର ଉପନିର୍ବାଚନ ଓ ନିର୍ବାଚନ ପରାଜୟ ପରେ କଂଗ୍ରେସ ମୁଖ୍ୟଙ୍କୁ ଗୁରୁତର ସହ ଚିନ୍ତା କରିବାର ସମୟ ଆସିଯାଇଛି। ଯେଉଁମାନେ ଓଡ଼ିଶାରେ କଂଗ୍ରେସର ନେତୃତ୍ୱ ନେଉଛନ୍ତି ତଥା ଯେଉଁମାନେ ଦିଲ୍ଲୀରୁ କଂଗ୍ରେସକୁ ମନିଟର କରିବା ପାଇଁ ଆସୁଛନ୍ତି ସେମାନଙ୍କ ପ୍ରତି ସନ୍ଦେହ ସୃଷ୍ଟି ହେଲାଣି। ଗତ ୫ ବର୍ଷ ଧରି ଯେତେ ଉପନିର୍ବାଚନ ବା ନିର୍ବାଚନ ହେଉଛି ଦଳୀୟ ଭୋଟ ହାର କମି ୨ରୁ ୩ ପ୍ରତିଶତରେ ପହଞ୍ଚିଗଲାଣି। ନୋଟା ସହିତ ଏବେ କଂଗ୍ରେସର ଭୋଟ ହାର ସମାନ ହୋଇଗଲାଣି। କାହିଁକି ଏ ବାବଦରେ ସମୀକ୍ଷା ହେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁମାନଙ୍କୁ ଦିଲ୍ଲୀରୁ ଦାୟିତ୍ୱ ଦିଆଯାଇଛି ସେମାନେ ଏଠାରେ କାହିଁକି କଂଗ୍ରେସକୁ ତିଆରି କରିବା ପାଇଁ ପ୍ରଚେଷ୍ଟା କରୁନାହାନ୍ତି। ଯଦି ଭାରତବର୍ଷର ପ୍ରଧାନମନ୍ତ୍ରୀ ୫୪ କି.ମି. ରୋଡ୍ ଶୋ କରିପାରୁଛନ୍ତି ଓ ଗୋଟିଏ ରାଜ୍ୟରେ ନିର୍ବାଚନ ଜିତାଇବା ପାଇଁ ବାରମ୍ବାର ଗସ୍ତ କରିପାରୁଛନ୍ତି ତା'ହେଲେ ଏଠାରେ ଯେଉଁମାନେ ପ୍ରଭାରୀ ଅଛନ୍ତି ଓ ଯେଉଁମାନେ ଦଳ ଦାୟିତ୍ୱରେ ଅଛନ୍ତି ନିର୍ବାଚନକୁ ପର୍ଯ୍ୟଟନ ସ୍ଥଳ ବୁଲିବା ଭଳି କାହିଁକି ଭାବୁଛନ୍ତି ବୋଲି ସେ କହିଛନ୍ତି। ଦଳର ଶୋ' କଲ୍ଡ ସିନିୟର ଲିଡରଙ୍କ ମୁହଁ ଦେଖି ଲୋକେ ଆଉ ଭୋଟ ଦେବାକୁ ଚାହୁଁନାହାନ୍ତି। ସେମାନେ କଂଗ୍ରେସ ପାଇଁ ଏବେ ସମ୍ପତ୍ତି ନୁହେଁ ବରଂ ବୋଝ ପାଲଟିଗଲେଣି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁଭଳି ତାଙ୍କ ଦଳ ପାଇଁ ନିଷ୍ପତ୍ତି ନେଉଛନ୍ତି କଂଗ୍ରେସ ତାକୁ ଅନୁସରଣ କରିବା ଉଚିତ।

ମୋକିମ କହିଛନ୍ତି, ଦିଲ୍ଲୀର ନେତାମାନଙ୍କ ଉପରେ ଏବେ ସନ୍ଦେହ ହେଲାଣି। ସେମାନେ ମଧ୍ୟ ଏଥିରେ ସମ୍ପୃକ୍ତ ରହୁଛନ୍ତି। କାରଣ କଂଗ୍ରେସ ପ୍ରତି ଉପନିର୍ବାଚନରେ ବିଫଳତା ସ୍ୱାଦ ଚାଖୁଛି। ଏହାସତ୍ତ୍ୱେ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯଦି ଏଭଳି ସ୍ଥିତି ଲାଗି ରହେ କଂଗ୍ରେସ ଦଳ ଓଡ଼ିଶାରୁ ବିଲୁପ୍ତ ହୋଇଯିବ। ଯଦି ପ୍ରାର୍ଥୀ ଦିଆଯାଉଛି କିନ୍ତୁ ଖର୍ଚ୍ଚ ତୁଲାଇପାରୁନାହାନ୍ତି ତେବେ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଦାୟିତ୍ୱ ଛାଡ଼ନ୍ତୁ। ଓଡ଼ିଶାରେ କଂଗ୍ରେସ ନେତା ବୋଲି ଏବେ ପରିଚୟ ଦେବା କଷ୍ଟ ହେଲାଣି। ଲୋକେ ଆଗେଇ ଆସି ଦଳର ଦାୟିତ୍ୱ ନେଇଥିବା ନେତାଙ୍କୁ ବିତାଡ଼ିତ କରନ୍ତୁ। ଢଗ କହିଲା ଭଳି ୯ରୁ ୯୦ କହିଲେ ହେବନି। ପିସିସି ସଭାପତିଙ୍କ କଥା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ପିସିସି ସଭାପତିଙ୍କୁ ପରୋକ୍ଷରେ ଟାର୍ଗେଟ କରି କହିଛନ୍ତି, ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦିନକ ପୂର୍ବରୁ ପିସିସି ସଭାପତି ଦଳ ହାରିବ ବୋଲି କେମିତି ଜାଣିଲେ। ଲୋକମାନେ କହୁଛନ୍ତି କଂଗ୍ରେସ ଭୋଟ ବିକିଦେଲା। ପିସିସି ସଭାପତି ତୁରନ୍ତ ଏନେଇ ବୈଠକ ଡକାଇବା ସହିତ ଏହାର ତର୍ଜମା କରିବା ଦରକାର। ଏହାସହ ସେ ନିଜକୁ ମଧ୍ୟ ଏବେ ପରଖିବା ଦରକାର ବୋଲି ତାରା କହିଛନ୍ତି।



ମହମ୍ମଦ ମୋକିମ



ତାରାପ୍ରସାଦ ବାହିନୀପତି

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective time management skills.

Apply immediately to :
recruitment@dharitri.com
Attractive salary commensurate with experience

**APPOINTMENT**
ପୁରୀର ଏକ କାଫେ ରେ **କଣ୍ଟିନେଣ୍ଟାଲ୍ ରୋଷେୟା** ଏବଂ **ୱେଟର** ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

**ଆବଶ୍ୟକ**
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ :
୯୯୨୩୮୪୯୯୧୦୯

**JOIN AS PARTNER**
- Fixed + Variable Pay
- Incentives + Foreign Trips
- Rewards + Recognisations
- Insurance Cover + Guaranteed Benefits

Contact: 8249253959

**ଆବଶ୍ୟକ**
ବାଡ଼ିବଗିଚା କାମ ପାଇଁ ଏବଂ କୁକୁଡ଼ା ଫାର୍ମ ପାଇଁ ଦୁଇ ଜଣ ଲୋକ ରହିବା, ଖାଇବା ସହ 10,000/-, ନଖରା କଟକ କିମ୍ବା ସ୍ୱାମୀ ସ୍ତ୍ରୀ କାମ କଲେ 15,000/- ଦିଆଯିବ।
ଯୋଗାଯୋଗ: 7809525452

**REQUIRE**
ONE SALES OFFICER (M) having own Vehicle and one FEMALE OFFICE ASSISTANT having experience in Tally for a Distribution firm located in Baripada.
Contact: ratnakar4@gmail.com/
9712292388

**WANTED**
ଧରିତ୍ରୀ DHARITRI Oriya daily
is looking for
DIGITAL MARKETING SPACE SELLING EXECUTIVES
- Having 3-6 years + experience in Digital Marketing.

Roles and Responsibilities -
- Responsible for online ad space selling.
- Well versed with Media Clients and Agencies (B2B advertising on our company digital platforms).
- Must have retail, corporate client base in designated locations.
- Capable to aggressively chase sales targets.
- Hands-on experience in content management.
- Drive new client acquisition.
- Proficiency in social media platforms.

Apply within 7 days to :
recruitment@dharitri.com
Attractive salary commensurate with experience

SWARNA Mahindra
**WALK IN INTERVIEW**
**SWARNA AUTOMOBILES PVT. LTD.**
( Truck & Bus Division )
- General Manager (Sales)
- AGM (Sales) - 4nos.
- Sr.Marketing Officer- 4nos.
- Manager(Sales) - 12 nos.
- Business Development Officer - 20nos.
- Service Manager - 2nos.
- DTP Operator/Accountant Sales Executive/ Receptionist

DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

Your classified advertisement published in Dharitri will be listed free in Dharitri online edition :
www.dharitri.com

ଆମ ଭିତରେ ଯାହା ଥାଏ- ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ-ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି। -ଶ୍ରୀମା



# ବିବାଦରେ ଫସିଲେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କ ମଧ୍ୟରେ କ୍ଷମତା ବିବାଦ ଲାଗି ରହିଛି। ନିଃସନ୍ଦେହ ଯେ, ଏହି ବିବାଦ ରାଜ୍ୟରେ ବାବୁମାନଙ୍କୁ ପ୍ରଭାବିତ କରୁଛି। ରାଜ୍ୟପାଳଙ୍କୁ ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ପଦରୁ ହଟାଇବା ଲାଗି ସରକାର ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତୁତ କରିଥିଲେ। ହେଲେ ନିକଟରେ ରାଜ୍ୟର ଜଣେ ବାବୁ ଯେଭଳି ଭାବେ ଏହି ଡ୍ରାଫ୍ଟ ବିଲ୍‌ର ତ୍ରୁଟିକୁ ଦର୍ଶାଇଲେ ସେଥିରେ ବିଜୟନଙ୍କ କ୍ୟାବିନେଟ୍ ଅସନ୍ତୋଷ ପ୍ରକାଶ କରିଥିଲେ। କୃଷି ସଚିବ ବି. ଅଶୋକ ଏହି ତ୍ରୁଟି ଚିହ୍ନଟ କରି କହିଥିଲେ ଯେ, ଯେଉଁ ଫାଇଲରେ ଡ୍ରାଫ୍ଟ ବିଲ୍ ରହିଥିଲା ତାହାର ଆରମ୍ଭରୁ ରାଜ୍ୟପାଳଙ୍କଠାରୁ କୁଳାଧିପତି କ୍ଷମତା ପ୍ରତ୍ୟାହାର କରାଯିବାର କାରଣ ଦର୍ଶାଯାଇ ନ ଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ଅଶୋକଙ୍କ ଏଭଳି କାର୍ଯ୍ୟ ପରେ କ୍ରୋଧିତ ରାଜ୍ୟ ସରକାର ତାଙ୍କ ଅସନ୍ତୋଷ ଅଶୋକଙ୍କୁ ଅବଗତ କରିବା ଲାଗି ରାଜ୍ୟ ମୁଖ୍ୟ ସଚିବ ଭି.ପି.ଜୟଙ୍କୁ କହିଛନ୍ତି। ଆଶ୍ଚର୍ଯ୍ୟ କଥା ଯେ, ବାବୁ ଜଣକ ସରକାରଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କରିଥିବା ହସ୍ତକ୍ଷେପକୁ ନେଇ ପିନାରାୟୀ କ୍ଷୁବ୍ଧ ହୋଇଥିଲେ। ଏ ଦୃଷ୍ଟିରୁ ବିଜୟନ ଓ ଖାନ୍‌ଙ୍କ ବିବାଦ କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। କିନ୍ତୁ ଏହା ନିଃସନ୍ଦେହ ଯେ, ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଏହି ଦୁଇଜଣଙ୍କ ଝଗଡ଼ାର ପଞ୍ଝାରେ ଫସିବେ। ବିବାଦର ଏବକାର ସ୍ଥିତିରେ ବିଶ୍ୱବିଦ୍ୟାଳୟଗୁଡ଼ିକର ବିଭିନ୍ନ ପଦବୀରେ ନିଯୁକ୍ତିକୁ ନେଇ ରାଜଭବନରେ ଚାଲିଥିବା ସମ୍ପର୍କୀୟ ପକ୍ଷପାତ ଉପରେ ବିଜୟନଙ୍କ ଅଭିଯୋଗ ରହିଛି। ବିବାଦ ସମ୍ପର୍କିତ ଆଉ ଏକ ଘଟଣା କ୍ରମରେ ରାଜ୍ୟପାଳ ବିଲ୍‌ରେ କିଭଳି ଅବିଳମ୍ବେ ଦସ୍ତଖତ କରିବେ ତାହାକୁ ନିଶ୍ଚିତ କରିବା ପାଇଁ ହସ୍ତକ୍ଷେପ ଦାବି କରି ଦାୟର କରାଯାଇଥିବା ପିଟିଶନକୁ କେରଳ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହି ସମୟରେ ବାବୁମାନେ ରାଜ୍ୟପାଳଙ୍କର ହେଉ ଅବା ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ, କୌଣସିଥିରେ ସେମାନେ ସାମିଲ ନୁହନ୍ତି ବୋଲି ଜଣାଇବାକୁ ଖୁବ୍ ସତର୍କତାର ସହ କାର୍ଯ୍ୟ କରୁଛନ୍ତି।

### ନିଯୁକ୍ତି ତାଲିକାର ଉଦ୍ଦେଶ୍ୟ

ପ୍ରଶାସନିକ ବିଷୟରେ ମୋଦି ସରକାରଙ୍କ ଅସାଧାରଣ ଓ କ୍ଷତିକାରକ ହସ୍ତକ୍ଷେପ ସମସ୍ତଙ୍କୁ ଜଣା। ସାଧାରଣତଃ, ଏମ୍ପାନେଲମେଣ୍ଟ ପାଇଁ ଅଯୋଗ୍ୟ ଅର୍ଥାତ୍ ଯେଉଁ ଅଧିକାରୀମାନଙ୍କୁ ନିଯୁକ୍ତି ତାଲିକାଭୁକ୍ତ କରାଯିବା ପାଇଁ ମନା କରାଯାଇଛି, ସେମାନଙ୍କ ନାମ ସରକାର କେବେ ବି ପ୍ରକାଶ କରନ୍ତି ନାହିଁ। କିନ୍ତୁ ନିକଟରେ ପୋଲିସ ମହାନିରୀକ୍ଷକ କିମ୍ବା ତତ୍ତୁଲ୍ୟ ପଦବୀଗୁଡ଼ିକରେ ନିଯୁକ୍ତ ୨୦୦୩ ବ୍ୟାଚ୍ ଆଇପିଏସ୍ ଅଧିକାରୀମାନଙ୍କ ନାମ ପ୍ରକାଶ କରାଯିବାବେଳେ ଏମ୍ପାନେଲମେଣ୍ଟ ପ୍ରକ୍ରିୟା ବାହାରେ ଥିବା ଆଇପିଏସ୍ ଅଧିକାରୀମାନଙ୍କ ଏକ ପୃଥକ୍ ତାଲିକା ପ୍ରକାଶ କରାଯାଇଥିଲା। ପର୍ଯ୍ୟବେକ୍ଷକମାନେ କହିଛନ୍ତି ଯେ, ଏମ୍ପାନେଲମେଣ୍ଟ ଲାଗି ନାମ ସୁପାରିସ କରାଯାଇ ନ ଥିବା ଅଧିକାରୀମାନଙ୍କ ତାଲିକା ପ୍ରଥମ ଥର ଲାଗି ସାର୍ବଜନୀନ କରାଯାଇଛି। ନିଯୁକ୍ତି ସକାଶେ ପ୍ରସ୍ତୁତ ନାମ ତାଲିକାରେ ରହିଛନ୍ତି ବିଭିନ୍ନ କ୍ୟାଡରର ୪୫ ଜଣ ଆଇପିଏସ୍ ଅଧିକାରୀ। ଏହା ସହ ନିଯୁକ୍ତି ତାଲିକା ଭୁକ୍ତ କରାଯିବା ଲାଗି ଯେଉଁମାନଙ୍କୁ ମନା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୧୮ ଜଣ ଅଧିକାରୀ ଏଥିରେ ରହିଛନ୍ତି। ଉକ୍ତ ତାଲିକାରେ ଏଜିଏମ୍‌ୟୁଟି, ଆସାମ, ନାଗାଲାଣ୍ଡ ଏବଂ ରାଜସ୍ଥାନ କ୍ୟାଡରର ପ୍ରତ୍ୟେକଟିରୁ ୨ ଜଣ ଏବଂ ଅନ୍ୟ କିଛି କ୍ୟାଡରରୁ ଜଣେ ଲେଖାଏ ଅଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ନାମ ତାଲିକା ପ୍ରକାଶ କରିବାରେ କେନ୍ଦ୍ରର କ'ଣ ମନୋଭାବ ଏବଂ ଉଦ୍ଦେଶ୍ୟ ରହିଛି ତାହା ଉପରେ ବାବୁମାନଙ୍କର ସନ୍ଦେହ ରହିଥିଲେ ବି ସ୍ୱଷ୍ଟତଃ ଏହାର ଅନେକ ନିହିତାର୍ଥ ସ୍ୱଷ୍ଟ ଅନୁମେୟ। ସେଥିମଧ୍ୟରୁ ଗୋଟିଏ ହୋଇପାରେ, ନିଯୁକ୍ତି ତାଲିକାଭୁକ୍ତ ଲାଗି ଯୋଗ୍ୟତା ହାସଲ କରିବା ପାଇଁ ଗମ୍ଭୀର ପ୍ରୟାସ କରିବାକୁ ପଡ଼ିବ ବୋଲି ସରକାର ଏକ ସଙ୍କେତ ଦେବାକୁ ଚାହୁଁଛନ୍ତି। ଏହାବାଦ୍, ଯଦି ଆଉ କିଛି ଉଦ୍ଦେଶ୍ୟ ରହିଛି ତେବେ ଆସନ୍ତା ସପ୍ତାହ କିମ୍ବା ମାସଗୁଡ଼ିକରେ ଏହା ସ୍ୱଷ୍ଟ ହୋଇଯିବ।

### ମେଘାଳୟର ଦାବି

ନିକଟରେ ଆସାମ- ମେଘାଳୟ ସୀମାରେ ଘଟିଥିବା ଗୁଳିକାଣ୍ଡ ଏହି ଦୁଇ ରାଜ୍ୟର ୫ ଦଶନ୍ଧି ପୂର୍ବର ସୀମା ସମସ୍ୟାକୁ ସାମ୍ନାକୁ ଆଣିଛି। ମେଘାଳୟ ପାଇଁ ଏକ ପୃଥକ୍ କ୍ୟାଡର ସକାଶେ ଦାବିକୁ ବି ଏହା ଉଜାଗର କରିଛି। ନିକଟରେ ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା ଦିଲ୍ଲୀ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଆସାମ- ମେଘାଳୟ କ୍ୟାଡରକୁ ଦୁଇଭାଗ କରିବାକୁ ଦାବି କରିଥିଲେ। ସୂତ୍ରରୁ ପ୍ରକାଶ ଯେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମେଘାଳୟ ପାଇଁ ଅଲଗା କ୍ୟାଡର ସୃଷ୍ଟି କରିବା ସପକ୍ଷରେ ନାହାନ୍ତି। କେନ୍ଦ୍ର ମଧ୍ୟ ରାଜ୍ୟର ଦାବି ଉପରେ ଧ୍ୟାନ ଦେବା ସମ୍ଭାବନା ନାହିଁ। ଅବଶ୍ୟ ସରକାରୀ ଭାବେ କୁହାଯାଇଛି ଯେ, ପୃଥକ୍ କ୍ୟାଡର ପାଇଁ ରାଜ୍ୟର ଦାବିକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ସାଙ୍ଗମାଙ୍କୁ ମୋଦି ଓ ଶାହା ଆଶ୍ୱସ୍ତ କରିଛନ୍ତି। ତେବେ ବିବାଦୀୟ ସୀମା ସମସ୍ୟାକୁ ନେଇ ମେଘାଳୟ ଓ ଆସାମ ମଧ୍ୟରେ ଉତ୍ତେଜନା ତୀବ୍ର ହେଉଥିବାରୁ କେନ୍ଦ୍ର ଏହାକୁ ନିଷ୍ପକ୍ଷ ଭାବେ ସମାଧାନ କରିବାରେ ବିଳମ୍ବ କଲେ ସ୍ଥିତି ଅଧିକ ଜଟିଳ ହେବ ; ଯାହା ସମସ୍ୟାଗ୍ରସ୍ତ ଉତ୍ତରପୂର୍ବାଞ୍ଚଳର ବିକାଶ ପାଇଁ ଅନୁକୂଳ ହେବ ନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ପ୍ରଭାବିତ ଲୋକଙ୍କ ଜାତିଗତ ତ୍ରୁଟି ଓ ଭାବନା ବିରୋଧରେ ପ୍ରଶାସନିକ କଳ ଯେତେବେଳେ ଆଗକୁ ଆସିଛି ସେତେବେଳେ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି।

Email: dilipcherian@gmail.com

# ନାରୀ ଓ ମାନବ ଅଧିକାର



ସୌର ଚନ୍ଦ୍ର ମହାପାତ୍ର

ଆଜି ବିଶ୍ୱ ମାନବ ଅଧିକାର ଦିବସ। ଭାରତ ସରକାର ୧୯୯୩ ମସିହାରେ ଜାତୀୟ ମାନବ ଅଧିକାର ଆୟୋଗ ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଅନୁଯାୟୀ ମାନବ ଅଧିକାର ଅର୍ଥ ସମ୍ବିଧାନ ଦ୍ୱାରା ଏବଂ ଆନ୍ତର୍ଜାତିକ ଚୁକ୍ତିରେ ସନ୍ନିବିଷ୍ଟ ଏବଂ ଭାରତ ବର୍ଷର ଅଦାଲତରେ ପ୍ରବର୍ତ୍ତନୀୟ ବ୍ୟକ୍ତିବିଶେଷଙ୍କ ଜୀବନ, ସ୍ୱାତନ୍ତ୍ର୍ୟ, ସମାନତା ଏବଂ ସମ୍ମାନ ବା ମର୍ଯ୍ୟାଦା ସମ୍ପର୍କୀୟ ଅଧିକାରକୁ ବୁଝାଇବ। ସୂଚନାଯୋଗ୍ୟ ଓଡ଼ିଶାରେ ମାନବ ଅଧିକାର କମିଶନ ୨୦୦୩ ଜୁଲାଇରେ ସ୍ଥାପିତ ହୋଇଛି। ନାରୀ ନିର୍ଯାତନା ରୋକିବା ଲାଗି ଯେଭଳି ମହିଳା ସଂଗଠନ ଗଠନ କରାଯାଇଛି, ଠିକ୍ ସେହିଭଳି ମାନବ ସୁରକ୍ଷା ଲାଗି ଜାତୀୟ ମାନବ ଅଧିକାର କମିଶନ ଗଠନ କରାଯାଇଛି। ଆମ ରାଜ୍ୟରେ ମାନବ ଅଧିକାର କମିଶନ ଗଠନ ହେବା ପରଠାରୁ ମହିଳାମାନେ ବିଶେଷକରି ମାନବ ଅଧିକାର ସଂକ୍ରାନ୍ତରେ ତ୍ୱରିତ ନ୍ୟାୟ ପାଇବାରେ ସକ୍ଷମ ହେଉଛନ୍ତି।

କେବେ ବାଧ୍ୟବାଧକତାରେ ତ କେବେ ମାନ୍ୟବର ନ୍ୟାୟାଧୀଶଙ୍କ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ଯୋଗୁ ନାରୀ ପାଇଛି ସମ୍ମାନର ସହ ବଞ୍ଚିବାର ଅଧିକାର। ଆଇନର ଆଖି ଏବେ ଉଭୟ ପୁରୁଷ ଓ ନାରୀଙ୍କୁ ସମଦୃଷ୍ଟିରେ ଦେଖୁଛି। କିଛି ଦଶନ୍ଧି ପୂର୍ବକୁ ଫେରିଗଲେ ଆମେ ଅନେକ ଆଇନଗତ ଉଦାହରଣ ଦେଖିବାକୁ ପାଇବା ; ଯାହା ପ୍ରମାଣିତ କରେ କିଭଳି ନ୍ୟୂନ ଅବସ୍ଥାରେ ଥିଲେ ଭାରତୀୟ ନାରୀ। ୧୯୩୮ରେ ଅଦାଲତରେ ଏମିତି ଅନେକ ମାମଲାର ଶୁଣାଣି ହୋଇଛି, ଯେଉଁଥିରେ ସ୍ତ୍ରୀଙ୍କୁ ମାରପିଟ୍ କରିବା ସହ ଗାଳିଗୁଲଜ କରିବା ଭଳି ଅପରାଧକୁ ବିବେଚନା କରାଯାଇ ନ ଥିଲା। ୧୯୩୬ରେ ମାଡ୍ରାସର ସୁବିୟା ରୋଜାନ ଯେତେବେଳେ ନିଜର ସ୍ତ୍ରୀଙ୍କୁ ପିଟୁଥିଲେ ମଝିରେ ତାଙ୍କ ଶାଶୁ ତାଙ୍କୁ ଛଡ଼ାଇବାକୁ ଆସିଲେ। ସୁବିୟାଙ୍କ ମାଡ଼ରେ ତାଙ୍କ ଶାଶୁଙ୍କର ମୃତ୍ୟୁ ହେଲା। ଏହି ମାମଲାରେ ଅଦାଲତ ନିଷ୍ପତ୍ତି ଥିଲା ଯେ ସ୍ତ୍ରୀଙ୍କୁ ସ୍ୱାମୀ ବାଡ଼େଇପାରିବେ। ସେସନ୍ ଜଜ୍ ଓଲଟା ପୋଲିସ ଉପରେ ରାଗିଥିଲେ ଯେ ସ୍ତ୍ରୀଙ୍କୁ ପିଟିବାର ଅଭିଯୋଗ କାହିଁକି ସେ ସ୍ୱାମୀଙ୍କ ଉପରେ କଲେ। ଅବଶ୍ୟ ଉଚ୍ଚନ୍ୟାୟାଳୟ ସେସନ୍ ଜଜ୍‌ଙ୍କ କଥାରେ ହଁ ନ କରି କହିଥିଲେ ଯେ, ଏମିତି କୌଣସି ନିୟମ ନାହିଁ ଯେ ସ୍ୱାମୀ ଯେତେବେଳେ ଚାହିଁବେ ସ୍ତ୍ରୀଙ୍କୁ ବାଡ଼େଇପାରିବେ। ପରବର୍ତ୍ତୀ କାଳରେ ନାରୀ ପାଇଁ ବିଚାରଧାରାରେ ଅନେକ ଆଇନ ପ୍ରବର୍ତ୍ତିତ ହୋଇଛି।

### ବିଶ୍ୱ ମାନବ ଅଧିକାର ଦିବସ ଉପଲକ୍ଷେ




ସେହିଁଆଇନଗୁଡ଼ିକ ହେଉଛି ,ଫ୍ୟାକ୍ଟ୍ରି ଆଇନ (୧୯୪୮) : କଳକାରଖାନାରେ କାମ କରୁଥିବା ମହିଳାମାନଙ୍କ ସୁରକ୍ଷା ପାଇଁ ଏହି ବିଲ୍ ପ୍ରଣୟନ କରାଯାଇଛି। ଏହାଦ୍ୱାରା ମହିଳାମାନଙ୍କ ପାଇଁ ଶୌଚାଳୟ, ପିଇବା ପାଣି, ତାଙ୍କ ପିଲାମାନେ କିପରି ସୁରକ୍ଷିତ ରହିପାରିବେ ଓ କେମିତି ପରିବେଶରେ ରହିବେ ଦୃଷ୍ଟି ଦିଆଯିବ। ସ୍ପେଶାଲ୍ ମ୍ୟାରେଜ୍ ଆକ୍ଟ (୧୯୫୪) : ଏହି ଆଇନ ଅନୁସାରେ ଝିଅକୁ ବିବାହ ପାଇଁ ଅତିକମ୍‌ରେ ୧୮ବର୍ଷ ହେବା ଦରକାର। ଆଉ ସେ ନିଜ ଇଚ୍ଛାରେ ବିବାହ କରିପାରିବେ। ଯଦି ଚାହିଁବେ ଅନ୍ୟ ଜାତିରେ ମଧ୍ୟ ବିବାହ କରିପାରିବେ। ଚାଇଲ୍ଡ ଆଡ଼ପ୍ସନ ଆଣ୍ଡ ମେଣ୍ଟେନାନ୍ସ ଆକ୍ଟ (୧୯୫୬) : ଏହି ଆଇନ ଅନୁସାରେ ମାଆ ନିଜ ସନ୍ତାନର ଅଭିଭାବକ ହେବା ପାଇଁ ଦାବି କରିପାରିବ। ସ୍ୱାମୀ ତାକୁ ଛାଡ଼ି ଅନ୍ୟତ୍ର ରହୁଥିଲେ ସେ ସ୍ୱାମୀଙ୍କଠାରୁ ଭରଣପୋଷଣ ବାବଦରେ ତାଙ୍କ ରୋଜଗାରର ଏକ ତୃତୀୟାଂଶ ପାଇପାରିବେ। ସମ୍ପତ୍ତିଗତ ଅଧିକାର (୧୯୩୯) : ଝିଅ ଯଦି ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ହୋଇଥାଏ ତାହାହେଲେ ସେ ବାପଘରେ ରହିପାରିବେ। ହିନ୍ଦୁ ସକ୍‌ସେସନ୍ ଆକ୍ଟ (୧୯୫୬) : ଏହି ଆଇନ ଅନୁସାରେ ଝିଅପୁଅଙ୍କର ସମ୍ପତ୍ତି ଉପରେ ସମାନ ଅଧିକାର ରହିବ। ଅବଶ୍ୟ ଏହା କେବଳ ହିନ୍ଦୁ ଝିଅମାନଙ୍କ ପାଇଁ। ଯଦି ପଦୋନ୍ନତି ହେବାର ଥାଏ ତାହାହେଲେ ତାକୁ ରୋକାଯିବ ନାହିଁ। ତେବେ ଓଡ଼ିଶାରେ ଏକ ପ୍ରସୂତିକାଳୀନ ଛୁଟି ୩ ମାସ ଥିବା ବେଳେ ଅନ୍ୟ ରାଜ୍ୟରେ ୬ ମାସ ରହିଛି। ଏହି ଛୁଟି ସମୟ ସରକାରୀ ଓ ବେସରକାରୀ ସଂସ୍ଥାରେ କାମ କରୁଥିବା ମହିଳାମାନଙ୍କୁ ଦିଆଯିବ। ଦରମା ଅଧିକାର : ଏହି ଅଧିକାରରେ ନାରୀ ଓ ପୁରୁଷ ସମାନ ଦରମା ପାଇବେ। ଯେ କୌଣସି ସ୍ତରରେ କାମ କରୁଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ଏହି ଆଇନ ଲାଗୁ ହେବ। ଯୌତୁକ ବିରୋଧୀ ଆଇନ (୧୯୬୧) : ଏହି ଆଇନ ଅନୁସାରେ ଯୌତୁକ ନେବା ଓ ଦେବା ହେଉଛି ଉଭୟ ଅପରାଧ। ଏଥିରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ଦଣ୍ଡିତ ହେବେ। ଇଣ୍ଡିସେଣ୍ଟ ରିପ୍ରେଜେଣ୍ଟେଶନ୍ ଅଫ୍ ଓମେନ୍ (ପ୍ରୋହିବିଶନ୍ ଆକ୍ଟ) ୧୯୮୬) : ଏହି ଆଇନ ଅନୁସାରେ ନାରୀମାନଙ୍କୁ ଅଶ୍ଳୀଳ ଭାବରେ ଚିତ୍ରିତ କରାଯାଇପାରିବ ନାହିଁ। ଅଶ୍ଳୀଳ ଦ୍ୱିଅର୍ଥବୋଧକ ଗୀତ, ଖବରକାଗଜରେ ଅଶ୍ଳୀଳ ଫଟୋ ଛପାଗଲେ ଜେଲ ଜରିମାନା ସହିତ ଦଣ୍ଡ ବ୍ୟବସ୍ଥା ରହିଛି। ନ୍ୟାଶନାଲ୍ କମିଶନ ଅଫ୍ ଓମେନ୍ ଆକ୍ଟ (୧୯୯୦) : ଏହି ଆଇନ ଅନୁସାରେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଜାତୀୟ ଓ ରାଜ୍ୟସ୍ତରରେ ମହିଳା କମିଶନ ଖୋଲାଯାଇଛି। କନ୍ୟାଭ୍ରୂଣ ହତ୍ୟା ବିରୋଧୀ ଆଇନ (୨୦୦୨) : ଏହି ଆଇନ ଅନୁସାରେ କନ୍ୟାଭ୍ରୂଣ ନଷ୍ଟ କରିଥିବା ଡାକ୍ତରଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହିତ ସେମାନଙ୍କୁ ଜରିମାନା ଓ ଜେଲଦଣ୍ଡରେ ଦଣ୍ଡିତ କରାଯିବ। ପ୍ରୋଟେକ୍ଟ ଅଫ୍ ଓମେନ୍ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ (୨୦୦୫) : ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଥିଲେ ସ୍ୱାମୀ ସ୍ତ୍ରୀଙ୍କୁ ବାହାର କରିଦେଉଥିଲେ। ସ୍ତ୍ରୀ ଏକୁଟିଆ ବା ବାପଘରେ ଯାଇ ରହୁଥିଲେ। କିନ୍ତୁ ବର୍ତ୍ତମାନ ଆଇନ ଅନୁସାରେ ଛାଡ଼ପତ୍ର ନ ହେବା ପର୍ଯ୍ୟନ୍ତ ସ୍ତ୍ରୀଙ୍କୁ ସ୍ୱାମୀ ବା ତାଙ୍କ ପରିବାରର କେହି ବାହାର କରିପାରିବେ ନାହିଁ। କମ୍ପଲସରି ରେଜିଷ୍ଟ୍ରେଶନ୍ ଅଫ୍ ମ୍ୟାରେଜ ଆକ୍ଟ : କମ୍ ଦିନ ତଳେ ଏହି ଆଇନ ଲାଗୁ ହୋଇଛି, ଯେଉଁଥିରେ କି ବିବାହ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। କର୍ମଜୀବୀ ମହିଳା ୧୯୯୯ ରେ ହୋଇଥିବା ଏହି ଆଇନ ଅନୁସାରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଭୋଗୁଥିବା ମହିଳାମାନଙ୍କ ପାଇଁ ଅଭିଯୋଗ କମିଟି କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଇଥାଏ। ୨୦୦୪ରେ ପ୍ରଣୟନ କରାଯାଇଥିବା ଏକ ଆଇନ ଅନୁସାରେ ଯଦି ସ୍ୱାମୀଙ୍କର ଦୁଇଜଣ ସ୍ତ୍ରୀ ରହିବେ ତେବେ ଦ୍ୱିତୀୟ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କ ସମ୍ପତ୍ତିରୁ ଅଧିକାର ପାଇବା ସହିତ ତା'ର ପିଲାମାନେ ମଧ୍ୟ ସମ୍ପତ୍ତିରୁ ଅଧିକାର ପାଇପାରିବେ।

ମାନବ ଅଧିକାର କ୍ଷେତ୍ରରେ ମହିଳାମାନଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ସହ ପ୍ରତ୍ୟକ୍ଷ ଗଣତନ୍ତ୍ରରେ ସାମିଲ ପାଇଁ ସରକାର ସୁଯୋଗ ସୃଷ୍ଟି କରିଛନ୍ତି । ମହିଳାମାନଙ୍କ ମାନବ ଅଧିକାର ପ୍ରତିଷ୍ଠା ପାଇଁ ଗଣମାଧ୍ୟମରେ ସ୍ୱତନ୍ତ୍ର ରିପୋର୍ଟିଂ ହେଉଥିବାରୁ ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇପାରୁଛି। ତେଣୁ ମାନବ ଅଧିକାର ଦିବସ ଅବସରରେ ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ଭୂମିକାକୁ ସ୍ମରଣ କରିବାର ଦିନ।

**ବରିଷ୍ଠ ଆଇନଜୀବୀ,**
**ଓଡ଼ିଶା ହାଇକୋର୍ଟ, କଟକ**
soura999mohapatra@gmail.com

# ସାପ, ଶିଡ଼ି ଓ ଜୀବନ



ସୁପ୍ରଭା ବେହେରା

ଯେବେଠାରୁ ଦିନ, ଦଣ୍ଡ, ମାସ, ବର୍ଷର ପିଠିରେ ଆୟୁଷ ଶିଡ଼ି ଚଢ଼ି ଜୀବନ ଗଡ଼େ, ସେବେଠାରୁ ବୋଧହୁଏ ମଣିଷକୁ ଶିଡ଼ିର ମୋହ ମୋହାଚ୍ଛନ୍ନ କରେ। ମଣିଷକୁ ଭିତରୁ ଯେମିତି କିଏ ଜଣେ ଉସୁକାଉ ଥାଏ, ନା ଏଇଠି ନୁହଁ, ଆଉ ଟିକେ ଉପରକୁ ଚଢୁନୁ। ଆଉ ଟିକେ ଉପରେ ବସିଲେ ତୋତେ ସାଜିବ। କିନ୍ତୁ ସେଇ ଉପରଟା କେତେ ଉଚ୍ଚରେ, ଜୀବନ ସରିଯାଏ ପଛକେ ସେଇଟା ସ୍ଥିରୀକୃତ ହୋଇ ପାରେ ନାହିଁ। ମଣିଷ ସାରା ଜୀବନ ଅଣନିଃଶ୍ୱାସୀ ହୋଇ ଧାଇଁ ବୁଲେ, ଶିଡ଼ିର ଗୋଟିଏ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ। ଗୋଟିଏ ପାହାଚ ଅତିକ୍ରମ କରି ସେଇଠି ଛିଡ଼ା ହେଲେ, ତା' ପରର ପାହାଚ ପୁଣି ହାତ ଠାରି ଡାକେ। ସେ ପାହାଚରେ ଛିଡ଼ା ହେବାର ଲାଳସା ମନରେ ଜାଗେ। ତା' ପାଇଁ ମଣିଷ ପୁଣି ଚେଷ୍ଟାରେ ଲାଗିରହେ। ସତେକି ଆକାଶକୁ ଛୁଇଁବ ମଣିଷ। ଏଇ ମନ ନିତି ରାବଣ ପରି ସ୍ୱର୍ଗକୁ ନିଶୁଣି ବାନ୍ଧିବାର ସ୍ୱପ୍ନ ଦେଖୁଥାଏ।

ଜୀବନରେ ସଫଳତାର ଶିଡ଼ିର ମହତ୍ତ୍ୱ ବହୁତ ଅଧିକ। ନିଷ୍ଠା, ଉଦ୍ୟମ, ଧୈର୍ଯ୍ୟ, କଠିନ ପରିଶ୍ରମ, ସକାରାତ୍ମକ ମନୋବଳ, ଦୃଢ଼ ଆତ୍ମବିଶ୍ୱାସ ଏସବୁ ହେଉଛି ଶିଡ଼ିର ଗୋଟିଏ ଗୋଟିଏ ପାହାଚ। ଖୁବ୍ ଯତ୍ନର ସହ ଏସବୁକୁ ଯିଏ ଅତିକ୍ରମ କରେ, ଶିଡ଼ିର ଶେଷ ମୁଣ୍ଡରେ ସଫଳତା ଫୁଲମାଳ ଧରି ଅପେକ୍ଷା କରିଥାଏ। କିନ୍ତୁ ଆଜିର ମଣିଷ ପାଖରେ କାହିଁ ଏତେ ଧୈର୍ଯ୍ୟ, ? କାହିଁ ଏତେ ପ୍ରତୀକ୍ଷା ? ସେ ଚାହେଁ ପ୍ରଥମ ପାହାଚରେ ପାଦ, ତା'ପରେ ଶେଷ ପାହାଚ। ମଝି ପାହାଚକୁ ସେ ଲମ୍ଫ ପ୍ରଦାନ କରି ଡେଇଁବାକୁ ଚାହେଁ। ରାତାରାତି ସେ ବଡ଼ଲୋକ ହେବାକୁ ଚାହେଁ। ସେ ଶିଡ଼ିର ପାହାଚ ଅଲଗା ଉପାଦାନରେ ତିଆରି ହୋଇଥାଏ। ସେ ପାହାଚ ଶଠତା, ବିଶ୍ୱାସଘାତକତାର ସ୍ୟାହିରେ ଲେଖାଥାଏ। ଶିଡ଼ି ଚଢ଼ି ଉପର ପାହାଚରେ ବସିବାକୁ କାହାକୁ ଅବା ଭଲ ନ ଲାଗେ ? ତେଣୁ ଦପ୍ତର, ରାଜନୀତି, ସାହିତ୍ୟ, କଳା, ବିଜ୍ଞାନ ପ୍ରତ୍ୟେକ କ୍ଷେତ୍ରରେ ଚାଲେ ପ୍ରତିଯୋଗିତା। ମଣିଷ ଶିଡ଼ି ଚଢିବାକୁ ଯେତିକି ଉଦ୍ୟମ ନ କରେ, ଶିଡ଼ି ଚଢୁଥିବା ଲୋକର ଗୋଡ଼ ଟାଣିବାକୁ ସେତିକି ଚେଷ୍ଟା କରିଥାଏ। ଆମେ ଏବେ ଏମିତି ଏକ ମାନସିକତା ନେଇ ବସବାସ କରୁଛୁ, ଯେଉଁଠି ଜଣେ ଉପରକୁ ଗଲେ, ଅନ୍ୟ ଦଶଜଣଙ୍କୁ ଶକ୍ତ ମାନସିକ ଧକ୍କା ଲାଗିଥାଏ। ଏହି ସଂକ୍ରାମକ ରୋଗରେ ଗୋଟିଏ ସାହି, ଗାଁ କିମ୍ବା ସହର ଆକ୍ରାନ୍ତ ନୁହଁ। ବରଂ ସାରା ବିଶ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ। ମଣିଷ ଅନ୍ୟ ଜଣକୁ ଉପରକୁ ଚଢ଼ିବାକୁ ନ ଦେବାକୁ ରଚନା କରେ ହୀନ ଚକ୍ରାନ୍ତ। ବେଳେ ବେଳେ ହୀନ ଚକ୍ରାନ୍ତ ଏତେ କୁତ୍ସିତ ଥାଏ, ଭାବିବାକୁ ମଧ୍ୟ ଲଜ୍ଜା ଆସେ। ବୈଜ୍ଞାନିକ



ନମ୍ବି ନାରାୟଣଙ୍କ କଥା ବିଚାରକୁ ନିଆଯାଉ। ଭାରତୀୟ ମହାକାଶ ବିଜ୍ଞାନ ଅଧ୍ୟୟନ ସଂସ୍ଥା (ଆଇଏସ୍‌ଆର୍‌ଓ)ର କ୍ରାୟୋଜେନିକ ବିଭାଗର ଦାୟିତ୍ୱରେ ସେ କାର୍ଯ୍ୟରତ ଥିଲେ। ଯେତେବେଳେ ଆମେରିକାର କୂଟ ଚକ୍ରାନ୍ତରେ ରୁଷିଆ ଭାରତକୁ କ୍ରାୟୋଜେନିକ ଇଞ୍ଜିନ୍‌ର ଜ୍ଞାନ କୌଶଳ ବିକ୍ରି କରିବାକୁ ମନା କରିଦେଲା, ସେତେବେଳ ଭାରତୀୟ ମହାକାଶ ବିଜ୍ଞାନ ସଂସ୍ଥା ନିଜସ୍ୱ କ୍ରାୟୋଜେନିକ ଇଞ୍ଜିନ୍ ତିଆରିକରିବା ପାଇଁ ସିଦ୍ଧାନ୍ତ ନେଲା। କୁହାଯାଏ ଆମେରିକା ଚାହୁଁ ନ ଥିଲା ଭାରତ ଏହି ଜ୍ଞାନକୌଶଳରେ ଆଗକୁ ବଢୁ। ନିଜସ୍ୱ ନିର୍ମିତ କ୍ରାୟୋଜେନିକ ଇଞ୍ଜିନ୍‌ର ଜ୍ଞାନ କୌଶଳ ଭାରତକୁ ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ଦେଇପାରିଥା'ନ୍ତା। କିନ୍ତୁ ସେହି ଘୃଣ୍ୟ ମାନସିକତା ବ୍ୟକ୍ତି ବିଶେଷ ହେଉ ଅବା ଦେଶ କଥା ହେଉ ଶିଡ଼ିର ଉପରକୁ କାହାରିକୁ ଯିବାକୁ ଦେବା ନାହିଁ। ତା' ପୂର୍ବରୁ କଳେବଳେ କୌଶଳେ ତା' ଗୋଡ଼କୁ ତଳକୁ ତଳକୁ ଟାଣିବା। ନମ୍ବି ନାରାୟଣଙ୍କ କ୍ଷେତ୍ରରେ ତାହା ହିଁ ହୋଇଥିଲା। ତାଙ୍କୁ ଗୁପ୍ତଚର ବୃତ୍ତିରେ ଲିପ୍ତ ଥିବା ଦର୍ଶାଇ ଜେଲର କାଳକୋଠରି ମଧ୍ୟରେ ରଖି ଦିଆଗଲା। ଆଉ ଭାରତ କ୍ରାୟୋଜେନିକ ଇଞ୍ଜିନ୍ ନିର୍ମାଣ କ୍ଷେତ୍ରରେ ୧୦ ବର୍ଷ ପଛକୁ ଚାଲିଗଲା। ଏହା ପ୍ରତ୍ୟେକଟି ଭାରତୀୟ ପାଇଁ ଅତ୍ୟନ୍ତ ଦୁଃଖଦ ଘଟଣା, ଯାହାର କ୍ଷତି ଅପୂରଣୀୟ।

ଶିଡ଼ିର ମୂଳଟି ମାଟି ମଗ୍ନ କିନ୍ତୁ ତାହାର ପାହାଚଗୁଡ଼ିକ ଆକାଶ ମନସ୍କ। ସେଥିପାଇଁ ବୋଧହୁଏ ମଣିଷ ଯେତେବେଳେ ଗୋଟିଏ ଗୋଟିଏ ପାହାଚ ଚଢ଼ି ଚଢ଼ି ଯାଏ, ମାଟିଠାରୁ ସେତିକି ଦୂରେଇ ଦୂରେଇ ଯାଏ। ଯେତେ ଉପରକୁ ଯାଏ, ତଳ ପାହାଚର ଲୋକମାନେ ତାକୁ ସେତିକି ଛୋଟ ପ୍ରତୀୟମାନ ହୁଅନ୍ତି। ସେ ଭୁଲିଯାଏ ତାହାର ମୂଳଦୁଆକୁ। ଭୁଲିଯାଏ ମାଟିକୁ। ଭୁଲି ଯାଏ ସମ୍ପର୍କକୁ ସବୁ କିଛିକୁ। ତାକୁ ଖାଲି ନିଜର ଉଚ୍ଚତା ହିଁ ଦେଖାଯାଏ। ଧରା ତାହାକୁ ସରା ଭଳି ଦେଖାଯାଏ। ସେ ବୁଝେ ନାହିଁ ଦିନେ ତାକୁ ସେହି ମାଟିକୁ ଫେରିବାକୁ ହେବ। ଉପର ପାହାଚରେ ବସି, ଅହଂରେ ବୁଡି ଯାଏ। ସେ ବୁଝେ ନାହିଁ ଜୀବନ ସାପ ଓ ଶିଡ଼ିର ଖେଳ ମାତ୍ର। ଲୁଡୁର ଗୋଟି ଗଡ଼ି ଚାଲିଥାଏ। ତା' ସହିତ ଗଡ଼ି ଚାଲିଥାଏ ଜୀବନ, ଛାଇ ଆଲୁଅର ଖେଳ ଭଳି। କେବେ ଉପର, କେବେ ତଳ। କେବେ ସାପ, କେବେ ଶିଡ଼ି। ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର। ତା' ପରେ ମଣିଷର ଅନ୍ଧାରି ମନ ଗହ୍ୱରରେ କ'ଣ କମ୍ ସାପ ଅଛନ୍ତି। ଯେଉଁମାନେ ନିମିଷକରେ ଅହଂକାରୀ ମଣିଷର ସତ୍ତାକୁ ପାଟି ପାଖରେ ଗିଳି ଦେଇ, ଲାଞ୍ଜ ପାଖରେ କାଢ଼ି ଦିଅନ୍ତି। ସେଇ ସାପଟି ହେଉଛି ମଣିଷ ମନର ଲୋଭ ଓ ଆସକ୍ତି। କିଛି ଲୋକ ଶିଡ଼ିର ଉପର ପାହାଚରେ ଥା'ନ୍ତି, କିଛି ମଝିରେ ଆଉ କିଛି ତଳ ପାହାଚରେ। ଦୁନିଆରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଜାଣନ୍ତି ନାହିଁ ଶିଡ଼ି ବୋଲି କିଛି ଅଛି। ମଣିଷ ଶିଡ଼ି ଚଢୁ, କିନ୍ତୁ ଶିଡ଼ି ବୋଲି କିଛି ଅଛି ଜାଣି ନ ଥିବା ଭଳି ନିରୀହ ମଣିଷକୁ ପାହାଚ ନ କରୁ।

**ଭୁବନେଶ୍ୱର**
**ମୋ-୯୦୪୦୩୬୦୨୫୯**

## ଏଇ ଭାରତରେ

ବାଲ୍ୟ ବିବାହ କରିବା ପରେ ବାଲ୍ୟ ବିଧବା ପାଲଟିଯାଇଥିବା ଜଣେ ଝିଅ ନିଜର ଇଚ୍ଛାଶକ୍ତି ଓ ନିଷ୍ଠା ବଳରେ କିପରି ସଶକ୍ତ ହୋଇ ସମାଜସେବା କରିପାରେ ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଉତ୍ତରାଖଣ୍ଡରେ। ପିଥୋରଗଡ଼ ଗାଁରେ ଜନ୍ମିତ ବାସନ୍ତୀ ଦେବୀ ୧୨ବର୍ଷ ବୟସରେ ବାଲ୍ୟ ବିବାହ କରିଥିଲେ। ଦୁଇବର୍ଷ ପରେ ସେ ସ୍ୱାମୀଙ୍କୁ ହରାଇ ଅସହାୟ ହୋଇଯାଇଥିଲେ। ପରେ ତାଙ୍କୁ କୌସାନି ସ୍ଥିତ ଲକ୍ଷ୍ମୀ ଆଶ୍ରମକୁ ପଠାଇ ଦିଆଗଲା। ସେଠାରେ ସେ ପୁନର୍ବାର ତାଙ୍କ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ପଢ଼ିବା ସମୟରେ ସେ କୋଷି ନଦୀ ବିପଦରେ ଥିବା ବିଷୟ ଜାଣିବାକୁ ପାଇଥିଲେ। ଏହାର ଅବବାହିକାରେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ଯୋଗୁ ଏଭଳି ବିପଦ ଉପୁଜିବାରେ ଲାଗିଥିଲା। ଏହାକୁ ଲକ୍ଷ୍ୟକରି ବାସନ୍ତୀ ଆଖପାଖ ଗାଁକୁ ଯାଇ ମହିଳାମାନଙ୍କୁ କୋଷି ନଦୀ ସୁରକ୍ଷା ସମ୍ପର୍କରେ ଅବଗତ କରିବା ସହ ସେମାନଙ୍କୁ ତାଙ୍କ ଅଭିଯାନରେ ସାମିଲ କରିଥିଲେ। ତାଙ୍କ ଅଭିଯାନର ନାମ 'ସେଭ୍ କୋଷି ମୁଭ୍‌ମେଣ୍ଟ'। ଏହି ଅଭିଯାନକୁ ଏବେ ୨୦ ବର୍ଷ ପୂରିଗଲାଣି। ଇତିମଧ୍ୟରେ ସେ ୨୦୦ ଗାଁରୁ ଅନେକ ଶହ ମହିଳାଙ୍କୁ ଏକାଠି କରି କୋଷି ନଦୀ ଅବବାହିକାରେ ଗଛର ସୁରକ୍ଷା କରିବା ସହ ବୃକ୍ଷରୋପଣ କରୁଛନ୍ତି। ଏଥିପାଇଁ ତାଙ୍କୁ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୯୭

- ଉତ୍ତର ଚୀନର ଶାନକି ପ୍ରଦେଶରେ ଥିବା ତାଇୟୁଆନ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ରରୁ ଚୀନ ନିର୍ମିତ ଉପଗ୍ରହ ଉତ୍କ୍ଷେପଣ।
- ଇରାକର ଉତ୍ତରାଞ୍ଚଳ ପରିବେଲା ଅଞ୍ଚଳରେ ତୁର୍କୀ ସେନାବାହିନୀ ଇଲାକା କୁର୍ଦ୍ଦ ବାହିନୀର ସହାୟତାରେ ବଡ଼ ଧରଣର ଆକ୍ରମଣ କରିବା ଫଳରେ ୩୭ ବିଦ୍ରୋହୀ ନିହତ।
- ଜ୍ଞାନପୀଠ ପୁରସ୍କାର ବିଜେତା ଖ୍ୟାତନାମା ଲେଖକ ଡଃ ଶିବରାମ କରନ୍ତଙ୍କ ୯୬ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 6 | | | 5 | | | |
| | 1 | | 4 | | | | | |
| | | | | 8 | 9 | | 4 | |
| | | 4 | 9 | | | | 8 | |
| 9 | | | | 3 | | | | 4 |
| | | | | 6 | | | 5 | |
| | | | 2 | 9 | | | | |
| | | 1 | 8 | | | | | 6 |
| 5 | 8 | | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 9 | 8 | 4 | 2 | 7 | 6 | 1 |
| 7 | 4 | 1 | 6 | 3 | 5 | 8 | 2 | 9 |
| 8 | 6 | 2 | 9 | 1 | 7 | 5 | 3 | 4 |
| 2 | 9 | 8 | 1 | 7 | 6 | 4 | 5 | 3 |
| 4 | 1 | 3 | 5 | 2 | 8 | 9 | 7 | 6 |
| 6 | 5 | 7 | 4 | 9 | 3 | 1 | 8 | 2 |
| 3 | 8 | 4 | 7 | 6 | 1 | 2 | 9 | 5 |
| 1 | 7 | 6 | 2 | 5 | 9 | 3 | 4 | 8 |
| 9 | 2 | 5 | 3 | 8 | 4 | 6 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସିନେ ଜଗତରେ ଶୂନ୍ୟସ୍ଥାନ

ମହାଶୟ,

ସର୍ଜନଶୀଳା ଓ ସୃଜନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ ଝରଣା ଦାସ, ନିର୍ଝର ଝରଣା ରୂପେ ସୁର ସଙ୍ଗୀତ ଭରା କଳକଳ ଝଙ୍କାରରେ ଝଙ୍କୃତ ତାଙ୍କର 'ଏଇ ଭରା ଜହ୍ନରାତି ଝୁରା ମନ ଝରା ପ୍ରୀତି' ଦେଇ ସଦା ପ୍ରବାହିତ ହେଉଥିବେ। ଝରଣା ଦାସ ସିନେପ୍ରେମୀମାନଙ୍କ ହୃଦୟରେ ସଦାସର୍ବଦା ଜୀବିତ ରହିବେ। 'ଅମଡ଼ାବାଟ'ରେ ଆଦୌ ବୁଡ଼ି ନ ଯାଇ 'ସମୟ ବଡ଼ ବଳବାନ'ର 'ଭାଗ୍ୟଚକ୍ର' ମଧ୍ୟରେ କେବେ ଅସ୍ତମିତ ହେବେନାହିଁ ସେ 'ଅଦିନମେଘ'ରେ 'ମଲାଜହ୍ନ' ହୋଇ। ଏହି ଅଭିନେତ୍ରୀ ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ଡବଲ ରୋଲ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ମାୟା ଓ ଛାୟା ରୂପେ। ମିଳନ ସଦା ଅମଳିନ ଆସିବ ଫେରି ଯେତେଦିନ ପର୍ଯ୍ୟନ୍ତ ତାଙ୍କ କୃତି ଓ ଅଭିନୀତ ସିନେମା ପ୍ରଦର୍ଶିତ ହେଉଥିବ, ଆକାଶବାଣୀ ଏବଂ ଦୂରଦର୍ଶନରେ ତାଙ୍କ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିବ। ଅଫେରା ରାଇଜେ 'ଅଭିନେତ୍ରୀ' ସାଜି ଏକାକିନୀ ଗଲେଚାଲି କାହାକୁ ସେ ନଦେଇ ତାଙ୍କର 'କା' ପୂରଣ କରିବା ପାଇଁ ତାଙ୍କ ଅପୂରଣୀୟ ଶୂନ୍ୟସ୍ଥାନ। ଝରଣା ଦାସ ସାରସ୍ୱତ-ଅଭିନୟ କଳାର ସାଧନା ଓ ଆରାଧନାରେ ନୂତନ ଦିଗନ୍ତ ଆଣିବାରେ ସିଦ୍ଧିଲାଭ କରିଥିବା ଅମୃତ ଦୀପ୍ତି ସନ୍ତାନ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି-ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପଲେଇ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି

## ଭିଜିଲାନ୍ସ ତଦନ୍ତ ଦାବିରେ ବିକ୍ଷୋଭ

କେନ୍ଦ୍ରାପଡ଼ା ଅଫିସ,୯।୧୨

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ପଲେଇ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ଦୁର୍ନୀତି ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ ଦାବିରେ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅନଶନ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିକ୍ଷୋଭକାରୀଙ୍କ ସହିତ ଉପଜିଲାପାଳ ନିରଞ୍ଜନ ବେହେରା ଆଲୋଚନା କରି ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ଏ ସମ୍ପର୍କରେ ପଞ୍ଚାୟତର ଘନଶ୍ୟାମ ଜେନା, ବିକାଶ ଜେନା, ଜଗବନ୍ଧୁ ଜେନା, ନାରାୟଣ ବାରିକ ପ୍ରମୁଖ କହିଛନ୍ତି, ଗତ ୨୦୨୧ ଫେବୃଆରୀରେ ସବଲଙ୍ଗ କଣିପଡା ଅଞ୍ଚଳରେ କେତେକ ଉନ୍ନୟନ କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟକାରୀ ହୋଇଥିଲା । ଏଥିରେ କାମ କରିଥିବା ଶ୍ରମିକଙ୍କୁ ମଜୁରୀ ମିଳି ନ ଥିବା ବେଳେ ଅନ୍ୟ କେତେଜଣ ବ୍ୟକ୍ତି ମଜୁରୀ ପାଇଥିବା ମଷ୍ଟର ରୋଲରେ ଦେଖିବାକୁ ମିଳିଛି। ସେହିପରି ପଞ୍ଚାୟତର ଉନ୍ନୟନ ଅର୍ଥକୁ କେତେକ ପ୍ରକଳ୍ପ ନାମରେ ଆତ୍ମସାତ୍ କରାଯାଇଛି । ଫଳରେ ଆବଶ୍ୟକ ପ୍ରକଳ୍ପଗୁଡିକ ପୁନର୍ବାର ହେବା ସମ୍ଭବ ନୁହେଁ। ଏହାର ଭିଜିଲାନ୍ସ ତଦନ୍ତ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଶ୍ରମିକଙ୍କୁ କ୍ଷତିପୂରଣ ଦିଆଯିବା ପାଇଁ ଏହି ଅନଶନ ଆରମ୍ଭ ହୋଇଛି।



ପଞ୍ଚାୟତବାସୀ ଧାରଣାରେ ବସିଛନ୍ତି।


## ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ, ନୂଆଦିଲ୍ଲୀ

ବିଜ୍ଞାପନ ସଂ. ଆଇସିଏମ୍‌ଆର୍/ଡିଆଇଆର୍/ଏନ୍‌ଆଇଭି/୨୦୨୨/୩-ପିଆଇଆର୍‌ଏସ୍.

### ଖାଲିପଦବୀ ଇସ୍ତାହାର

ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୩୧।୧୨।୨୦୨୨

ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ (ଆଇସିଏମ୍‌ଆର୍), ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଙ୍ଗଠନ ଆଇସିଏମ୍‌ଆର୍-ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ପୁଣେରେ ଲେଭଲ ୧୪ର ବେତନ ମାଟ୍ରିକ୍ସ (ଟ.୧,୪୪,୨୦୦-୨,୧୮,୨୦୦) (୭ମ ସିପିସି ସ୍କେଲ୍) ଏବଂ ଆଇସିଏମ୍‌ଆର୍ କର୍ମଚାରୀଙ୍କ ପାଇଁ ଅନୁମତିଯୋଗ୍ୟ ସ୍ୱାଭାବିକ ଭତ୍ତାରେ ନିର୍ଦ୍ଦେଶକ ପଦବୀ ନିମନ୍ତେ ୩୧ ଡିସେମ୍ବର, ୨୦୨୨ ୫.୩୦ ଘଟିକା ସୁଦ୍ଧା ଦରଖାସ୍ତ(ଗୁଡ଼ିକ) ଆହ୍ୱାନ କରୁଛି ।
ସବିଶେଷ ବିଜ୍ଞାପନ ପାଇଁ, ଦୟାକରି ଆଇସିଏମ୍‌ଆର୍ ୱେବ୍‌ସାଇଟ୍ www.icmr.nic.in କିମ୍ବା https://recruit.icmr.org.in ପରିଦର୍ଶନ କରନ୍ତୁ ।

CBC 17152/12/0024/2223 ସ୍ୱା./- ସହକାରୀ ମହାନିର୍ଦ୍ଦେଶକ (ପ୍ରଶାସନ)



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: 43/ET/SBP/ENGG/2022-23 ତା.07.12.2022ରିଖ

(1) ଇ-ଟେଣ୍ଡର ସଂ.: 41-eT-DENW-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନରେ ପୋଲ ନଂ.77 UP, ପୋଲ ନଂ.242 UP, 254 UP, 257 UP ଏବଂ 325 UP ରେ H-ବିମ୍ ସ୍ଲିପର ଦ୍ୱାରା 1259 ଗୋଟି ଷ୍ଟିଲ ସ୍ଲିପର ନବୀକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 3,03,77, 801.47
ବିଡ୍ ସିକ୍ୟୁରିଟି(ଟଙ୍କାରେ): 3,01,900/-

(2)ଇ-ଟେଣ୍ଡର ସଂ.: 36-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ହାତୀବାରି-ଝୁଝୁମୁରା ସେକ୍ସନରେ କି.ମି.32.00 ଠାରୁ କି.ମି. କି.ମି.34.00(SL) ଏବଂ କି.ମି.35.275 ଠାରୁ କି.ମି. କି.ମି.38.00(SL) ପର୍ଯ୍ୟନ୍ତ 4.725 Tkm ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ (ପ୍ରାଥମିକ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,03,73, 703.34
ବିଡ୍ ସିକ୍ୟୁରିଟି(ଟଙ୍କାରେ): 2,01,900/-

(3) ଇ-ଟେଣ୍ଡର ସଂ.: 37-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ପରିସୀମା ଅଧୀନସ୍ଥ ଲପଙ୍ଗା, ରେଙ୍ଗାଲି ଏବଂ ବୃନ୍ଦାମାଳ ଷ୍ଟେସନଗୁଡ଼ିକ ଠାରେ ବିଦ୍ୟୁତ୍ କାର୍ଯ୍ୟଗୁଡ଼ିକ ସହିତ ସଡ଼କର ମରାମତି ଏବଂ ପରିଚାଳନା କ୍ଷେତ୍ର, ପାର୍କିଙ୍ଗ୍ ସ୍ଥାନ, ପରିସର ପାଚେରୀର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,64,89, 440.95
ବିଡ୍ ସିକ୍ୟୁରିଟି(ଟଙ୍କାରେ): 2,32,500/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 08 (ଆଠ) ମାସ (କ୍ରମ ସଂ.3 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.01.2023ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର
PR-795/N/22-23


# ୮ ଦଫା ଦାବି ନେଇ ବିଇଓଙ୍କୁ ଭେଟିଲା ଶିକ୍ଷକ ସଂଘ

ବିଞ୍ଝାରପୁର,୯।୧୨(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ୍ ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ଆବାହକ ତଥା ବିଞ୍ଝାରପୁର ଓଷ୍ଟାର ସମ୍ପାଦକ ଭରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଓଷ୍ଟାର ସଭ୍ୟ ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ସଦସ୍ୟ ପୀତାମ୍ବର ସ୍ୱାଇଁ, ସହସମ୍ପାଦକ ମୀନକେତନ ପୁହାଣ, ରାଜ୍ୟ ପରିଷଦ ସଭ୍ୟ ସରୋଜ କୁମାର ଜେନା, ସର୍ବେଶ୍ୱର ରାଉତ, ଶରତ ଚନ୍ଦ୍ର ପରିଡ଼ା, ବିଶ୍ୱମ୍ବର ମଲ୍ଲିକ, ରଶ୍ମିରଞ୍ଜନ ବେହେରା, ସଞ୍ଜୀବ କୁମାର ସମାଲ, ରଶ୍ମିରଞ୍ଜନ ଓଝା ଓ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଚକାତଳେ ଚାପିହୋଇ ଶ୍ରମିକଙ୍କ ମୃତ୍ୟୁ

**ଧର୍ମଶାଳା,୯।୧୨(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରଥିଆ ଛକ ନିକଟରେ ଟ୍ରାକ୍ଟର ଚକାତଳେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ମୟୂରଭଞ୍ଜ ଜିଲା ସରଙ୍ଗଡ଼ା ଥାନା ଉଦୁବେଗା ଅଞ୍ଚଳର ରଘୁମଣି ଚାତରଙ୍କ ପୁଅ ଗେଡୁ ଚାତର(୨୧)। ଗେଡୁ ତରାପୁର ଅଞ୍ଚଳରେ ରହି ବିଭିନ୍ନ ସ୍ଥାନରେ ଶ୍ରମିକ ଭାବେ କାମ କରୁଥିଲେ। ସେ ଶୁକ୍ରବାର ତରାପୁର ଗ୍ରାମର କାହ୍ନୁଚରଣ ଦାସଙ୍କ ସ୍କୁଟର ପଛରେ ବସି ରଥିଆ ଛକକୁ ଆସୁଥିବା ବେଳେ ଜାତୀୟ ରାଜପଥରେ ଏକ ବୁଲେଟ ସହ ସ୍କୁଟି ଧକ୍କା ହୋଇଥିଲା। ଫଳରେ ଗେଡୁ ସ୍କୁଟିରୁ ତଳେ ପଡିଯାଇଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍କୁଟି ଚାଳକ ଆହତ ହୋଇଛନ୍ତି। ଧର୍ମଶାଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ମେଡିକାଲକୁ ପଠାଇଛି। ଏନେଇ ଥାନାରେ ନଂ.୬୭୪/୨୨ରେ ଏକ ମାମଲା ରୁଜୁ ହୋଇଛି।

# ସାପ କାମୁଡ଼ାରେ ଛେଳି ଚରାଳିଙ୍କ ମୃତ୍ୟୁ

ଧର୍ମଶାଳା, ୯।୧୨ (ଡି.ଏନ.ଏ.)

ଧର୍ମଶାଳା ଥାନା ଗଙ୍ଗାଧରପୁର ପଞ୍ଚାୟତ ବାଗଡ଼ା ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ସୁରଥ ଭୋଇ(୫୬)। ଗ୍ରାମ ନିକଟସ୍ଥ ପଡ଼ିଆରେ ଛେଳି ଚରାଉଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଏକ ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ଯାଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୪୪/୨୨ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପଠାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲଭ୍ଲି


@ ଗୁରୁ କୃଷ୍ଣ


@ କାହ୍ନୁ ଚରଣ


@ ରେନି


ଏଫ୍.ନଂ. ଏନ୍-୨୨୦୬/୮୯/୨୦୨୨-ଏନ୍‌ଆଇ

## ଭାରତ ସରକାର
## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
## ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ

ରୁମ୍ ନଂ. ୫୧୭, ୫ମ ମହଲା, ଅନ୍ତ୍ୟୋଦୟ ଭବନ, ସିଜିଓ କମ୍ପ୍ଲେକ୍ସ, ନୂଆଦିଲ୍ଲୀ ୧୧୦୦୦୩

### ଜାତୀୟ ଅନୁଷ୍ଠାନଗୁଡ଼ିକରେ ନିର୍ଦ୍ଦେଶକଙ୍କ ନିଯୁକ୍ତି

ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ, ଭାରତ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଥିବା ୦୭ଟି ଜାତୀୟ ଅନୁଷ୍ଠାନ (ସ୍ୱୟଂଶାସିତ ନିକାଶ)ର ନିର୍ଦ୍ଦେଶକ ପଦବୀ ପାଇଁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି । ପଦବୀ ଡେପୁଟେଶନ୍/ଠିକା ଭିତ୍ତିରେ ପୂରଣ କରାଯିବ ଏବଂ ଡେପୁଟେଶନ ପାଇଁ ବେତନ ମାଟ୍ରିକ୍ସର ବେତନ ସ୍ତର ୧୩ (ଟ.୧୨୩୧୦୦-୨୧୫୯୦୦) ଏବଂ ଠିକା ଭିତ୍ତି ପାଇଁ ମାସିକ ଟ.୧,୭୫,୦୦୦/-ର ଏକତ୍ରିତ ପାରିଶ୍ରମିକ ଦିଆଯିବ ।
୨. ସବିଶେଷ ବିଜ୍ଞାପନ ବିଭାଗର ୱେବ୍‌ସାଇଟ୍ https://disabilityaffairs.gov.in ତଥା ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକର ୱେବ୍‌ସାଇଟ୍‌ରେ ଉପଲବ୍ଧ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ପ୍ରକାଶନ ତାରିଖଠାରୁ ୪୫ ଦିନ ।

(ନବୀନ କୁମାର)
ଅନୁସଚିବ, ଭାରତ ସରକାର
CBC 38117/11/0046/2223



DSPL - 361

## ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
## Odisha Real Estate Regulatory Authority

ORERA

### ସାବଧାନ ! ଠକାମିର ଶିକାର ହୋଇପାରନ୍ତି ଆପଣ !

### ସ୍ୱପ୍ନର ଘର କିମ୍ବା ଜାଗା କିଣିବା ପୂର୍ବରୁ ଏହି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ

- ରେରା ଆଇନ {Real Estate (Regulation and Development) Act,2016}ର ଧାରା 3 ଅନୁଯାୟୀ ଓଡ଼ିଶା ରେରା(Odisha Real Estate Regulatory Authority)ଙ୍କ ନିକଟରେ କୌଣସି ଉଦ୍ୟୋକ୍ତା(promoter) ସ୍ଥାବର ସମ୍ପତ୍ତି ପ୍ରକଳ୍ପ(real estate project)ର ପ୍ରାକ୍ ପଞ୍ଜିକରଣ ନ କରି ଜାଗା, ଆପାର୍ଟମେଣ୍ଟ କିମ୍ବା ଗୃହ ସମ୍ପର୍କିତ ବିଜ୍ଞାପନ, ବିପଣନ, ବିକ୍ରୟ କରିପାରିବେ ନାହିଁ ।
- ଯେଉଁ କ୍ଷେତ୍ରରେ ଉନ୍ନତିକରଣ(development) ପାଇଁ ପ୍ରସ୍ତାବିତ ଜାଗାର ଆକାର 500 ବର୍ଗ ମିଟରରୁ ଅଧିକ ନୁହେଁ କିମ୍ବା ପ୍ରସ୍ତାବିତ ଆପାର୍ଟମେଣ୍ଟ ସଂଖ୍ୟା ୮ରୁ ଅଧିକ ନୁହେଁ, ସେ କ୍ଷେତ୍ରରେ ପଞ୍ଜିକରଣର ଆବଶ୍ୟକତା ନାହିଁ ।
- କୌଣସି ଉଦ୍ୟୋକ୍ତା/ନିର୍ମାଣକାରୀ ସଂସ୍ଥାରୁ ଉପରୋକ୍ତ ନିୟମ ପରିସରଭୁକ୍ତ ଜମି କିମ୍ବା ଘର ବିନା ରେରା ପଞ୍ଜିକରଣରେ କିଣନ୍ତୁ ନାହିଁ ।
- ସହରାଞ୍ଚଳ ପ୍ରକଳ୍ପ ଏବଂ ଗ୍ରାମାଞ୍ଚଳ ପ୍ରକଳ୍ପ ପାଇଁ ସମ୍ପୃକ୍ତ କ୍ଷମତାପନ୍ନ ପ୍ଲାନ୍ ଅନୁମୋଦନକାରୀ ସଂସ୍ଥାରୁ ଅନୁମତି ପ୍ରାପ୍ତି ପରେ ରେରା ପଞ୍ଜିକରଣ ପାଇଁ ଆବେଦନ କରିବା ଆବଶ୍ୟକ ।
- ରେରା ଆଇନ କାର୍ଯ୍ୟକାରୀ ହେବା ଦିନ (ତା 01.05.2017 ରିଖ)ଠାରୁ ବିକ୍ରୟ ପାଇଁ ଉଦ୍ଦିଷ୍ଟ ସମସ୍ତ ଅସଂପୂର୍ଣ୍ଣ ଥିବା ପ୍ରକଳ୍ପ ଏବଂ ନୂତନ ଆପାର୍ଟମେଣ୍ଟ, ଗୃହ କିମ୍ବା ଜାଗା ସମ୍ପର୍କିତ ପ୍ରକଳ୍ପ ରେରା ନିକଟରେ ପଞ୍ଜିକରଣ ବାଧ୍ୟତାମୂଳକ ଅଟେ ।
- ପ୍ରସ୍ତାବିତ ପ୍ରକଳ୍ପ ଠିକ୍ ସମୟରେ ସଂପୂର୍ଣ୍ଣ ନହେବା, ଚୁକ୍ତି ମୁତାବକ ପ୍ରକଳ୍ପରେ ଆବଶ୍ୟକ ସୁବିଧା ସୁଯୋଗ ନଦେବା କିମ୍ବା ବିକ୍ରେତା ଅଧିକ ଅର୍ଥ ଦାବି କଲେ ଗ୍ରାହକ ରେରାରେ ଅଭିଯୋଗ କରିପାରିବେ ।
- ରେରା ୱେବସାଇଟ www.rera.odisha.gov.inରୁ ଆଶାୟୀ ଗ୍ରାହକମାନେ ପଞ୍ଜିକୃତ ଗୃହ ନିର୍ମାଣ ପ୍ରକଳ୍ପ ବିଷୟରେ ଆବଶ୍ୟକୀୟ ସମସ୍ତ ତଥ୍ୟ ପାଇପାରିବେ ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0001/2223

BLOCK-A1, 3rd Floor, Toshali Bhawan, Satya Nagar, Bhubaneswar-751007



## राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर
(परमाणु ऊर्जा विभाग, भारत सरकार के अधीन एक स्वायत्त संस्थान)
## NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR
(AN AUTONOMOUS INSTITUTE UNDER DEPT. OF ATOMIC ENERGY, GOVT. OF INDIA)
पो:-जटनी, जिला-खुर्दा, पिन-752050 / PO-Jatni, Dist- Khurda, Pin-752050, वेबसाइट/Website: www. niser.ac.in

विज्ञापन संख्या/ Advt. No. : FA-Rct./NA/02/2022

### चिकित्सा अधिकारी के लिए विज्ञापन / Advertisement for Medical Officer

स्वास्थ्य केंद्र, नाइसर में वैज्ञानिक अधिकारी 'सी' के पद पर भर्ती के लिए पात्र भारतीय नागरिकों से आवेदन आमंत्रित किए जाते हैं। Applications are invited from eligible Indian citizens for recruitment in the position of Scientific Officer 'C' in the Health Centre, NISER.

| क्र.सं./ S.N | वेतन के साथ पद Positions with Pay | आवश्यक योग्यता और अनुभव / Required Qualification & experience | श्रेणी Category | आयु Age | रिक्तियां Vacancies |
|---|---|---|---|---|---|
| 1 | वैज्ञानिक अधिकारी 'सी' (मेडिकल प्रैक्टिशनर) Scientific Officer 'C' (Medical Practitioner), लेवल / Level - 10 इंडेक्स नंबर / Index No. - 1 मूल वेतन / Basic Pay- 56100/- | योग्यता : एमबीबीएस। अनुभव : अपेक्षित योग्यता प्राप्त करने के बाद 50 से अधिक बिस्तरों वाले प्रतिष्ठित अस्पताल में एक वर्ष का अनुभव। / Qualification: MBBS, Experience: One year of experience in reputed hospital with more than 50 beds after obtaining requisite qualification. | अन्य पिछड़ा वर्ग / OBC | 40 वर्ष / years | 01 (एक/One) |

संक्षेप में उल्लिखित उपरोक्त पात्रता मानदंडों को पूरा करने वाले आवेदकों को केवल ऑनलाइन (www.niser.ac.in) आवेदन करना चाहिए। ऑनलाइन आवेदन करने की अंतिम तिथि 31/01/2023 है। विज्ञापन के सभी पहलुओं के पूर्ण विवरण के लिए, उम्मीदवारों से अनुरोध है कि वे एनआईएसईआर वेब साइट (http://www.niser.ac.in) पर विज्ञापन का पालन करें।/
Applicants fulfilling the above eligibility criteria mentioned in brief should apply ONLINE (www.niser.ac.in) only. The last date for applying online is 31/01/2023. For full details of all the aspects of the advertisement, candidates are requested to follow the advertisement at NISER web site (http://www.niser.ac.in).

निदेशक / DIRECTOR



## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ୨ୟ ମହଲା, ବିଜୟ ଭବନ, ଇଞ୍ଜିନିୟରିଂ ସ୍କୁଲ ରୋଡ୍, ଡି-ପଲ୍ ସ୍କୁଲ୍ କ୍ୟାମ୍ପସ, ବ୍ରହ୍ମପୁର-୭୬୦୦୧୦

### ଗହଣା ନିଲାମ ବିକ୍ରୟ ବିଜ୍ଞପ୍ତି

ନିମ୍ନଲିଖିତ ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ନିମ୍ନଲିଖିତ ଋଣଗ୍ରହୀତାମାନେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକରଖି ଋଣ ନେଇଛନ୍ତି । ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ସୁନା ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ନିଲାମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ତତ୍‌ପରବର୍ତ୍ତୀ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ସହିତ ପରିଶୋଧ ନ କରନ୍ତି ତେବେ ସେମାନେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ସ୍ଥିର କରାଯାଇଥିବା ନିମ୍ନଦର୍ଶିତ ତାରିଖରେ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବ୍ୟାଙ୍କ ଏ ସମ୍ବନ୍ଧୀୟ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ଦାୟୀ ହେବନାହିଁ ଏବଂ ଯଦି କିଛି ବକେୟା ରହିଯାଏ ତାହା ଆଇନ ଅନୁସାରେ ଋଣଗ୍ରହୀତାଙ୍କ ଠାରୁ ଆଦାୟ କରାଯିବ ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ଋଣ ତାରିଖ | ଋଣଗ୍ରହୀତାମାନଙ୍କ ନାମ | ବର୍ତ୍ତମାନ ବକେୟା ରାଶି ଟଙ୍କାରେ | ସୁନା ମୋଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|---|
| ଚର୍ଚ୍ଚ ରୋଡ୍ ଶାଖା - ମୋ.: ୯୭୭୭୮୬୦୪୦୦ | | | | | |
| ୧ | ୧୭୨୯୦୩୪୬୨୦୦୦୨୦୪ | ୧୬.୦୭.୨୦୨୦ | ମହେଶ ପ୍ରସନ ରଥ | ୯୧,୮୦୮.୦୦ | ୩୦.୯ |
| ୨ | ୧୭୨୯୦୩୪୬୨୦୦୦୨୨୦ | ୧୯.୦୮.୨୦୨୦ | ଶିବା ପି ପାଢ଼ୀ | ୩,୪୦,୩୬୫.୦୦ | ୮୩.୧ |
| ୩ | ୧୭୨୯୦୩୪୬୨୦୦୦୨୨୮ | ୨୪.୦୮.୨୦୨୦ | ଶିବା ପି ପାଢ଼ୀ | ୩,୧୪,୩୭୮.୦୦ | ୭୧.୨ |
| ୪ | ୧୭୨୯୦୩୪୬୨୦୦୦୨୯୨ | ୦୫.୦୧.୨୦୨୧ | ପି ହରିପ୍ରିୟା | ୩୩,୪୮୨.୦୦ | ୧୨.୧ |
| ୫ | ୧୭୨୯୦୩୪୬୨୦୦୦୩୧୨ | ୦୯.୦୩.୨୦୨୧ | ଅଲବାଇ ସୁନୀତା ନାୟୁଡୁ | ୧,୫୨,୦୮୨.୦୦ | ୫୪.୯ |
| ୬ | ୧୭୨୯୦୩୧୩୨୦୦୦୧୪୧ | ୩୧.୦୫.୨୦୨୧ | ଏକାଦଶୀ ସାହୁ | ୩,୦୭୦.୦୦ | ୧.୬ |
| ୭ | ୧୭୨୯୦୩୧୩୨୦୦୦୧୬୨ | ୨୫.୦୬.୨୦୨୧ | ଏ ଭାରାଲକ୍ଷ୍ମୀ | ୨୮,୪୨୨.୦୦ | ୧୧.୭ |
| କୁକୁଡ଼ାଖଣ୍ଡି ଶାଖା - ମୋ.: ୯୮୬୧୦୫୮୬୬୮ | | | | | |
| ୧ | ୦୬୨୬୦୩୨୧୪୦୦୦୦୮୫ | ୧୦.୦୩.୨୦୨୨ | ମୁଦଡ଼ା ଗଣପତି | ୧,୧୫,୭୬୨.୦୦ | ୩୪.୮ |
| ୨ | ୦୬୨୬୦୩୪୬୨୦୦୨୦୧୮ | ୦୫.୧୦.୨୦୨୦ | ସମୀର କୁମାର ପଟ୍ଟନାୟକ | ୧,୦୧,୧୨୦.୭୨ | ୨୪.୨ |
| ୩ | ୦୬୨୬୦୩୪୬୨୦୦୨୧୬୧ | ୦୪.୧୨.୨୦୨୦ | ଟି କୁନି | ୧,୫୪,୫୨୬.୫୨ | ୪୨.୫ |
| ୪ | ୦୬୨୬୦୩୨୧୪୦୦୦୧୩୫ | ୧୪.୦୬.୨୦୨୨ | ଗୀତାଞ୍ଜଳି ଜେନା | ୬୪,୫୮୮.୦୦ | ୨୨.୬ |
| ୫ | ୦୬୨୬୦୩୨୧୪୦୦୦୧୩୪ | ୧୪.୦୬.୨୦୨୨ | ଗୀତାଞ୍ଜଳି ଜେନା | ୧,୯୦,୧୪୬.୦୦ | ୫୫.୬ |
| ୬ | ୦୬୨୬୦୩୪୬୨୦୦୧୯୬୧ | ୦୮.୦୯.୨୦୨୦ | ଗୀତାଞ୍ଜଳି ଜେନା | ୧,୩୮,୮୭୫.୯୮ | ୩୭.୩ |
| ଯେକେପୁର ଶାଖା - ମୋ.: ୭୦୭୭୫୬୨୩୪୦ | | | | | |
| ୧ | ୪୬୨୦୦୨୯୯୮ | ୨୨.୦୯.୨୦୨୦ | ସୁସ୍ମିତା ସ୍ୱାଇଁ | ୭୫,୩୭୫.୧୦ | ୧୭.୩ |
| ପାନପୋଷ ଶାଖା - ମୋ.: ୯୩୪୮୫୧୮୨୬୯ | | | | | |
| ୧ | ୨୩୯୬୦୩୪୬୨୦୦୦୦୫୧ | ୨୨.୦୩.୨୦୨୨ | ମନୋଜ କୁମାର ପୁଷ୍ଟି | ୨୯,୬୫୮.୦୦ | ୯.୯ |

ନିଲାମ ତାରିଖ: ୨୭.୧୨.୨୦୨୨
ନିଲାମ ସ୍ଥାନ: ସମ୍ପୃକ୍ତ ଶାଖା ପରିସରରେ | ସମୟ: ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା

**ନିଲାମର ସମସ୍ତ ନିୟମ ଏବଂ ସର୍ତ୍ତ:**
୧) ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟପତ୍ର ଏବଂ ଠିକଣା ପ୍ରମାଣପତ୍ର ସହିତ ଉପସ୍ଥିତ ରହିବେ । ୨) ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାରଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି / ଅଭିଯୋଗ / ଦାବି ନିଲାମପରେ ପ୍ରଶୟ ଦିଆଯିବ ନାହିଁ । ୩) ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି ଟ.୧୦,୦୦୦/- (ଦଶ ହଜାର ଟଙ୍କା) କ୍ୟାସ୍ / ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ । ୪) ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ । ୫) ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ । ୬) ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତ କରାଯିବ । ୭) ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ୭ ଦିନ ମଧ୍ୟରେ ଅଳଙ୍କାର ହସ୍ତାନ୍ତରିତ କରାଯିବ । ୮) ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି / ଅଭିଯୋଗ / ବିବାଦକୁ ପ୍ରଶ୍ରୟ ଦିଆଯିବ ନାହିଁ । ୯) ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ । ୧୦) ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ । ୧୧) ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ । ୧୨) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ଅଳଙ୍କାର କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ / ବାତିଲ / ସ୍ଥଗିତ / ରଦ୍ଦ / ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ । ୧୩) ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ । ୧୪) ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ । ୧୫) ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ **ସମ୍ପୃକ୍ତ ଶାଖା** କିମ୍ବା **କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁରର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କୁ ଯୋଗାଯୋଗ କରିପାରିବେ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୯.୧୨.୨୦୨୨ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ସୁଙ୍ଗୁଡ଼ା ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ଚଣ୍ଡିଖୋଲ,୯।୧୨(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଙ୍ଗୁଡ଼ା ସମିତିସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ, କ୍ରୀଡ଼ାବିତ୍ ଚିତ୍ତରଞ୍ଜନ ରାୟ ଓ ସୁଧୀର ସାମଲ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଅନିଲ କୁମାର ଦାସ ସଭା ସଞ୍ଚାଳନା କରିଥିଲେ। ଉତ୍ସବକୁ ବିଦ୍ୟା ମନ୍ଦିର ଗୁରୁମା ନିରିଶା ସାମଲ, ବାସନ୍ତି ଜେନା, କ୍ରିଷ୍ଣାରାଣୀ ଜେନା, ବନ୍ଦିତା ପରିଡ଼ା, ଶୁଚିସ୍ମିତା ସିଂହ, ସ୍ମୃତିପ୍ରଭା ବ୍ରହ୍ମ ଓ ହେନା ରାଉତ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଧାନଆଚାର୍ଯ୍ୟା ସନ୍ଧ୍ୟାରାଣୀ ବ୍ରହ୍ମ ଧନ୍ୟବାଦ ଦେଇଥିଲେ। ଶନିବାର ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କାର ବିତରଣ କରାଯିବ।

### ବ୍ୟବସାୟୀଙ୍କ ପରଲୋକ

**ରସୁଲପୁର,୯।୧୨(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ପ୍ରତିଷ୍ଠିତ ବ୍ୟବସାୟୀ କହ୍ନେଇ ସାହୁଙ୍କ ପରଲୋକ ହୋଇଛି। ଏହି ଖବର ପ୍ରଚାରିତ ହେବାପରେ ବଜାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଜାରର ବହୁ ବ୍ୟବସାୟୀ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ତାଙ୍କ କୁଆଖିଆସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁ ଖବରରେ ବଜାରର ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିଲା। ସାହୁ ଏକାଧାରରେ ଜଣେ ପରୋପକାରୀ, ଅମାୟିକ, ଧାର୍ମିକ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ସେ କୁଆଖିଆ ବଜାର ପ୍ରତିଷ୍ଠାତା ବ୍ୟବସାୟୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ବଜାରର ଉନ୍ନତି ଦିଗରେ ତାଙ୍କର ବହୁ ଅବଦାନ ରହିଥିଲା। ମରଶରୀରକୁ ଏକ ଶୋଭାଯାତ୍ରାରେ କୁଆଖିଆ ବଜାର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟବେଳେ ସାହୁଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରା ବୋହୂ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**କଳିଙ୍ଗନଗର,୯।୧୨(ଡି.ଏନ.ଏ.):** କଳିଙ୍ଗନଗର-ଯାଜପୁରରୋଡ୍ ମୁଖ୍ୟ ରାସ୍ତାର ସିଙ୍ଗାଗାଡ଼ିଆ ଛକ ନିକଟରେ ଟିପ୍ପର ଧକ୍କାରେ ଗୁରୁତର ହୋଇଥିବା ୨ ଯୁବକଙ୍କ ମଧ୍ୟରୁ ଜଣକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଉତ୍ତରପ୍ରଦେଶ ଆଲାହାବାଦର ଚୁନି ଲାଲଙ୍କ ପୁଅ ଲାଲା ଲାଲ। ଗୁରୁତର ଜଣକ ଆଲାହାବାଦର ଜାଖିରାମ ବୋଲି ଦାନଗଦି ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ୨ ପଥଚାରୀ ଗୁରୁତର ହୋଇଥିଲେ। ଦାନଗଦି ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏନେଇ ନଂ.୬୩୨/୨୨ରେ ମାମଲା ରୁଜୁ ହୋଇଛି। ଟିପ୍ପର ନଂ. ଓଆର୍-୦୯-ଏନ୍-୫୭୦୬ଟି ଡୁବୁରୀ ଯାଉଥିବାବେଳେ ସିଙ୍ଗାଗାଡ଼ିଆ ଛକ ନିକଟରେ ଲାଲା ଏବଂ ଜାଖୀରମକୁ ଧକ୍କା ଦେଇଥିଲା। ଦୁର୍ଘଟଣାଗ୍ରସ୍ତ ଟିପ୍ପରକୁ ପୋଲିସ ଜବତ କରିଛି।

# ଦୁର୍ବଳ ଭିତ୍ତିଭୂମି ମାଟି ପରୀକ୍ଷାରେ ବାଧକ

## ରସୁଲପୁର ବ୍ଲକରେ ୪ ଚାଷୀଙ୍କୁ ମିଳିଛି ମୃତ୍ତିକା କାର୍ଡ



**ରସୁଲପୁର,୯।୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକରେ ୨୦୨୨-୨୩ କୃଷି ବର୍ଷରେ ୪ ଚାଷୀଙ୍କୁ ମିଳିଛି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ। ଗତ ସୋମବାର ଯାଜପୁର ଜିଲାସ୍ତରୀୟ ବିଶ୍ୱସ୍ତରୀୟ ମୃତ୍ତିକା ଦିବସ ପାଳନ ଅବସରରେ ଏହି କାର୍ଡ ପ୍ରଦାନ କରାଯାଇଛି। ହେଲେ ଉକ୍ତ ଚାଷୀଙ୍କୁ କାର୍ଡର ଉପଯୋଗିତା ଓ ସେମାନଙ୍କ କ୍ଷେତ ମାଟିରେ ରହିଥିବା ଅଭାବ ଅସୁବିଧା ସମ୍ପର୍କରେ ଅବଗତ କରାଯାଇନାହିଁ। ଏ ଦିଗରେ ଚାଷୀ ସଚେତନତାକୁ ବ୍ୟାପକ କରାଯିବା ଆବଶ୍ୟକତା ରହିଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଉଛି। ଏଭଳି ସ୍ଥିତିରେ ଯାଜପୁର ରସୁଲପୁର ବ୍ଲକରେ ସଚେତନତା କାର୍ଯ୍ୟକ୍ରମକୁ କେବଳ ସଭାସମିତି ମଧ୍ୟରେ ସୀମିତ ରଖାଯାଇଛି। ବ୍ଲକସ୍ତରରେ ମୃତ୍ତିକା ଦିବସର ତାତ୍ପର୍ଯ୍ୟକୁ ଚାଷୀ ବୁଝି ପାରୁନାହାନ୍ତି। ଏଥିପାଇଁ ବ୍ଲକ କୃଷି ଅଧିକାରୀ ଓ ସେମାନଙ୍କ ଅଧସ୍ତନ କର୍ମଚାରୀ ତତ୍ପରତା ପ୍ରକାଶ କରୁନାହାନ୍ତି। ଫଳରେ ମାଟିର ସ୍ୱାସ୍ଥ୍ୟ ବିଗିଡିବାରେ ଲାଗୁଛି। ଚାଷୀ ମାଟିର ଉର୍ବରତା ସମ୍ପର୍କରେ ଅଜ୍ଞ ରହୁଥିବାରୁ ମାଟି ଉପଯୋଗୀ ଫସଲ ଚାଷ କରି ପାରୁନାହାନ୍ତି। ଫସଲ କ୍ଷେତ ନାନା ପ୍ରକାର ରୋଗର ଶିକାର ହେଉଥିବାର ଦେଖାଯାଉଛି। ପରିଣାମ ସ୍ୱରୂପ ଚାଷୀଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡୁଛି।

ପ୍ରତ୍ୟେକ ବ୍ଲକରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମାଟି ସଂଗ୍ରହ ଗାଡ଼ି ବୁଲୁଛି। ଉକ୍ତ ବ୍ଲକକୁ କୃଷି ମାନଚିତ୍ରରେ ୧୫୦୦ରୁ ଉର୍ଦ୍ଧ୍ୱ ଗ୍ରୀଡ୍‌ରେ ବିଭକ୍ତ କରାଯାଇଛି। ୩ବର୍ଷରେ ସମସ୍ତ ଗ୍ରୀଡ୍‌ରୁ ମାଟି ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯିବ। ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟସ୍ଥିତ ପରୀକ୍ଷାଗାରରେ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚାଷୀଙ୍କୁ ମାଟି ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ। ସେହି ମୁତାବକ ଚଳିତବର୍ଷ ଏହି ବ୍ଲକ ଅଞ୍ଚଳରୁ ଅନ୍ୟୂନ୍ ୫୦୦ ଗ୍ରୀଡ୍‌ରୁ ମାଟି ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏବେ ସୁଦ୍ଧା ୩୦୦ଗ୍ରୀଡ୍‌ରୁ ମାଟି ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୪ ଚାଷୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। ଏହି ପରିସଂଖ୍ୟାନକୁ ହିସାବକୁ ନେଲେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷାକୁ ନେଇ କୃଷି ବିଭାଗ କେତେ ତତ୍ପର ତାହା ସ୍ପଷ୍ଟ ବୁଝାପଡୁଛି। ତେଣେ ମୃତ୍ତିକା ସଂଗ୍ରହ ବର୍ଷବର୍ଷ ଧରି ଚାଲିଛି। ହେଲେ ମାଟିର ସ୍ୱାସ୍ଥ୍ୟ କାର୍ଡ ଚାଷୀଙ୍କୁ ମିଳିପାରୁନାହିଁ। କାଳିଆ ଓ ପିଏମ୍ କିଷାନ ଯୋଜନାରେ ବ୍ଲକ ଅଞ୍ଚଳରୁ ୨୫ହଜାରରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହେଉଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ଏକ ଅଙ୍କ ବିଶିଷ୍ଟ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ମିଳିବା ଏକ ନୈରାଶ୍ୟଜନକ ପ୍ରଦର୍ଶନ ବୋଲି କୁହାଯାଇପାରିବ। ତେବେ ଏ ଦିଗରେ ତ୍ରୁଟି କେଉଁଠି ରହୁଛି ସେନେଇ ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ମୃତ୍ତିକା ଦିବସରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିବା ଏକ ଔପଚାରିକତା। ଚାଷୀଙ୍କୁ ମାଟି ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବାର ସମୟସୀମା ନାହିଁ। ମୃତ୍ତିକା ପରୀକ୍ଷାଗାରର ଦୁର୍ବଳ ଭିତ୍ତିଭୂମି ଓ ଏଜେନ୍ସି ପାଇଁ ମାଟି ପରୀକ୍ଷା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ସରକାରୀସ୍ତରରେ ଗୁରୁତ୍ୱ ଦିଆଗଲେ ସ୍ଥିତିରେ ସୁଧାର ଆସିପାରିବ। ଅନ୍ୟପକ୍ଷରେ ମୃତ୍ତିକା ଦିବସକୁ ଜିଲାସ୍ତରରେ ପାଳନକୁ ସୀମିତ ରଖା ନ ଯାଇ ଏହାକୁ ପଞ୍ଚାୟତସ୍ତରରେ ଆୟୋଜନ କରାଯିବାର ଆବଶ୍ୟକତା ରହିଛି। ଏଥିସହ ମୃତ୍ତିକାର ସ୍ୱାସ୍ଥ୍ୟ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇବା ଦରକାର। କେଉଁ ଫସଲ ଚାଷ ହେବାପରେ ମାଟିରେ କେଉଁ ପ୍ରକାର ଖାଦ୍ୟସାର ଅଧିକ ପରିମାଣ ବଢି ଯାଇଥାଏ ଓ ଉକ୍ତ ଜମିରେ କେଉଁ ପ୍ରକାର ଫସଲ ଚାଷ କଲେ ଚାଷୀ ଲାଭବାନ ହୋଇପାରିବେ ସେ ଦିଗରେ ଅଧିକାଂଶ ଚାଷୀ ଅଜ୍ଞ ଅଛନ୍ତି। ସେ ନେଇ ଚାଷୀମାନଙ୍କୁ ସଚେତନ କରାଇବା ପାଇଁ ଅଗ୍ରଣୀ ଚାଷୀ କେଦାର ଦେଓ, ପରମାନନ୍ଦ ଆଏଚ, ସଞ୍ଜୟ ରାଉତ ଓ ଶଶିଭୂଷଣ ବେହେରା ପ୍ରମୁଖ ଦାବି କରିଛନ୍ତି।

# ଅକ୍ଷୟଙ୍କୁ ଦିବ୍ୟାଙ୍ଗ ଥିଏଟର କଳାକାର ସମ୍ମାନ



ଅତିଥିଙ୍କଠାରୁ କଳାକାର ଅକ୍ଷୟ ଚରଣ ପୃଷ୍ଟି ପୁରସ୍କାର ଗ୍ରହଣ କରୁଛନ୍ତି।

**ଯାଜପୁର ଟାଉନ,୯।୧୨(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଦ୍ୱାରା ଦିବ୍ୟାଙ୍ଗ ଥିଏଟର କଳାକାର ସମ୍ମାନ-୨୦୨୨ ଉତ୍ସବ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଓ କଳା ଅନୁଷ୍ଠାନ ଆହ୍ୱାନର କଳାକାର ଅକ୍ଷୟ ଚରଣ ପୃଷ୍ଟିଙ୍କୁ ଏହି ସମ୍ମାନ ମିଳିଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଭାଗୀୟ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କୁ ସମ୍ମାନ ସ୍ୱରୂପ ୨୫ ହଜାର ଟଙ୍କାର ଚେକ୍, ମାନପତ୍ର ଓ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ଅକ୍ଷୟ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ନାଟକ ଓ ଅନେକ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କୁ ଏହି ପୁରସ୍କାର ମିଳିବା ଅବସରରେ ଏକ ସମ୍ବର୍ଦ୍ଧନା ସଭା ଆହ୍ୱାନର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରାୟ ୫୦ କଳାକାର ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଯାଜପୁରର ଉପପୌରପାଳ ସନ୍ତୋଷ ମଲ୍ଲିକ, ଆହ୍ୱାନ ସମ୍ପାଦକ ବିଶ୍ୱଜିତ ସାହୁ, ଦିନଚର୍ଯ୍ୟାର ସମ୍ପାଦକ ତପନ ମହାରଣ୍ୟ ଶର୍ମା, ଜୟଦେବ ରାଉତ, ପ୍ରଦୀପ ମିଶ୍ର, ତାପସ ଜେନା, ତିଳୋତ୍ତମା ଜେନା, ଜୟଦେବ ରାଉତ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁବାସ ଚନ୍ଦ୍ର ମହାପାତ୍ର, ନଟବର ଜେନା, ଦିଲୀପ କୁମାର ନନ୍ଦ, ଦିଲୀପ ଦାଶ, ରଞ୍ଜୁ ସାହା, ସତ୍ୟଜିତ ସାହୁ, ଅରୁଣ ମହାପାତ୍ର ଓ ପଞ୍ଚାନନ ପାଣି ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଆବଶ୍ୟକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଚଣ୍ଡିଖୋଲ କୋର୍ଟର ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

**ଚଣ୍ଡିଖୋଲ,୯।୧୨(ଡି.ଏନ୍.ଏ.)**

ସରକାର ଏବେ କେବଳ ଜିଲା ନୁହେଁ ବ୍ଲକ୍‌ୱାରୀ କୋର୍ଟ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଶହଶହ କୋର୍ଟ ଖୋଲିଲେ ଜନସାଧାରଣଙ୍କ ଲାଭ ହେବ ନାହିଁ। ଯେଉଁମାନେ କୋର୍ଟକୁ ଆସୁଛନ୍ତି ସେମାନେ ତୁରନ୍ତ ନ୍ୟାୟ ପାଇବା ଦରକାର। ଆଇନଜୀବୀମାନେ ମାମଲାଗୁଡ଼ିକୁ ନ ଗଡ଼ାଇ ତ୍ୱରିତ ସମାଧାନ କରିବା ସହ କୋର୍ଟରୁ କେସ୍ ଗୁଡ଼ିକ କମାଇବା ଆବଶ୍ୟକ। ନ୍ୟାୟ ହୁଏତ ପ୍ରମାଣ ଥିବା ବ୍ୟକ୍ତି ବିଶେଷ ସପକ୍ଷରେ ଯାଇପାରେ। କିନ୍ତୁ ନ୍ୟାୟିକ ନିକିତି କହୁଛି ଏଠାରେ ଉଭୟ ପକ୍ଷ ନ୍ୟାୟ ପାଇଥାନ୍ତି। ସେଥିପାଇଁ କୋର୍ଟକୁ ଆସୁଥିବା ମାମଲାଗୁଡ଼ିକୁ ନ ଗଡ଼ାଇ ତୁରନ୍ତ ସମାଧାନ ଓ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଆଇନଜୀବୀ ଏବଂ ବିଚାରପତି ଧ୍ୟାନ ଦେବା ଆବଶ୍ୟକ ବୋଲି ଚଣ୍ଡିଖୋଲ କୋର୍ଟର ୧୬ତମ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପନୀ ଦିବସରେ ଓଡ଼ିଶା ହାଇକୋର୍ଟର ଜଷ୍ଟିସ ବିଶ୍ୱନାଥ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି।

୪ଦିନ ଧରି ଚାଲିଥିବା ଏହି ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜଷ୍ଟିସ୍ ରଥ ମୁଖ୍ୟଅତିଥି ହୋଇଥିବାବେଳେ ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ଦୌରାଜଜ୍ ଦାମୋଦର ରଥ ଏବଂ ମୁଖ୍ୟବକ୍ତା ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଚଣ୍ଡିଖୋଲରେ ଖୁବ୍‌ଶୀଘ୍ର ଅତିରିକ୍ତ ଦୌରାଜଜ୍ କୋର୍ଟ ଖୋଲିବ ବୋଲି ପ୍ରକାଶ କରିଥିଲେ।

୧୬ବର୍ଷ ଭିତରେ ଏଠାରେ ୨ଜଣ ଜେଏମ୍‌ଏଫ୍‌ସି ଓ ଜଣେ ସବ୍‌ଜଜ୍ ରହି ନ୍ୟାୟିକ ପ୍ରକ୍ରିୟାକୁ ଆଗେଇ ନେଇଛନ୍ତି। କୋର୍ଟର ସମସ୍ତ ଆଇନଜୀବୀ ମହକିଲଙ୍କୁ ସହଯୋଗ କରି ମାମଲାଗୁଡ଼ିକୁ ଶୀଘ୍ର ସାରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ଗୋପାଳକୃଷ୍ଣ ମହାନ୍ତି ଓ ବିଶିଷ୍ଟ ଅଭିନେତା ତଥା ଆଇନଜୀବୀ ଜର୍ଜ ତିଆଡ଼ି ଯୋଗ ଦେଇଥିଲେ। ବାର୍ ଆସୋସିଏଶନ ସମ୍ପାଦକ ପ୍ରକାଶ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କିରବା ସହ ଧନ୍ୟବାଦ ଦେଇଥିଲେ।

# ଏମ୍‌ସିସି ଯାଜପୁର ବିଜୟୀ

## ଯାଜପୁର ଜିଲା ଜୁନିୟର୍ ଆନ୍ତଃ କ୍ଲବ୍ କ୍ରିକେଟ୍

**ଯାଜପୁର ଟାଉନ,୯।୧୨(ଡି.ଏନ୍.ଏ.)**

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଓ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ମିଳିତ ଉଦ୍ୟମରେ ନାଥସାହି ନୂଆପଡ଼ା ଖେଳ ପଡ଼ିଆଠାରେ ଜିଲା ଜୁନିୟର୍ ଆନ୍ତଃକ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ଚତୁର୍ଥ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌କୁ ଆଞ୍ଚଳିକ ମହାବିଦ୍ୟାଳୟ (ନାଥ ସାହି)ର ଅଧ୍ୟକ୍ଷ ଅଶୋକ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚ୍ ଏମ୍.ସି.ସି. ଯାଜପୁର ଓ ଏସ୍‌ସିଏ ବାରାଗାଡ଼ିଆ ଟିମ୍ ମଧ୍ୟରେ ହୋଇଥିଲା। ଏମ୍‌ସିସି ଯାଜପୁର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏମ୍‌ସିସି ଯାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ୍ ୫୦ଓଭର ଖେଳି ସମସ୍ତ ୭ ଉଇକେଟ୍ ହରାଇ ୪୨୩ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏମ୍‌ଡି ସୋହେଲ୍ ଖାନ୍ ୧୫୯ଟି ବଲ୍ ଖେଳି ୨୧୯ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ ଓ ସରୋଜ ରାଉତ ୩୬ଟି ବଲ୍ ଖେଳି ୬୨ରନ୍ ସଂଗ୍ରହ କରିଥିଲେ। ଏସ୍‌ସିଏ ବାରାଗାଡ଼ିଆର ବୋଲର ଏମ୍.ଡି. ସୋହେବ୍ ଖାନ୍ ୧୦ଓଭର ବୋଲିଂ କରି ୭୮ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବ୍‌ରେ ଏସ୍.ସି.ଏ ବାରାଗାଡ଼ିଆ ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ମାତ୍ର ୧୪୩ରନ୍ ସଂଗ୍ରହ କରି ଏମ୍‌ସିସି ଯାଜପୁରଠାରୁ ପରାସ୍ତ ହୋଇଥିଲା। ଏମ୍‌ସିସି ଦଳ ପକ୍ଷରୁ ବୋଲ୍‌ର ବିଭୂତି ଭୂଷଣ ଭୂୟାଁ ୧୦ ଓଭର ବୋଲିଂ କରି ୨୨ ରନ୍ ଦେଇ ୩ଟି ଉଇକେଟ୍ ନେଇଥିବା ବେଳେ ପ୍ରକାଶ ବୋଇତେଇ ୭ଓଭର ବୋଲିଂ କରି ୩୬ରନ୍ ଦେଇ ୪ ଉଇକେଟ୍ ଅକ୍ତିଆର୍ କରିଥିଲେ। ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ଏମ୍.ଡି ସୋହେଲ୍ ଖାନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ୍ସକ୍ୟାଡର ଶିକ୍ଷକଙ୍କ ଦାବିପତ୍ର




ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଧର୍ମଶାଳା,୯।୧୨(ଡି.ଏନ.ଏ.)**

ରାଜ୍ୟ ପ୍ରାଥମିକ ଏକ୍ସ କ୍ୟାଡର ଶିକ୍ଷକ ମହାସଂଘର ନିର୍ଦ୍ଦେଶକ୍ରମେ ଧର୍ମଶାଳା ଶାଖା ପକ୍ଷରୁ ଧର୍ମଶାଳା ବିଇଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ପ୍ରାୟ ୩ ହଜାର ଗଣଶିକ୍ଷକ ବିଭିନ୍ନ ସ୍କୁଲରେ ଶିକ୍ଷାଦାନ କରୁଥିବା ବେଳେ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନେ ନିୟମିତ ଶିକ୍ଷକ ଭାବେ ପରିଗଣିତ ହେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏକ୍ସ କ୍ୟାଡର ଉଚ୍ଛେଦ, ଓଟିଇଟି ଉଚ୍ଛେଦ, ସିଟି ପାସ କରି ରେଗୁଲାର ଶିକ୍ଷକରୁ ବଞ୍ଚିତ ଶିକ୍ଷକଙ୍କୁ ରେଗୁଲାର, ମାର୍ଚ୍ଚରୁ ବନ୍ଦ ହୋଇଥିବା ଇନକ୍ରିମେଣ୍ଟ ପ୍ରଦାନ ଆଦି ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଧର୍ମଶାଳା ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅରୁଣ କୁମାର ଦାସ, ରମେଶ ଦାସ, ଦିଲୀପ କୁମାର ପାତ୍ର, ମେଘନାଦ ପାତ୍ର, ସ୍ମୃତିରଞ୍ଜନ ସାହାଣୀ, ପ୍ରବୀର କୁମାର ବାରିକ, ପ୍ରମୋଦ କୁମାର ବରାଳ, ଚିତ୍ରସେନ ବଳ, ସନ୍ତୋଷ ପ୍ରଧାନ, କୁଳମଣି ସାହୁ, ସଂଘମିତ୍ରା ନାଥ, ପୁଷ୍ପଲତା ସାହୁ, ମିନକେତନ ରାଉତ ପ୍ରମୁଖ ବହୁ ଶିକ୍ଷୟିତ୍ରୀଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଶିକ୍ଷକମାନେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଇବା ସହ ଦାବିଗୁଡ଼ିକୁ ସରକାର ମାନିନେବା ଦାବି କରିଛନ୍ତି।

# ଚାନ୍ଦୁଆ ଶିଳ୍ପ ଦ୍ୱାରା ମହିଳା ସ୍ୱାବଲମ୍ବୀ ହୋଇପାରିବେ



ଶିଳ୍ପୀ ତାଲିମ କେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଅରଙ୍ଗାବାଦରେ ଶିଳ୍ପୀ ଗ୍ରାମ ଯୋଜନାର ଚାନ୍ଦୁଆ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଧର୍ମଶାଳା,୯।୧୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ମହିଳାଙ୍କ ଆବଶ୍ୟକତାକୁ ଆଖିଆଗରେ ରଖି ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ବିଭାଗ ପକ୍ଷରୁ ଶିଳ୍ପୀ ଗ୍ରାମ ଯୋଜନାର ଚାନ୍ଦୁଆ ତାଲିମ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଏବଂ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ କାର୍ଯ୍ୟାଳୟ ଯାଜପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଯାଜପୁର ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଚାନ୍ଦୁଆ ଶିଳ୍ପ ଦ୍ୱାରା ମହିଳା ସ୍ୱାବଲମ୍ବନ ଶୀଳ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ମହିଳା ବିକାଶ କେନ୍ଦ୍ର ଉପଦେଷ୍ଟା ତଥା ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ବୈଠକରେ ଅଧ୍ୟକ୍ଷତା କରି ଗ୍ରାମାଞ୍ଚଳ ମହିଳାଙ୍କ ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ପ୍ରଶଂସା କରିବା ସହିତ ଏଥିରେ ସାମିଲ ହେବା ପାଇଁ ମହିଳାଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ହସ୍ତଶିଳ୍ପ ବିକାଶ ଅଧିକାରୀ କମଳ ଲୋଚନ ସାହୁ, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତରଶିଳ୍ପୀ ମହେଶ୍ୱର ଓଝା, ମିର୍ଜାପୁର ସମିତିସଭ୍ୟା ମିତା ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିପୁଣ ଶିଳ୍ପୀ ଆରତି ମହାକୁଡ ଏବଂ ସୀମା ପଣ୍ଡା ମଞ୍ଚାସୀନ ଥିଲେ। ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ମା’ ବିମଳା ମହିଳା ବିକାଶ କେନ୍ଦ୍ର ଏବଂ ମା’ ଶାରଳା ମହିଳା ବିକାଶ କେନ୍ଦ୍ରର ୩୦ ସଦସ୍ୟା ତାଲିମ ନେବାପାଇଁ ମନୋନୀତ ହୋଇଥିଲେ। ଯୁବ ସଂଗଠକ ରବିନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ୨୧ ବର୍ଷ ଧରି ଖଣି ଶ୍ରମିକ ପ୍ରାପ୍ୟରୁ ବଞ୍ଚିତ

**କଳିଙ୍ଗନଗର,୯।୧୨(ଡି.ଏନ୍.ଏ.)**

## ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଯାଜପୁର ଜିଲା ସୁକିନ୍ଦା ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର କଲରଙ୍ଗୀ କ୍ରୋମାଇଟ ଖଣି ଶ୍ରମିକମାନେ ଆଜି ବି କାନ୍ଦୁଛନ୍ତି। ସୁକିନ୍ଦା ଉପତ୍ୟକାରେ ମାଳ ମାଳ କ୍ରୋମାଇଟ ଖଣିରୁ ଉତ୍ପାଦିତ କ୍ରୋମ ପଥର ପାଇଁ ୨୩ଟି ଦେଶ ସମେତ ଭାରତ, ଓଡ଼ିଶାର ରାଜକୋଷକୁ ବିପୁଳ ଟଙ୍କା ମିଳୁଛି। ମାଲାମାଲ ହେଉଛନ୍ତି ଖଣି ମାଲିକମାନେ। କିନ୍ତୁ ସେମାନଙ୍କ ପାଇଁ ଦିନରାତି ଖଟୁଥିବା ଶ୍ରମିକମାନଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି। ୨୦୦୧ ନଭେମ୍ବର ପହିଲାରୁ ଖଣି କାମରୁ ଶ୍ରମିକମାନଙ୍କୁ ବନ୍ଦ କରାଯାଇଛି। ଏପର୍ଯ୍ୟନ୍ତ ସେମାନଙ୍କ ହକ୍ ପ୍ରାପ୍ୟ ୫୦ କୋଟି ଟଙ୍କା ଖଣି ନିଗମ ଦେବାରେ ନାଁ ଗନ୍ଧ ଧରୁନାହିଁ। ଶାସନକଳର ଷଡ଼ଯନ୍ତ୍ରର ଶିକାର କଲରଙ୍ଗୀ କ୍ରୋମାଇଟ ଖଣି ଶ୍ରମିକଙ୍କ ପାଇଁ ବ୍ରହ୍ମାସ୍ତ୍ର ଭଳି ପ୍ରଭାବୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ବିଶିଷ୍ଟ ଶ୍ରମିକନେତା ମାୟାଧର ନାୟକ ଶୁକ୍ରବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି।

ନାୟକ କହିଛନ୍ତି, ଦୈତାରୀ ଖଣିରେ ବାଘ ମଲା। କିନ୍ତୁ ଏହାକୁ କଲରଙ୍ଗୀରେ ବାଘ ମରିଛି ବୋଲି କହି ଓଏମ୍‌ସି ଅଫିସର ଜଣେ ରାଜନେତାଙ୍କ ପ୍ରରୋଚନାରେ ଜଙ୍ଗଲ ଓ ପରିବେଶ ବିଭାଗକୁ ସୁପାରିସ କଲେ। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ବଳରେ କଲରଙ୍ଗୀ ଖଣିଖନନ ସ୍ଥଗିତ ରଖିବାକୁ ୧୯୯୮ରେ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଗଲା। ଫଳରେ ପାଖାପାଖି ୭୦୦ ଖଣି ଶ୍ରମିକ କାମ ନ କରି ବସିରହିଲେ। ଶ୍ରମିକମାନଙ୍କର କୌଣସି ଦୋଷ ନ ଥିବାରୁ ସେତେବେଳେ ସୁକିନ୍ଦା ଉପତ୍ୟକା ମାଇନ୍ସ ୱାର୍କର୍ସ ୟୁନିୟନ ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଗଲା। ଓଏମ୍‌ସି ବିନା କାମରେ ଶ୍ରମିକମାନଙ୍କୁ ୩ ବର୍ଷ ଧରି ଦରମା ଦେବାକୁ ବାଧ ହେଲେ। ପରେ ଓଏମ୍‌ସି ଦମନମୂଳକ କାର୍ଯ୍ୟ ଆରମ୍ଭ କରି ଖଣିଶ୍ରମିକମାନଙ୍କୁ ପ୍ରାୟ ୧୫୦ କିଲୋମିଟର ଦୂର ବଡବିଲ ଜୋନକୁ ବଦଳି କଲା। ଏନେଇ ୟୁନିୟନ ପକ୍ଷରୁ ହାଇକୋର୍ଟରେ ମକଦ୍ଦମା କରାଗଲା। ନିୟମାନୁଯାୟୀ ଖଣିଶ୍ରମିକମାନଙ୍କୁ ୮ କିଲୋମିଟର ଦୂର ପର୍ଯ୍ୟନ୍ତ ବଦଳି କରାଯାଇପାରିବ ବୋଲି ହାଇକୋର୍ଟଙ୍କ ରାୟରେ କୁହାଗଲା। ଅର୍ଥାତ୍ ଓଏମ୍‌ସି ଆଦେଶ ବେଆଇନ ବୋଲି ସେଥିରେ ସ୍ପଷ୍ଟ ହେଲା। କିନ୍ତୁ ହାଇକୋର୍ଟଙ୍କ ଆଦେଶକୁ ଓଏମ୍‌ସି ବେଖାତିର କଲା। ଫଳରେ କୌଣସି ଶ୍ରମିକ ବଦଳି ସ୍ଥାନକୁ ଗଲେ ନାହିଁ। ୨୦୦୧ ନଭେମ୍ବର ପହିଲାରେ ଓଏମ୍‌ସି ପକ୍ଷରୁ ୩ ବର୍ଷ ଧରି ଦିଆଯାଉଥିବା ମାସିକ ମଜୁରି/ଦରମା ଅଚାନକ ବନ୍ଦ କରିଦିଆଗଲା। ଖଣି ବନ୍ଦ ନୋଟିସ ଦିଆଯାଇନାହିଁ। ଏହା ବିରୋଧରେ ୟୁନିୟନ ପକ୍ଷରୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଛ’ମାସ ଭିତରେ ଖଣି ଖୋଲି ଶ୍ରମିକମାନଙ୍କୁ କାମଦେବାକୁ ଓଏମ୍‌ସିକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଗଲା। ଏଥିରେ ମଧ୍ୟ ଓଏମ୍‌ସି କର୍ଣ୍ଣପାତ କଲାନାହିଁ। ୟୁନିୟନ ପକ୍ଷରୁ ରାଜ୍ୟପାଳଙ୍କଠାରେ ମଧ୍ୟ ଅଭିଯୋଗ କରାଗଲା। ରାଜଧାନୀରେ ଖଣିଶ୍ରମିକମାନେ ଧାରଣା ମଧ୍ୟ ଦେଇଛନ୍ତି। ୨୧ ବର୍ଷ ହେଲା ଆନ୍ଦୋଳନ, ବିକ୍ଷୋଭ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଖଣି ଖୋଲିଲା ନାହିଁ। ଖଣି ଶ୍ରମିକମାନେ ମାସକୁ ହାରାହାରି ୧୭ ଲକ୍ଷ ଟଙ୍କା ମଜୁରି ପାଉଥିଲେ। ଏବେ ସେମାନେ ଦୁର୍ଦ୍ଦିନ ମଧ୍ୟରେ କାଳାତିପାତ କରୁଛନ୍ତି। ତେଣୁ ଏବେ ବଡ଼ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର



ରାଜନଗର,୯।୧୨(ଡି.ଏନ.ଏ.): ରାଜନଗର ବ୍ଲକ ହାତିନା ପଞ୍ଚାୟତ କଏଥା ଗାଁର ଚାଷୀ ସୁବ୍ରତ ବାରିକ (୪୨) ସୋମବାର ଜଙ୍ଗଲୀ ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଭୋର ୫ଟାରୁ ଉଠି ଘରଠାରୁ ୧ କିମି ଦୂର ଚାଷ ଜମିକୁ ଧାନ କାଟିବାକୁ ଯାଇଥିଲେ। ଦଶ ବିଡା କଳେଇ କାଟି ସାରିବା ପରେ ହଠାତ୍ ଏକ ଦନ୍ତା ବାର୍‌ହା ଦୌଡି ଆସି ତାଙ୍କୁ ଆକ୍ରମଣ କରିଥିଲା। ସୁବ୍ରତ କିଛି ବୁଝିବା ପୂର୍ବରୁ ବାର୍‌ହା ତାଙ୍କୁ କ୍ଷତବିକ୍ଷତ କରି ଚାଲିଥିଲା । ଏଥିରେ ତାଙ୍କ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଧାନ କାଟୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଭିତରକନିକା ଜାତୀୟ ଉଦ୍ୟାନର ବରୁଣେଇ ଗହୀରମଥା ଫରେଷ୍ଟ ବ୍ଲକରୁ ଏହି ବାର୍‌ହାଟି ଜନବସତିକୁ ପଶି ଆସିଥିଲା। ଧାନ ପାଚିବା ସମୟରେ ବାର୍‌ହା ଆକ୍ରମଣ ନୂଆ କଥା ନୁହେଁ। ସ୍ଥାନୀୟ ଜଙ୍ଗଲ ଚାରିପାଖରେ ତାରବାଡ ବୁଲାଯାଇଛି। କେତେକ ସ୍ଥାନରେ ତାର ବାଡ ଧସି ଯାଇଛି । ସେହି ରାସ୍ତା ଦେଇ ବାର୍‌ହା ଓ ହରିଣ ଫସଲ ଖାଇବାକୁ ଜଙ୍ଗଲ ନିକଟ ଲୁଣା ଘେରିବନ୍ଧକୁ ଡେଇଁ ଜନବସତିକୁ ପଶି ଆସୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସୋମବାର ଦିନ ୧୧ଟା ସମୟରେ ଧାନ ବିଲରେ ଏକ ହରିଣଙ୍କୁ ଫସଲ ଖାଉଥିବା ଦେଖିବାକୁ ମିଳିଥିଲା। ରାଜନଗର ରେଞ୍ଜର ବିଜୟ କୁମାର ପାତ୍ର ବାର୍‌ହା ଆକ୍ରମଣ ସମ୍ପର୍କରେ ସୂଚନା ପାଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିଛନ୍ତି ।

### କଣ୍ଡିରା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

ରାଜନଗର,୯।୧୨(ଡି.ଏନ.ଏ.): ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଓ ବିଧାୟକ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କଣ୍ଡିରା ପଞ୍ଚାୟତର ଆଗଧାଡିର କଂଗ୍ରେସ ନେତା ଅକ୍ଷୟ କୁମାର ସାମଲ ଓ ଈଶ୍ୱରପୁର ପଞ୍ଚାୟତର ଦିଲ୍ଲୀପ କୁମାର ରାଉତ ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ଓ ସ୍ଥାନୀୟ ବିଧାୟକଙ୍କ ବଳିଷ୍ଠ ନେତୃତ୍ୱରେ ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ଯୋଗଦେଇଛନ୍ତି ବୋଲି କହିଛନ୍ତି । ଦଳରେ ଯୋଗଦେଇଥିବା ଏହି ନୂତନ କର୍ମୀଙ୍କୁ ବିଧାୟକ ସାହୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, କଣ୍ଡିରା ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ପଞ୍ଚାୟତ ସଭାପତି ରମେଶ ସ୍ୱାଇଁ, ଯୁବନେତା ମନୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଆତ୍ମସାତ୍ ଘଟଣା

# ମା' ଗିରଫ, ଝିଅ ଫେରାର୍

ଆଳି,୯।୧୨(ଡି.ଏନ.ଏ.)

■ ମହାସଂଘ ଆକାଉଣ୍ଟରୁ ୧୮ ଲକ୍ଷ ଟଙ୍କା ହଡ଼ପ ପରେ କାର୍ଯ୍ୟାନୁଷ୍ଠାନ

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଜୁଆଁଣିଆ ପଞ୍ଚାୟତସ୍ତରୀୟ ସଂଘର ସଭାପତି ଓ ସମ୍ପାଦକଙ୍କ ଅଗୋଚରରେ ଏମ୍‌ବିକେ ଓ ସିଆରପି ଥିବା ମା'ଝିଅ ସେମାନଙ୍କ ଜାଲ ଦସ୍ତଖତ କରି ବ୍ୟାଙ୍କରୁ ୧୭ ଲକ୍ଷ ୯୬ ହଜାର ଟଙ୍କା ଆତ୍ମସାତ କରିଥିଲେ । ଏହି ଘଟଣାରେ ସିଆରପି ବବିତା ସାମଲଙ୍କୁ ଆଳି ପୋଲିସ ଶୁକ୍ରବାର ସକାଳେ ଗିରଫ କରି କୋର୍ଟଚାଲାଣ କରିଛି। ଏମବିକେ ଥିବା ବବିତାଙ୍କ ଝିଅ ବୈଶାଖୀ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ଜୁଆଁଣିଆ ପଞ୍ଚାୟତର ପଞ୍ଚାୟତସ୍ତରୀୟ ସଂଘ ସଭାପତି ତିଳେଉମା ବେହେରା ଓ ହେମଲତା ନାୟକ ଗତ ମାର୍ଚ୍ଚ ୪ରେ ଆଳି ଥାନାରେ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, ଜୁଆଁଣିଆ ପଞ୍ଚାୟତସ୍ତରୀୟ ସଂଘ ଅଧୀନରେ ୫୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ରହିଛି। ଉପରୋକ୍ତ ଗୋଷ୍ଠୀଗୁଡିକର ଦାୟିତ୍ୱ ବୁଝାସୁଝା କରିବା ନିମନ୍ତେ ଏମବିକେଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ୪ ଜଣ ସିଆରପି ମଧ୍ୟ ନିଯୁକ୍ତି ପାଇଛନ୍ତି । ଏହି ମହାସଂଗ ପକ୍ଷରୁ ମାନପୁର ଷ୍ଟେଟ ବ୍ୟାଙ୍କ ଶାଖାରେ କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ (ସିଆଇଏଫ୍) ଆକାଉଣ୍ଟ ନଂ.୩୮୦୯୪୦୩୪୮୦ ଓ ଆନୁସଙ୍ଗିକ ପାଣ୍ଠି (ଆଇବି) ଆକାଉଣ୍ଟ ନଂ.୩୮୦୯୪୦୫ ୯୫୬୬ରେ ଦୁଇଟି ଆକାଉଣ୍ଟ ରହିଥିଲା । ଏହି ଆକାଉଣ୍ଟ ବୁଝାସୁଝା ନିମନ୍ତେ ସୁରେନ୍ଦ୍ର ସାମଲଙ୍କ ଝିଅ ବୈଶାଖୀ ସାମଲଙ୍କୁ ଏମ୍‌ବିକେ ଓ ବୈଶାଖୀଙ୍କ ମା'ବବିତା ସାମଲଙ୍କୁ ସିଆରପି ଭାବେ ନିଯୁକ୍ତି ମିଳିଥିଲା । ମହାସଂଘ ଅଧୀନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ଆକାଉଣ୍ଟ, ଚେକ୍‌ବୁକ, ସମସ୍ତ କାଗଜପତ୍ର ଏମବିକେ ବୈଶାଖୀଙ୍କ ପାଖରେ ରହୁଥିଲା। ଏହାର ଫାଇଦା ନେଇ ଏମ୍‌ବିକେ ବୈଶାଖୀ ଓ ତାଙ୍କ ମା'ସିଆରପି ବବିତା ସାମଲ ଗତ ଫେବୃୟାରୀରେ ଚେକ୍‌ବୁକ୍‌ରେ ସଭାପତି ଓ ସମ୍ପାଦକଙ୍କ ଜାଲ ଦସ୍ତଖତ କରି ସିଆଇଏଫ୍ ଆକାଉଣ୍ଟରୁ ୧୨ ଲକ୍ଷ ୪୧ ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ବେଳେ ଆଇବି ଆକାଉଣ୍ଟରୁ ୫ଲକ୍ଷ ୫୫ ହଜାର ଟଙ୍କା ଉଠାଇ ନେଇଥିଲେ। ଏ ନେଇ ତାଙ୍କୁ ବ୍ଲକ କାର୍ଯ୍ୟାଳୟରୁ ଟଙ୍କା ଉଠା ଯିବା ସମ୍ପର୍କ ପ୍ରଶ୍ନ କରାଯିବାରୁ ସେ ଏ ସଂକ୍ରାନ୍ତରେ ଜାଣିନାହାଁନ୍ତି କହିଥିଲେ । ବ୍ୟାଙ୍କରେ ପାସବୁକ୍ ଅପ୍‌ଡେଟ କରିବା ପରେ ୨ଟି ଆକାଉଣ୍ଟରୁ ମାଆ ଝିଅ ଦୁହେଁ ପାଖାପାଖି ୧୮ ଲକ୍ଷ ଟଙ୍କା ଖାତାରୁ ଉଠାଇ ନେଇଛନ୍ତି। ତାଙ୍କୁ ଟଙ୍କା ମାଗିବାରୁ ସେ ଓଲଟି ମାରିଦେବାକୁ ଧମକ ଦେଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି।



ସିଆରପି ବବିତା ସାମଲଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି ।

ଏ ନେଇ ସଂଘ ପକ୍ଷରୁ ଆଳି ଥାନାରେ ମାର୍ଚ୍ଚ ୪ରେ ଓ ଆଳି ବିଡିଓଙ୍କ ତରଫରୁ ମାର୍ଚ୍ଚ ୭ରେ ଅଭିଯୋଗ ହୋଇଥିଲା । ଆଳି ଥାନା ପକ୍ଷରୁ ଏକ ମାମଲା(ନଂ.୭୬/୨୨)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଘଟଣାର ୧୦ ମାସ ପରେ ସିଆରପି ମା' ବବିତା ସାମଲଙ୍କୁ ଆଳି ପୋଲିସ ଗିରଫ କରିଥିବା ବେଳେ ଏମ୍‌ବିକେ ବବିତାଙ୍କ ଝିଅ ବୈଶାଖୀ ଫେରାର ଅଛନ୍ତି। ବବିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଦିଲ୍ଲୀପ ସାହୁ ସୂଚନା ଦେଇଛନ୍ତି।

### ମୂଳବସନ୍ତରେ କୁରାଳ ପଞ୍ଚମୀ ଉତ୍ସବ ପାଳିତ

ପଟ୍ଟାମୁଣ୍ଡାଇ,୯।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଡ଼ମୂଳବସନ୍ତ ପଞ୍ଚାୟତ ସୁଜାବାଜ ଗ୍ରାମରେ କୁରାଳ ପଞ୍ଚମୀ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ୫ଦିନ ଧରି ପାଳିତ ହୋଇଯାଇଛି। ସୁଜବାଜ ଯୁବକ ସଂଘ ସଭାପତି ଭ୍ରମର ବେହେରା ଓ ସମ୍ପାଦକ ଟକନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କୁରାଳ ପଞ୍ଚମୀ ପାଇଁ ସମଗ୍ର ଗାଁ ଉତ୍ସବ ମୁଖର ହୋଇପଡିଥିଲା। ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଦେବାଦେବୀଙ୍କ ପୂଜାର୍ଚ୍ଚନା ସହ ସନ୍ଧ୍ୟା ଆଳତି କରାଯାଇଥିଲା । ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଉତ୍ସବରେ ଯୋଗ ଦେଇଥିଲେ । ପ୍ରତିଦିନ ସନ୍ଧ୍ୟାରେ ଭଜନ ଜଣାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ଦେବାଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମକୁ ଯୁବକ ସଂଘ ସଭାପତି ଭ୍ରମର ବେହେରା, ସମ୍ପାଦକ ଟିକନ ବେହେରା ଓ କୋଷାଧ୍ୟକ୍ଷ ସତ୍ୟ ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର



ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସମିତି ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାଜନଗର,୯।୧୨(ଡି.ଏନ.ଏ.)

ଓଡ଼ିଶା ସ୍କୁଲ କଲେଜ ସମନ୍ୱୟ କର୍ମଚାରୀ ସମିତି ରାଜନଗର ବ୍ଲକ ଶାଖା ପକ୍ଷରୁ ୮ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସିଏସ୍‌ର ଅଧ୍ୟକ୍ଷତାରେ ନିଆଯାଇଥିବା ଦ୍ୱିପାକ୍ଷିକ ନିଷ୍ପତ୍ତି ଅନୁଯାୟୀ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ସପ୍ତମବେତନ ହାରରେ ଦରମା ପ୍ରଦାନ, ଉପଯୁକ୍ତ ଅନୁପାତରେ ୨୦୧୮ ଜିଆଇ ଅର୍ଡର ଅଧୀନରେ ଆସୁଥିବା ଶିକ୍ଷକ କର୍ମଚାରୀମାନଙ୍କୁ ସପ୍ତମ ବେତନରେ ଅନ୍ତର୍ଭୁକ୍ତ କରିବା ଏବଂ ତାଲିମପ୍ରାପ୍ତ ହିନ୍ଦୀ, ସଂସ୍କୃତ, ମାଦ୍ରାସା ଏବଂ ଶାରୀରିକ ଶିକ୍ଷକମାନଙ୍କୁ ଅଧିକ ବେତନ ପ୍ରଦାନ କରିବା, ସମସ୍ତ ଯୋଗ୍ୟ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା, ନୂତନ ସହାୟକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର କର୍ମଚାରୀମାନଙ୍କୁ ସେବା ଅବସ୍ଥା ଏବଂ ଅବସରକାଳୀନ ସୁବିଧା ପ୍ରଦାନ କରିବା ଆଦି ଦାବି ରହିଛି। ସଭାପତି ବିଚିତ୍ର କୁମାର ପ୍ରଧାନ, ସମ୍ପାଦକ ବିରଞ୍ଚି ଜେଠୀଙ୍କ ନେତୃତ୍ୱରେ ଜିଲା ଉପସଭାପତି ମହେଶ୍ୱର ରାଉତ, ଓଷ୍ଟାର ରାଜ୍ୟ ସମ୍ପାଦକ ସୁଶାନ୍ତ ପ୍ରଧାନ, ପ୍ରଧାନଶିକ୍ଷକ ବିଜୟ କୁମାର ପାତ୍ର, ବିରଞ୍ଚି ନାରାୟଣ ବାରିକ, ଗିରିଧାରୀ ରାଉତ, ସୁଶାନ୍ତ କୁମାର ଦାସ, ଉପଦେଷ୍ଟା ବିଜୟ କୁମାର ଜେନା, ପ୍ରୀତିଲତା ରାଉତ, ପ୍ରଦୀପ କୁମାର ମିଶ୍ର, ନିରାକାର ସ୍ୱାଇଁ, ବସନ୍ତ କୁମାର ଭୂୟାଁଙ୍କ ସମେତ ସଂଘର କର୍ମକର୍ତ୍ତା ଏବଂ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରମୁଖ ସାମିଲ ହୋଇଥିଲେ।

### ପଟ୍ଟାମୁଣ୍ଡାଇ କଲେଜରେ ସାଂସ୍କୃତିକ ପ୍ରତିଯୋଗିତା

ପଟ୍ଟାମୁଣ୍ଡାଇ,୯।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ସଂସଦ ପକ୍ଷରୁ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ପ୍ରଫେସର ଡ଼ ପ୍ରେମଲତା ରାଉତ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଶିଷ୍ଟ ସଙ୍ଗୀତଜ୍ଞ ରବୀନ୍ଦ୍ର ନାଥ ମିଶ୍ର ଓ ଭାସ୍କର ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ । ସଂସଦର ମୁଖ୍ୟ ସଂଯୋଜିକା ପ୍ରଧ୍ୟାପିକା ଡ଼. ଅଳି ଦାଶ ସ୍ୱାଗତଭାଷଣ ଦେଇଥିଲ। ଅଧ୍ୟାପକ ସରୋଜକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଡ଼ ନିବେଦିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସରୋଜକାନ୍ତ ନାୟକ ଓ ନିବେଦିତା ନାୟକଙ୍କ ସଂଯୋଜନାରେ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ,ରଙ୍ଗୋଲି, ମେହେନ୍ଦି,ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ଅଧ୍ୟାପକ ସୁଭାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

ଡେରାବିଶ,୯।୧୨(ସ୍ୱ.ପ୍ର.)

ଟ୍ରାକ୍ଟର ଚାଳକ ଗିରଫ

ଡେରାବିଶ ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ତାଙ୍କ ମାଆ ଗତ ମାସ ୧୦ ତାରିଖରେ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରିନେଇ ୩ ସପ୍ତାହ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖି ବହୁବାର ବଳାତ୍କାର କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସମ୍ପୃକ୍ତ ଯୁବକ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ଇଟୁକୁରା ଗ୍ରାମର ଲିପୁ ସେଠୀ(୨୩)। ପୀଡ଼ିତାଙ୍କୁ ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କ ହେପାଜତରେ ଦେଇଛି ବୋଲି ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ କହିଛନ୍ତି ।

ସୂଚନା ଅନୁଯାୟୀ, ଲିପୁ ନାବାଳିକାଙ୍କ ଗ୍ରାମ ନିକଟରେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ଗତ ନଭେମ୍ବରରେ କୌଶଳକ୍ରମେ ସେ ସମ୍ପୃକ୍ତା ନାବାଳିକାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏନେଇ ମାମଲା(ନଂ.୧୨୮/ ୨୨) ରୁଜୁ ହୋଇଥିଲା । ଅପହୃତା ନାବାଳିକାଙ୍କୁ ଖୋଜିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ହେଲେ ଉକ୍ତ ନାବାଳିକାଙ୍କୁ ଲିପୁ ନେଇ ନିଜ ଇଟୁକୁରାସ୍ଥିତ ଘରେ ରଖିଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଗୁରୁବାର ରାତିରେ ଅଚାନକ ଚଢ଼ାଉ କରିଥିଲା । ଉଭୟଙ୍କୁ ଡେରାବିଶ ଥାନାକୁ ଅଣାଯାଇ ପଚରାଉଚୁରା ପରେ ଲିପୁ ଉକ୍ତ ନାବାଳିକାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ସୂଚନା ମିଳିଥିଲା । ପୋଲିସ ଶନିବାର ପୀଡ଼ିତାଙ୍କୁ ପ୍ରଥମେ ସିଡବ୍ଲ୍ୟୁସି ଓ ପରେ ମାଜିଷ୍ଟ୍ରେଟଙ୍କ ପାଖରେ ହାଜର କରି ତାଙ୍କ ବୟାନ ରେକର୍ଡ କରିଛି । ଲିପୁଙ୍କ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ।

## ରାଜକନିକା ଫୁଟ୍‌ବଲ ଟୁର୍ନାମେଣ୍ଟ

# ଫାଇନାଲରେ ଆଙ୍କା କ୍ଲବ୍

ରାଜକନିକା,୯।୧୨(ଡି.ଏନ.ଏ.)

ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଙ୍କା କ୍ଲବ କଟକ କୋରାପୁଟ ଜିଲା ଆଥ୍‌ଲେଟିକ ଆସୋସିଏଶନକୁ ୪-୦ ଗୋଲରେ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ମୁଖ୍ୟଅତିଥି ଭାବେ ଆମେରିକା ଆଲାସ୍କା ୟୁନିଭର୍ସିଟିର ପ୍ରଫେସର ଡ଼. ଦେବେନ୍ଦ୍ର କୁମାର ଦାସ, ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି କିଶୋର ପଣ୍ଡା, ଅସ୍ଥିଶଲ୍ୟ ବିଭାଗ ଚିକିତ୍ସକ ଡା. ଜିତେନ୍ଦ୍ର କୁମାର ରାଉତ, ଆର.ଡ଼ି ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ସାମାଜିକ କର୍ମୀ ସୁବାଶିଷ ରାଉତରାୟ,



ଅତିଥି ଜଣେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

ଭାଜପା ନେତା ତେଜଶ୍ୱର ପରିଡ଼ା ଓ ଲଳିତ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ବିଜେତା ଦଳର ସୁନିଲ ଭୋଇଙ୍କୁ ଯୁଧିଷ୍ଠିର ମଥାନ ମେମୋରିଆଲ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପସଭାପତି ବୈକୁଣ୍ଠ ନାଥ ପରିଡ଼ା, ସଞ୍ଜୟ ଚନ୍ଦ୍ର ଦାସ ଓ କପିଳେନ୍ଦ୍ର ମଲ୍ଲିକ, କାର୍ଯ୍ୟକାରୀ ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଯୁଗ୍ମ ସମ୍ପାଦକ ଇଂ. ପ୍ରଶାନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପଦେଷ୍ଟା ଆଦିକନ୍ଦ ଦାସ ଓ ବିଶିକେଶନ ଦାସ, ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଖେଳକୁ ରାଜେଶ ଭଇଁସା, ଭାନୁ ବାଉରୀ ଓ ଥବିର ଗରୁଡ଼ ପରିଚାଳନା କରିଥିଲେ । ପ୍ରହ୍ଲାଦ ଜେନା ତାଙ୍କୁ ସହଯୋଗ କରିଥିଲେ । ଗୋଲକ ବିହାରୀ ମଲ୍ଲିକ ମ୍ୟାଚ୍ କମିଶନର ଓ ଶିବପ୍ରସାଦ ମଲ୍ଲିକ ଭାଷ୍ୟକାର କାର୍ଯ୍ୟ ତୁଲାଇଥିଲେ । ଆସନ୍ତା ୧୧ରେ ଆଙ୍କା କ୍ଲବ କଟକ ସହିତ ମା'ଭୂଆସୁଣୀ ବିଡାନାସୀ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକାରୀ ସମ୍ପାଦକ ପ୍ରାଣବନ୍ଧୁ ରାଉତ ସୂଚନା ଦେଇଛନ୍ତି ।

### ମନ୍ଦିର ପରିଚାଳନା କମିଟି ପକ୍ଷରୁ ହଂସୁଆ ସେତୁ ସଫେଇ



ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ହଂସୁଆ ସେତୁ ସଫେଇ କରୁଛନ୍ତି ।

ରାଜନଗର,୯।୧୨(ଡି.ଏନ.ଏ.)

ରାଜନଗର ବ୍ଲକ ଗୋସିଗାଁସ୍ଥିତ ଗର୍ତ୍ତେଶ୍ୱର ମହାଦେବଙ୍କ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୋମବାର ରାଜନଗର ହଂସୁଆ ସେତୁ ସଫେଇ କରାଯାଇଛି। କମିଟି ପକ୍ଷରୁ ଅନନ୍ତ କିଶୋର ରାଉତ, ମହେନ୍ଦ୍ର ରାଉତ, ଗୋବିନ୍ଦ ଚନ୍ଦ୍ର ରାଉତ, ବସନ୍ତ ପ୍ରଧାନ, କ୍ଷୀରୋଦ କୁମାର ରାଉତ ପ୍ରମୁଖ ହଂସୁଆ ସେତୁରେ ଜମି ରହିଥିବା ଗୋବର, କାଦୁଅ ଏବଂ ପଲିଥିନ ଆଦି ଆବର୍ଜନାକୁ ସଫା କରିବା ସହ ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନଙ୍କୁ ଏ ନେଇ ସଚେତନ କରିଥିଲେ। କମିଟିର ଏହି କାର୍ଯ୍ୟକୁ ବୁଦ୍ଧିଜିବୀଙ୍କ ମହଲରେ ପ୍ରଶଂସା କରାଯାଇଛି।

## ରାଜକନିକା ମଣ୍ଡଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ରାଜକନିକା,୯।୧୨(ଡି.ଏନ.ଏ.)

ବ୍ଲକମଣ୍ଡଳସ୍ତରୀୟ ଦୁଇଦିନିଆ ଖେଳକୁଦ ପ୍ରତିଯୋଗିତା ଏସ୍‌ଏନ୍‌କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସଂସଦର ସ୍ଥାୟୀ ସଭାପତି ବିଇଓ କୈଳାସ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଭାବେ ବାଘବୁଦା ଉ. ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ଦାସ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜୋନ ସମ୍ପାଦକ ଗୋଲକ ବିହାରୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ ।

ପ୍ରତିଯୋଗିତାରେ ବ୍ଲକର ୨୧ଟି ସ୍କୁଲରୁ ପ୍ରଥମ ଦିନରେ ୧୫୯ ଓ ଦ୍ୱିତୀୟ ଦିନରେ ୧୩୪ ପ୍ରତିଯୋଗୀ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ । ସେହିପରି ପ୍ରଥମ ଦିନରେ ୨୦ ଓ ଦ୍ୱିତୀୟ ଦିନରେ ୨୩ କ୍ରୀଡ଼ା ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜୋନ ସମ୍ପାଦକ ମନୋଜ ମାଝି, ଅରୁଣ ଧଳ, ଅଶ୍ୱିନୀ ବେହେରା, ଅରୁଣ ବାରିକ, ବିଜୟ କୁମାର ବେହେରା, ମିହିର ରାଉତ, ସୁରେଶ ରାଉତ, ସୋମନାଥ ସାମଲ, ଅରବିନ୍ଦ ତରାଇ, ବିପିନ ବେହୁରା, ରବୀନ୍ଦ୍ର ଦାସ, ଅଶୋକ ଦାସ ଓ ଲକ୍ଷ୍ମୀରାଣୀ ସୋରେନଙ୍କ ସମେତ ମଣ୍ଡଳର ସମସ୍ତ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ ।



ମଣ୍ଡଳସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ।

# ବର୍ଷକ ଆହାର ଛଡ଼ାଇ ନେଉଛନ୍ତି ବାର୍‌ହା ପଲ

କେନ୍ଦ୍ରାପଡ଼ା ଅଫିସ, ୯।୧୨

■ ଗ୍ରାମବାସୀ ବି ସୁରକ୍ଷିତ ନୁହନ୍ତି
■ ତାରବାଡ ପାଇଁ ଦାବି ଜୋର ଧରିଲା
■ ଜଙ୍ଗଲୀ ଜନ୍ତୁ ଠାରୁ ଦୂରେଇ ରହିବାକୁ ପରାମର୍ଶ

ଚଳିତ ମାସ ଶେଷ ସପ୍ତାହରେ ଖରିଫ ଧାନ ବିକ୍ରି ପାଇଁ ସରକାରୀ ମଣ୍ଡି ଖୋଲିବ । ଏଥିପାଇଁ କେନ୍ଦ୍ରାପଡ଼ା ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି । ତେବେ ଜାତୀୟ ଉଦ୍ୟାନ ନିକଟସ୍ଥ ମହାକାଳପଡ଼ା, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ବାର୍‌ହା ଉପଦ୍ରବ କାରଣରୁ ଆଶାନୁରୂପକ ଫସଲ ଉତ୍ପାଦନ କରି ପାରିନାହାନ୍ତି । ଲଗାଣ ବର୍ଷା ଓ ବନ୍ୟା ଦାଉରେ ଖରିଫ ଚାଷ ଆରମ୍ଭରୁ କ୍ଷତି କରିଥିବା ବେଳେ ଜଙ୍ଗଲୀ ବାର୍‌ହା ବର୍ଷକର ଆହାର ଛଡାଇ ନେଇଛନ୍ତି । କ୍ଷେତରେ କେବଳ ନଡା ଗଛ ଛିଡା ହୋଇଛି । ବନ ବିଭାଗ ପକ୍ଷରୁ ଚାଷ ଓ ସ୍ଥାନୀୟ ଅଧିବାସୀଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ନଜର ନ ଥିବା, ଜଙ୍ଗଲ ଶେଷ ମୁଣ୍ଡରେ ତାରବାଡ ଦେବା, ଚାଷୀଙ୍କୁ କ୍ଷତିପୂରଣ ଦେବା ଆଦି ଦାବି କରି ଶୁକ୍ରବାର ଏଡିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ମହାକାଳପଡ଼ା ବ୍ଲକ ଜଗତିଜୋର ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ କହିଛନ୍ତି, ବାର୍‌ହାଙ୍କ ଉପଦ୍ରବ ଏବେ ବଢ଼ିଚାଲିଛି। ଗତ ମାସକ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବାର୍‌ହା ଆକ୍ରମଣ ଘଟଣା ନଜରକୁ ଆସିଛି। ଏହି ଜଙ୍ଗଲୀ ପଶୁ ଆକ୍ରମଣ ଘଟଣା ପ୍ରତିବର୍ଷ ବଢ଼ି ଚାଲିଥିବାରୁ ନିକଟସ୍ଥ ଗ୍ରାମବାସୀ ଧାନ ଅମଳକୁ ନେଇ ଚିନ୍ତାରେ ଅଛନ୍ତି। ବଟୀଘର ଗ୍ରାମର ରମଣୀରଞ୍ଜନ ଦାସ କୁହନ୍ତି, ଭିତରକନିକା ଅଞ୍ଚଳରେ ବାର୍‌ହାଙ୍କ ସଂଖ୍ୟା ବଢ଼ିଛି । ଏହି ସମୟରେ ପାଚିଲା ଧାନ ଖାଇବା ପାଇଁ ଜଙ୍ଗଲରୁ ବାହାରି କ୍ଷେତକୁ ପଶି ଆସୁଛନ୍ତି । ବନବିଭାଗ ପକ୍ଷରୁ ସେହି ଜନ୍ତୁଙ୍କୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନି । ଜଙ୍ଗଲ ନିକଟ ଗ୍ରାମ ସୀମାରେ ତାରବାଡ଼ ଘେରାଇବା, ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରିବା ଓ ବନ୍ୟଜନ୍ତୁଙ୍କ ଆକ୍ରମଣ ଜନିତ ମୃତାହତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇବା ପାଇଁ ସରକାରୀ ନିୟମ ରହିଥିଲେ ମଧ୍ୟ ଏହାର ସୁଫଳ ସ୍ଥାନୀୟ ଅଧିବାସୀଙ୍କୁ ମିଳୁନାହିଁ । ଫଳରେ ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ବ୍ରାହ୍ମଣସାହି, ଡେରା, ଡାଙ୍ଗମାଳ, ହାତିନା, ଗୁପ୍ତି, ସାତଭାୟା, ଈଶ୍ୱରପୁର, କେରୁଆଁପାଳ, ତଣ୍ଡିଆପାଳ, ବଟୀଘର ଆଦି ଅଞ୍ଚଳର ଚାଷୀ ବହୁ କ୍ଷତି ସହୁଛନ୍ତି । ଏସମ୍ପର୍କରେ ଜମ୍ବୁ ରେଞ୍ଜର ଚିତ୍ତରଞ୍ଜନ ବେଉରା କୁହନ୍ତି, ନଭେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଜଙ୍ଗଲୀ ବାର୍‌ହାଙ୍କ ପ୍ରଜନନ ସମୟ । ଏହି ସମୟରେ ସେମାନେ ପ୍ରଚୁର ଖାଦ୍ୟ ଖାଇଥାଆନ୍ତି । ଏଥିସହ ଏହି ସମୟରେ ସେମାନଙ୍କର ଆକ୍ରମଣ ପ୍ରବୃତ୍ତି ବୃଦ୍ଧି ପାଇଥାଏ । ଜଙ୍ଗଲ ଆଖାପାଖ ଅଞ୍ଚଳରେ ପାଚିଲା ଧାନ ସହଜଲବ୍ଧ ଖାଦ୍ୟ ହୋଇଥିବାରୁ କ୍ଷେତକୁ ଚାଲିଆସିଥାନ୍ତି । ବନବିଭାଗ ପକ୍ଷରୁ ଏସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି । ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହଯୋଗ ମିଳୁଛି । ଜଙ୍ଗଲର ଆଖପାଖ ଗ୍ରାମଗୁଡ଼ିକରେ ବନ ବିଭାଗ ପକ୍ଷରୁ ରାତ୍ର ଜଗୁଆଳ ବ୍ୟବସ୍ଥା ହୋଇଛି । ଗ୍ରାମ ନିକଟ ଜଙ୍ଗଲ ସୀମାରେ ତାରବାଡ଼ ହୋଇଛି । ସମସ୍ତ ବନାଞ୍ଚଳକୁ ତାରବାଡ଼ ଘେରାଇବା ସମ୍ଭବ ନୁହେଁ। ତେବେ କେତେକ ବାର୍‌ହା ଆକ୍ରମଣ ଘଟଣାର ଅନୁଧ୍ୟାନ ସମୟରେ ବନ୍ୟଜନ୍ତୁ ଶୀକାର ଘଟଣା ଜଣାପଡିଛି । ଏପରିକି ବିଭାଗ ଏପରି ଶିକାରୀଙ୍କୁ ଗିରଫ କରୁଛି । ରାତିରେ ଚାଷ କ୍ଷେତକୁ ସୁରକ୍ଷା ଦେବାକୁ ଯାଉଥିବା ଚାଷୀ ସାବଧାନତା ଅବଲମ୍ବନ କରନ୍ତୁ ବୋଲି ରେଞ୍ଜର ବେଉରା ପରାମର୍ଶ ଦେଇଛନ୍ତି ।

# କ୍ଷେତ୍ର ପରିଦର୍ଶନ ନାଁରେ ଅଫିସ ଖାଲି

**ନୟାଗଡ଼ ଅଫିସ,୯।୧୨**

ନୟାଗଡ଼ ଜିଲା ସଦର ମହକୁମାରେ ଥିବା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟକୁ କାର୍ଯ୍ୟଦିବସରେ ଅଧିକାରୀମାନେ ଆସୁ ନ ଥିବା ଅଭିଯୋଗ ହୋଇ ଆସୁଛି । ଅଭିଯୋଗ ପାଇ ଧରିତ୍ରୀ ପକ୍ଷରୁ ସମ୍ପୃକ୍ତ କାର୍ଯ୍ୟାଳୟ ଶୁକ୍ରବାର ଯାଞ୍ଚ କଲାବେଳେ ସତ ସାମ୍ନାକୁ ଆସିଛି । ଏହାର କିଛି ସମୟ ପରେ କୌଣସି କାମ ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ଦେଖା କରିବାକୁ ନୟାଗଡ଼ ଠିକାଦାର ସଂଘ କର୍ମକର୍ତ୍ତା ସେହି ଅଫିସରେ ପହଞ୍ଚିଥିଲେ । ହେଲେ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଅନ୍ୟ କେତେଜଣ ଅଧିକାରୀ ନ ଥିଲେ । କିଛି ସମୟ ଅପେକ୍ଷା କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଚେୟାର ପୂରଣ ହୋଇ ନ ଥିଲା । ଏହାର ପ୍ରତିବାଦରେ ଠିକାଦାର ସଂଘ କର୍ମକର୍ତ୍ତା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଠିକାଦାର ସଂଘର ବିକ୍ଷୋଭ ଚାଲୁ ରହିଥିଲେ ମଧ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟକୁ ଆସିଲେ ନାହିଁ। ନିର୍ବାହୀ ଅଧିକାରୀଙ୍କ କକ୍ଷରୁ ତାଲା ମଧ ଖୋଲି ନ ଥିଲା । ବୁଝିବାରେ ଜଣାପଡ଼ିଥିଲା ଯେ କ୍ଷେତ୍ର ପରିଦର୍ଶନ ନାଁରେ ନିର୍ବାହୀଯନ୍ତ୍ରୀ କାର୍ଯ୍ୟାଳୟ ଆସୁନାହାନ୍ତି। ନିର୍ବାହୀଯନ୍ତ୍ରୀ ନିଜ ମର୍ଜିରେ ଅଫିସ୍ ଆସୁଥିବାରୁ କର୍ମଚାରୀଙ୍କ ଅନୁପସ୍ଥିତି ବଢ଼ିବାରେ ଲାଗିଛି।

ଏନେଇ ଠିକାଦାର ସଂଘ ସଭାପତି ହାସିମ୍ ଖାଁ କୁହନ୍ତି, କ୍ଷୁଦ୍ର ଜଳସେଚନ ବିଭାଗରେ ୪ଟି ଟେଣ୍ଡର ବାହାରିଲାଣି।


ଅଫିସ ସମ୍ମୁଖରେ ଠିକାଦାରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ହେଲେ ଟେଣ୍ଡର ଖୋଲାଯାଉନି । ବିଭିନ୍ନ ପ୍ରକାର ଅସୁବିଧା ଦେଖାଇ ଟେଣ୍ଡର ପଡ଼ିରହିଛି। ଯେତେବେଳେ ଆସିଲେ ଦେଖିବାକୁ ମିଳୁଛି ନିର୍ବାହୀଯନ୍ତ୍ରୀ ନାହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ, ଡାଟା ଏଣ୍ଟ୍ରି ଅପରେଟର ନାହାନ୍ତି। ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। କର୍ମଚାରୀ ପୁଣି ମନଇଚ୍ଛା ଆସୁଛନ୍ତି। ସବୁବେଳେ ବାବୁ ଛୁଟିରେ ଅଛନ୍ତି ବୋଲି ଶୁଣିବାକୁ ମିଳୁଛି । ସମ୍ପାଦକ ପ୍ରଭାତ ମହାପାତ୍ର କୁହନ୍ତି, ବିଗତ ୨ମାସ ମଧରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୪ଟି ଟେଣ୍ଡର ଡକାଯାଇଛି । ପ୍ରଥମ ଟେଣ୍ଡର ଖୋଲିଲେ । ଦ୍ୱିତୀୟ ଟେଣ୍ଡର ଖୋଲିଲା ବେଳକୁ ଡିଇସି କାମ କରୁନି କହି ଟେଣ୍ଡର ପକାଇ ରଖିଛନ୍ତି । ଡିଇସି କାମ କରୁ ନ ଥିବା ବିଷୟ ସରକାରଙ୍କୁ

- ■କାର୍ଯ୍ୟଦିବସରେ ଅଧିକାରୀଙ୍କ ଚେୟାର ଫାଙ୍କା
- ■କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କକ୍ଷ ଖୋଲିଲାନି
- ■କାଁ ଭାଁ କର୍ମଚାରୀଙ୍କୁ ଛାଡ଼ିଦେଲେ ଅଧିକାଂଶ ଅନୁପସ୍ଥିତ
- ■ପ୍ରତିବାଦରେ ଠିକାଦାର ସଂଘ ପକ୍ଷରୁ ବିକ୍ଷୋଭ

ଅବଗତ କରାଇ ପଦକ୍ଷେପ ନେବାର ରହିଛି। କିନ୍ତୁ ଅଯଥାରେ ସମୟ ଗଡ଼ାଇ ଠିକାଦାରମାନଙ୍କୁ ହଇରାଣ କରାଯାଉଛି। ଯେତେବେଳେ ଆସିବ ବାବୁ ଅଫିସରେ ରହୁନାହାନ୍ତି। ଇତିମଧ୍ୟରେ ଆମେ ୪ଟି ଟେଣ୍ଡର ପକାଇ ଅଯଥାରେ ହଇରାଣ ହେଉଛୁ ବୋଲି ସେ କହିଥିଲେ। ନରସିଂହ ପୃଷ୍ଟି ନାମକ ଜଣେ ଠିକାଦାର କୁହନ୍ତି, ନିର୍ବାହୀଯନ୍ତ୍ରୀ ନ ଆସିବାରୁ ଅନ୍ୟ ଅଫିସର ଓ କର୍ମଚାରୀମାନେ ମନଇଚ୍ଛା ଅଫିସ୍ ଆସୁଛନ୍ତି। କେତେଜଣ ତଳିଆ କର୍ମଚାରୀଙ୍କୁ ଛାଡ଼ିଦେଲେ ଅଫିସ୍‌ରେ କାହାରିକୁ ଦେଖିବାକୁ ମିଳୁନି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ନିରାକରଣ କରିବା ଦରକାର ବୋଲି କହିଛନ୍ତି । ନୂଆଗାଁର ରାମଚନ୍ଦ୍ର ନାୟକ, ନୟାଗଡ଼ର ଉପେନ୍ଦ୍ର ସାହୁ କୁହନ୍ତି, ଆମ ପରି ବିଭିନ୍ନ ଲୋକ କାର୍ଯ୍ୟାଳୟକୁ ଆସି ଫେରିବାକୁ ପଡୁଛି । ବହୁ ସମୟ ଅପେକ୍ଷା କଲା ପରେ ବାବୁ ଆସିବେ କି ନାହିଁ ପଚାରିବାରୁ ଉତ୍ତର ମିଳୁଛି ନିର୍ବାହୀଯନ୍ତ୍ରୀ କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି । ବିଳମ୍ବରେ ଆସିବେ । ଅପରାହ୍ନରେ


ନିର୍ବାହି ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ବନ୍ଦ ରହିଛି।

ଆସିଲେ ଉତ୍ତର ମିଳୁଛି ନିର୍ବାହୀ ଯନ୍ତ୍ରୀ ଛୁଟିରେ ଅଛନ୍ତି । ପୁରୁଣା ସହରରେ କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟଟି ଥିଲେ ମଧ ଅଫିସରମାନେ କାର୍ଯ୍ୟାଳୟକୁ ଆସିବାରେ ଅବହେଳା କରି ଆସୁଛନ୍ତି। ଏହାର ପ୍ରତିକାର କରା ନ ଗଲେ ଠିକାଦାରଙ୍କ ପରି ସାଧାରଣ ଲୋକ ଆନ୍ଦୋଳନ କରିବେ ବୋଲି କହିଛନ୍ତି । କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ବିଷ୍ଣୁପଦ ପଟେଲଙ୍କୁ ତାଙ୍କ ମୋବାଇଲ ଫୋନ୍ ନଂ.୯୪୩୯୦୫୧୧୨୫ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କାଟି ଦେଇଥିଲେ। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ପଚାରିବାରୁ ଏନେଇ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## କଲେଜ ସମସ୍ୟା ସମାଧାନ ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ

**ଓଡ଼ଗାଁ,୯।୧୨(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ୍ ଛାତ୍ର କଂଗ୍ରେସ ପକ୍ଷରୁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଶୋଇଙ୍କ ନେତୃତ୍ୱରେ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଶୁକ୍ରବାର ଆରମ୍ଭ ହୋଇଛି । ଜାତୀୟ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ ଯାତ୍ରାକୁ ସ୍ୱାଗତ କରାଯିବା ସହିତ କଲେଜର ବିଭିନ୍ନ ସମସ୍ୟାକୁ ଉପସ୍ଥାପନ କରାଯାଇଛି । ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନିର୍ଦ୍ଦେଶ ଅନୁସାରେ ଓଡ଼ିଶାର ସମସ୍ତ କଲେଜରେ ରାଗିଂ ମୁକ୍ତ କ୍ୟାମ୍ପସ, ଆଣ୍ଟି ରାଗିଂ ଆକ୍ଟ ଆଣିବା, ଛାତ୍ର ସଂସଦ ନିର୍ବାଚନ କରିବା, ଅଧ୍ୟାପକ ଓ କର୍ମଚାରୀଙ୍କ ଖାଲି ସ୍ଥାନ ପୂରଣ, ଡ୍ରଗ୍ ମୁକ୍ତ କ୍ୟାମ୍ପସ ସହିତ ଅଣଛାତ୍ର ପ୍ରବେଶ ନିଷେଧ କରିବା, ଜାଲ୍ ସାର୍ଟିଫିକେଟ ଦ୍ୱାରା ଆଡମିଶନ ବନ୍ଦ କରିବା ଇତ୍ୟାଦି ଦାବି ନେଇ ଛାତ୍ର କଂଗ୍ରେସ ଦସ୍ତଖତ ଅଭିଯାନ ଆରମ୍ଭ କରିଛି । ଶୁକ୍ରବାର ଛାତ୍ରୀଛାତ୍ରମାନେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ ସଭାପତିଙ୍କ ସହ ଶକ୍ତି ପ୍ରସାଦ ମହାପାତ୍ର, ରବିନ୍ଦ୍ର ମହାରଣା, ପ୍ରଶାନ୍ତ ପ୍ରମୁଖ ଛାତ୍ର ନେତା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଆଇନ ସଚେତନତା କର୍ମଶାଳା

**ଦଶପଲ୍ଲା,୯।୧୨(ଡି.ଏନ୍.ଏ.):** ଶୁକ୍ରବାର କଳିଙ୍ଗ ଲୋଡିଂ ଆଣ୍ଡ ଅନ୍ ଲୋଡିଂ ୱାର୍କର୍ସ ୟୁନିୟନ ଓ ନୟାଗଡ଼ ଜିଲା ଶ୍ରମିକ ମହାସଂଘ ସହଯୋଗରେ ଦଶପଲ୍ଲା ଆର୍‌ସିଏମ୍ଏସ୍ ପରିସରରେ ଏକ ଶ୍ରମ ଓ ଶ୍ରମିକ ଆଇନ୍ ସଚେତନତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦଶପଲ୍ଲାର ଆରାଧ ଦେବତା ମହାବୀର ମନ୍ଦିରଠାରୁ ଶ୍ରମିକମାନଙ୍କ ଏକ ଶୋଭାଯାତ୍ରା ବାହାରି ଐତିହାସିକ ମେଳିଆ ତୋଟା ପର୍ଯ୍ୟନ୍ତ ଯାଇଥିଲା । ଏହାପରେ ଦଶପଲ୍ଲା ବ୍ଲକ୍ ଅଫିସ୍ ନିକଟସ୍ଥ ଆର୍‌ସିଏମ୍ଏସ୍ ପରିସରରେ ଏକ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ତହସିଲଦାର ଶ୍ରୀକୁମାର ରଥ, ଦଶପଲ୍ଲା ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ଦଶପଲ୍ଲା ବଣିକ ମହାସଂଘ ର ସଭାପତି ଅଲେଖ କୁମାର ସାହୁ, ଓମ୍‌ଫେଡର ପୂର୍ବତନ ଜେନେରାଲ୍ ମ୍ୟାନେଜର ସୁରେଶ୍ୱର ବେହେରା ଏବଂ ଅସରପ୍ରାପ୍ତ ଶ୍ରମ ଆୟୁକ୍ତ ବ୍ରଜବନ୍ଧୁ ପାଲ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କୁ ଶ୍ରମ ଓ ଶ୍ରମିକ ଆଇନ ବିଷୟରେ ବୁଝାଇଥିଲେ । ଶ୍ରମିକମାନଙ୍କୁ ସେମାନଙ୍କ ହକ୍ ପ୍ରଦାନ ସହିତ ସରକାରୀ ଯୋଜନା ଓ ଶ୍ରମ ଆଇନ୍ ବିଷୟରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ଦାସଙ୍କୁ ଉତ୍ସାହି ଶ୍ରମିକ ଭାବେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର ସଂଯୋଜନା କରିଥିଲେ । ଏଥିରେ ବହୁ ଶ୍ରମିକ ଯୋଗଦେଇଥିଲେ ।

### ୧୧ରେ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ

**ଭାପୁର,୯।୧୨(ଡି.ଏନ.ଏ.):** ଭାପୁର ମହୋତ୍ସବ କମିଟି ପକ୍ଷରୁ ଆସନ୍ତା ରବିବାର ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ନେଇ ଭାପୁର ମହୋତ୍ସବ କମିଟି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କଠାରୁ ସୂଚନା ମିଳିଛି । ଏହି ପ୍ରତିଯୋଗିତା ବିଦ୍ୟାଳୟସ୍ତରରୁ ଆରମ୍ଭ କରି ମହାବିଦ୍ୟାଳୟସ୍ତର ଛାତ୍ରୀଛାତ୍ରଙ୍କ ମଧରେ ଅନୁଷ୍ଠିତ ହେବ । ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ୮ମ ରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବନ୍ଧ ପ୍ରତିଯୋଗିତା, ୭ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସାରେଗାମା (ଭଜନ ଓ ଲଘୁସଙ୍ଗୀତ) ପ୍ରତିଯୋଗିତା, ମହାବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ରଙ୍କ ପାଇଁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି । ରବିବାର ପୂର୍ବାହ୍ନ ୧୦ ଘଟିକାରେ ଭାପୁର ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହେବ । ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ମହୋତ୍ସବ କମିଟି ସମ୍ପାଦକ ଭରତ କୁମାର ବେହେରା ଏବଂ ଭାପୁର ମହୋତ୍ସବ ଲୋକ ସମ୍ପର୍କ କମିଟି ସଭ୍ୟ ପ୍ରଭାତ କୁମାର ପଟ୍ଟନାୟକଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

## ଚାକିରି ନୁହେଁ, ଭଲ ମଣିଷ ହେବା ହେଉ ଆଭିମୁଖ୍ୟ



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ନୂଆଗାଁ,୯।୧୨(ଡି.ଏନ.ଏ.)**

### ଜନଶକ୍ତି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳୀ ଜନଶକ୍ତି ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରତିମା ଦଳବେହେରା, ଚାହାଳୀ ପଞ୍ଚାୟତ ସରପଞ୍ଚ ସୁବାସ ବେହେରା, ସମିତି ସଭ୍ୟା ଅଶ୍ୱିନୀ ଆଚାର୍ଯ୍ୟ, ଜନଶକ୍ତି ହାଇସ୍କୁଲର ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ଜ୍ଞାନ ପ୍ରକାଶ ବାରିକ ମଞ୍ଚ ପରିଚାଳନା କରିଥିଲେ ।

ଆୟୋଜିତ ସଭାରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେବଳ ଚାକିରୀ କରିବା ପାଇଁ ନୁହେଁ ଭଲ ମଣିଷ ହେବା ଲାଗି ପାଠ ପଢିବା ଛାତ୍ରୀଛାତ୍ରମାନଙ୍କ ଆଭିମୁଖ୍ୟ ହେବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାସ, ସମ୍ମାନୀତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ସନ୍ଧ୍ୟାରେ ଆୟୋଜିତ ସଭାକୁ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ । ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦିନତମାମ ଚାଲିଥିଲା । ଏଥିସହିତ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବହୁ ସମୟ ମଞ୍ଚ ପାଖରେ ବାନ୍ଧି ରଖିଥିଲା । ଏହି ଉତ୍ସବର ଦ୍ୱିତୀୟ ଦିବସରେ ସନ୍ତୋଷ ବେହେରାଙ୍କ ନିର୍ଦ୍ଦେଶନାରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୀତିନାଟ୍ୟ ଗଙ୍ଗା ଅଭିଶାପ ମଞ୍ଚସ୍ଥ ହେବ ବୋଲି ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ତରଫରୁ ସୂଚନା ଦିଆଯାଇଛି ।

## ପୁରୁଣା ରାଜବାଟିରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ବୈଠକ

**ନୟାଗଡ଼ ଅଫିସ,୯।୧୨**

ଗୁରୁବାର ସନ୍ଧ୍ୟାରେ ପୁରୁଣା ରାଜବାଟିଠାରେ ପୂର୍ବତନ କନ୍ଧମାଳ ଏମ୍‌ପି ତଥା ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନେତୃତ୍ୱରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ନିର୍ବାଚନମଣ୍ଡଳୀର ନୟାଗଡ଼ ଓ ଓଡ଼ଗାଁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ, ନୟାଗଡ଼ ପୌରପାଳିକା ଏବଂ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିବା ବେଳେ ସଙ୍ଗଠନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସଙ୍ଗଠନକୁ ଅଧିକ ସକ୍ରିୟ କରିବା ଓ ନୟାଗଡ଼କୁ ଭୟମୁକ୍ତ ତଥା ଭ୍ରଷ୍ଟାଚାରମୁକ୍ତ କରି ଗଢିତୋଳିବା ନିମନ୍ତେ ପ୍ରତ୍ୟୁଷା ଆହ୍ୱାନ କରିଥିଲେ । ।

## ୧୩ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

**ନୟାଗଡ଼ ଅଫିସ,୯।୧୨**

### ଶ୍ରମ ବିଭାଗ ବିରୋଧରେ ଆନ୍ଦୋଳନ ଡାକରା

ଡିସେମ୍ବର ୧୨ ସୁଦ୍ଧା ଶ୍ରମବିଭାଗ ଦେଇଥିବା ପ୍ରତିଶ୍ରୁତି କାର୍ଯକାରୀ ନ କଲେ ଡିସେମ୍ବର ୧୩ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଶ୍ରୀ ସାଇ ନିର୍ମାଣ ଶ୍ରମିକ ସେବା ପ୍ରତିଷ୍ଠାନ ସଭାପତି ବାସୁଦେବ ମହାନ୍ତି ଚେତାବନୀ ଦେଇଛନ୍ତି । ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ନୟାଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ଶ୍ରମିକମାନଙ୍କ ପରିଚୟପତ୍ର ନିମନ୍ତେ ଆବେଦନ ପତ୍ର ପଡି ରହିଛି । ସେହପରି ପରଲୋକ, ଶିକ୍ଷା, ବିବାହକାଳୀନ ସହାୟତା ଆବେଦନ ଅନୁରୂପ ଭାବେ ଗଦା ହୋଇଛି । ଅଭିଯୋଗ, ଅନୁରୋଧ, ଆନ୍ଦୋଳନ ପରେ ବି ସୁଫଳ ମିଳୁନି । ଏଣୁ ଗତ ଅକ୍ଟୋବର ୧୭ରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମୁଖରେ ଆନ୍ଦୋଳନ ହୋଇଥିଲା । ଶ୍ରମ ଆୟୁକ୍ତ, ଜିଲା ଶ୍ରମ ଅଧିକାରୀ ଓ ଗ୍ରାମାଞ୍ଚଳ ଶ୍ରମ ନିରୀକ୍ଷକଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ଆଲୋଚନା କରାଯାଇଥିଲା । ଆନ୍ଦୋଳନ ଠାରୁ ୧ମାସ ମଧରେ ୧୦୯ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ୧୫ଦିନ ମଧରେ ୩୩୪ଜଣଙ୍କ ଝିଅ ବିବାହ ସହାୟତା, ୩୦ ଦିନ ମଧରେ ବାକିଥିବା ୧୪୧୩ ଜଣଙ୍କ ବିବାହ ସହାୟତା, ୭ଜଣ ଅଣସଙ୍ଗଠିତ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ଏବଂ ମାସକୁ ୧ହଜାର ଜଣ ନିର୍ମାଣ ଶ୍ରମିକଙ୍କୁ ନୂତନ ପରିଚୟପତ୍ର ପ୍ରଦାନ ନିମନ୍ତେ ନିଷ୍ପତ୍ତି କରାଯାଇ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା । ମାତ୍ର ଆଜି ପର୍ଯ୍ୟନ୍ତ ସେହି ପ୍ରତିଶ୍ରୁତି ପାଳନ କରାଯାଇ ନ ଥିବାରୁ ପୁଣି ଥରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି ।

## ଜଙ୍ଗଲ ଜୀବଜନ୍ତୁ ସୁରକ୍ଷା ସମ୍ପର୍କରେ ସଚେତନତା

**ନୟାଗଡ଼ ଅଫିସ/ ନୂଆଗାଁ,୯।୧୨(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ଗ୍ରାମରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ର, ମହୀପୁର ବନାଞ୍ଚଳ ଅଧିକାରୀ ଅମ୍ରିତ ସାହୁ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ନେଇ ମାନବ ସମାଜର ପ୍ରତିବଦ୍ଧତା ସମ୍ପର୍କରେ ମତ ରଖିଥିଲେ ।

ସ୍ଥାନୀୟ ଗ୍ରାମବାସୀ ଓ ଜଙ୍ଗଲ ବିଭାଗ ମିଳିମିଶି କାମ କଲେ ଜଳବାୟୁ ପରିବର୍ତ୍ତନକୁ ରୋକାଯାଇପାରିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବନପାଳ, ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀଙ୍କୁ ଶପଥପାଠ କରାଇଥିଲେ ।

## ଦଶପଲ୍ଲାରେ ବ୍ଲକସ୍ତରୀୟ ଶିଶୁମେଳା

**ଦଶପଲ୍ଲା,୯।୧୨(ଡି.ଏନ.ଏ.)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ଶୁକ୍ରବାର ସାତପାଟଣା ହାଇସ୍କୁଲଠାରେ ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି । ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ତହସିଲଦାର ଶ୍ରୀକୁମାର ରଥ ଅତିଥି ରୂପେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଦିବସ ବ୍ୟାପୀ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଷ୍ଟାର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଉତ୍ସବରେ ନୟାଗଡ଼ ଜିଲା ଓଷ୍ଟାର ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ରାଜ୍ୟ ସମ୍ପାଦକ ବିନାୟକ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ଅକ୍ରୁର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିଶୁ ଉତ୍ସବରେ ସଭାପତି ଶରତ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ପ୍ରଧାନଶିକ୍ଷକ ରଘୁନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସହଯୋଗରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।



ବ୍ଲକସ୍ତରୀୟ ଶିଶୁମେଳାରେ ମଞ୍ଚାସୀନ ଅତିଥି।

## ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି, ସୁଧୁରୁ ନାହିଁ ସମସ୍ୟା

**ଖଣ୍ଡପଡ଼ା,୯।୧୨(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏଠାର କଂସା ପିତଳ ବାସନ ଶିଳ୍ପ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି । ପଦ୍ମାଦ୍ରୀ ଓ ବ୍ରହ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ନୀଳମାଧବଜୀଉ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ଶୋଭାରାଜି ଉପଭୋଗ କରିବା ସହ ନୀଳମାଧବଜୀଉଙ୍କ ଦର୍ଶନ ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ହେଲେ ଆବଶ୍ୟକ ସୁବିଧା ସୁଯୋଗ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।

ଏହି ପର୍ଯ୍ୟଟନ ସ୍ଥଳକୁ ଦେଖିଲେ ରାଜ୍ୟ ପର୍ଯ୍ୟଟନ ବିଭାଗ ଉକ୍ତ ପୀଠର ବିକାଶ ପାଇଁ କେତେ ଯତ୍ନବାନ ତାହା ଜାଣି ହୁଏ । ନୀଳମାଧବଙ୍କ ପୀଠ ଭୁବନେଶ୍ୱରଠାରୁ ୮୦ କିମି. ଏବଂ ନୟାଗଡଠାରୁ ମାତ୍ର ୩୦ କିମି. ଦୂରର ଅବସ୍ଥିତ । ଯାତ୍ରୀମାନେ ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ପୂର୍ବରୁ ପ୍ରାୟ ୬ କିଲୋମିଟର ଦୂରରେ ଥିବା ହନୁମନ୍ତ ପ୍ରସାଦର ଶ୍ରୀରାମ ଆଶ୍ରମ



ଓ ପାହାଡ଼ ଉପରୁ ନିର୍ଗତ ଝରଣା, ଏକ କିଲୋମିଟର ଦୂରରେ ଥିବା ମା'ନାରାୟଣୀ ପୀଠ ଦର୍ଶନରେ ଯାଇଥାନ୍ତି । ପରେ ପର୍ଯ୍ୟଟକମାନେ ପାହାଡ଼ ପର୍ବତ ଓ ମହାନଦୀର ପ୍ରାକୃତିକ ଦୃଶ୍ୟ ଉପଭୋଗ ପାଇଁ ଏହି ନୀଳମାଧବ ପୀଠରେ ଅଟକି ଯାଆନ୍ତି । ହେଲେ ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ବିଶ୍ରାମାଗାରଟିଏ ନାହିଁ । ଦୀର୍ଘ ୧୯ ବର୍ଷରୁ ଊର୍ଦ୍ଧ୍ୱ ହେବ କଣ୍ଟିଲୋଠାରୁ ଏକ କିଲୋମିଟର ଦୂର ଏକ ପାହାଡ଼ ଉପରେ ନିର୍ମାଣ କରାଯାଇଥିବା ପାନ୍ଥଶାଳା ନିର୍ମାଣ ପରଠାରୁ ଅକାମୀ ହୋଇ ପଡିଛି । ଆଲୋକ ଓ ପାଣିର ବ୍ୟବସ୍ଥା ନ ଥିବାରୁ ସେହି ପାନ୍ଥଶାଳା ଭୂତ କୋଠି ପ୍ରାୟ ହୋଇ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସେହିପରି ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ବଜାରରେ ବିକ୍ରି ହେଉଥିବା ପାଣି ବୋତଲ ଉପରେ ନିର୍ଭର କରିବାକୁ ପଡୁଛି । କଣ୍ଟିଲୋ ପଞ୍ଚାୟତ ଦ୍ୱାରା ନିର୍ମାଣ କରାଯାଇଥିବା ଏକ ଧର୍ମଶାଳାରେ ଆଲୋକ କିମ୍ବା ପାଣିର ବ୍ୟବସ୍ଥା ନାହିଁ । ଯେଉଁଥିପାଇଁ ଯାତ୍ରୀମାନେ ଏଠାରେ ରହିବାକୁ ଉଚିତ ମନେ କରୁ ନାହାନ୍ତି । ଅନ୍ୟପକ୍ଷେ ଏହି

### କଣ୍ଟିଲୋ ନୀଳମାଧବଙ୍କ ପୀଠ

ପୀଠ ନିକଟରେ କୌଣସି ଶୌଚାଳୟ ନାହିଁ । ମହିଳା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ କଂସା ପିତଳ ବାସନ ଶିଳ୍ପ ତଥା କାରିଗରମାନଙ୍କ ଉନ୍ନତି ଓ ବିକାଶ ନିମନ୍ତେ ଏକ ପିତଳ ଶିଳ୍ପ ବାଖ୍ୟାନ କେନ୍ଦ୍ର ନିର୍ମାଣ କରାଯାଇଛି । ତାହା ଏବେ ଦେବୋତ୍ତର ବିଭାଗ ଅଧୀନରେ ରହିଛି । ଏହା ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀ ଓ କଂସା ପିତଳ ବାସନ ଶିଳ୍ପ ବିଷୟରେ ଜାଣିବା ପାଇଁ ଲିଫ୍‌ଲେଟର ବ୍ୟବସ୍ଥା କରାଯାଉନାହିଁ ଫଳରେ ପର୍ଯ୍ୟଟକମାନେ ଏସବୁ ଅଞ୍ଚଳ ସମ୍ପର୍କରେ କୌଣସି ସୂଚନା ପାଇପାରୁ ନାହାନ୍ତି । ଅପରପକ୍ଷେ ଯାତ୍ରୀ ଓ ପର୍ଯ୍ୟଟକମାନେ ନିଜ ନିଜର ଯାନ ବାହାନଗୁଡିକ ପାର୍କିଂ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା କରାଯାଇନାହିଁ । ବିଶେଷ କରି ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପାଇଁ ପାଇଖାନ ନିର୍ମାଣର ବ୍ୟବସ୍ଥା କରାଯାଇଥିଲେ ମଧ ଏବେ ବି ବହୁ ଲୋକ ନଦୀ କୂଳ ପଠା ଓ ବାଲୁକା ଶଯ୍ୟାକୁ ଖୋଲା ପାଇଖାନା ଭାବେ ବ୍ୟବହାର କରୁଛନ୍ତି । ମନ୍ଦିର ପାଦଦେଶରେ ପ୍ରବାହିତ ମହାନଦୀ କୂଳ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ତଥା ନୌକାରେ ବୁଲିବା ସମୟରେ ପାହାଡ଼ ଓ ନଦୀ କୂଳ ବାଲିରୁ ଆସୁଥିବା ଦୁର୍ଗନ୍ଧ ଯୋଗୁ ପର୍ଯ୍ୟଟକମାନେ ଅତିଷ୍ଠ ହେଉଥିବା ଅଭିଯୋଗ ହୋଇଛି । ଏଠାରେ ରୋପୱେର ବ୍ୟବସ୍ଥା ନ ଥିବାରୁ ଅନେକ ବୟସ୍କ ବ୍ୟକ୍ତି ଓ ଭିନ୍ନକ୍ଷମ ବ୍ୟକ୍ତି ପାହାଡ଼ ଚଢି ଠାକୁରଙ୍କୁ ଦର୍ଶନ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଅନେକ ଯାତ୍ରୀ ପ୍ରାୟ ପ୍ରତି ବର୍ଷ ବିଭିନ୍ନ ସମୟରେ ଏହି ପୀଠକୁ ଆସିଥାନ୍ତି । ମାତ୍ର ସେମାନଙ୍କ ଅଭିଯୋଗ ୧୦ରୁ୧୫ ବର୍ଷ ପୂର୍ବେ ଏହି ପୀଠର ପରିବେଶ ଯାହାଥିଲା ଏବେ ସେହି ଅବସ୍ଥା । କେବଳ ରାସ୍ତାଘାଟର ଅବସ୍ଥା ଯାହା ଟିକିଏ ଉନ୍ନତି ଘଟିଛି । ତେବେ ରାଜ୍ୟ ସରକାର ନୀଳମାଧବ ପୀଠର ବିକାଶ ନିମନ୍ତେ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରି ବିକାଶ କାମ ଆରମ୍ଭ କରିଥିବାରୁ ଆଗାମୀ ଦିନରେ ଏହି ପୀଠର ନକ୍ସା ପରିବର୍ତ୍ତନ ସହ ଅନେକ ସମସ୍ୟାର ସମାଧାନ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ସଂକ୍ଷେପରେ

### ମହାଲକ୍ଷ୍ମୀ ମନ୍ଦିରର ଶିଳାନ୍ୟାସ



**ପାଣିକୋଇଲି,୯।୧୨(ଡି.ଏନ୍.ଏ.):** ପାଣିକୋଇଲି ଅଳତିରି ଗ୍ରାମର ରାଧାରମଣଜୀଉ ଆନୁକୂଲ୍ୟରେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ କରୁଣାମୟୀ ମା'ଶ୍ରୀଶ୍ରୀ ମହାଲକ୍ଷ୍ମୀଙ୍କ ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟକ୍ରମସ୍ଥିର ହୋଇଛି। ଏଥି ନିମନ୍ତେ ଶିଳାନ୍ୟାସ ସହ ବିଗ୍ରହ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ସହସ୍ରାଧିକ ସାଧୁସନ୍ଥ ଓ ୧୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ନାମ ସଙ୍କୀର୍ତ୍ତନ, ଶଙ୍ଖ, ଘଣ୍ଟ, ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ଶିଳାନ୍ୟାସ ସ୍ଥାନ। ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ଗୁଆ ନିମନ୍ତ୍ରଣ କରାଯାଇଥିଲା। ଫଳରେ ଭକ୍ତ ଆସି ପହଞ୍ଚିଥିଲେ। ଏହି ମନ୍ଦିର ପରିସରରେ ନିଶୁଳ୍କ ବିବାହ, ବ୍ରତୋପନୟନ, ଗୋରକ୍ଷା, ଗୋସେବା, ଗୋପୂଜନ ଓ ଗୋ ବିଜ୍ଞାନ କେନ୍ଦ୍ର ବ୍ୟବସ୍ଥା, ଗୁରୁକୁଳ ଆଶ୍ରମ ଏବଂ ଜରାଶ୍ରମ କରାଯିବାର ପରିକଳ୍ପନା ରହିଛି। ଭୂମିପୂଜନ ସାଧୁସନ୍ଥଙ୍କ ଦ୍ୱାରା କରାଯାଇଥିଲା। ବିଭିନ୍ନ ସେଲିବ୍ରେଟି, ପ୍ରତିଷ୍ଠାତା ସଦସ୍ୟ, ରାଜନେତାଙ୍କ ସମେତ କୋରେଇ ବିଧାୟକ ଅଶୋକ କୁମାର ବଳ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦେବଦତ୍ତ ରାୟ, ନାରାୟଣ ପଣ୍ଡା, ଅନୀଲ ସେଠୀ, ଅରବିନ୍ଦ ପଟ୍ଟନାୟକ, ମନୁଆ ନାୟକ, ପ୍ରମୋଦ ପଣ୍ଡା, ଦିଲୀପ କୁମାର ଓଝା, ଜିତେନ୍ଦ୍ର ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଳତିରି ରାଧାରମଣ ଜୀଉ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର

**ରାଜନଗର,୯।୧୨(ଡି.ଏନ.ଏ.):** ରାଜନଗର ବ୍ଲକ ହାତିନା ପଞ୍ଚାୟତ କଏଥା ଗାଁର ଚାଷୀ ସୁବ୍ରତ ବାରିକ (୪୨) ସୋମବାର ଜଙ୍ଗଲୀ ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଭୋର ୫ଟାରୁ ଉଠି ଘରଠାରୁ ୧ କିମି ଦୂର ଚାଷ ଜମିକୁ ଧାନ କାଟିବାକୁ ଯାଇଥିଲେ। ଦଶ ବିଡା କଳେଇ କାଟି ସାରିବା ପରେ ହଠାତ୍ ଏକ ଦନ୍ତା ବାର୍‌ହା ଦୌଡି ଆସି ତାଙ୍କୁ ଆକ୍ରମଣ କରିଥିଲା। ସୁବ୍ରତ କିଛି ବୁଝିବା ପୂର୍ବରୁ ବାର୍‌ହା ତାଙ୍କୁ କ୍ଷତବିକ୍ଷତ କରି ଚାଲିଥିଲା । ଏଥିରେ ତାଙ୍କ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଧାନ କାଟୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଭିତରକନିକା ଜାତୀୟ ଉଦ୍ୟାନର ବରୁଣେଇ ଗହୀରମଥା ଫରେଷ୍ଟ ବ୍ଲକରୁ ଏହି ବାର୍‌ହାଟି ଜନବସତିକୁ ପଶି ଆସିଥିଲା। ଧାନ ପାଚିବା ସମୟରେ ବାର୍‌ହା ଆକ୍ରମଣ ନୂଆ କଥା ନୁହେଁ। ସ୍ଥାନୀୟ ଜଙ୍ଗଲ ଚାରିପାଖରେ ତାରବାଡ ବୁଲାଯାଇଛି। କେତେକ ସ୍ଥାନରେ ତାର ବାଡ ଧସି ଯାଇଛି । ସେହି ରାସ୍ତା ଦେଇ ବାର୍‌ହା ଓ ହରିଣ ଫସଲ ଖାଇବାକୁ ଜଙ୍ଗଲ ନିକଟ ଲୁଣା ଘେରିବନ୍ଧକୁ ଡେଇଁ ଜନବସତିକୁ ପଶି ଆସୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସୋମବାର ଦିନ ୧୧ଟା ସମୟରେ ଧାନ ବିଲରେ ଏକ ହରିଣଙ୍କୁ ଫସଲ ଖାଉଥିବା ଦେଖିବାକୁ ମିଳିଥିଲା। ରାଜନଗର ରେଞ୍ଜର ବିଜୟ କୁମାର ପାତ୍ର ବାର୍‌ହା ଆକ୍ରମଣ ସମ୍ପର୍କରେ ସୂଚନା ପାଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଏସ୍‌ଡିଜି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଯାଜପୁର ଟାଉନ,୯।୧୨(ଡି.ଏନ.ଏ.)**

ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଚାଲିଥିବା ସଷ୍ଟେନେବଲ ଡେଭ୍‌ଲପମେଣ୍ଟ୍ ଗୋଲ୍‌ସ(ଏସ୍‌ଡିଜି) ସମ୍ପର୍କିତ ଦୁଇ ଦିବସୀୟ ତାଲିମ ଶିବିର ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦କୁ ଦୃଷ୍ଟିରେ ରଖି ଜିଲାରେ ୩୧୧ ପଞ୍ଚାୟତ ଓ ୨ ସହରାଞ୍ଚଳରେ କିଭଳି ବିକାଶର ସ୍ଥାନୀୟକରଣ କରାଯିବ ସେଥିପାଇଁ ପ୍ରଶିକ୍ଷଣର ଦ୍ୱିତୀୟ ଦିବସରେ ପ୍ରଶିକ୍ଷକମାନେ ୨ ପଞ୍ଚାୟତ ଯଥା- ଯାଜପୁର ବ୍ଲକ୍‌ର ମାଳଆନନ୍ଦପୁର ଓ କୋରେଇର ପଥରପଦା ପରିଦର୍ଶନ କରିଥିଲେ। ୨ ପ୍ରଶିକ୍ଷାର୍ଥୀ ଦଳ ୩ଟି ବିଭାଗରେ ବିଭକ୍ତ ହୋଇ ଗୋଟିଏ ବିଭାଗ ସୁସ୍ଥ ଗ୍ରାମ ପଞ୍ଚାୟତ, ଆଉ ଗୋଟିଏ ଶିଶୁ ଅନୁକୂଳ ଗ୍ରାମ ପଞ୍ଚାୟତ ଓ ସ୍ୱଚ୍ଛ ସବୁଜ ପଞ୍ଚାୟତ ବୁଲି ବିକାଶର ୧୭ଟି ଲକ୍ଷ୍ୟ କିପରି କାର୍ଯ୍ୟକାରୀ କରାଯାଇପାରିବ ତାହା ଉପରେ ଜନମତ ଲୋଡ଼ିଥିଲେ। ଜନସାଧାରଣଙ୍କ ମତାମତକୁ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ପ୍ରଶିକ୍ଷାର୍ଥୀ।

କାର୍ଯ୍ୟକାରୀ କରିବା ଦିଗରେ ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ସେମାନଙ୍କ ବାର୍ତ୍ତା ଉପସ୍ଥାପନା କରିଥିଲେ।

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ସାମର୍ଥ୍ୟ ବିକାଶ ବିଶେଷଜ୍ଞ ସରୋଜ କୁମାର ଦାଶ ଯୋଗଦେଇ ଆଗାମୀ ଦିନରେ ଯାଜପୁର ଜିଲା ନିରନ୍ତର ବିକାଶ ଲକ୍ଷ୍ୟକୁ ସାକାର କରିବା ପାଇଁ ଏକ ବିସ୍ତାରିତ ଜିଲା ଖସଡ଼ା ପ୍ରସ୍ତୁତ କରିଥିଲେ। ଦାଶଙ୍କ ଆହ୍ୱାନରେ ଆଗାମୀ ବର୍ଷଠାରୁ ୨୦୩୦ ପାଇଁ ନିରନ୍ତର ବିକାଶର ଯେଉଁ ୧୭ ଲକ୍ଷ୍ୟ ରହିଛି ତାହା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ରହି କାର୍ଯ୍ୟ କରିବେ ବୋଲି କୁହାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଯୋଜନା ଓ ସଂଯୋଜନ (ଡିପିଏମ୍‌ୟୁ) ବିଭାଗର ଉପନିର୍ଦ୍ଦେଶକ ଶ୍ରୀଧର ସେଠୀ, ଜିଲା ପରିଷଦର ପ୍ରୋଗ୍ରାମ ମ୍ୟାନେଜର ମଧୁମିତା ପୃଷ୍ଟି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଦୀର୍ଘସ୍ଥାୟୀ(ଅର୍ଥନୈତିକ) ପ୍ରଦୀପ ପଣ୍ଡା, ଆନାଲିଷ୍ଟ ପ୍ରମୋଦ ମଲ୍ଲିକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଡା. ମିଥୁନ କର୍ମକାର, ଷ୍ଟେଟ୍ ଟ୍ରେନର ଭାନୁପ୍ରତାପ ପାଣିଗ୍ରାହୀ ପ୍ରମୁଖ ବୈଷୟିକ ତାଲିମ ପ୍ରଦାନ କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ, ସରପଞ୍ଚ, ବିଡିଓ ଏବଂ ବିଭିନ୍ନ ଏନ୍‌ଜିଓର କର୍ମକର୍ତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ପାଣିକୋଇଲି,୯।୧୨(ଡି.ଏନ.ଏ.)**

ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ 'ମୋ କଲେଜ ଅଭିଯାନ' ଆନୁକୂଲ୍ୟରେ ଏକ ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳ, ବରିଷ୍ଠ ଅଧ୍ୟାପକ ସମରେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମୋ କଲେଜ ଅଭିଯାନର ସଂଯୋଜକ ତଥା ବରିଷ୍ଠ ଅଧ୍ୟାପକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ପରିଚାଳନାରେ କୋରେଇ ବ୍ଲକ ବୁଥ୍‌ଲେବୁଲ ସୁପରଭାଇଜର ପ୍ରଶାନ୍ତ କୁମାର ବେହେରା, ଅଖିଳ ମୋହନ ମହାନ୍ତି ଏବଂ ବୁଥ୍ ଲେବୁଲ ଅଫିସର ଅବଦୁଲ ସୟଦ ଖାଁ, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ତାରିଣୀ ପ୍ରସାଦ ରାୟ ଓ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମଦନ ମୋହନ ପାତ୍ର, ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପିକା ପାର୍ବତୀ ନାଥ, ସତ୍ୟବ୍ରତ ଦାସ, ସୌମ୍ୟକାନ୍ତ ବିଶ୍ୱାଳ, ଅଲେଖ ପ୍ରସାଦ ସାହୁ, ପ୍ରମୋଦ ମିଶ୍ର, ରମୋଶ ଚନ୍ଦ୍ର ମହାକୁଡ, ବିପିନ ବିହାରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ରଗଡ଼ି ପଲିଟେକ୍ନିକ୍‌ର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ


ସରକାରୀ ବହୁମୁଖୀ ଅନୁଷ୍ଠାନ (ପଲିଟେକ୍ନିକ) ପରିସରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

**ରଗଡି,୯।୧୨(ଡି.ଏନ.ଏ.)**

ଯାଜପୁର ଜିଲା ରଗଡିସ୍ଥିତ ସରକାରୀ ବହୁମୁଖୀ ଅନୁଷ୍ଠାନ (ପଲିଟେକ୍ନିକ) ପରିସରରେ ଗୁରୁବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି ଓ ବିଦ୍ୟୁତ ବିଭାଗର ମୁଖ୍ୟ ନୃସିଂହ ଚରଣ ବେହେରାଙ୍କ ସମେତ ୫ମ ସେମିଷ୍ଟାର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ପଲିଟେକ୍ନିକଠାରୁ ରଗଡି ବଜାର ପର୍ଯ୍ୟନ୍ତ ରାସ୍ତାକୁ ଛାତ୍ରୀଛାତ୍ରମାନେ ସଫା କରିଥିଲେ। ଶିବାନୀ ପଣ୍ଡା, ନିହାରିକା ସେଠୀ, ରୀନାରାଣୀ ସୋରେନ, ଜ୍ୟୋତିର୍ମୟୀ ସେଠୀ, ବିଜୟ ବଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ନାବାଳିକାକୁ ଅପହରଣ ପରେ ବଳାତ୍କାର

**ଡେରାବିଶ,୯।୧୨(ସ୍ୱ.ପ୍ର.)**

ଡେରାବିଶ ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ତାଙ୍କ ମାଆ ଗତ ମାସ ୧୦ ତାରିଖରେ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରିନେଇ ୩ ସପ୍ତାହ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖି ବହୁବାର ବଳାତ୍କାର କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସମ୍ପୃକ୍ତ ଯୁବକ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ଇଚ୍ଛୁକୁରା ଗ୍ରାମର ଲିପୁ ସେଠୀ(୨୩)। ପୀଡ଼ିତାଙ୍କୁ ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କ ହେପାଜତରେ ଦେଇଛି ବୋଲି ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ କହିଛନ୍ତି ।

ସୂଚନା ଅନୁଯାୟୀ, ଲିପୁ ନାବାଳିକାଙ୍କ ଗ୍ରାମ ନିକଟରେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ଗତ ନଭେମ୍ବରରେ କୌଶଳକ୍ରମେ ସେ ସମ୍ପୃକ୍ତା ନାବାଳିକାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏନେଇ ମାମଲା(ନଂ.୧୨୮/ ୨୨) ରୁଜୁ ହୋଇଥିଲା । ଅପହୃତା ନାବାଳିକାଙ୍କୁ ଖୋଜିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ହେଲେ ଉକ୍ତ ନାବାଳିକାଙ୍କୁ ଲିପୁ ନେଇ ନିଜ ଇଚ୍ଛୁକୁରାସ୍ଥିତ ଘରେ ରଖିଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଗୁରୁବାର ରାତିରେ ଅଚାନକ ଚଢାଉ କରିଥିଲା । ଉଭୟଙ୍କୁ ଡେରାବିଶ ଥାନାକୁ ଅଣାଯାଇ ପଚରାଉଚୁରା ପରେ ଲିପୁ ଉକ୍ତ ନାବାଳିକାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ସୂଚନା ମିଳିଥିଲା । ପୋଲିସ ଶନିବାର ପୀଡ଼ିତାଙ୍କୁ ପ୍ରଥମେ ସିଡବ୍ଲ୍ୟୁସି ଓ ପରେ ମାଜିଷ୍ଟ୍ରେଟଙ୍କ ପାଖରେ ହାଜର କରି ତାଙ୍କ ବୟାନ ରେକର୍ଡ କରିଛି । ଲିପୁଙ୍କ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ।

## ସନ୍ ପବ୍ଲିକ୍ ସ୍କୁଲ୍‌ରେ ପାଠ୍ୟ କର୍ମଶାଳା


କର୍ମଶାଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଯାଜପୁର ଟାଉନ,୯।୧୨(ଡି.ଏନ୍.ଏ.)**

ଯାଜପୁର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସନ୍ ପବ୍ଲିକ ସ୍କୁଲରେ ଏକ ପାଠ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଲିଡ୍ ସ୍କୁଲ୍ ସହଯୋଗରେ ହୋଇଥିଲା। ଏଥିରେ ସ୍କୁଲ୍‌ର ସମସ୍ତ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। କର୍ମଶାଳାରେ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ସୌରମଣ୍ଡଳ ପ୍ରକଳ୍ପଟି ଅତି ଚିତାକର୍ଷକ ହୋଇଥିଲା। ହିନ୍ଦୀ ବିଷୟରେ ରାମାୟଣ ଓ ମହାଭାରତ କଥାକୁ ଛାତ୍ରୀଛାତ୍ର ପ୍ରାଞ୍ଜଳ ଭାବେ ପରିଦର୍ଶକଙ୍କ ନିକଟରେ ଉପସ୍ଥାପନା କରିଥିଲେ। କର୍ମଶାଳାକୁ ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ସାହୁ ପରିଚାଳନା କରିଥିବା ବେଳେ ସ୍କୁଲ୍ ଅଧ୍ୟକ୍ଷ ବିଷ୍ଣୁଚରଣ ସାହୁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମମତା ମଲ୍ଲିକ, ଜିତେନ୍ଦ୍ର କୁମାର ମିଶ୍ର, ନମିତା ରାଉତ, ଉପେନ୍ଦ୍ର କୁମାର ପରିଡା, ଜୟସ୍ମିତା ପଣ୍ଡା, ଅରୁନ୍ଧତି ମହାନ୍ତି, ଦୀପ୍ତିରେଖା ରାଉତ, ସୁଜାତା ପଣ୍ଡା, ଶ୍ୟାମଲି ମଧୁମିତା ରାୟ, ପିନାଖି ନାୟକ, ଜିତିଯୁକ୍ତା ବାରିକ, ବିଷ୍ଣୁପ୍ରିୟା ମିଶ୍ର, ଦେବପ୍ରସାଦ ସାହୁ, ପ୍ରଦୀପ କୁମାର ଗୋଚ୍ଛାୟତ, ସୁମିତ୍ରା ବେହେରା, ମାମାଲି ଜେନା, ରେଣୁବାଳା ସେନ, ଅବନ୍ତି ଜେନା ଓ ବଳରାମ ଜେନା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ଟ୍ରଷ୍ଟି ଶ୍ରୀକାନ୍ତ ପଣ୍ଡା ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଦେଖି ବିସ୍ମୟ ହେବା ସହ ପ୍ରଶଂସା କରିଥିଲେ। ଶେଷରେ ବିଦ୍ୟାଳୟ ଅଧ୍ୟକ୍ଷ ପପ୍‌ଲିନା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ

**ଯାଜପୁର ଟାଉନ,୯।୧୨(ଡି.ଏନ.ଏ.)**

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଜିଲାରେ ଆଧାର କାର୍ଡ ଅଦ୍ୟତନ(ଅପ୍‌ଡେଶନ) ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ୟୁଆଇଡିଏଆଇ ପକ୍ଷରୁ ସହକାରୀ ମ୍ୟାନେଜର ଶ୍ରବଣ କୁମାର ଯୋଗଦେଇ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ତରଫରୁ ଜାରି କରାଯାଇଥିବା ନିୟମାବଳୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପିପିଟି ମାଧ୍ୟମରେ ଅପଡେଟ ହୋଇଥିବା ଆଧାର ଏକ ଶକ୍ତିଶାଳୀ ଆଧାର ବୋଲି ସେ କହିଥିଲେ। ଯାଜପୁର ଜିଲାରେ ୦ରୁ୫ବର୍ଷ ମଧ୍ୟରେ ଥିବା ଶିଶୁଙ୍କ ଆଧାର ଏନ୍‌ରୋଲମେଣ୍ଟରେ ଶତପ୍ରତିଶତ ଟାର୍ଗେଟ ହାସଲ ପାଇଁ ୫ ବର୍ଷ ପରେ ଓ ୧୫ ବର୍ଷ ପରେ ଆଧାର ଅଦ୍ୟତନ କରିବା ପାଇଁ ସମସ୍ତଙ୍କୁ ସତର୍କ କରାଇବାକୁ ଅତିରିକ୍ତ ଜିଲାପାଳ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୦ବର୍ଷ ପୂର୍ବେ ଆଧାର କାର୍ଡ ପ୍ରସ୍ତୁତ କରାଇଥିବା ପ୍ରତ୍ୟେକ ବ୍ୟକ୍ତି ପିଓଆଇ (ପ୍ରୁଫ୍ ଅଫ୍ ଆଇଡେଣ୍ଟିଟି) ଓ ପିଓଏ (ପ୍ରୁଫ୍ ଅଫ୍ ଆଡ୍ରେସ୍) ଅଦ୍ୟତନ କରିବା ପାଇଁ ଅତିରିକ୍ତ ଜିଲାପାଳ ଜଣାଇଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଆଧାର ଏନ୍‌ରୋଲମେଣ୍ଟ ସେଣ୍ଟର ସୁଚାରୁ ରୂପେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି କି ନାହିଁ ଏବଂ ସେଥିପାଇଁ ଯତ୍ନବାନ ହେବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଇ-ଗଭର୍ନାନ୍ସ ମ୍ୟାନେଜର ଶାରଦା ପ୍ରସାଦ ଜେନା, ମୋସେବା କେନ୍ଦ୍ରର ଜିଲା ପରିଚାଳକ ଦୀପ୍ତିରଞ୍ଜନ ବାରିକ, ଲିଡ୍ ବ୍ୟାଙ୍କ ମ୍ୟାନେଜରଙ୍କ ପ୍ରତିନିଧି ସମର ପାଢ଼ୀ, ହେଡ୍ ପୋଷ୍ଟମାଷ୍ଟର ନିତ୍ୟାନନ୍ଦ ନାଥଶର୍ମା, ଏଡିଇଓ ଶଶୀଧର ସିଂ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଏ. ଉଷାରାଣୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡେପୁଟି କଲେକ୍ଟର ତିଲୋତମା ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ବଧୂ ହତ୍ୟା ଘଟଣା: ଶାଶୁ ଅଟକ

**କୁଜଙ୍ଗ,୯।୧୨(ଡି.ଏନ୍.ଏ.)**

କୁଜଙ୍ଗ ଥାନା ବାଲିଆ (କାଞ୍ଜିଆକଣ) ଗ୍ରାମରେ ବଧୂ ହତ୍ୟା ଅଭିଯୋଗରେ ଶୁକ୍ରବାର ପୋଲିସ ଶାଶୁଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ଥାନା କଙ୍କରଦିଆ ଗ୍ରାମର ଲକ୍ଷ୍ମୀପ୍ରୀୟା ବେହେରା ୫ ବର୍ଷ ତଳେ କାଞ୍ଜିଆକଣ ଗ୍ରାମର ଦନେଇ ସ୍ୱାଇଁଙ୍କୁ ବିବାହ କରିଥିଲେ। ଦନେଇ ବାଙ୍ଗାଲୋରରେ ରହି କାମ କରୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ଶାଶୁଘର ଲୋକେ ଯୌତୁକ ଦାବି କରି ଲକ୍ଷ୍ମୀପ୍ରିୟାଙ୍କୁ ନିର୍ଯାତନା ଦେଉଥିଲେ। ୬ ତାରିଖରେ ଶାଶୁଘର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ମାରିଦେଇଥିବା ନେଇ ଖୁଡ଼ୀ ଭାରତୀ ପୁହାଣ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରଠୁ ଶାଶୁ ଓ ଶ୍ୱଶୁର ଫେରାର ହୋଇଯାଇଥିଲେ। ପୋଲିସ୍ ଶାଶୁଙ୍କୁ ଠାବ କରି ଥାନାକୁ ଆଣି ପଚରାଉଚୁରା କରୁଛି ବୋଲି ଥାନା ଅଧିକାରୀ ସୁଜିତ୍ ପ୍ରଧାନ କହିଛନ୍ତି।

## ଉଦାସ ଆଶ୍ରମ ପକ୍ଷରୁ ସତୀହେଂଶ ପୀଠର ପୁନରୁଦ୍ଧାର

**ଚଣ୍ଡିଖୋଲ,୯।୧୨(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମରେ ଥିବା ପ୍ରସିଦ୍ଧ ପୌରାଣିକ କ୍ଷେତ୍ର ସତୀହେଂଶ ପୀଠର ପୁନରୁଉଦ୍ଧାର କରାଯାଇ ମା'ଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଛତିଆସ୍ଥିତ ଉଦାସ ଆଶ୍ରମ ଆନୁକୂଲ୍ୟରେ ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ଦୁଇଦିନ ଧରି ବିଶ୍ୱ ଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉଦାସ ଆଶ୍ରମର ପୀଠାଧିଶ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଙ୍କୁରାରୋପଣ ଜଳାଧିବାସ ବୁଧବାର କରାଯାଇଥିବା ବେଳେ ଗୁରୁବାର ଶୂନ୍ୟବାସୀଙ୍କ ପୂଜା ପ୍ରଭାତି ପ୍ରାର୍ଥନା, ସୂର୍ଯ୍ୟପୂଜା, ଗୋପୂଜା ଆଦି କରାଯାଇଥିଲା। ଏହି ଅବସରରେ ଦୁଇଦିନ ବ୍ୟାପୀ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଯଜ୍ଞର ଆହୂତି ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଜନତାଙ୍କ ସମେତ ବଡ଼ଚଣା, ଛତିଆ ଓ ଚଣ୍ଡିଖୋଲ ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଖଗେଶ୍ୱର ରଥ ଓ ନୀଳମଣି ପଣ୍ଡା ଯଜ୍ଞ ଆହୂତି ପ୍ରଦାନ କରିଥିବା ବେଳେ ସନ୍ଦୀପ କାନୁନ୍‌ଗୋ କର୍ତ୍ତାଭାବେ ଯୋଗ ଦେଇଥିଲେ। ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଜ୍ଞୀନ୍ଦ୍ର ନାୟକ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ନିରଞ୍ଜନ ସେନାପତି, ସରପଞ୍ଚ ସାଗରିକା ବିହାରୀ, ପୂର୍ବତନ ସମିତିସଭ୍ୟ ଚିନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇ ଆଶିଷ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଆଶ୍ରମର ସେବକ ସତ୍ୟରଞ୍ଜନ ଦାସ ପରିଚାଳନା କରିଥିବାବେଳେ ବହୁ ଉଦାସପନ୍ଥୀ ଭକ୍ତମାନେ ଯୋଗଦେଇ ଯଜ୍ଞ କାର୍ଯ୍ୟରେ ସହାୟତା କରିଥିଲେ।


ଉଦାସ ଆଶ୍ରମ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ।

## ପ୍ଲାଷ୍ଟିକମୁକ୍ତ ଅଭିଯାନ ପାଇଁ ଆଲୋଚନା

**ଯାଜପୁର ଟାଉନ,୯।୧୨(ଡି.ଏନ୍.ଏ.)**

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲା ପରିବେଶ ସମିତି ଓ ଜାତୀୟ ସବୁଜ ବାହିନୀର ଜିଲା କାର୍ଯ୍ୟକାରିଣୀ ତଥା ମୂଲ୍ୟାୟନ କମିଟିର ମିଳିତ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ସମିତିର ସହଅଧ୍ୟକ୍ଷ ଦୁଃଖବନ୍ଧୁ ନାୟକ ଯୋଗଦେଇ ଜିଲା ପରିବେଶ ସମିତି ଓ ଜାତୀୟ ସବୁଜ ବାହିନୀକୁ ଅଧିକ କ୍ରିୟାଶୀଳ କରାଯିବା ସହ ପରିବେଶ ସଚେତନତା ପାଇଁ ସ୍ଥାୟୀ ସଭ୍ୟ ଗ୍ରହଣ, ବିଦ୍ୟାଳୟ ଓ ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ଚାରାରୋପଣ ଓ ତା'ର ରକ୍ଷଣାବେକ୍ଷଣ, ବାର୍ଷିକ ମୁଖପତ୍ର 'ସବୁଜ ପରିବେଶ ପରିକ୍ରମା'-୨୦୨୨-୨୩ ପ୍ରକାଶ, ବିଦ୍ୟାଳୟସ୍ତରରେ ଅଧିକ ଇକୋ କ୍ଲବ୍ ଗଠନ ଏବଂ ତାର ସମୀକ୍ଷା କାର୍ଯ୍ୟକ୍ରମର ଅଭିବୃଦ୍ଧି ପାଇଁ ପଦକ୍ଷେପ


ଜିଲା ପରିବେଶ ସମିତି ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

ଗ୍ରହଣ କରିବା ନିମନ୍ତେ ଆଲୋଚନା କରିଥିଲେ। ସମିତିର ସମ୍ପାଦକ ଡ. ଶରତ କୁମାର ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ମିଳିତ ବୈଠକରେ ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଶାଖା ଅଧିକାରୀ ମଦନ ମୋହନ ସାହୁ, ଜିଲା କୃଷି ଅଧିକାରୀ, ଉଦ୍ୟାନ ବିଭାଗ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କୃତିବାସ ବାରିକ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବରୁଣେଶ୍ୱର ମହାବିଦ୍ୟାଳୟର ରାସାୟନିକ ବିଭାଗ ପୂର୍ବତନ ପ୍ରାଧ୍ୟାପକ ଡ. ଚତୁର୍ଭୁଜ ସାହୁ, ଜାତୀୟ ସବୁଜ ବାହିନୀର ମୁଖ୍ୟ ପ୍ରଶିକ୍ଷକ ଡ. ନୃସିଂହ ଚରଣ ବେହେରା, ଡ. ମହେଶ୍ୱର ଜେନାସାମନ୍ତ, ବିଜୟ କୁମାର ସାହୁ, ବିଜୟ ମୋହନ ରାୟ, ବିଷ୍ଣୁ ମୋହନ ସାହୁ, ମୂରଲୀଧର ମେମୋରିଆଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ମଧୁପୁର ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଶିକ୍ଷୟିତ୍ରୀ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପରିବେଶ ସମିତିର ଯୁଗ୍ମ ସମ୍ପାଦକ ମଳୟ କୁମାର ମିତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବଧୂ ହତ୍ୟା ଘଟଣା: ଶାଶୁ ଅଟକ

କୁଜଙ୍ଗ,୯।୧୨(ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ବାଲିଆ(କାଞ୍ଜିଆକଣ) ଗ୍ରାମରେ ଗତ ୬ ତାରିଖରେ ଘଟିଥିବା ବଧୂ ହତ୍ୟା ଅଭିଯୋଗରେ ଶୁକ୍ରବାର ପୋଲିସ ଶାଶୁଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ଥାନା ଅନ୍ତର୍ଗତ କଙ୍କରଦିଆ ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା ୫ ବର୍ଷ ତଳେ କାଞ୍ଜିଆକଣ ଗ୍ରାମର ଦନେଇ ସ୍ୱାଇଁଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୪ ବର୍ଷର ଶିଶୁ ପୁତ୍ର ସନ୍ତାନ ଅଛି। ଦନେଇ ବାଙ୍ଗାଲୋରରେ ରହି କାମ କରୁଥିବାବେଳେ ଲକ୍ଷ୍ମୀପ୍ରିୟା ଶାଶୁ ଘରେ ରହୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଲକ୍ଷ୍ମୀପ୍ରିୟାଙ୍କୁ ନିର୍ଯାତନା ଦେଉଥିଲେ। ୬ ତାରିଖରେ ଶାଶୁଘର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ମାରିଦେଇଥିବା ନେଇ ଖୁଡ଼ୀ ଭାରତୀ ପୁହାଣ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରଠୁ ଶାଶୁ ଓ ଶ୍ୱଶୁର ଫେରାର ହୋଇଯାଇଥିଲେ। ଶୁକ୍ରବାର ପୋଲିସ୍ ଶାଶୁଙ୍କୁ ଠାବ କରି ଥାନାକୁ ଆଣି ପଚରାଉଚୁରା କରୁଛି ବୋଲି ଥାନା ଅଧିକାରୀ ସୁଜିତ୍ ପ୍ରଧାନ କହିଛନ୍ତି।

### ସଫେଇ ହେଲା ଟ୍ରେଡ୍ ସେଣ୍ଟର



ପାରାଦୀପ,୯।୧୨(ସ୍ୱ.ପ୍ର.): ପାରାଦୀପ ବ୍ୟାଙ୍କ ଲେନରେ ଥିବା ଟ୍ରେଡ୍ ସେଣ୍ଟର ପରିସରକୁ ଶୁକ୍ରବାର ସଫେଇ କରାଯାଇଛି। ଏହା ଗତ ୬ ବର୍ଷ ହେବ ସଫେଇ ହୋଇ ନ ଥିଲା। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଅଧୀନରେ ଏହି ସେଣ୍ଟର ରହିଛି । ଏଥିରେ ୧୦ ଟି କମ୍ପାନୀ, ଏକ ସପିଙ୍ଗ ମଲ ଓ ଦୁଇଟି ବ୍ୟାଙ୍କ ରହିଛି। ଏତେଦିନ ଧରି ଉକ୍ତ ସେଣ୍ଟର ସଫା ନ ହେବା ଦ୍ୱାରା ସେଠାରେ ଆବର୍ଜନା, ଅନାବନା ଗଛ ଭର୍ତ୍ତି ହୋଇଯାଇଥିଲା। ଶୁକ୍ରବାର ସିଓ୍ୱେଜ ସିପିଂ କମ୍ପାନୀ କର୍ମଚାରୀମାନେ ଏହାକୁ ସଫେଇ କରିଥିଲେ। ଏଥିରେ ୧୦ ଟ୍ରକରୁ ଅଧିକ ଆବର୍ଜନା ବାହାର କରାଯାଇଛି ବୋଲି କମ୍ପାନୀର ମାନବସମ୍ବଳ ଅଧିକାରୀ ଦୀପକ ରଥ କହିଛନ୍ତି। ଆଗାମି ଦିନରେ ସମସ୍ତ କମ୍ପାନୀ ମିଶି ସଫେଇ କରିବା ସହ ସୌନ୍ଦର୍ଯ୍ୟକରଣ କରିବେ ବୋଲି ପ୍ରସ୍ତାବ ରହିଛି।

### ୭ କିଲୋ ଗଞ୍ଜେଇ ଜବତ: ୨ ଗିରଫ

ପାରାଦୀପ,୯।୧୨(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ପୋଲିସ ଶୁକ୍ରବାର ୭ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବୃନ୍ଦାବନ କଲୋନୀ ବାସିନ୍ଦା ନରେଶ କୁମାର ନାୟକ ଓ ତ୍ରିଲୋଚନ ନାୟକ। ଅଭିଯୁକ୍ତମାନେ ସବଷ୍ଟେଶନ ଛକରେ ଗଞ୍ଜେଇ ନେଇ ଯିବା ବେଳେ ପାଟ୍ରୋଲିଂ ପୋଲିସ ହାତରେ ଧରି ପଡ଼ିଥିଲେ। ଏ ନେଇ ଥାନାରେ ମାମଲା (ନଂ.୪୦୭/୨୨) ରୁଜୁ ହୋଇଛି।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ପର୍ଯ୍ୟଟନ କ୍ଷେତ୍ର

ଜଗତସିଂହପୁର ଅଫିସ, ୯।୧୨

**ଜଗତ୍‌ସିଂହପୁର ଜିଲ୍ଲା**
- ମା'ଶାରଳା ମନ୍ଦିର, ଗୋରେଖନାଥ ମନ୍ଦିର, ପାରାଦୀପ ବନ୍ଦର, ଧଳତଙ୍ଗଗଡ଼ ଇକୋ ଟୁରିଜମ୍ କେନ୍ଦ୍ରର ଚାହିଦା ଅଧିକ
- ବିକାଶ ପାଇଁ ଅଧିକ ଧ୍ୟାନ ଦେବାକୁ ଦାବି

ଜଗତ୍‌ସିଂହପୁର ଜିଲ୍ଲାର ମଠ, ମନ୍ଦିର, କଳା, ସଂସ୍କୃତି ତଥା ପର୍ଯ୍ୟଟନ କ୍ଷେତ୍ର ସବୁବେଳେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଶାରଳା । ତାଙ୍କ ଦର୍ଶନ ପାଇଁ କେବଳ ରାଜ୍ୟ ନୁହେଁ, ବାହାରୁ ପ୍ରତ୍ୟହ ବହୁ ଭକ୍ତଙ୍କ ଆଗମନ ହୋଇଥାଏ। ଶିଳ୍ପ ସମୃଦ୍ଧ ପାରାଦୀପ ପୂର୍ବ ଭାରତର ପ୍ରବେଶ ପଥ ଭାବେ ପରିଚିତ। ପାରାଦୀପ ବନ୍ଦର ଜିଲ୍ଲାର ଅନ୍ୟ ଏକ ଆକର୍ଷଣ। ସେହିପରି ଧଳତଙ୍ଗଗଡ଼ ବନାଞ୍ଚଳ, ସିଆଳି, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ, ଧାନକୁଦ ଓ ବନ୍ଦର ଆଦି ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ବିଶେଷକରି ଶୀତ ଦିନେ ଏହି ପର୍ଯ୍ୟଟନ ସ୍ଥଳଗୁଡିକରେ ଅଧିକ ଗହଳି ଦେଖିବାକୁ ମିଳେ । ୨ ବର୍ଷ କୋଭିଡ୍ କଟକଣା ଯୋଗୁ ସବୁକିଛି ଖାଁ ଖାଁ ଲାଗୁଥିଲା । କଟକଣା ହଟିବା ପରେ ଚଳିତ ଶୀତରେ ଏହି ସ୍ଥାନଗୁଡିକରେ ନିଆରା ପରିବେଶ ସୃଷ୍ଟି ହୋଇଛି। ଏସବୁ ପର୍ଯ୍ୟଟନ କ୍ଷେତ୍ରର ଆଶାନୁରୂପକ ବିକାଶ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ସାଧାରଣରେ ଦାବି ହୋଇଛି ।

ମା'ଶାରଳା ମନ୍ଦିର କଥା ଆଲୋଚନାକୁ ନିଆଯାଇପାରେ। ମା'ଙ୍କ ମନ୍ଦିର ପାଖରେ ଓଡ଼ିଆ ମହାଭାରତର ରଚୟିତା ତଥା ଆଦି କବି ଶାରଳା ଦାସଙ୍କ ଘର । ଶାରଳା ଦାସ ଏହି ମନ୍ଦିର ତଥା ମା'ଙ୍କ ସମ୍ପର୍କରେ ମହାଭାରତରେ ଅନେକ କିଛି ଲେଖିଛନ୍ତି । ସେ ମା'ଙ୍କ ବିଭିନ୍ନ ରୂପ ବର୍ଣ୍ଣନା କରିଛନ୍ତି। ତେବେ ପୁରୁଣା ସାରଳା ମନ୍ଦିର ଉପରେ କଳାପାହାଡ ଆକ୍ରମଣ କରି ପ୍ରଚୁର ସୁନା, ରୁପ, ମୋତି, ମାଣିକ ଲୁଣ୍ଠନ କରି ନେଇଥିଲେ । ନୂଆ ମନ୍ଦିର ନିର୍ମାଣ ପରେ ସେଠାରେ ପ୍ରତ୍ୟହ ଭକ୍ତଙ୍କ ଗହଳି ଲାଗି ରହୁଛି । ବିଶେଷକରି କୌଣସି ବ୍ୟକ୍ତି ପାଲା, ସଙ୍ଗୀତ, ନୃତ୍ୟ ଆଦି ଶିକ୍ଷାଲାଭ କରିବାକୁ ଚାହିଁଲେ ପ୍ରଥମେ ମା'ଶାରଳାଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଯାତ୍ରା ପାର୍ଟିଗୁଡିକ ପ୍ରତିବର୍ଷ ଯାତ୍ରା କରିବାକୁ ବାହାରିଲେ ପ୍ରଥମେ ମା'ଙ୍କ ଆଶୀର୍ବାଦ ପରେ ବାହାରିଥାନ୍ତି । ନାନା ସମସ୍ୟା ଭିତରେ ଥିବା ମା'ଙ୍କ ପୀଠ ଦୀର୍ଘ ବର୍ଷ ପରେ ନୂଆ ରୂପରେ ସଜାଇ ହେବାକୁ ଯାଉଛି । ପାରାଦୀପ ବନ୍ଦର ଦେଶର ଏକ ପ୍ରମୁଖ ବନ୍ଦର ଭାବେ ପରିଚିତ। ଜିଲ୍ଲା ମୁଖ୍ୟାଳୟରୁ ୧୫ କିଲୋମିଟର ଦୂର ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ ହରିଣମାନଙ୍କ ଯୋଗୁ ସ୍ୱତନ୍ତ୍ର ପରିଚୟ ପାଇଛି। କେବଳ ଏତିକି ନୁହେଁ ଏହି ଜଙ୍ଗଲରେ ବହୁ ସଂଖ୍ୟକ ଠେକୁଆ, ହେଟା ବାଘ, ଝିଙ୍କ, ସାଳିଆ ପତନି, କଟାସ, ବିଲୁଆ ଓ ସରୀସୃପ ଆଦି ଥିବା ଶୁଣିବାକୁ ମିଳେ। ଏହାବାଦ୍ କେନ୍ଦୁ, କୁଚିଆ ଏବଂ କଣ୍ଟା ବାଉଁଶ ଆଦି ଅଧିକ ପରିମାଣରେ ଦେଖାଯାଏ। ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳେ। ଜଙ୍ଗଲ ପରିବେଶ ବେଶ୍ ମନୋରମ। ଧ୍ରୁବ ତପସ୍ୟା ସ୍ଥଳ ଧଉଳୀକୁଦ ଆଉ ଏକ ଆକର୍ଷଣ। ସେଠାରେ ଦିବାରାତ୍ର ଅଖଣ୍ଡ ଧୋନି ଦେଖିବାକୁ ମିଳେ। ଏହା ପାର୍ଶ୍ୱରେ ବନ ଦୁର୍ଗା ମନ୍ଦିର ରହିଛି। ଏସବୁର କିମ୍ବଦନ୍ତୀ ନିଆରା। ଜଙ୍ଗଲ ପରିସରରେ ଏକ ଇକୋ ଟୁରିଜିମ୍ କେନ୍ଦ୍ର ରହିଛି। ଏଠାରେ ପ୍ରତିବର୍ଷ ଶୀତ ଦିନେ ପର୍ଯ୍ୟଟକଙ୍କ ଆଗମନ ହୁଏ। ଏହି ପର୍ଯ୍ୟଟନସ୍ଥଳକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବାରୁ ଯାତାୟାତରେ ବାଧା ଉପୁଜୁଛି। ଏହାବାଦ୍ ସେଠାରେ ଫୁଲ ବଗିଚା କିମ୍ବା ଘାସ ଗାଲିଚା ଆଦି କରାଯାଇ ଅଧିକ ଆକର୍ଷଣୀୟ କରିବାକୁ ପଦକ୍ଷେପ ନିଆଗଲେ ଅଧିକକ ଭିଡ ଜମିବ। ସେହିପରି ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ମଠ, ସିଆଳି ସି ବିଚ୍, ଚାନ୍ଦପୁର ରଘୁନାଥଜୀଉ ମନ୍ଦିର, ଜଗତ୍‌ସିଂହପୁର ଜିଲ୍ଲା ମୁଖ୍ୟାଳୟ ଆଦିକୁ ପର୍ଯ୍ୟଟନ କ୍ଷେତ୍ର ଭାବରେ ଗ୍ରହଣ କରାଯାଇଛି। ଏଗୁଡିକ ମଧ୍ୟରୁ କୁଞ୍ଜବିହାରୀ ମଠ ପରିସରରେ ଥିବା ବିରାଟ ଜଗନ୍ନାଥ ମନ୍ଦିର ଜିଲ୍ଲାର ଏକ ଆକର୍ଷଣ ସ୍ଥଳ ଭାବରେ ଜଣାଶୁଣା । ସିଆଳି ସି ବିଚ୍‌କୁ ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କ ଯାତାୟାତ ଲାଗି ରହୁଛି । କିନ୍ତୁ ଏଠାରେ ଥିବା ଭ୍ୟୁ ଟାଓ୍ୱାର ପର୍ଯ୍ୟନ୍ତ ସମୁଦ୍ର ମାଡ଼ି ଆସିବାରୁ ଏହା ବିପଦସଙ୍କୁଳ ହୋଇପଡିଛି। ଏହାର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଜରୁରୀ। ସେହିପରି ରଘୁନାଥଜୀଉ ମନ୍ଦିରର ଅନୁପମ କାରୁକାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ। ଏହି ବଡ ମନ୍ଦିର ଭିତରେ ରାମ, ସୀତା, ଲକ୍ଷ୍ମଣ, ଚନ୍ଦ୍ରଶେଖର ସୁନ୍ଦର ମୂର୍ତ୍ତି ପୂଜା ପାଉଛି। ଜଗତ୍‌ସିଂହପୁର ଜିଲ୍ଲା ମୁଖ୍ୟାଳୟରେ ସୋମନାଥ ମନ୍ଦିର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ମାଛଗାଁର ଗାରେଇ, ପଞ୍ଚଶଖା ଧାନକୁଦ୍, ମରିଚିପୁର ବନ୍ଦର, ବନ୍ଦରାଇ ଠାକୁରାଣୀ ମନ୍ଦିର, ବାଲିଆ ଗୋପିନାଥ ମନ୍ଦିର, ବାଇଶି ମଉଜାର ଜଗନ୍ନାଥ ମନ୍ଦିର, ଶାଳିଜଙ୍ଗା ମଠ, ପଞ୍ଚୁପଲ୍ଲୀ, ଯଶୋବନ୍ତପୀଠ ଆଦିରେ ମଧ୍ୟ ପର୍ଯ୍ୟଟକ ଗହଳି ଦେଖାଯାଏ। ଗୋରେଖନାଥ ପୀଠ ଜିଲ୍ଲାର ଅନ୍ୟ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଛି। ମା'ଶାରଳା ମନ୍ଦିର ପରି ଏହି ସ୍ଥାନକୁ ପ୍ରତ୍ୟହ ଶହସ୍ରାଧିକ ଭକ୍ତଙ୍କ ଆଗମନ ହୋଇଥାଏ। କିନ୍ତୁ ଉପରୋକ୍ତ ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ପାଇଁ ଅଧିକ ଦାୟିତ୍ୱ ନିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବା ସାଙ୍ଗକୁ ଜିଲ୍ଲା ବିକାଶରେ ସହାୟକ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ କୁହନ୍ତି, ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି।



ଶିଆଳି ବେଳାଭୂମିରେ କ୍ଷତିଗ୍ରସ୍ତ ହୋଇଥିବା ଭ୍ୟୁ ଟାଓ୍ୱାର।

### ବନବିହାରୀ ମଠ ମହନ୍ତଙ୍କ ପରଲୋକ

କୁଜଙ୍ଗ,୯।୧୨(ଡି.ଏନ୍.ଏ.)



କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମ ବନବିହାରୀ ମଠ ମହନ୍ତ ଭଗବାନ ଦାସ(୧୦୭)ଙ୍କ ଶୁକ୍ରବାର ଭୋର ସମୟରେ ପରଲୋକ ଘଟିଛି। ମହନ୍ତ ଦାସ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ସମାଜ କଲ୍ୟାଣ ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ମାତ୍ରେ କୁଜଙ୍ଗରେ ଶୋକର ଛାୟା ଖେଳିଯାଇଛି। ବହୁ ବୁଦ୍ଧିଜୀବୀ, ବୈଷ୍ଣବ ଧର୍ମାବଲମ୍ବୀ ଓ ସାଧୁସନ୍ଥମାନେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ମଠ ପରିସରରେ ତାଙ୍କୁ ସମାଧି ଦିଆଯାଇଛି। ତାଙ୍କ ବିୟୋଗରେ ଗ୍ରାମ ମୁରବୀ ବିରେନ୍ଦ୍ର ବିଶ୍ୱାଳ, ଭ୍ରମରବର ପରିଡା, ପ୍ରଫୁଲ୍ଲ ପରିଡା, ପ୍ରସନ୍ନ ପରିଜା, ରଞ୍ଜନ ବିଶ୍ୱାଳ, କାଳିଆ ପରିଡା, ସନ୍ତୋଷ ପରିଡା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ସମାଧି କାର୍ଯ୍ୟ ସମ୍ପନ୍ନ କରିଥିଲେ।

### ବାଲି ବୋଝେଇ ଟ୍ରକ୍ ଧକ୍କାରେ ଯୁବକ ମୃତ

କଟକ ସଦର, ୯।୧୨(ଡି.ଏନ୍.ଏ.)

କଟକ-ପାରାଦୀପ ରାସ୍ତାର ସୋମପୁର ଛକରେ ଶୁକ୍ରବାର ଏକ ବାଲି ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉତ୍ତରକୂଳ ଅଞ୍ଚଳର ଅୟସକାନ୍ତ ମହାପାତ୍ର(୨୨)। କିଶନ ନଗର ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅୟସକାନ୍ତ ଏକ ବାଇକ୍(ନଂ.ଓଆର୍୦୨ବିଡି-୦୪୪୫)ରେ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ କିଶୋର ନଗର ଘାଟରୁ ବାଲି ନେଇ କଟକ ଆଡେ ଯାଉଥିବା ଟ୍ରକ (ନଂ.ଓଡ଼ି-୨୧ପି-୨୪୪୭)ଟି ବାଇକ ଉପରେ ପଛରୁ ଚଢି ଯାଇଥିଲା। ଚାଳକ କାନରେ ଇୟର ଫୋନ୍ ଦେଇ କଥା ହେଉଥିବାବେଳେ ଭାରସାମ୍ୟ ହରାଇ ଟ୍ରକ୍‌ଟି ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଚାଳକ ଜଣଙ୍କ ନିକଟସ୍ଥ ପୋଲିସ ସହାୟତା କେନ୍ଦ୍ରରେ ପଶି ଯାଇଥିଲେ।

# ଭକ୍ତିଭାବ ଜାଗ୍ରତ କରୁଥିଲେ ବାୟାବାବା



ବାୟାବାବାଙ୍କ ବାର୍ଷିକୋତ୍ସବ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ତିର୍ତ୍ତୋଲ,୯।୧୨(ଡି.ଏନ.ଏ.)

**ମହାପୁରୁଷ ବାୟାବାବାଙ୍କ ବାର୍ଷିକୋତ୍ସବ**

ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଧୀନ ଚନ୍ଦ୍ରଧ୍ୱଜପୁର-ନାଳିଆପାଳସ୍ଥିତ ଦଧିବାମନ ବାୟା ବାବା ମଠ ପରିସରରେ ଶ୍ରୀ ସିଦ୍ଧ ମହାପୁରୁଷ ବାୟାବାବାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଗୀତାଯଜ୍ଞର ପୂର୍ଣ୍ଣାହୁତି ହେବା ସହ ଧର୍ମସଭା ଆୟୋଜନ କରାଯାଇଥିଲା। ବାୟାବାବା ତାଙ୍କ ଜୀବନକାଳ ମଧ୍ୟରେ ଲୋକଙ୍କ ମଧ୍ୟରେ କୁସଂସ୍କାର ବଦଳରେ ଈଶ୍ୱରଙ୍କ ସାନିଧ ଲାଗି ଉଦ୍ୟମ କରିଥିଲେ। ସେ ଲୋକଙ୍କ ମଧ୍ୟରେ ଭକ୍ତିଭାବ ଜାଗ୍ରତ କରୁଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତପୋଷଣ କରିଛନ୍ତି। ଶିକ୍ଷାବିତ୍ ବିନୋଦ କୁମାର ମୁଦୁଲି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ପ୍ରବଚକ କେଶବ ଦାସ ଦିତୀକୃଷ୍ଣ, ମଠାଧୀଶ ନିତ୍ୟାନନ୍ଦ ମହାରାଜ, ଗରେଇ ସରପଞ୍ଚ ଦୀପ୍ତିରେଖା ଲେଙ୍କା, ସାମାଜିକ କର୍ମୀ ସଂଗ୍ରାମ କିଶୋର ଲେଙ୍କା, ଆଶିଷ କୁମାର ନାୟକ, ପ୍ରକାଶ ସ୍ୱାଇଁ, ରତ୍ନ ପର୍ଣ୍ଣ କଳା ସାହିତ୍ୟ ସଂସଦର ସମ୍ପାଦିକା ରାଜଶ୍ରୀ ସ୍ୱାଇଁ, ସୁଶ୍ରୀ ଶୁଭଶ୍ରୀର ସଭାପତି ପ୍ରେମ ଚରଣ ରାଉତ, ପୂର୍ବତନ ଜିଲ୍ଲାପରିଷଦ ହେମନ୍ତ କୁମାର ନାୟକ, ଖବରଦାତା ସୁଶୀଲ କୁମାର ମହାନ୍ତି, ବିଭୂଷିତା ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସୁକାନ୍ତ କୁମାର ଲେଙ୍କା, ସୁମନ୍ତ କୁମାର ଲେଙ୍କା, ସୁନୀଲ ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ବିରିଡି/ବାଲିଆ, ୯।୧୨(ଡି.ଏନ.ଏ/ସ୍ୱ.ପ୍ର.)

ବିରିଡି ବ୍ଲକ ବାସନ୍ଦରା ବହୁମୁଖି ବନ୍ୟା ଆଶ୍ରୟ ସ୍ଥଳ ପରିଚାଳନା କମିଟିର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଆଶ୍ରୟସ୍ଥଳ ଗୃହରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ବ୍ଲକ ଅଧକ୍ଷ ମମତା ପାତ୍ର ଉଦ୍‌ଘାଟନ କରିଥିଲେ। ଆଶ୍ରୟସ୍ଥଳର ସଭାପତି ତଥା ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ସମ୍ପାଦକ ଅଞ୍ଜନ କୁମାର ଜେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିରିଡି ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନ୍ମଭୂମିର ସମ୍ପାଦକ ଅକ୍ଷୟ କୁମାର ଜେନା ସଂଯୋଜନା କରିଥିଲେ। ବିପର୍ଯ୍ୟୟ ସମୟରେ କିପରି ଜନସାଧାରଣଙ୍କର ଜୀବନ ରକ୍ଷା କରାଯାଇପାରିବ ସେନେଇ ୧୧ ଦିନ ଧରି ୭୫ ଜଣଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଜନ୍ମଭୂମିର ସମ୍ପାଦକ ଜେନା ସୂଚନା ଦେଇଛନ୍ତି। ବିଶେଷକରି ଆଶ୍ରୟସ୍ଥଳର ସୁପରିଚାଳନା ନିମନ୍ତେ ୨୫ , ସନ୍ଧାନ ଓ ଉଦ୍ଧାର ପାଇଁ ୨୫ ଏବଂ ପ୍ରାଥମିକ ଚିକିତ୍ସା ପାଇଁ ୨୫ ଜଣଙ୍କୁ ତାଲିମ ପ୍ରଦାନ କରାଯିବ। ତାଲିମ ନେବାର ବୟସ ସୀମା ୧୮ ରୁ ୩୫ ବର୍ଷ ହେବା ଆବଶ୍ୟକ । ପରିଚାଳନା କମିଟିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶା, ଏଏନ୍ଏମ୍, ଆରଆଇ, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସ୍କୁଲ ପ୍ରଧାନ ଶିକ୍ଷକ, ୱାର୍ଡ ସଭ୍ୟା ସଭ୍ୟ, ଗ୍ରାମ ମୁଖିଆ, ଏସ୍ଏଚଜିଙ୍କ ପ୍ରତିନିଧି, ମହିଳା ପ୍ରତିନିଧି ଓ ଭିନ୍ନକ୍ଷମ ପ୍ରମୁଖ ସଦସ୍ୟ ରହିବେ ବୋଲି ସୂଚନା ମିଳିଛି। ବୈଠକରେ ମୁରବୀ ତ୍ରିଲୋଚନ ଜେନା, ଶ୍ୟାମାକାନ୍ତ ମହାନ୍ତି, ସତ୍ୟଜିତ ରାୟ, ରବୀନ୍ଦ୍ର ଦଳାଇ, ଲକ୍ଷ୍ମଣ କୁମାର ଜେନା, ସମିର ଦଳାଇ, ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ । ଶେଷରେ ସୌଭାଗ୍ୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।





ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

### ଖବରକାଗଜ ବିତରକ ସଂଘ ସଭାପତି ହେଲେ ପ୍ରଦୀପ

ପାରାଦୀପ,୯।୧୨(ସ୍ୱ.ପ୍ର.)



ପାରାଦୀପ ଖବରକାଗଜ ବିତରକ ସଂଘର ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସଂଘର ନିୟମ ମୁତାବକ ୩ ବର୍ଷ ପରେ ସଭାପତି ପରିବର୍ତ୍ତନ ହୋଇଛି। ନୂତନ ସଭାପତି ଭାବେ ପ୍ରଦୀପ କୁମାର ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି ବୋଲି ସମ୍ପାଦକ ବାଳକୃଷ୍ଣ ସୂତାର ସୂଚନା ଦେଇଛନ୍ତି। ଅନ୍ୟ କର୍ମକର୍ତ୍ତା ପୂର୍ବବତଃ ଅପରିବର୍ତ୍ତିତ ରହିଛନ୍ତି। ଏହି ଅବସରରେ ପ୍ରଦୀପ ପୂର୍ବତନ ସଭାପତି ନିମାଇଁ ମହାପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।

# ତୈଳ ବିଶୋଧନାଗାର ଆଗରେ ଚାଲିଥିବା ଧାରଣା ପ୍ରତ୍ୟାହୃତ

ପାରାଦୀପ,୯।୧୨ (ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ଆଗରେ ୪ ଦିନ ଧରି ଚାଲିଥିବା ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଯାଇଛି। ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ପକ୍ଷରୁ ୩୫୦୦ରୁ ଅଧିକ ଶ୍ରମିକଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ୧୭ଟି ଦାବି ଉପରେ ସହମତି ପ୍ରକାଶ ପାଇଛି ବୋଲି ସଂଘ ସଭାପତି ଅରିନ୍ଦମ ସର୍ଖେଲ (ବାପି)କହିଛନ୍ତି। ଏନେଇ ୪ ଦିନ ଧରି ଅହୋରାତ୍ର ଧାରଣା ଦିଆଯାଇଥିଲା। ଗତ ଦୁଇ ଦିନରେ ପ୍ରାୟ ୧୨ ଘଣ୍ଟା ଆଲୋଚନା ହେବା ପରେ ସମସ୍ୟାର ସମାଧାନ ହୋଇଥିଲା। ଏଥିରେ ପ୍ରମୁଖ ଭାବେ ଶ୍ରମିକଙ୍କୁ କ୍ୟାଣ୍ଟିନ ସୁବିଧା, ବାଇକ ପାର୍କିଂ ସହ ବର୍ଗୀକରଣ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କ ମଜୁରୀ ସଂଶୋଧିତ ହୋଇଛି। ଏହାଦ୍ୱାରା ୨୭ ଶହରୁ ୩୧ ଶହ ଟଙ୍କା ଦରମା ବୃଦ୍ଧି ପାଇବ। ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ। ଧାର୍ଯ୍ୟ ସମୟରେ ଟେଣ୍ଡର ହେବ। ପ୍ରତ୍ୟେକ ମାସର ୭ ତାରିଖରେ ଦରମା ମିଳିବ। ଏମିତି ଅନେକ ସମସ୍ୟାର ସମାଧାନ ହେବାରୁ ଧାରଣା ପ୍ରତ୍ୟାହାର ହେଲା ବୋଲି ସଂଘ ସମ୍ପାଦକ ସମୀର ବିଶ୍ୱାଳ କହିଛନ୍ତି।

# ଚାଷୀଙ୍କୁ ଆଜୋଲା, ଘାସ ଚାଷ ସମ୍ପର୍କରେ ତାଲିମ



ତାଲିମ ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଚାଷୀମାନେ।

ରଘୁନାଥପୁର, ୯।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ସାଳିଜଙ୍ଗାସ୍ଥିତ ନବଜ୍ୟୋତି କ୍ଲବ ସଭା କକ୍ଷରେ ରଘୁନାଥପୁର ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ଆଜୋଲା, ଘାସ ଚାଷ ଓ ନଡା ଉପଚାର ସମ୍ପର୍କରେ ତାଲିମ ଦିଆଯାଇଛି। ପ୍ରାଣୀ ଚିକିତ୍ସକ ଡା. ଚିନ୍ମୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅବସରପ୍ରାପ୍ତ ଡା.ପ୍ରସନ୍ନ କୁମାର ପୃଷ୍ଟି, ଡା.ଇପ୍‌ସିତା ନନ୍ଦ, ଡା.ନମସ୍ୟା ପ୍ରିୟଦର୍ଶିନୀ ଓ ଏଏଫ୍‌ଡିଓ ଜଗତ୍‌ସିଂହପୁର ସଞ୍ଜୟ କୁମାର ବାରିକ ଯୋଗଦେଇ ଚାଷୀଙ୍କୁ ତାଲିମ ଦେଇଥିଲେ। ଗୋ-ଚାଷୀ କିପରି ଗାଈଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ଖାଦ୍ୟ ଦେଇ ଅଧିକ କ୍ଷୀର ଉତ୍ପାଦନ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାଛଡା ନିଜ ଘରେ ଆଜୋଲା ଚାଷ କରି କିମ୍ବା ସୀମିତ ଜମିରେ ଘାସ ଚାଷ କରି ଗୋରୁଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବେ, ଏହାର ପ୍ରଣାଳୀ ସମ୍ପର୍କରେ ଅବଗତ କରାଯାଇଥିଲା। ଅନ୍ୟପକ୍ଷେ ଗାଈ ଖାଉଥିବା ନଡାର ଉପଚାର, ଦୈନିକ କ୍ଷୀର ଦେଉଥିବା ଗାଈ ଖାଦ୍ୟର ପରିମାଣ ଓ ସେମାନେ ରହୁଥିବା ପରିବେଶର ଅବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ୩୦ ଜଣ ଚାଷୀ ତାଲିମ ନେଇଥିଲେ। ଆଟେଣ୍ଡାଣ୍ଟ ଦେଶପ୍ରୀୟ ମହାନ୍ତି ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଂଯୋଗ ନ ହୋଇ ବାରଣ୍ଡାରେ ଝୁଲୁଛି ବିଦ୍ୟୁତ୍ ତାର

ନାଉଗାଁ,୯।୧୨(ସ୍ୱ.ପ୍ର.)

- ୪୨ ଅଙ୍ଗନୱାଡି କେନ୍ଦ୍ରର ବିଦ୍ୟୁତ୍ ମିଟର ବସାଯାଇଛି
- ପିଲାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା
- ପ୍ରତିମାସରେ ପୈଠ ହେଉଛି ବିଦ୍ୟୁତ୍ ବିଲ୍

ନାଉଗାଁ ବ୍ଲକର ୧୧୯ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୪୨ ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତିକରଣ କରାଯାଇଛି। ମାତ୍ର ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମୁଖି କାମ ଯୋଗୁ କୁନିପିଲାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ସିଡିପିଓଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଠିକାଦାର ଚୟନ କରାଯାଇଛି। ସମ୍ପୃକ୍ତ ଠିକାଦାରଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟୁତ୍ ସଂଯୋଗୀକରଣ ବାବଦରେ ଅର୍ଥ ପ୍ରଦାନ କରିବା ପାଇଁ ନିୟମ ରହିଛି। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ ୪୨ ଅଙ୍ଗନୱାଡି କେନ୍ଦ୍ର ବାରଣ୍ଡାରେ ବିଦ୍ୟୁତ୍ ମିଟର ବସାଯାଇ ଖୁଣ୍ଟରୁ ତାର ସଂଯୋଗ କରାଯାଇଛି। ହେଲେ କୌଣସି କେନ୍ଦ୍ରର ଗୃହକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। କିନ୍ତୁ ବିଦ୍ୟୁତ୍ ମିଟରରୁ ଗୃହକୁ ସଂଯୋଗ ହେବା ପାଇଁ ବାହାରିଥିବା ତାର ବାରଣ୍ଡାରେ ଝୁଲି ରହିଛି। ଅଙ୍ଗନୱାଡି କେନ୍ଦ୍ରକୁ ଛୋଟ ଛୋଟ ପିଲା ଆସୁଥିବାବେଳେ କିପରି ଦାୟିତ୍ୱରେ ତାରକୁ ବାହାରେ ଝୁଲାଇ ଦେଇ ଚାଲିଯାଇଛି, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ଅଘଟଣ ଘଟିଲେ ଏଥିପାଇଁ ଦାୟୀ କିଏ ରହିବେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। କେବଳ ଏତିକି ନୁହେଁ କେନ୍ଦ୍ରରେ ବିଦ୍ୟୁତ ମିଟର ଲଗାଯିବା ପରେ ପ୍ରତିମାସରେ ପ୍ରତି ଅଙ୍ଗନୱାଡି ପିଛା ୭୦ରୁ ୧୦୦ଟଙ୍କା ଲେଖାଏ ବିଲ୍ ପୈଠ କରାଯାଉଛି। ଲାଗିଥିବା ବିଦ୍ୟୁତ୍ ପିଲାଙ୍କ ସେବାରେ ଲାଗୁ ନଥିବା ବେଳେ କ'ଣ ପାଇଁ ବିଲ୍ ପୈଠ କରାଯାଉଛି ସେନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

ଏ ସମ୍ପର୍କରେ ନାଉଗାଁ ବିଦ୍ୟୁତ୍ ସେକ୍ସନ କନିଷ୍ଠ ଯନ୍ତ୍ରୀ ଦୀପକ ଭୂଇଁ କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଜୈନିକ ଠିକାଦାର ଆସି କାର୍ଯ୍ୟାଳୟରୁ ଅନୁମତି ନେଇଥିଲେ। ଏହା ସିଙ୍ଗିଲ ଫେଜ୍ ଲାଇନ ହୋଇ ଥିବାରୁ ଏହା ଉପରେ ବିଭାଗ ପକ୍ଷରୁ କ୍ଷେତ୍ର ଯାଞ୍ଚର ଆବଶ୍ୟକ ନ ଥିଲା। ଯଦି ସମ୍ପୃକ୍ତ ଠିକାଦାର ବିଦ୍ୟୁତ୍ ସଂଯୋଗ କରି ଫାଙ୍କାରେ ତାର ଝୁଲାଇ ରଖିଥିବେ କୌଣସି ଅଘଟଣ ଘଟିଲେ ସମ୍ପୃକ୍ତ ଠିକାଦାର ଦାୟୀ ରହିବେ ବୋଲି ସେ କହିଛନ୍ତି। ଏସମ୍ପର୍କରେ ସିଡିପିଓ ବାସନ୍ତୀ ମାଇନଙ୍କ ମତାମତ ନେବାପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।



ଅଙ୍ଗନୱାଡି କେନ୍ଦ୍ର ବାରଣ୍ଡାରେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ବିଦ୍ୟୁତ୍ ତାର।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ମାଈ କୃଷ୍ଣସାର ମୃତ



ଆସିକା,୯।୧୨(ଡି.ଏନ.ଏ): ଆସିକା-ବାଲିପଦର ମୁଖ୍ୟରାସ୍ତାର ଭେଟନଇ-ବଡଖୋଲି ମଧରେ ଶୁକ୍ରବାର କୌଣସି ଏକ ଗାଡି ଧକ୍କାରେ ଗୋଟିଏ ମାଈ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି । ୩ଫୁଟ ଉଚ୍ଚ ଓ ସାଢେ ୪ ଫୁଟ ଲମ୍ବା ଏହି କୃଷ୍ଣସାରର ବୟସ ପ୍ରାୟ ୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି । ମୃଗଟି ଖାଦ୍ୟ ଅନ୍ୱେଷଣରେ ରାସ୍ତା ପାରି ହେଉଥିବା ବେଳେ କୌଣସି ଗାଡ଼ି ଧକ୍କା ଦେଇ ପଳାଇଥିଲା। ବନ କର୍ମଚାରୀ ମୃତ କୃଷ୍ଣସାରକୁ ଆଣି ବ୍ୟବଚ୍ଛେଦ କରାଇଥିଲେ। ପରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ତାହାକୁ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା କହିଛନ୍ତି ।

### ଘରୁ ଲକ୍ଷାଧିକ ଟଙ୍କା, ସୁନା ଚୋରି

ବ୍ରହ୍ମପୁର ଅଫିସ,୯।୧୨: ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ନିକଟ ମ୍ୟୁନିସିପାଲିଟି କଲୋନୀର ଜଣଙ୍କ ଘରୁ ଚୋରି ହୋଇଛି। କେହି ଦୁର୍ବୃତ୍ତ ସ୍ୱପ୍ନା ପ୍ରଧାନଙ୍କ ଘରେ ପଶି ଆଲମିରାରୁ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଚୋରାଇ ନେଇଛନ୍ତି। ଏ ନେଇ ଥାନାରେ ସ୍ୱପ୍ନାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୩୦/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଭଞ୍ଜନଗର ନିକଟସ୍ଥ ବିଡିପୁର ଶାସନର ମୂଳନିବାସୀ କାର୍ତ୍ତିକ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ବ୍ରହ୍ମପୁର ମ୍ୟୁନିସିପାଲିଟି କଲୋନୀରେ ଘର ଭଡ଼ା ନେଇ ରହୁଥିଲେ। ଜଣେ ଠିକାଦାରଙ୍କ ପାଖରେ କାମ କରୁଥିବା କାର୍ତ୍ତିକ କୌଣସି କାମରେ ନିଜ ଗାଁକୁ ଯାଇଥିଲେ। ତାଙ୍କର ଜଣେ ସାଙ୍ଗ ଭଡ଼ାଘରକୁ ଯିବା ଆସିବା କରିଥାନ୍ତି। ସେ ପୂର୍ବରୁ ନେଇଥିବା ଏକ ସାଇକେଲ ଫେରାଇବାକୁ ଗତ ୭ତାରିଖରେ ଘରକୁ ଆସିଥିଲେ। ସ୍ୱପ୍ନାଙ୍କ ଅନୁପସ୍ଥିତିରେ ସେ ଘରକୁ ଆସି ଯିବାପରେ ଆଲମିରା ଖୋଲାଥିବା ଦେଖିଥିଲେ। ଆଲମିରାରୁ ୧ଲକ୍ଷ ୪୦ହଜାର ଟଙ୍କା ଓ ୩୦ଗ୍ରାମ ଓଜନର ଏକ ସୁନା ହାର ଗାଏବ ହୋଇଥିବା ଦେଖିଥିଲେ। ସ୍ୱପ୍ନା ଏ ନେଇ ତାଙ୍କ ସ୍ୱାମୀଙ୍କୁ ଜଣାଇବା ସହ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି କାର୍ତ୍ତିକଙ୍କ ସାଙ୍ଗଙ୍କ ଢେଙ୍କାନାଳ କୁଟାବିରାସ୍ଥିତ ଘରକୁ ଯାଇଥିଲା। ସେଠାରେ ତାଙ୍କୁ ନପାଇ ପୋଲିସ ନିରାଶରେ ଫେରିଛି।

### ଅପହରଣକାରୀ କୋର୍ଟ ଚାଲାଣ ଅପହୃତା ଛାତ୍ରୀ ଉଦ୍ଧାର

ବ୍ରହ୍ମପୁର ଅଫିସ,୯।୧୨-ବଡବଜାର ଥାନା ପୋଲିସ ଜଣେ ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅନିଲ ସାହୁ(୨୦)। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଧାରା ୧୬୪ ଅନୁସାରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ମାମଲା ନଂ. ୩୩୩/୨୨ରେ ଅଭିଯୁକ୍ତ ଅନିଲଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। କିଛିଦିନ ତଳେ ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ବଡବଜାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅପହରଣକାରୀଙ୍କ ମୋବାଇଲ ଟ୍ରାକିଂ କରି ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ଅନିଲଙ୍କୁ ପୋଲିସ ଛାତ୍ରୀ ଅପହରଣ ଓ ବଳତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି।

### ସୋନିଆଙ୍କ ଜନ୍ମଦିନ ପାଳିଲା ଯୁବକଂଗ୍ରେସ

ବ୍ରହ୍ମପୁର ଅଫିସ,୯।୧୨-ଗଞ୍ଜାମ ଜିଲା ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଅଖିଳ ଭାରତ କଂଗ୍ରେସର ପୂର୍ବତନ ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟ ବ୍ରହ୍ମପୁର ବାପୁଜୀ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସନାତନ ସାହୁ ଅଧକ୍ଷତା କରିଥିଲେ। ଛାତ୍ର କଂଗ୍ରେସ ସମ୍ପାଦକ ଦେବାଶିଷ ମହାନ୍ତିଙ୍କ ସମେତ ବିକାଶ ମହାରଣା, ବବୁଲ ପାଢ଼ୀ, ସଞ୍ଜୟ ନାହାକ ଓ ବିଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୋନିଆଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ମହାନଗର ଉପକଣ୍ଠ ଆମ୍ବଗଡ଼ସ୍ଥିତ ଜରା ନିବାସ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟା ଯାଇଥିଲା।

# ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଲା

### ରାଜସୁନାଖଳା ମହୋତ୍ସବ କାଉଁରୀର ଦ୍ୱିତୀୟ ସନ୍ଧ୍ୟା

ନୟାଗଡ଼ ଅଫିସ,୯।୧୨

ଶୁକ୍ରବାର ଚତୁର୍ଥ ବାର୍ଷିକ ରାଜସୁନାଖଳା ମହୋତ୍ସବ କାଉଁରୀ ୨୦୨୨ର ଥିଲା ଦ୍ୱିତୀୟ ସନ୍ଧ୍ୟା । ମହୋତ୍ସବର ମୁକ୍ତାକାଶ ମଞ୍ଚରେ ପାଇକ ଆଖଡା ଦେଖିବାକୁ ମିଳିଥିଲା । କଳାକାରମାନେ ସାମରିକ କଳା କୌଶଳ ପ୍ରଦର୍ଶନ କରି ଉତ୍କଳ ମାଟିର ପାଇକମାନଙ୍କ ବୀରତ୍ୱକୁ ମନେ ପକାଇଥିଲେ । ସ୍ଥାନୀୟ କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ ମନ ମୋହିଥିଲା । ସେହିପରି ଓଡ଼ିଶୀ ଓ ମଡର୍ନ ଡ୍ୟାନ୍ସ ପରିବେଷଣ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ମଞ୍ଚରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ।

ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମହୋତ୍ସବ କମିଟିର ଅଧକ୍ଷ୍ୟ ଆର୍ତ୍ତତ୍ରାଣ ପ୍ରଧାନ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ଏବଂ ମୁଖ୍ୟବକ୍ତା ଭାବେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ଜିଲା ପରିଷଦ



କୁନି କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ନୟାଗଡ଼ ସେବା ଉତ୍ସବ ସମିତି ଅଧକ୍ଷ୍ୟ ଶିବରାମ ମହାପାତ୍ର, ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା, ବିଶିଷ୍ଟ ସାହିତ୍ୟିକ ଦାଶରଥି ଭୂୟାଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସିନେ ଅଭିନେତା ଶ୍ରୀତମ ଦାଶ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବ ଆୟୋଜକ କମିଟିର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରିତ କରିବା ସହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ସ୍ମରଣିକା କମିଟି ସମ୍ପାଦକ ପ୍ରଦୀପ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଉପାଧକ୍ଷ ପ୍ରସନ୍ନ କୁମାର ପ୍ରଧାନ, ଗଣମାଧ୍ୟମ ସଂଯୋଜକ ରାଜେନ୍ଦ୍ର କୁମାର ସାହୁ,ସ୍ମରଣିକା କମିଟି ସହ ସମ୍ପାଦକ ସମ୍ପାଦକ ଜୟେନ୍ଦ୍ର କୁମାର ବେହେରା ପ୍ରମୁଖଙ୍କ ସହିତ ଆୟୋଜକ କମିଟିର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ । ସାଧାରଣ ସମ୍ପାଦକ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ଅଭିଯୁକ୍ତଙ୍କୁ ୧୦ ଦିନ ଅନ୍ତରୀଣ ଜାମିନ

### ପରୀ ହତ୍ୟା ମାମଲା

କଟକ ଅଫିସ,୯।୧୨

ନୟାଗଡ଼ ଜିଲା ଯଦୁପୁର ଅଞ୍ଚଳର ୫ ବର୍ଷର ଶିଶୁକନ୍ୟା ପରୀ ହତ୍ୟା ମାମଲାରେ ଅଭିଯୁକ୍ତ ନାବାଳକଙ୍କୁ ହାଇକୋର୍ଟ ଶୁକ୍ରବାର ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜାମିନରେ ଯିବା ଦିନଠାରୁ ଠିକ୍ ୧୦ ଦିନ ପରେ ସେ ଆସି କୋର୍ଟ ହାଜର ହେବେ। ତେବେ ଜାମିନ୍‌ରେ ଥିବା ସମୟରେ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରିବେ ନାହିଁ କିମ୍ବା କୌଣସି ଫୌଜଦାରୀ କାର୍ଯ୍ୟକଳାପରେ ଜଡ଼ିତ ହେବେ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପରୀର ଘରଠାରୁ ୧୦୦ ମିଟର ଦୂରରେ ଅଭିଯୁକ୍ତଙ୍କ ଘର। ୨୦୨୦ ଜୁଲାଇ ୧୪ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ଅଭିଯୁକ୍ତଙ୍କ ଘରକୁ ପରୀ କୋଳି ଆଣିବାକୁ ଯାଇଥିଲା। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଫଳରେ ପରୀ ବାଧା ଦେବାରୁ ସେ ତାଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଏକ ବ୍ୟାଗରେ ପୁରାଇ ସ୍ଥାନୀୟ ପୋଖରୀ ନିକଟ ଏକ ବୁଦା ମୂଳେ ଲୁଚାଇ ଦେଇଥିଲେ। ଏହି ଘଟଣାରେ କେହି ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ନ ଥିଲେ। ଅଭିଯୁକ୍ତ ଜଣଙ୍କ ଏନେଇ ଦୁଇଜଣଙ୍କ ନିକଟରେ ପ୍ରକାଶ କରିଥିବାର ରେକର୍ଡିଂ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଆଇଟି ତାଙ୍କୁ କାବୁ କରିଥିଲା।

# ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ତାଗଦ କଲେ ଶ୍ରମମନ୍ତ୍ରୀ

ନୟାଗଡ଼ ଅଫିସ,୯।୧୨

ନୟାଗଡ଼ ଜିଲାକୁ ଶୁକ୍ରବାର ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଗସ୍ତ କରି ନୂଆଗାଁ ଚାହାଲିରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ନୟାଗଡ଼ ଫେରିଛନ୍ତି । ନୟାଗଡ଼ରେ ପୂର୍ତ୍ତ ବିଭାଗରେ ଅବସ୍ଥାନ ସମୟରେ ଶ୍ରମମନ୍ତ୍ରୀ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତିଙ୍କୁ ନୟାଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ କାହିଁକି ଅନୁପସ୍ଥିତ ରହୁଛି ବୋଲି ପଚାରିଥିଲେ । ଆଗକୁ ଯେପରି ଅନୁପସ୍ଥିତ ଅଭିଯୋଗ ଶୁଣିବାକୁ ମିଳିବନି ବୋଲି ମନ୍ତ୍ରୀ ତାଗିଦ୍ କରିଥିବା ଜଣାପଡିଛି ।

# କଇଁଝରରେ ଗ୍ରାମସଭା



ଫୁଲବାଣୀ ଅଫିସ/ଟିକାବାଲି, ୯।୧୨

ଟିକାବାଲି ବ୍ଲକ କଇଁଝର ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ରୁନିମା କହଁର ସଭାପତିତ୍ୱ କରିଥିଲେ । ସଭାରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ଅଙ୍ଗନୱାଡି, ପାନୀୟ ଜଳ, ବିଜୁଳି, ରାସ୍ତା ଘାଟ ଆଦି ସମସ୍ୟା ଉପରେ ଆଗାମୀ ବର୍ଷ ଲାଗି କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଥିଲା । ଏସବୁ କାର୍ଯ୍ୟ କିପରି ହେବ ତାହା ଉପରେ ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ। ସଭାରେ ନାଏବ ସରପଞ୍ଚ ବିରୂପାକ୍ଷ ନାୟକ, ପୂର୍ବତନ ସରପଞ୍ଚ ପ୍ରକାଶ କହଁର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ବେହେରା, ଜିଆରଏସ୍ ସାମନ୍ତ ଦିଗାଲ, ସୁକାନ୍ତ ଦିଗାଲ, କୃଷି ଅଧିକାରୀ ସୁରେନ୍ଦ୍ର କୁମାର ପ୍ରଧାନ, ପ୍ରାଣୀଧନ ଅଧିକାରୀ ଝିଲି ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ନାଗପୁର ସହ ସମ୍ବଲପୁର ଟିମ୍‌ର ମୁକାବିଲା



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

■ଆଜି ଫାଇନାଲ ମ୍ୟାଚ୍
■ସଦାଶିବ ସ୍ମୃତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଭାପୁର,୯।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ ନାଲିସାଗର ପଡିଆରେ ଚାଲିଥିବା ତ୍ରୟୋଦଶ ସ୍ମୃତି ସ୍ମାରକୀ କ୍ରିକେଟ ମ୍ୟାଚର ଶୁକ୍ରବାର ମ୍ୟାଚ୍‌ରେ ନାଗପୁର ଟିମ୍ ଫାଇନାଲରେ ପ୍ରବେଶ କରିଛି । ଦ୍ୱିତୀୟ ସେମିଫାଇନାଲରେ ବ୍ରହ୍ମପୁର ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ନାଗପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ ହରାଇ ୧୯୫ ରନ କରିଥିଲା । ଜବାବରେ ବ୍ରହ୍ମପୁର ଟିମ୍ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ କରି ପରାଜିତ ହୋଇଥିଲା । ଦଳ ତରଫରୁ ଶୁଭମ ଶୁଭଜିତ୍ ୩୭ ବଲରେ ୨ ଛକା ଓ ୭ ଚଉକା ସହାୟତାରେ ୫୨ରନ କରିଥିଲେ । ବିଜୟୀ ଦଳର ଅଭିଷେକ ପଥକ ୬୫ରନ କରିବା ସହ ବୋଲିଂ କରି ଏକ ଉଇକେଟ ନେଇଥିଲେ । ସେଥିପାଇଁ ତାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି । ଆଜିର ମ୍ୟାଚ୍‌କୁ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ । ଖେଳର ଧାରାବିବରଣୀ ବୁନୁ ସିହ୍ନା ଓ ସରୋଜ କୁମାର ମହାପାତ୍ର କରିଥିବା ବେଳେ ସ୍କୋରର ସହାୟତା କରିଥିଲେ ପବିତ୍ର କୁମାର ସାହୁ ଓ ବିଭୂତି ଭୁଷଣ ସାହୁ । ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ଓ ଆମ୍ବ କମିଟିର ଅଧକ୍ଷ ଭରତ କୁମାର ବେହେରା ଯୋଗଦେଇ ସମସ୍ତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଶନିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ ନାଗପୁର ସହିତ ସମ୍ବଲପୁର କ୍ରିକେଟ ଟିମ୍‌ର ମୁକାବିଲା ହେବ । ଏଥିରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା , ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ , ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗେ ଦେବେ ବୋଲି ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି ।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଦିଗପହଣ୍ଡି,୯।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ନୋଡାଲ ହାଇସ୍କୁଲର କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଦିଗପହଣ୍ଡି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟୁତଲତା ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମସ୍ତ କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଏମ. ଶୁକ୍ରୁ ରେଡ୍ଡୀ, ସୀମାଞ୍ଚଳ ପାଢ଼ୀ ପରିଚାଳନା କରିଥିଲେ।

# ଛତୁଆଗାଡ଼ି ଅଟକ ରଖିଲେ ଅଙ୍ଗନୱାଡି କର୍ମୀ

ବଲସକୁମ୍ପା, ୯।୧୨



ଛତୁଆ ଗାଡିକୁ ଅଟକ ରଖିଛନ୍ତି ଅଙ୍ଗନୱାଡି କର୍ମୀ

ଖଜୁରୀପଡ଼ା ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଶୁକ୍ରବାର ସକାଳୁ ଦୁତିମେଣ୍ଡି ଗ୍ରାମପଞ୍ଚାୟତ ସମ୍ପେପଦରଠାରେ ଥିବା ଛତୁଆ ପ୍ରସ୍ତୁତ କମ୍ପାନୀରୁ ଗୋଟିଏ ପିକ୍‌ଅପ ଗାଡ଼ିରେ ଛତୁଆ ବୋଝେଇ ହୋଇ ବାହାରୁଥିବା ଖବର ପାଇବା ପରେ ସେଠାରେ ପହଞ୍ଚି ଗାଡିକୁ ଅଟକ ରଖିବା ସହ ବିଭିନ୍ନ ସରକାରୀ ବିରୋଧୀ ନାରା ଦେଇ ନ୍ୟାୟ ଦାବି କରିଥିଲେ। ବହୁଦିନ ଧରି ରାଜଧାନୀରେ ଅଙ୍ଗନୱାଡି କର୍ମୀ ସେମାନଙ୍କୁ ଉଚିତ୍ ଦରମା ଏବଂ ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଆନ୍ଦୋଳନ କରୁଥିବା ବେଳେ ତାହା ଜିଲା ଏବଂ ବ୍ଲକ ସ୍ତରରେ ମଧ ଚାଲୁ ରହିଛି। ଫଳରେ ବହୁଦିନ ଧରି ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଥିବା ବେଳେ କୋମଳମତି ଶିଶୁ ଏବଂ ଗର୍ଭବତୀ ମା'ମାନଙ୍କୁ ଅଣ୍ଡା ଛତୁଆ ପହଞ୍ଚାଇବା ଭଳି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ସକାଳୁ ଆର.ନୂଆଁଗାଁ ସର୍କଲ ସୁପରଭାଇଜର ସୁଜିତା ସାହୁ ଏକ ପିକଅପ ଗାଡିରେ ଛତୁଆ ବୋଝେଇ କରି ବିଭିନ୍ନ କେନ୍ଦ୍ରରେ ବଣ୍ଟନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଅଙ୍ଗନୱାଡି କର୍ମୀ ଗାଡି ଅଟକାଇବା ସହ ସୁପରଭାଇଜରଙ୍କ ସାମ୍ନାରେ ନାରାବାଜି କରିଥିଲେ। ଯେ ପର୍ଯ୍ୟନ୍ତ ସାରା ରାଜ୍ୟର ଲକ୍ଷଲକ୍ଷ ଅଙ୍ଗନୱାଡି କର୍ମୀମାନଙ୍କୁ ସେମାନଙ୍କ ଉଚିତ ନ୍ୟାୟ ନ ମିଳିଛି ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଉପସ୍ଥିତ ସମସ୍ତ ଅଙ୍ଗନୱାଡି କର୍ମୀ ସୂଚନା ଦେଇଥିଲେ।

# ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ ଅଫିସ, ୯।୧୨

ଏକ ଅସଦାଚାରଣ ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ତାଙ୍କୁ ୩୦ ହଜାର ଟଙ୍କା ଜରିମାନା କରାଯାଇଛି । ଏହା ଅନାଦାୟ ଅଧିକ ୧ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗିବାଡି ଥାନା ଅଞ୍ଚଳର ସୁଧାଂଶୁ ପ୍ରଧାନ । ୨୦୧୭ ସେପ୍ଟେମ୍ବରରେ ପୀଡ଼ିତା ନାବାଳିକା(୧୩) ଜଣକ ତାଙ୍କ ସମ୍ପର୍କୀୟ ଦାଦା ଘରକୁ ଟିଭି ଦେଖିବା ପାଇଁ ଯାଇଥିଲେ ।

# ତାରାତାରିଣୀ କଲେଜ ଅର୍ଥନୀତି ବିଭାଗର ପାଠଚକ୍ର

ପୁରୁଷୋତ୍ତମପୁର,୯।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ତାରାତାରିଣୀ କଲେଜର ଅର୍ଥନୀତି ବିଭାଗ ପକ୍ଷରୁ ପାଠଚକ୍ର ଅଧକ୍ଷ ଡକ୍ଟର ସୀମାଞ୍ଚଳ ପଟ୍ଟନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଡକ୍ଟର ଶ୍ରୀରାମ ମିଶ୍ର ପାଠଚକ୍ର ନିବନ୍ଧ 'ଜନସଂଖ୍ୟା ବୃଦ୍ଧି ଓ ଅର୍ଥନୀତିର ଉନ୍ନତି' ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଭାଗର ତୃତୀୟ ବର୍ଷର ଛାତ୍ର ଚିନ୍ମୟ ବିଷୋୟୀ, ଛାତ୍ରୀ ସୁଚିସ୍ମିତା ପଣ୍ଡା ପ୍ରବନ୍ଧଟିକୁ ଉପସ୍ଥାପନ କରିଥିଲେ। ପ୍ରବନ୍ଧଟିକୁ ଅଧ୍ୟାପକ ସୁଶାନ୍ତ ଖାଲକୋ ପ୍ରସ୍ତୁତି କରିଥିବା ବେଳେ ପାଠଚକ୍ର ସମ୍ପାଦକ ରାଜା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।





ପାଠଚକ୍ର ଉତ୍ସବରେ ଉପସ୍ଥିତ ଅତିଥି ।

# ଗୋରୁଙ୍କ ଲମ୍ପି ସ୍କିନ୍ ନିରାକରଣ ପାଇଁ ବିଭାଗ ପ୍ରସ୍ତୁତ

ଫୁଲବାଣୀ ଅଫିସ, ୯।୧୨

କନ୍ଧମାଳ ଜିଲାର ପଡ଼ୋଶୀ ଜିଲାରେ ଏବେ ଗାଇ ଗୋରୁଙ୍କଠାରେ ଲମ୍ପି ସ୍କିନ୍ ଡିଜିଜ୍ ବା ଚର୍ମବିଣ୍ଡି ରୋଗ ଦେଖାଦେଇଛି। ଏହା ଏକ ଭୂତାଣୁ ଜନିତ ରୋଗ ଓ କାପ୍ରିପକ୍ସ ନାମକ ଭାଇରସ୍ ଦ୍ୱାରା ବ୍ୟାପିଥାଏ। ମଶା, ଡାଆଁଶ ଓ ଟିଙ୍କମାନେ ଏହି ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି। ଘା, ରକ୍ତ, ଲାଳ, ସିଙ୍ଘାଣି ଓ ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପ୍ରାଣୀର ଶରୀରରୁ ଅନ୍ୟ ପ୍ରାଣୀର ଶରୀରକୁ ସଂକ୍ରମିତ ହୋଇଥାଏ। ଏହି ରୋଗ ହେଲେ ଗାଇଗୋରୁଙ୍କ ମୁଣ୍ଡ, ବେକ, ଗୋଡ଼ ଓ ପହ୍ନା ଆଦିରେ ଆବୁ ବାହାରିଲା ପରି 'ଫୁଲା' ଦେଖାଯାଏ। ଆକ୍ରନ୍ତ ଗାଇ ଗୋରୁଙ୍କ ଶରୀରରେ ତାପମାତ୍ରାରେ ବୃଦ୍ଧି ଘଟି ସେମାନେ ଜ୍ୱରରେ ପଡ଼ନ୍ତି ଓ ଚାଲିବାରେ କଷ୍ଟ ଅନୁଭବ କରିଥାନ୍ତି। ସେମାନଙ୍କୁ ଆଶୁ ଚିକିତ୍ସା ପ୍ରଦାନ କଲେ ଏହି ରୋଗ ସମ୍ପୂର୍ଣ୍ଣ ଭଲ ହୋଇଥାଏ । ଏହି ରୋଗରେ ପ୍ରାୟତଃ ଗାଇଗୋରୁଙ୍କ ମୃତ୍ୟୁ ହୁଏ ନାହିଁ। ତେଣୁ ଭୟଭୀତ ନ ହୋଇ ନିଜେ ପାଳିଥିବା ଗାଇଗୋରୁଙ୍କ ଯତ୍ନ ନେବାକୁ କନ୍ଧମାଳ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ ବିଭାଗ ପ୍ରସ୍ତୁତ ରହିଛି । ରୋଗ ପାଇଁ ସମସ୍ତ ଔଷଧ ମହଜୁଦ୍ ଅଛି ବୋଲି କହିଛନ୍ତି । ପଡ଼ୋଶୀ ଜିଲା ଗଞ୍ଜାମ, ଗଜପତି ଓ ନୟାଗଡ଼ରେ ଏହି ରୋଗ ଦେଖା ଦେଇଥିବାରୁ କନ୍ଧମାଳ ଜିଲାର ଖଜୁରୀପଡ଼ା, ଚକାପାଦ, ଦାରିଙ୍ଗିବାଡ଼ି, ଜି. ଉଦୟଗିରି, ରାଇକିଆ ଓ ବାଲିଗୁଡ଼ା ବ୍ଲକରେ ପ୍ରତିଷେଧକ ଟୀକା ଓ ଔଷଧ ମହଜୁଦ୍ ଅଛି । ପ୍ରତି ବ୍ଲକରେ ରାପିଡ୍ ରେସ୍‌ପନ୍ସ ଟିମ୍, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀମାନେ ସଜାଗ ମଧ ଅଛନ୍ତି। ଗାଇଗୋରୁଙ୍କଠାରେ ଏଭଳି ଲକ୍ଷଣ ଦେଖାଦେଲେ ନିକଟସ୍ଥ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ କିମ୍ବା ସିଡିଭିଓଙ୍କ କାର୍ଯ୍ୟାଳୟର କଣ୍ଟ୍ରୋଲ୍ ରୁମ୍‌କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ରୋଗରେ ଆକ୍ରାନ୍ତ ହୋଇଥିଲେ ଔଷଧ ଦିଆଯିବ ନଚେତ୍ ପ୍ରତିଷେଧକ ଟୀକା ଦିଆଯିବ। ଆକ୍ରାନ୍ତ ଗୋରୁଗାଇଙ୍କୁ ସୁସ୍ଥ ପ୍ରାଣୀଙ୍କ ଠାରୁ ଦୂରରେ ରଖିବା ସହିତ ନୂଆକରି ଆଣିଥିବା ଗୋରୁ ଗାଇଙ୍କୁ ଅତି କମ୍‌ରେ ତିନି ସପ୍ତାହ ପର୍ଯ୍ୟନ୍ତ ଅଲଗା ରଖିବାକୁ ସେ ନିବେଦନ କରିଛନ୍ତି। ପ୍ରତି ବ୍ଲକରେ ଉପଲବ୍ଧ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବାର ସୁଯୋଗ ନେବା ସହିତ ସମସ୍ତଙ୍କ ସହଯୋଗ ରହିଲେ ଏହି ସଂକ୍ରାମକ ରୋଗକୁ ଆମ ଜିଲାରୁ ହଟାଯାଇପାରିବ ବୋଲି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଏ ଯେ ପ୍ରଣୟ ଦେଶ, ନିଷେଧ ବୈରାଗ୍ୟ

– ଗଗନେନ୍ଦ୍ର ନାଥ ଦାଶ

ପ୍ରଦକ୍ଷିଣ

ନଗେନ୍ଦ୍ରବାଳା ଥିଲେ ବଙ୍ଗର ଏକ ସମ୍ଭ୍ରାନ୍ତ ପରିବାରର କନ୍ୟା ଓ ଅନ୍ୟ ଏକ ସମ୍ଭ୍ରାନ୍ତ ପରିବାରର ବଧୂ। ସେ ସେକାଳର ପ୍ରଥା ଅନୁଯାୟୀ ମାତ୍ର ୧୦ ବର୍ଷ ବୟସରେ ବିବାହ କରିଥିଲେ। ୧୩ ବର୍ଷ ବୟସରେ ପ୍ରଥମ ଥର ପାଇଁ ପତିଗୃହକୁ ଯାଆନ୍ତି ଓ ତା' ପରେ ପରେ (ଯକ୍ଷ୍ମା ରୋଗରେ ନୁହେଁ), ଦୁରାରୋଗ୍ୟ ଯୋଷାପସ୍ମାର ବା ହିଷ୍ଟିରିଆ ରୋଗଗ୍ରସ୍ତା ହୋଇ ବହୁ ଦୈହିକ ଓ ମାନସିକ ଯନ୍ତ୍ରଣାର ଶରବ୍ୟ ହୁଅନ୍ତି।

୧୯୦୦ରେ ବଦଳି ହୋଇ ଓ ପରିବାରଠାରୁ ବିଚ୍ଛିନ୍ନ ହୋଇଥିବା ସମୟରେ ୫୩ ବର୍ଷ ବୟସ୍କ ରାଧାନାଥ କିନ୍ତୁ ମାତ୍ର ୨୨ ବର୍ଷ ବୟସ୍କା ବଙ୍ଗୀୟା ନାରୀକବି ଓ ବିଦୁଷୀ ନଗେନ୍ଦ୍ରବାଳାଙ୍କ ଅତି ନିକଟ ସଂସ୍ପର୍ଶରେ ଆସନ୍ତି। ନଗେନ୍ଦ୍ରବାଳାଙ୍କ ପ୍ରତିଭା ଓ କବିତ୍ୱ ତଥା ବ୍ୟକ୍ତିତ୍ୱରେ ରାଧାନାଥ ମୁଗ୍ଧ ହୁଅନ୍ତି। ଓଡ଼ିଶାରେ ଏତେ କାଳ ଅବସ୍ଥାନ ମଧ୍ୟରେ ଏହିପରି ଜଣେ ବିଦଗ୍ଧା ନାରୀଙ୍କ ଅତି ନିକଟ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇ ନ ଥିବାରୁ ଏବେ ରାଧାନାଥ ନଗେନ୍ଦ୍ରବାଳାଙ୍କ ପ୍ରତି ଏକ ଅଦ୍ଭୁତ ଆକର୍ଷଣ ଅନୁଭବ କରନ୍ତି, ଯାହା କେବେ ବି ତାଙ୍କ ଜୀବନରେ ଘଟି ନ ଥିଲା। ନଗେନ୍ଦ୍ରବାଳାଙ୍କ ବ୍ୟକ୍ତିତ୍ୱ, ବିଦ୍‌ବତ୍ତା ଓ କବିପ୍ରତିଭାର ପ୍ରଶଂସା ଗାନରେ ସେ ହେଲେ ଶତମୁଖ। ସେତେବେଳକୁ ରାଧାନାଥ ତାଙ୍କର ସମସ୍ତ ଉଚ୍ଚମାନର ସାହିତ୍ୟକୃତି ରଚନା କରିସାରି ଯଶର ଶୀର୍ଷବିନ୍ଦୁ ସ୍ପର୍ଶ କରିଥିବାରୁ ନଗେନ୍ଦ୍ରବାଳା ମଧ୍ୟ ରାଧାନାଥଙ୍କ ମୁଖରୁ ନିଜ ବ୍ୟକ୍ତିତ୍ୱ ତଥା କବିପ୍ରତିଭାର ଏପରି ଉଚ୍ଛ୍ୱସିତ ପ୍ରଶଂସା ଶୁଣି ତାଙ୍କ ପ୍ରତି ଅଦ୍ଭୁତ ଆକର୍ଷଣ ଅନୁଭବ କରନ୍ତି ଓ ଶେଷରେ ତାଙ୍କର ଜଣେ ଅନୁରାଗୀ ଶିଷ୍ୟା ବା ଭକ୍ତରେ ପରିଣତ ହୁଅନ୍ତି। ତେଣୁ ବୟସର ତାରତମ୍ୟ ବା ବ୍ୟବଧାନ ସତ୍ତ୍ୱେ ଉଭୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଖ୍ୟ ଏତେ ଦ୍ରୁତ ଗତିରେ ବୃଦ୍ଧିପାଏ ଯେ, ତାହା କ୍ରମେ ପ୍ରଣୟରେ ରୂପାନ୍ତରିତ ହୁଏ ଏବଂ ପରିଶେଷରେ ଦୈହିକ ମିଳନର ସ୍ତରକୁ ମଧ୍ୟ ଯାଏ। ତେଣୁ ପ୍ରଥମେ ଯେଉଁ ବିଷୟଟି ବିଚାର୍ଯ୍ୟ ତା' ହେଉଛି, ଅନ୍ତର୍ନିହିତ ଦୁଷ୍ପ୍ରବୃତ୍ତିର ଅଶ୍ୱକୁ ବିବେକ ବା ସଂଯମର ଲଗାମ ମାଧ୍ୟମରେ ନିୟନ୍ତ୍ରଣ କରି ରଖି ନ ପାରିବାରେ ଉଭୟଙ୍କ ମଧ୍ୟରୁ କାହାର ଦାୟିତ୍ୱ କେତେ ଥିଲା ?

ଏଇଠି କହିରଖିବା ଉଚିତ ହେବ ଯେ, ୧ ଜାନୁୟାରୀ ୧୯୯୦ରେ ରାଧାନାଥଙ୍କୁ ଉତ୍ସର୍ଗୀକୃତ 'ଅମିୟଗାଥା'ର ପ୍ରାରମ୍ଭରେ ନଗେନ୍ଦ୍ରବାଳାଙ୍କ ଜୀବନୀ ଲେଖିବା ଅବକାଶରେ ନିଜେ ରାଧାନାଥ ଲେଖିଥିଲେ, ''ସଂସାରେ ଗୁଣୀମାତ୍ରକେଇ ଖଳେର ଓ କୁସଂସ୍କାରାବିଷ୍ଟ ଲୋକେର ନିର୍ଯ୍ୟାତନ ଅଳ୍ପାଧିକ ପରିମାଣେ ସହ୍ୟ କରିତେ ହୟ, ନଗେନ୍ଦ୍ରବାଳାର ଭାଗ୍ୟେ ଓ ଏ ନିର୍ଯ୍ୟାତନ ପୂର୍ଣ୍ଣମାତ୍ରାୟ ଘଟିୟାଛିଲ।'' (ପୃ.୬)। ଏଥିରୁ ଅନୁମିତ ହୁଏ ଯେ, ସେ ସମୟରେ ନଗେନ୍ଦ୍ରବାଳାଙ୍କ ସମ୍ପର୍କରେ କିଛି ଚାରିତ୍ରିକ ଅପବାଦ ଥିଲା ଓ ରାଧାନାଥ (ଓ ଏପରି କି ନଗେନ୍ଦ୍ରବାଳା ବି) ତାହା ଜାଣିଥିଲେ। ସେଦିନ ନଗେନ୍ଦ୍ରବାଳାଙ୍କ ମୁଗ୍ଧ ପ୍ରେମିକ ରାଧାନାଥ ତାହାକୁ କିନ୍ତୁ ଉପେକ୍ଷା କରିଥିଲେ। ସେଥିରେ ରାଧାନାଥ ପୁଣି କହନ୍ତି, ''ନଗେନ୍ଦ୍ରବାଳା ଯଦିଓ ଭିନ୍ନ ଭିନ୍ନ ରସାଶ୍ରିତ କବିତା ପ୍ରଣୟନେ ଯଥେଷ୍ଟ କୃତିତ୍ୱ ଦେଖାଇୟାଛେନ ତାହାଁର ବୀଣାର ପ୍ରେମତନ୍ତ୍ରୀର ଝଙ୍କାର ସର୍ବାପେକ୍ଷା ମଧୁର, ସର୍ବାପେକ୍ଷା ପ୍ରାଣସ୍ପର୍ଶୀ।'' (ପୃ: ୭)। ରାଧାନାଥ ଆହୁରି ପୁଣି ଲେଖିଥିଲେ, ''ମହାକବି ବାୟରଣେର ମତ ଇହାଁର କବିତାର କୋନ କୋନ ଅଂଶକେ କିୟତ ପରିମାଣେ ଇହାଁର ନିଜ ଜୀବନେର ଚିତ୍ର ବଲିତେ ପାରାଯାୟ।'' (ପୃ: ୬)। ଏ ସବୁ ଅତି ତାତ୍ପର୍ଯ୍ୟପୂର୍ଣ୍ଣ।

ନଗେନ୍ଦ୍ରବାଳାଙ୍କ ଏକାଧିକ କବିତାର ଅନୁଶୀଳନରୁ ତଥା ରାଧାନାଥଙ୍କ ପରବର୍ତ୍ତୀ କାଳର ବକ୍ତବ୍ୟରୁ ମନେହୁଏ ଯେ ଉଭୟଙ୍କ ଦୈହିକ ମିଳନ କ୍ଷେତ୍ରରେ ନଗେନ୍ଦ୍ରବାଳା ଅଗ୍ରଗାମୀ ଭୂମିକା ନେଇଥିଲେ ଓ ରାଧାନାଥ ମଧ୍ୟ ଅକୁଣ୍ଠିତ ଭାବରେ ତାଙ୍କର ସକ୍ରିୟ ସହଯୋଗୀର ଭୂମିକା ନେଇଥିଲେ। ନଗେନ୍ଦ୍ରବାଳାଙ୍କ 'ଅମିୟଗାଥା' ସଂକଳନ ଅନ୍ତର୍ଗତ 'ଚୋର୍' ନାମକ କବିତାର କେତୋଟି ପଙ୍‌କ୍ତି ହେଉଛି:

''ଆମି ଯେ ବେସେଛି ଭାଲ
ଆମାରି କି ଦୋଷ
ପ୍ରାଣଭରା ପ୍ରେମ ଲୟେ,
ତୃଷାୟ ଆକୁଲ ହୟେ,
ତୁମି କି ଚାହନି ସଖା
ମୋର ପରିତୋଷ
ଆମି ବାସାୟାଛି ଭାଲ
ଏଇ ଦୋଷ ମମ।
ହାଣିୟା ସ୍ନେହେର ବାଣ,
ତୁମିକି ଦାଓନି ଟାନ,
ଏ କ୍ଷୁଦ୍ର ପରାଣେ,
ସତ୍ୟ ବଲ ପ୍ରିୟତମ।
ଭାଲ ବାସିୟାଛି ବଲି
ଦୋଷ ଦାଓ ତାଇ,
ଶୁନାଇୟା ତତ୍ତ୍ୱ କଥା,
ଚାହ ଏ ବୁକେର ବ୍ୟଥା,
ମୁଛାଇତେ, ଛି ଛି ସଖା, –
ଲାଜେ ମରେଯାଇ।''

ଏଥିରେ ତାଙ୍କର ବକ୍ତବ୍ୟ ଥିଲା, ''ଯାହା ହୋଇଗଲା ସେଥିପାଇଁ (ଅର୍ଥାତ୍ ଦୈହିକ ମିଳନ ପାଇଁ) କ'ଣ ମୁଁ ଏକା ଦାୟୀ ? ସେଥିପାଇଁ ଆମେ ଦୁଇଜଣଯାକ ତ ସମାନ ଭାବରେ ଦାୟୀ।'' ଅର୍ଥାତ୍ ପାପ ବା ଯାହା ହୋଇଗଲା ସେଥିପାଇଁ ନଗେନ୍ଦ୍ରବାଳାଙ୍କ ଜୀବିତାବସ୍ଥାରେ ମଧ୍ୟ ରାଧାନାଥ ତାଙ୍କୁ ହିଁ ମୁଖ୍ୟତଃ ଦାୟୀ କରିଥିଲେ। ଅବଶ୍ୟ ଯୌବନର ମଧ୍ୟାହ୍ନରେ ଥିବା ତଥା ହିଷ୍ଟିରିଆ–ପୀଡ଼ିତା ନଗେନ୍ଦ୍ରବାଳା ଏଥିରେ ଅଗ୍ରଗାମୀ ଥିବାରେ ବିସ୍ମିତ ହେବାର କିଛି ନାହିଁ। ଏହିପରି ପ୍ରାଥମିକ ଆବେଶ କଟିଯିବାର କିଛି ଦିନ ପରେ ନୀତିବାଗୀଶ ରାଧାନାଥ ବିବେକର ଦଂଶନ ଅନୁଭବ କଲେ ଓ ନିଜକୁ ଏପରି 'ପାପ'ରୁ ନିବୃତ୍ତ କରିବାର ଚେଷ୍ଟା କଲେ ମଧ୍ୟ ସଫଳ ହୋଇପାରୁ ନ ଥିଲେ। ସେ ନଗେନ୍ଦ୍ରବାଳାଙ୍କୁ ଏହା କହି ଏ କ୍ଷେତ୍ରରେ ତାଙ୍କର ସହଯୋଗ ଲୋଡ଼ିଲେ। (ଏହା ଅବୈଧ ବୋଲି କହି ସେଥିରୁ ଉଭୟ ବିରତ ରହିବା ଉଚିତ ବୋଲି ନଗେନ୍ଦ୍ରବାଳାଙ୍କୁ ବୁଝାଇବା ପାଇଁ ଚେଷ୍ଟା କଲେ।) କିନ୍ତୁ କମ୍ ବୟସ୍କା ତଥା ହିଷ୍ଟିରିଆ ପୀଡ଼ିତା ନଗେନ୍ଦ୍ରବାଳା ଏହା ବୁଝିବା ଅବସ୍ଥାରେ ନ ଥିଲେ। ସେ ଏହାକୁ ପାପ ବୋଲି ଆଦୌ ଭାବୁ ନ ଥିଲେ ଓ ବିବେକର ଦଂଶନ ଅନୁଭବ କରୁ ନ ଥିଲେ। ତେଣୁ ନଗେନ୍ଦ୍ରବାଳା ରାଧାନାଥଙ୍କ ତତ୍ତ୍ୱଜ୍ଞାନକୁ ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରିଦେଲେ। କାରଣ ଏଥିରୁ ନିବୃତ୍ତ ହେବା ପାଇଁ ତାଙ୍କର ପ୍ରବୃତ୍ତି ନ ଥିଲା ଓ ସେ ଏଥିରୁ ନିବୃତ୍ତ ହେବାକୁ ଚାହୁଁ ନ ଥିଲେ। ତେଣୁ ସେ ଏହାକୁ ଆଦୌ 'ପାପ' ବୋଲି ଭାବି ପାରିଲେ ନାହିଁ, ଏ ଦିଗରେ ରାଧାନାଥ ତାଙ୍କୁ ବାରମ୍ବାର ସଚେତନ କରିବା ସତ୍ତ୍ୱେ। ସେଇ ସଂକଳନର 'ବିଦାୟ' କବିତାରୁ ଏ ସବୁର ସ୍ପଷ୍ଟ ସୂଚନା ମିଳେ। ନିମ୍ନରେ ତା'ର ମାତ୍ର କେତୋଟି ପଙ୍‌କ୍ତି ଉଦାହରଣ ଭାବରେ ଦିଆଯାଉଛି:

''ବିଦାୟ – ବିଦାୟ
ଦେହେତେ ଥାକିତେ ପ୍ରାଣ,
ଅନଲେ ଆହୁତିଦାନ,
ହୃତ୍‌ପିଣ୍ଡ ଉପାଡ଼ିୟା
କେ କରିତେ ଚାୟ ?
ବିଦାୟ – ବିଦାୟ
ଇଷ୍ଟଦେବେ ବିସର୍ଜିୟା,
ଲୟେ ଶୂନ୍ୟ ଭଗ୍ନ ହିୟା,
ପୂଜା କରେ– ବଲ ହେନ
କ୍ଷିପ୍ତ କେ କୋଥାୟ
ବଲ ଗୋ ଆମାୟ,
ମିଛା ତତ୍ତ୍ୱଜ୍ଞାନେ ହେନ,
ଭୁଲାଇତେ ଚାହ କେନ,
ବୁଝେ ବଲ ତତ୍ତ୍ୱନୀତି –
ପାଗଲ କୋଥାୟ ?
ଏ ଯେ – ପ୍ରଣୟେର ଦେଶ,
ପ୍ରେମ ବିନା ହେଥା ଆର,
ନାହି କାରୋ ଅଧିକାର,
ନିଷେଧ ବୈରାଗ୍ୟ ହେଥା
କରିତେ ପ୍ରବେଶ।''

ମନେହୁଏ ଏ କବିତାରେ ନିଜକୁ 'କ୍ଷିପ୍ତ' (ବଙ୍ଗଭାଷାରେ ବାୟା ଶବ୍ଦର ସମାର୍ଥବାଚି) ଓ 'ପାଗଲ' ବୋଲି ଅଭିହିତ କରିଥିବା ନଗେନ୍ଦ୍ରବାଳା ରାଧାନାଥଙ୍କୁ ଗଭୀର ଭାବରେ ପ୍ରେମ କରୁଥିଲେ ଓ ତାଙ୍କ ପ୍ରେମରେ ପ୍ରକୃତରେ ଉନ୍ମାଦିନୀ ହୋଇଯାଇଥିଲେ। ହୁଏତ ଉଭୟଙ୍କ ମଧ୍ୟରେ ଥିବା ବୟସର ତାରତମ୍ୟ ମଧ୍ୟ କିଛି ପରିମାଣରେ ଏପରି ପରିସ୍ଥିତି ପାଇଁ ଦାୟୀ ଥିଲା। ଏହିପରି କିଛିଦିନ ଦୋଳାୟମାନ ଅବସ୍ଥାରେ ରହି ଅବଶେଷରେ ରାଧାନାଥ ନିଜକୁ ନିବୃତ୍ତ କରିବାରେ ସମର୍ଥ ବା ସଫଳକାମ ହେଲେ ଓ ନଗେନ୍ଦ୍ରବାଳାଙ୍କୁ ପ୍ରତ୍ୟାଖ୍ୟାନ କଲେ। ମୋର ଧାରଣା ଯେ, ସେ ସରକାରୀ ଚାକିରିରୁ ଅବସର ନେଇ ଓଡ଼ିଶାରେ ଅବସ୍ଥାନ କରିବାର ବେଶ୍ କିଛି ଦିନ ପରେ ଏପରି ହୋଇଥିବ। ସେହିପରି ମୋର ଧାରଣା ଯେ ତା'ପରେ ହିଁ ନଗେନ୍ଦ୍ରବାଳା ଲେଖିଥିଲେ 'ପ୍ରତ୍ୟାଖ୍ୟାତା ଶକୁନ୍ତଳା' ନାମକ କବିତା, 'ପୂର୍ଣ୍ଣିମା' ସାହିତ୍ୟପତ୍ରରେ, ବୋଧହୁଏ ୧୯୦୫ରେ।

ମନେହୁଏ ଯେ, ନଗେନ୍ଦ୍ରବାଳାଙ୍କୁ ପ୍ରତ୍ୟାଖ୍ୟାନ କରିବା ପରେ ମଧ୍ୟ ପରସ୍ତ୍ରୀ ନଗେନ୍ଦ୍ରବାଳାଙ୍କ ସହ ଅବୈଧ ଦୈହିକ ମିଳନ ରୂପକ ପାପ କରିଥିବାରୁ ରାଧାନାଥ ମାନସିକ ସ୍ତରରେ ଶାନ୍ତି ପାଇପାରୁ ନ ଥିଲେ ଓ ଦାରୁଣ ମାନସିକ ଯନ୍ତ୍ରଣା ଭିତରେ ଗତି କରୁଥିଲେ। କ'ଣ କଲେ ସେ ମାନସିକ ଶାନ୍ତି ପାଇପାରିବେ ସେ ବିଷୟରେ ସର୍ବଦା ଚିନ୍ତିତ ରହିଲେ। ଏହିପରି ସମୟରେ ତାଙ୍କ ମନକୁ ଆସିଲା। ପାପ କରିଥିବାରୁ 'ପାପଂ କୃତ୍ୱା ପ୍ରକାଶୟେତ୍' ନୀତି ଅବଲମ୍ବନରେ ତାହା ସର୍ବସାଧାରଣରେ ପ୍ରକାଶ କଲେ ସେ ହୁଏତ ମାନସିକ ସ୍ତରରେ ଶାନ୍ତି ଫେରିପାଇବେ। କିନ୍ତୁ ତାହାକୁ କାର୍ଯ୍ୟରେ ପରିଣତ କରିବା ସହଜ ନ ଥିଲା। ସେଥିପାଇଁ ଯେଉଁ ମାନସିକ ପ୍ରସ୍ତୁତିର, ଯେଉଁ ସାହସର ଆବଶ୍ୟକତା ଥିଲା ତା' ସେ ଯୋଗାଡ଼ କରିପାରୁ ନ ଥିଲେ। କାରଣ ସେ ତାହା ପ୍ରକାଶ କରି ନ ଥିଲେ ତାହା ଅନ୍ୟ କେହି ଜାଣି ନ ଥିବାରୁ ଶେଷ ପର୍ଯ୍ୟନ୍ତ ସେ ଲୋକମାନସରେ ନିଷ୍କଳଙ୍କ ଚରିତ୍ରର ବ୍ୟକ୍ତି ହୋଇ ରହିଯାଇଥାଆନ୍ତେ।

ଯେଉଁ କାରଣରୁ ବା ଯେଉଁ ଉଦ୍ଦେଶ୍ୟରେ ସେ ତାହା ପ୍ରକାଶ କରନ୍ତୁ ନା କାହିଁକି ସେ ତାହାକୁ ପ୍ରକାଶ କରିବା ଥିଲା, ନିନ୍ଦା ଓ ସମାଲୋଚନାକୁ ବ୍ୟକ୍ତିଗତ ଆକ୍ଷେପ ଓ ବିଦ୍ରୂପକୁ ସାଦରେ ଆମନ୍ତ୍ରଣ କରିବା ପରି କଥା। ଜଣେ ଅକୁତୋଭୟ ହିଁ କେବଳ ତାହା କରିପାରେ। ଜୀବନସାରା ଭୟାଳୁ ଥିବା ରାଧାନାଥ ଶେଷରେ କିନ୍ତୁ ସେ ଦିନ ହୋଇପଡ଼ିଥିଲେ ଅକୁତୋଭୟ ଓ ନିନ୍ଦା ଏବଂ ତୀବ୍ର ସମାଲୋଚନାକୁ, ବ୍ୟକ୍ତିଗତ ଆକ୍ଷେପ ଓ ବିଦ୍ରୂପକୁ ଆମନ୍ତ୍ରଣ କରି ଅବଶେଷରେ ସେ ସତ୍ୟ ପ୍ରକାଶ କରିବାର ସାହସ ଯୋଗାଡ଼ କଲେ। ଏଥିପାଇଁ ସେ ତ ପ୍ରଶଂସାର୍ହ।

ତା' ପରେ ସେ କାହିଁକି ନଗେନ୍ଦ୍ରବାଳାଙ୍କ ଜୀବିତାବସ୍ଥାରେ ନୁହେଁ, ତାଙ୍କ ମୃତ୍ୟୁ ପରେ ହିଁ ତା' ପ୍ରକାଶ କଲେ ପରି ପ୍ରଶ୍ନ। ରାଧାନାଥ ପାପ ପ୍ରକାଶ କରି ମାନସିକ ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ଚାହିଁଥିଲେ, ଏପରି କି ସେଇ କାରଣରୁ ନିଜ ପାଇଁ ସେ ଲୋକନିନ୍ଦା ଓ ତୀବ୍ର ସମାଲୋଚନାକୁ ଜାଣିଶୁଣି ଆମନ୍ତ୍ରଣ ବି କରିଥିଲେ। କିନ୍ତୁ ନଗେନ୍ଦ୍ରବାଳାଙ୍କର କୌଣସି କ୍ଷତି କରିବା ଆଦୌ ତାଙ୍କର ଉଦ୍ଦେଶ୍ୟ ନ ଥିଲା। ସେ ନିଜ ପାଇଁ ନିନ୍ଦା ଓ ସମାଲୋଚନାକୁ ଆମନ୍ତ୍ରଣ ଅବଶ୍ୟ କରିଥିଲେ, କିନ୍ତୁ ଜୀବିତାବସ୍ଥାରେ ନଗେନ୍ଦ୍ରବାଳାଙ୍କୁ ସେଇ ନିନ୍ଦା ଓ ସମାଲୋଚନାର ଭାଗୀ କରିବା ପାଇଁ ସେ ଚାହୁଁ ନ ଥିଲେ। କାରଣ ଆମର ପାରମ୍ପରିକ ରକ୍ଷଣଶୀଳ ସମାଜରେ ତାହା ଭିତର ଦେଇ ଗତି କରିବା ଓ ତାହାକୁ ସହ୍ୟ କରିବା ପୁରୁଷ ପକ୍ଷରେ ଯାହା ଅପେକ୍ଷାକୃତ ସହଜ ଥିଲା, ତାହା ନାରୀ ପକ୍ଷରେ ସେତିକି ସହଜ ନ ଥିଲା। ଏପରିକି ତାହା ନାରୀର ସହ୍ୟଶକ୍ତିର ବାହାରେ ଥିଲା। ନଗେନ୍ଦ୍ରବାଳାଙ୍କ ଜୀବିତାବସ୍ଥାରେ ତା' ପ୍ରକାଶ ପାଇଥିଲେ ତାଙ୍କ ପାରିବାରିକ ଜୀବନରେ ଅବଶ୍ୟ ଝଡ଼ ଉଠିଥାଆନ୍ତା। ହୁଏତ ତା' ଉଭୟ ପତିଗୃହ ଓ ପିତୃଗୃହରେ ତାଙ୍କ ପାଇଁ କୌଣସି ସ୍ଥାନ ବି ନ ଥାନ୍ତା। ପୁଣି ତାଙ୍କର ଭବିଷ୍ୟତ ବଂଶଧର ମଧ୍ୟ ସେଥିପାଇଁ ସମାଜରେ ଅପାଂକ୍ତେୟ ହୋଇ ରହିଥାଆନ୍ତେ। କିନ୍ତୁ ସନ୍ତାନ ପ୍ରସବଜନିତ ନଗେନ୍ଦ୍ରବାଳାଙ୍କ ଅକାଳ ମୃତ୍ୟୁ ପରେ ସେ ସବୁ ଅବାନ୍ତର ହୋଇପଡ଼ିଥିଲା। ବିଶେଷ ଭାବରେ ନଗେନ୍ଦ୍ରବାଳାଙ୍କର କୌଣସି ପୁତ୍ର ସନ୍ତାନ ନ ଥିବାରୁ ଓ ତାଙ୍କ ସ୍ୱାମୀ ଖଗେନ୍ଦ୍ର ନାଥ ମିତ୍ର ନଗେନ୍ଦ୍ରବାଳାଙ୍କ ମୃତ୍ୟୁ ପରେ ଦ୍ୱିତୀୟ ବିବାହ କରିଥିବାରୁ। ମୋର ବିନୀତ ମତରେ ହୁଏତ ସେପରି କାରଣରୁ ରାଧାନାଥ ନଗେନ୍ଦ୍ରବାଳାଙ୍କ ମୃତ୍ୟୁ ପରେ ତାହାକୁ ସାଧାରଣରେ ପ୍ରକାଶ କରିବା ପାଇଁ ଉଚିତ ମନେକରିଥିଲେ। ତେଣୁ ରାଧାନାଥଙ୍କୁ ସେଥିପାଇଁ ଦୋଷ ଦେବା ଉଚିତ ହେବ କି?

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫



**ଗଗନେନ୍ଦ୍ର ନାଥ ଦାଶ**ଙ୍କ ଜନ୍ମ ୨୫ ନଭେମ୍ବର ୧୯୪୦ରେ ଓ ପରଲୋକ ୧୯ ନଭେମ୍ବର ୨୦୨୨ରେ। ଭିଟାମାଟି ଯଦିଓ ଯାଜପୁର ଜିଲା ବଡ଼ଚଣାର କଡ଼େଇ ଗ୍ରାମ, କିନ୍ତୁ ତାଙ୍କ କର୍ମଜୀବନର ବେଶୀ ଭାଗ ସମୟ କଟିଛି ବ୍ରହ୍ମପୁରରେ। ବହୁପାଠୀ ଏଇ ଯଶସ୍ୱୀ ଭାଷାବିତ୍ ଓଡ଼ିଆ ଭାଷା ଓ ଓଡ଼ିଆ ବ୍ୟାକରଣକୁ ନେଇ ବହୁ ପ୍ରାମାଣିକ ନିବନ୍ଧ ଲେଖିଛନ୍ତି। ତାଙ୍କରି ଉଦ୍ୟମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖୋଲିଛି 'ଭାଷାବିଜ୍ଞାନ ବିଭାଗ', ଯାହାର ସେ ଥିଲେ ପ୍ରଥମ ମୁଖ୍ୟ। ବହୁ ଚର୍ଚ୍ଚିତ ଗ୍ରନ୍ଥ ମଧ୍ୟରୁ ତାଙ୍କ ରଚିତ କେତୋଟି ପ୍ରମୁଖ ଗ୍ରନ୍ଥ ହେଉଛି- 'ଜନଶ୍ରୁତି କାଞ୍ଚିକାବେରୀ', 'ଓଡ଼ିଆ ଭାଷା ଚର୍ଚ୍ଚାର ପରମ୍ପରା', 'ଖଦ୍ୟୋତର ଦ୍ୟୁତି' ଓ 'ନୀଳକଣ୍ଠ ସ୍ମାରକୀ'। ଓଡ଼ିଆ ଭାଷା-ସାହିତ୍ୟକୁ ଜୀବନବ୍ୟାପୀ ଅବଦାନ ପାଇଁ ୨୦୧୧ରେ ତାଙ୍କୁ ମିଳିଛି ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ପୁରସ୍କାର 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'। ସାହିତ୍ୟରେ ବରାବର ସତ୍ୟ ପକ୍ଷରେ ଛିଡ଼ା ହେବା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ, ଯେତେ ଝଞ୍ଜାକ୍ଷୁବ୍ଧ ହେଉ ପଛେ ତାହା। ତାଙ୍କ ବିଚାର ଓ ଅନୁଶୀଳନର ଅନନ୍ୟତାକୁ ସ୍ମରଣରେ ରଖି, ଲେଖକଙ୍କ ଅବର୍ତ୍ତମାନରେ ତାଙ୍କ ରଚିତ 'ପୁନଶ୍ଚ ନଗେନ୍ଦ୍ରବାଳା ଓ ରାଧାନାଥ ପ୍ରସଙ୍ଗ' ନିବନ୍ଧଟିର ନିର୍ବାଚିତ ଅଂଶକୁ ଏଠାରେ ପ୍ରକାଶ କରାଗଲା ଏକ ନୂଆ ଶୀର୍ଷକରେ, ଯାହା ବଙ୍ଗୀୟ କବୟିତ୍ରୀ ନଗେନ୍ଦ୍ରବାଳାଙ୍କର 'ଅମିୟଗାଥା' କବିତାଗ୍ରନ୍ଥରେ ଥିବା 'ବିଦାୟ' ଶୀର୍ଷକ କବିତାରୁ ଆନୀତ। ଗଗନେନ୍ଦ୍ରଙ୍କୁ 'ଧରିତ୍ରୀ'ର ବିଦାୟ-ବନ୍ଦନା ଏଇ ଆଲେଖ୍ୟଟି...

## କବିତା

### ସ୍ୱର୍ଗଦ୍ୱାର

ସନ୍ନ୍ୟାସୀ ନାୟକ

ଆଜି ମୋତେ ଲାଗେ
ସ୍ୱର୍ଗଦ୍ୱାର ନିଜର ନିଜର...
ପର ପର ହୋଇଯାଏ
ମୋ ଘର ଦୁଆର...
ବଞ୍ଚିଥିବା ବେଳେ
ଭାଇ ହୋଇ ନଥିଲି ଯାହାର
ଆଜି ସେ ମୁଣ୍ଡକୋଡ଼ି କାନ୍ଦୁଛି
ମୁଁ ତାହାର ତାହାର...

ମହୋଦଧି କୂଳେ
ଖେଳେ ଶୀତଳ ସମୀର...
ପଞ୍ଜୁରି ପୋଡ଼ି
ଆତ୍ମା ଯାଏ ସ୍ୱର୍ଗପୁର...
ମୁଁ ବୁଝି ପାରୁନାହିଁ
ସତରେ କିଏ କାହାର...
ଲୁହ ଗଡ଼ାଇ
ସମ୍ପର୍କ ଛିଣ୍ଡାଇ
ଚାଲି ଯାଆନ୍ତି ସମସ୍ତେ
ନିଜ ନିଜ ଘର...

ଏଠି ଦୁଇ ହାତ ଟେକି
ଚୈତନ୍ୟଙ୍କ ଚିତ୍କାର...
ରାମନାମ ସତ୍ୟର ସମ୍ଭାର...
ପୋଡ଼ାପାଉଁଶ ଭଙ୍ଗାହାଡ଼ ସବୁ
ବାସ୍ତବ କଥା କହେ ଜୀବନର...
ସର୍ବସ୍ୱ ହରାଇ ରଜା ଶୋଇଛି
ଶୁଣୁନି ଡାକ କାହାର...

ମଣିଷ ପୋଡ଼ା ଗନ୍ଧ ଶୁଙ୍ଘି
ମଣିଷ ବିଭୋର...
ବାଉଁଶ କେଞ୍ଚଣାରେ
ପେଟ ଫାଟିଯାଏ ମଣିଷର...
ପିଟି ପିଟି ହାଡ଼ରୁ ମାଂସ ଛଡ଼ାଯାଏ
ସତରେ ନିୟତି କେଡ଼େ ନିଷ୍ଠୁର...
ନିଆଁରେ ଜଳିଯାଏ ଗର୍ବ ଦମ୍ଭ
ଐଶ୍ୱର୍ଯ୍ୟ ମଣିଷର...
ଠୋ କିନା ଫାଟିଯାଏ ମସ୍ତିଷ୍କ
ଜୀବନଟା ପାଣି ଫୋଟକାର...

ଈଶ୍ୱରଙ୍କୁ ଭେଟିବାକୁ ହେଲେ
ଆସ ଥରେ ସ୍ୱର୍ଗଦ୍ୱାର...
ଦେଖିବ ଅପୂର୍ବ ମୂର୍ତ୍ତି
ସତ୍ୟ ଶିବ ସୁନ୍ଦର...
ଏଠି ସବୁ ଶେଷର
ଶେଷରେ ଦିଆଯାଏ ହସ୍ତାକ୍ଷର...
ମା' ପରି କୋଳରେ ପୂରାଇ
ନିଘୋଡ଼ ନିଦରେ
ଶୁଆଇ ଦେଉଛି ମଣିଷକୁ ଶାନ୍ତିର...।

ମୋ: ୯୪୩୭୩୫୨୫୬୦

### ଦାଗ

ମଧୁସୂଦନ ଦାଶ

ମୋ ମୁହଁରେ ଠାଏ
କଳା ଦାଗ ଲାଗିଗଲା
ତାକୁ ପୋଛିବାକୁ ଯାଇ
ଆଇନା ଆଗରେ ଛିଡ଼ାହେଲି।

ତା' ପରଦିନ ଦେଖିଲି
ମୋ ମୁହଁସାରା କଳାଦାଗ
ଆଉ ଆଇନା
ଲୋଡ଼ା ପଡ଼ିଲାନି।

ମୁହଁ ସାରା କଳାଦାଗ
ମୋ ପାଇଁ ଆଇନା ପାଲଟିଲା
ମୁଁ ତାକୁ ନେଇ ମୋ ମୁହଁ
ଦେଖିବା ଶିଖିଲି।

– ଭି.ଆର୍–୯୫
ୟୁନିଟ୍ –୬, ଭୁବନେଶ୍ୱର

### ନୀରବତା

ଡ. ଭବାନୀ ଶଙ୍କର ଦାଶ

ମୋତେ ଯଦି କେବେ ଆସି ପଚାରିବ
ତୁମ ବିନା ବଞ୍ଚିଛି କିପରି
ଲଗାଣ ବର୍ଷାରେ ଭିଜା ମୋର
ଦୀର୍ଘଶ୍ୱାସ
ସଦର୍ପେ ଉତ୍ତର ଦେବେ
ବାତ୍ୟାରେ ଚାଳ ନ ଥିବା
ଥୁଣ୍ଟାକାନ୍ଥ ପରି।

ଚାଳ ନ ଥିଲେ
କାନ୍ଥ ବା କେତେ ତିଷ୍ଠିପାରେ
ବର୍ଷା ଖରା କାକରକୁ ସହି
ତା' ଭିତର ଯନ୍ତ୍ରଣା ବି
ବାଧ କରୁଥାଏ
ମାଟିରେ ମାଟି ହୋଇ
ମିଶିଯିବା ପାଇଁ।

ଆତ୍ମ ଫଏସଲା କରିବା ନିଶାରେ
ବିଭୋର ମୁଁ ହେଇଗଲି ଏତେ
ଯେ ଉଡ଼ିବାକୁ ପକ୍ଷ ମୋର ଅଛି
ଠିକ୍ ବେଳେ ଭୁଲିଗଲି
ଭୁଲ୍ କଲି ସତେ !

ମୋ: ୮୯୧୭୬୨୪୩୮୬

## କାଳକାଳକୁ



''ସିଏ ଭଦ୍ରଲୋକ ହୁଅନ୍ତୁ କି ଭଦ୍ରମହିଳା, ଗୋଟିଏ ଭଲ ଉପନ୍ୟାସରୁ ଯେଉଁମାନେ ମଜା ନେଇପାରନ୍ତି ନାହିଁ, ସେମାନେ ପକ୍କା ବଦମାସ୍।''

– ଜେନ୍ ଅଷ୍ଟେନ୍

**ଜେନ୍ ଅଷ୍ଟେନ୍‌ଙ୍କ** ଜନ୍ମ ୧୬ ଡିସେମ୍ବର ୧୭୭୫ରେ ଓ ପରଲୋକ ୧୮ ଜୁଲାଇ ୧୮୧୭ରେ, ଇଂଲଣ୍ଡରେ। ତାଙ୍କର ପ୍ରସିଦ୍ଧ ଛ'ଟି ଉପନ୍ୟାସ ହେଉଛି– 'ପ୍ରାଇଡ୍ ଆଣ୍ଡ୍ ପ୍ରିଜୁଡିସ୍', 'ସେନ୍ସ ଆଣ୍ଡ୍ ସେନ୍ସିବିଲିଟି', 'ଏମ୍ମା', 'ମ୍ୟାନ୍‌ସଫିଲ୍ଡ ପାର୍କ', 'ନର୍ଥଆଙ୍ଗର୍ ଆବେ' ଓ 'ପର୍ସୁଏସନ୍'। ନାରୀ ଜୀବନର ଅଶୁଣା କାହାଣୀକୁ ସେ ତାଙ୍କ ଲେଖାଗୁଡ଼ିକରେ ଅତି ଜୀବନ୍ତ କରି ତୋଳିଧରନ୍ତି। ସେ ନିଃସ୍ୱାର୍ଥପର ଭାବେ ଜୀବନବାଦୀ। ଥରେ କହିଥିଲେ: ''ଯେଉଁମାନେ ମୋର ଅସଲ ବନ୍ଧୁ, ଏପରି କିଛି ନାହିଁ ଯାହା ମୁଁ ସେମାନଙ୍କ ପାଇଁ କରିପାରିବି ନାହିଁ। ଅଧା ଭଲପାଇବା ମୋ' ଜାତକରେ ନାହିଁ।

## ପୁସ୍ତକ ପରିଚୟ

### ଏକବିଂଶ ଶତାବ୍ଦୀର ନିର୍ବାଚିତ ଅସମୀୟା ଗଳ୍ପ




**ଅନୁସୃଜନ:** ଅଧ୍ୟାପକ ନିତ୍ୟାନନ୍ଦ ସାହୁ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୯୦୦/–

ଆଲୋଚ୍ୟ ଗ୍ରନ୍ଥରେ ଅସମୀୟା ଭାଷାର ୬୧ଟି ଗଳ୍ପର ଓଡ଼ିଆ ଅନୁବାଦ ସହ ରହିଛି 'ସାମ୍ପ୍ରତିକ ଅସମୀୟା କ୍ଷୁଦ୍ରଗଳ୍ପର ଗତି ପ୍ରକୃତି' ଶୀର୍ଷକ ଡ. ଆନନ୍ଦ ବରମୁଦୈଙ୍କର ଏକ ଆଲୋଚନା। 'ଆସାମ ସାହିତ୍ୟ ସଭା'ର ଶତବର୍ଷୀୟ ଶିବସାଗର ଅଧିବେଶନ ଉପଲକ୍ଷେ ପ୍ରକାଶିତ ଏହି ଗଳ୍ପ ସଂକଳନଟିର ଓଡ଼ିଆ ଅନୁବାଦ କରି ଅନୁବାଦକ ଅଧ୍ୟାପକ ସାହୁ କେବଳ ଅସମୀୟା ଭାଷାର ଉପକାର କରିନାହାନ୍ତି, ଓଡ଼ିଆ ଭାଷାଭାଷୀଙ୍କ ସମ୍ମୁଖରେ ଏକବିଂଶ ଶତାବ୍ଦୀର ପ୍ରତିଭାଦୀପ୍ତ ଲେଖକମାନଙ୍କୁ ଉପସ୍ଥାପିତ କରି ଓଡ଼ିଆ ଓ ଅସମୀୟା ଗଳ୍ପ ମଧ୍ୟରେ ଏକ ତୁଳନାତ୍ମକ ବିଚାରର ଅବକାଶ ଆଣିଦେଇଛନ୍ତି। ଅସମୀୟା ଲିପି ଜାଣିଥିବା ସତ୍ତ୍ୱେ ବ୍ୟାକରଣଗତ ଭିନ୍ନତା ଓ ପ୍ରୟୋଗଗତ ବୈସାଦୃଶ୍ୟ ଯୋଗୁ ଓଡ଼ିଆ ଓ ଅସମୀୟା ମଧ୍ୟରେ ରହିଥିବା ପ୍ରଭେଦକୁ ଅତିକ୍ରମ କରିବାକୁ ନିତ୍ୟାନନ୍ଦଙ୍କୁ ଯେଉଁସବୁ କ୍ଲେଶ ସ୍ୱୀକାର କରିବାକୁ ପଡ଼ିଛି, ତା'ର ଏକ ଅନୁଭୂତିମଥିତ ବୟାନ ସେ 'ଅନୁବାଦକଙ୍କର କଲମରୁ' ଶୀର୍ଷକ ଲେଖାରେ ଦେଇଛନ୍ତି। କହିଛନ୍ତି: ''ଏଥିରେ ଏପରି କେତେକ ଗଳ୍ପର ସଂସ୍ପର୍ଶରେ ଆସିବା, ଯାହା କେବେହେଲେ ଓଡ଼ିଶାର ଅଧିବାସୀ କୌଣସି ଲେଖକଙ୍କର କଳ୍ପନାକୁ ଛୁଇଁପାରି ନ ଥା'ନ୍ତା, କାରଣ ସୀମାନ୍ତବର୍ତ୍ତୀ ଆସାମର ସାମାଜିକ ସ୍ଥିତି ଓ ସମସ୍ୟା ଓଡ଼ିଶାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସାହିତ୍ୟ ଯେ ଆମ ଅଲକ୍ଷ୍ୟରେ ବି ଆମ ସମାଜର ପ୍ରତିଫଳନ ବହନ କରେ, ଏକଥା ଏହିସବୁ ଗଳ୍ପରୁ ପ୍ରମାଣିତ ହେବ।'' ଅନୂଦିତ ଗଳ୍ପଗୁଡ଼ିକର ଗାଳ୍ପିକମାନେ ଅସମୀୟା ଭାଷାର ନବପ୍ରଜନ୍ମର ଓ ଶତାବ୍ଦୀର ପ୍ରଥମ ୧୬ବର୍ଷ ମଧ୍ୟରେ ପ୍ରତିଷ୍ଠା ଅର୍ଜନ କରିଥିବା ଲେଖକମାନଙ୍କର ରଚନାରେ ସମୃଦ୍ଧ। ଏହି ସମୟଖଣ୍ଡରେ ଅସମୀୟା ଭାଷାର ଗଳ୍ପରେ ବିଷୟବସ୍ତୁ ଓ ଭାଷା ଦୃଷ୍ଟିରୁ ଯେଉଁସବୁ ପରୀକ୍ଷା ନିରୀକ୍ଷା ହୋଇଛି, ତା'ର ସୁରାକ ଓଡ଼ିଆ ପାଠକମାନେ ଯେ ପାଇପାରିବେ, ଏଥିରେ ସନ୍ଦେହ ନାହିଁ।

### ମନେ ଅଛି...




**ଲେଖକ:** ଉମାକାନ୍ତ ନନ୍ଦ
**ପ୍ରକାଶକ:** ଅନୁସୂୟା ନନ୍ଦ, ଗଣ୍ଡରପୁର, କଟକ–୩
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୫୦/–

ଆଲୋଚ୍ୟ ପୁସ୍ତକଟି ଲେଖକଙ୍କ ଆତ୍ମଜୀବନୀ। ଲେଖକ ଶ୍ରୀ ନନ୍ଦ ବୃତ୍ତିରେ ଓକିଲ ସତ, କିନ୍ତୁ ଜନସେବାଠୁଁ ନାଗରିକଙ୍କ ଅଧିକାର ପାଇଁ ଲଢ଼େଇ ପର୍ଯ୍ୟନ୍ତ ତାଙ୍କର କର୍ମମୟ ଜୀବନ ନାନା ଭାବେ ବିସ୍ତୃତ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସେ ନାନାଭାବେ କ୍ରିୟାଶୀଳ। ବିଭିନ୍ନ ସରକାରୀ ନିଯୁକ୍ତିଗତ କାର୍ଯ୍ୟ ସମ୍ପାଦନରେ ସେ ନିର୍ବିବାଦୀୟ ଭାବେ ନିପୁଣ ଓ କଟକ ବାର୍ ଆସୋସିଏଶନର ସଭାପତି ଭାବେ ପ୍ରଶଂସନୀୟ ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ। ଏହିଭଳି ଜଣେ ବ୍ୟକ୍ତି ଯେତେବେଳେ ତାଙ୍କର ଆତ୍ମଜୀବନୀ ଲେଖିବସନ୍ତି, ସେତେବେଳେ ଅବଧାରିତ ଭାବେ ପାଠକେ ପ୍ରତ୍ୟାଶା ରଖନ୍ତି ଯେ ଆତ୍ମଜୀବନୀଟି କେବଳ ଲେଖକର ଜୀବନକଥା ନ ହୋଇ ତାଙ୍କ ସମକାଳୀନ ସମୟ ଓ ସମାଜର ହିଁ ବିଶ୍ୱସ୍ତ ପ୍ରତିଫଳନ ହେବ। ଏପରି ପାଠକୀୟ ପ୍ରତ୍ୟାଶାର ପରିପୂରଣ ଯେ ବହିଟିର ଛତ୍ରେଛତ୍ରେ ସମ୍ଭବ ହୋଇଛି, ଏଥିରେ କୌଣସି ସନ୍ଦେହ ନାହିଁ। ବହିଟିରେ ମୋଟ ଚାରିଟି ଭାଗ ରହିଛି। ପ୍ରଥମ ଭାଗରେ ନିଜର ଜନ୍ମ, ବାଲ୍ୟଶିକ୍ଷା, ନିଜ ଗାଁ ଓ ତା'ର ପରମ୍ପରା, ଗାଁର କଳା, ସାହିତ୍ୟ ବିଶେଷକରି ନାଟକ ମଞ୍ଚାୟନ ଆଦି ବିଷୟ ସ୍ଥାନ ପାଇଛି। ଦ୍ୱିତୀୟ ଭାଗରେ କଲେଜ ଜୀବନର ଅନୁଭୂତି ଓ ଆଇନ ଶିକ୍ଷା ବିଷୟରେ ଲେଖକ ଲେଖିଛନ୍ତି। ତୃତୀୟ ଭାଗରେ ନିଜର ଓକିଲାତି ଜୀବନ, ଭ୍ରମଣ ଅନୁଭୂତି, ଭାରତୀୟ ଧର୍ମପୀଠମାନଙ୍କର ବର୍ଣ୍ଣନା ଇତ୍ୟାଦି ସ୍ଥାନ ପାଇଛି ଓ ଶେଷଭାଗରେ ଲେଖକ ତାଙ୍କ ଜୀବନରେ ସତ୍‌ସଙ୍ଗ କିପରି ପ୍ରଭାବ ପକାଇଛି, ତାଙ୍କର ସାରସ୍ୱତ କୃତିରାଜି, ପରିବାରର ହାଲ ଇତ୍ୟାଦି ପ୍ରସଙ୍ଗ ରହିଛି। ବହିଟିରେ ଭାଷା ସରଳ ଓ ଗତିଧର୍ମୀ ହୋଇଥିବାରୁ ପାଠକେ ଆନନ୍ଦର ସହ ମୂଳରୁ ଶେଷଯାଏ ପ୍ରାୟ ଏକ ହଜାର ପୃଷ୍ଠାର ଏହି ବହିଟିକୁ ପଢ଼ିପାରିବେ।

## ଦର୍ଶନ

ରମେଶ ଚନ୍ଦ୍ର ବେହୁରା

ଲଘୁ ଗଳ୍ପ

ଅପରପଟକୁ ଚାଲିଚାଲି ଯିବାର ଉତ୍ସାହ ଭିତରେ ହାଓଡ଼ା ବ୍ରିଜ୍ ଉପରୁ କଲିକତା ସହରର ଆସନ୍ନ ସାନ୍ଧ୍ୟ ପ୍ରକୃତି ମୋତେ ଯେମିତି ଘଡ଼ିଏ ଅଟକାଇ ଦେଉଥିଲା। ଚାରିଆଡ଼କୁ ଆଖି ବୁଲାଇ ମହାନଗରୀର ଲାସ୍ୟମୟୀ ଅପରୂପରେ ହଜିଯାଉଥିଲି ମୁଁ। ପୁଣି ତଳକୁ ଚାହିଁଲେ ମା' ଗଙ୍ଗାଙ୍କ ଗର୍ଭଉଚ୍ଛୁଳା ବିସ୍ତୀର୍ଣ୍ଣ ଧୂଆଁଳିଆ ଜଳରାଶି। କି ମନୋରମ ଦୃଶ୍ୟ ସତେ!

ପାଦ ଆଗକୁ ଉଠୁନି। ସହରକୋଳକୁ ପଶିଗଲେ ଏ ବିଚିତ୍ର ବର୍ଣ୍ଣାଳୀ ହୁଏ ତ ସ୍ୱପ୍ନରେ ମିଳିବ। ପୁଣି କାଲି ତ ଫେରିଯିବାର ଯୋଜନା।

ବ୍ରିଜ୍ ବାଡ଼ାରେ ଭରା ଦେଇଥିବା ମୋ' ବାଁ ହାତକୁ ହଠାତ୍ କିଏ ଜଣେ ଜୋର୍ କରି ଜାବୁଡ଼ି ଧରିଲା, ଠିକ୍ ଚୋରର ଟେର୍ ପାଇ ପୋଲିସ ଜାବୁଡ଼ି ଧରିଲା ପରି। ଚମକି ପଡ଼ିଲି ମୁଁ। ଭୟ ପାଇଗଲି। ଚାହିଁଲି ଲୋକଟିକୁ। ମଧ୍ୟମ ଉଚ୍ଚର ମଣିଷଟିଏ। ମୁଣ୍ଡର ଉପରିଭାଗ ଚନ୍ଦା, ହେଲେ କାନମୂଳକୁ ଚୁଟି ଝିଲିପି ସଦୃଶ। ବୟସ ଷାଠିଏରୁ ଅଧିକ ହେବ। ଗୋଲ୍‌ଡେନ୍ ଫ୍ରେମ୍ ଚଷମାରେ ଉଜ୍ଜ୍ୱଳ ଦିଶୁନି ତାଙ୍କ ମୁଖମଣ୍ଡଳ। ପଞ୍ଜାବି ପାଇଜାମା ସହିତ ଖୁବ୍ ବିଜ୍ଞ ଓ ଦାର୍ଶନିକଟିଏ ପରି ଦେଖାଯାଉଥା'ନ୍ତି।

କିନ୍ତୁ କିଏ ଜାଣେ... ?

–''ଏଖାନେ ଦାଡ଼ିଏଛ କେନ ?'' –ଲୋକଟିର ଆଖିଦେଖା ପ୍ରଶ୍ନ ମୋ' ପ୍ରତି। ମୁଁ ବୁଝିପାରିଲିନି। କହିଲି, ଇଂଲିଶ୍ କି ହିନ୍ଦୀରେ କହିବାକୁ। ଲୋକଟି ଅଳ୍ପ ହସି ଉଭୟ ଭାଷାରେ ତାଗିଦା ସ୍ୱରରେ କହିଲେ– ''କ'ଣ ଗଙ୍ଗାକୁ ଡେଇଁ ଆତ୍ମହତ୍ୟା କରିବ ? ଘର କେଉଁଠି ? କାହିଁକି ଆସିଛ କାଲ୍‌କାଟା ? ଗାଁରେ କ'ଣ ମରିବାକୁ ସ୍ଥାନ ମିଳିଲାନି ? ଚାଲ, ପୋଲିସରେ ଜିମା ଦେବି ତୁମକୁ।''

ଟଣା ଓଟରା, ଯୁକ୍ତିତର୍କ ଭିତରେ ମୋର କଲିକତା ଆସିବାର ଅଭିପ୍ରାୟ ବାରମ୍ବାର କହିଲାରୁ ମହାଶୟ ଜଣକ ବିଶ୍ୱାସ କଲେ। ମୋ' ହାତ ଛାଡ଼ି ମୋତେ ଅର୍ଦ୍ଧ ଆଲିଙ୍ଗନ କରି ଚାଲୁଥା'ନ୍ତି ବ୍ରିଜ୍ ଆରପଟକୁ। ତଥାପି ମୋ' କହିବାର ପରିମଳତା ତାଙ୍କୁ ସନ୍ଦେହମୁକ୍ତ କରିପାରୁ ନ ଥାଏ। ଯେମିତିକି ମୋ' ହୃଦୟ ନିବୃତ୍ତ ପାପବଦ୍ଧତାକୁ ମୁଁ ଶୁଦ୍ଧଛଳନାରେ ତାଙ୍କଠାରେ ଆବୃତ୍ତି କରି ଖସିଯିବାକୁ ଚାହୁଁଛି। ତାଙ୍କ ସନ୍ଦେହର ନକ୍ସାକୁ ମୁଁ ତଥାପି ଡେଇଁ ଯାଇପାରୁ ନ ଥାଏ।

ଛପନ ନମ୍ବର ସୂତାଗଦିରେ ପହଞ୍ଚିଲୁ ଦୁହେଁ। ସବୁପ୍ରକାର ବିପଦ, ଭୟ ଓ ସନ୍ଦେହ ମୋ' ନିଜ ଲୋକଙ୍କ କହିବା ମୁତାବକ ଟଳିଗଲା। ବାବୁ ବୁଝିପାରି ଅଳ୍ପ ହସିଲେ। ଆଉ ନିଜର ପରିଚୟ ଦେଲେ। –ମହାଶୟ ଶାନ୍ତିନିକେତନରେ ଦର୍ଶନ ଶାସ୍ତ୍ରର ରିଟାୟାର୍ଡ ପ୍ରଫେସର। ତାଙ୍କ ନାମ ପ୍ର. ଡ. ସନନ୍ଦ ଗୋସ୍ୱାମୀ। ଜୀବନ ଆଉ ଜଞ୍ଜାଳର ଫେଣ୍ଟାଫେଣ୍ଟି ସନ୍ଦର୍ଭର ନିଷ୍କର୍ଷ ହିଁ ତାଙ୍କ ଗବେଷଣା। ଏପରି ସ୍ଥିତିରେ ବ୍ରିଜ୍ ଉପରୁ ଡେଇଁ କେତେ ଲୋକ ଆତ୍ମହତ୍ୟା କରିଥିବାର ନଜିର ସେ କହିଲେ। ଗଳ୍ପ ଓ କବିତା ମାଧ୍ୟମରେ ମଣିଷ ଜନ୍ମର ଦୁର୍ଲଭତାକୁ ସେ ସାମାଜିକ ବାର୍ତ୍ତା ରୂପରେ ବାଣ୍ଟିଛନ୍ତି।

ଛୋଟ ମୁଣ୍ଡରେ ଖୁବ୍ ଭାବାପନ୍ନ ହୋଇଗଲି ମୁଁ। କେତେ ମହାନ୍ ସତେ ଯେ ବ୍ୟକ୍ତି ଜଣକ! ତାଙ୍କ ଦର୍ଶନ ମୋ ହୃଦୟକୁ ଛୁଇଁ ସାରିଥିଲା।

ହଁ, ମିଥ୍ୟାକୁ ଭାବନା କଷଟିରେ ପରଖିଲେ ତାହା ବେଳେବେଳେ ସତ୍ୟ ହୁଏତ, ସର୍ବଦା ମିଥ୍ୟାର ହିଁ ରୂପ ନେଇଥାଏ।

ଭକ୍ତିପୂତ ପ୍ରଣାମଟିଏ ବାଢ଼ିଲି ତାଙ୍କ ଚରଣରେ। ଟ୍ରାମ୍‌ରେ ଚଢ଼ି ଅଦୃଶ୍ୟ ହେବାଯାଏ ତାଙ୍କ ଶୁଭାଶିଷର ହାତ ହଲୁଥାଏ ମୋ'ରି ଉଦ୍ଦେଶ୍ୟରେ। ମୋ'ର ବି ଯୋଡ଼ହସ୍ତର ପ୍ରଣାମ– ଟ୍ରାମ୍ ଅଦୃଶ୍ୟ ହେବାଯାଏ...।

ଟିଲୋ, ବନ୍ତ, ଭଦ୍ରକ



## ଶେୟାର ବଜାରରେ ହ୍ରାସ

ନୂଆଦିଲ୍ଲୀ: ଦିନକ ପରେ ପୁଣିଥରେ ଶେୟାର ବଜାରର ଫଳାଫଳ ଖରାପ ରହିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଯୋଗୁ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୮୯(୩୮୯.୦୧) ପଏଣ୍ଟ ଖସି ୬୨,୧୮୨ (୬୨,୧୮୧.୬୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୩ (୧୧୨.୭୫ ପଏଣ୍ଟ ହ୍ରାସ ଘଟି ୧୮,୪୯୭ (୧୮,୪୯୭.୭୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ହସ୍ତତନ୍ତ ଉତ୍ପାଦଗୁଡ଼ିକୁ କର୍ପୋରେଟ୍ ପ୍ରୋତ୍ସାହନ ଆବଶ୍ୟକ'

ଭୁବନେଶ୍ୱର,୯।୧୨

ଓଡ଼ିଶାର କଳା ସଂସ୍କୃତି ଓ କାରିଗରିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର (ଡବ୍ଲ୍ୟୁଟିସି) ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଖଣ୍ଡଗିରିସ୍ଥିତ କଳାଭୂମିଠାରେ କାରିଗରଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶା ହସ୍ତତନ୍ତର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ଏହା ପ୍ରକୃତି ଦ୍ୱାରା ପ୍ରେରିତ ବୋଲି ଆକଳନ କରାଯାଉଛି। ଉକ୍ତ ପରମ୍ପରାକୁ ଆହୁରି ପରିପୁଷ୍ଟ କରିବା ଏବଂ ହସ୍ତତନ୍ତ ସାମଗ୍ରୀ କିଭଳି ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇପାରିବ, ସେଥିପାଇଁ ବିଭିନ୍ନ ସ୍ତରରେ ଯୋଜନା ହେବା ଆବଶ୍ୟକ। ଏହା ବ୍ୟତୀତ ବେସରକାରୀ ସ୍ତରରେ ମଧ୍ୟ କର୍ପୋରେଟ ଜଗତ ଏହାକୁ



ପ୍ରୋତ୍ସାହିତ କରିବା ଲାଗି ଆଗେଇ ଆସିବା ଦରକାର ବୋଲି ରାଜ୍ୟପାଳ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଡବ୍ଲ୍ୟୁଟିସି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶିକା ନିମେଶିକା ନଟରାଜନ କହିଛନ୍ତି, ଓଡ଼ିଶାର ହସ୍ତତନ୍ତ ଏବଂ ନିରନ୍ତର ଫ୍ୟାଶନର ପ୍ରସାର କରିବା ଏବଂ ଓଡ଼ିଶାର ହସ୍ତତନ୍ତ ଉତ୍ପାଦକୁ ଆନ୍ତର୍ଜାତିକ ବଜାରରେ ପହଞ୍ଚାଇବା ଲାଗି ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର ପକ୍ଷରୁ ଏହା ହେଉଛି ଏକ ଉଦ୍ୟମ। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡବ୍ଲ୍ୟୁଟିସି ଭୁବନେଶ୍ୱରର ପରାମର୍ଶଦାତା ପଞ୍ଚମୀ ମାନୋ ଉକିଲ୍ ବିବରଣୀ ପ୍ରଦାନ କରିଥିବା ବେଳେ ଡ. ରୀନା ରାଉତରାୟ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସେହିଭଳି ହସ୍ତତନ୍ତ, ବୟନ ଓ ହସ୍ତକଳା ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜିର ପ୍ରଫେସର ବି. ବି. ଜେନା ଏବଂ ଅହମ୍ମଦାବାଦସ୍ଥିତ ଏଣ୍ଟରପ୍ରେନ୍ୟୁଅରଶିପ୍ ଡେଭେଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଡ. ସୁନୀଲ ଶୁକ୍ଳା ମଧ୍ୟ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ୯ ଜଣ ବୁଣାକାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅପରାହ୍ନରେ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀକୁ କବିସୂର୍ଯ୍ୟନଗରର ବିଧାୟିକା ଲତିକା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଡବ୍ଲ୍ୟୁଟିସି ଭୁବନେଶ୍ୱର ମହିଳା ଫୋରମ୍‌ର ପରାମର୍ଶଦାତା ଡ. ରୀନା ରାଉତରାୟ, ବୟନ ଉପନିର୍ଦ୍ଦେଶିକା ମଧୁସ୍ମିତା ଦାସ, ଓଏଏସ୍ ରାଜା ପରିଜା, ଜାତୀୟ ପୁରସ୍କାର ବିଜୟିନୀ ବୁଣାକାର ସୁକାନ୍ତି ମେହେର ଏବଂ ବୟନିକାର ବିପଣନ ପ୍ରବନ୍ଧକ ଅର୍ଥରଂଜନ ମହାପାତ୍ର ବୁଣାକାରମାନେ ବର୍ତ୍ତମାନ ପରିସ୍ଥିତିରେ ସାମ୍ନା କରୁଥିବା ସମସ୍ୟା ଏବଂ ସେମାନଙ୍କ ପାଇଁ ରହିଥିବା ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ପରିଶେଷରେ କଳାଭୂମି ଠାରେ ମଡେଲମାନେ ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସୁନ୍ଦର ଡିଜାଇନର ପୋଷାକ ପରିଧାନ କରି ର୍‌ୟାମ୍ପ ୱାକ୍ କରିଥିଲେ।

# ପୂର୍ବଭାରତର ଟେକ୍ନୋଲୋଜି ଗେଟ୍‌ୱେ ହେବ ଓଡ଼ିଶା

ଭୁବନେଶ୍ୱର,୯।୧୨

ଓଡ଼ିଶାରେ ବିଶ୍ୱସ୍ତରୀୟ ଇଲେକ୍‌ଟ୍ରୋନିକ୍ ପ୍ରଡକ୍ଟ ଡିଜାଇନ ଓ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ଏପିକ୍ ଫାଉଣ୍ଡେଶନ ଏକ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏପରିକି ଫାଉଣ୍ଡେଶନ ଏକ ଆତ୍ମନିର୍ଭରଶୀଳ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦ ରାଷ୍ଟ୍ର ନିର୍ମାଣ କରିବାର ପ୍ରତିବଦ୍ଧତା ପ୍ରତି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରିଛି। ଫଳରେ ଫାଉଣ୍ଡେଶନ ଶିଳ୍ପର ବିଭିନ୍ନ ହିତାଧିକାରୀ, ସରକାର ଓ ଶିକ୍ଷାନୁଷ୍ଠାନଗୁଡ଼ିକ ସହ ମିଶି ରାଜ୍ୟରେ ଇଲେକ୍‌ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଇକୋସିଷ୍ଟମର ବିକାଶ ଦିଗରେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ବିଶେଷକରି ଓଡ଼ିଶା ସରକାର ଓ ଏପିକ୍ ଫାଉଣ୍ଡେଶନ ମଧ୍ୟରେ ହୋଇଥିବା ଏମ୍‌ଓୟୁ କେବଳ ଇଏସ୍‌ଡିଏମ୍ ଶିଳ୍ପକୁ ନୁହେଁ ବରଂ ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶକୁ ବୃଦ୍ଧି ପ୍ରଦାନ କରିପାରିବ ଏବଂ ଡିଜିଟାଲ ଅନ୍ତରକୁ ଦୂରକରିପାରିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଏପିକ୍ ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ଅଜୟ ଚୌଧୁରୀ କହିଛନ୍ତି, ଆମେ ଏହି ସହଭାଗିତାକୁ ଏକ ବାସ୍ତବତାରେ ପରିଣତ କରିବାରେ ସରକାର ଓ ଶିଳ୍ପର ସମର୍ଥନକୁ ସ୍ୱୀକାର କରୁଛୁ। ଆମେ ପ୍ରଗତିଶୀଳ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରିବା ପାଇଁ ଉତ୍ସାହିତ ରହିଛୁ ଏବଂ ଆମର ବିଶ୍ୱାସ,ଏହି ମିଳିତ ପ୍ରୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶା ପାଇଁ ୧ଟ୍ରିଲିୟନ ଡଲାରର ଅର୍ଥନୀତି ହାସଲ କରିବା ସ୍ୱପ୍ନକୁ ପୂରଣ କରିବାରେ ସାହାଯ୍ୟ କରିବ। ସେହିପରି ଓଡ଼ିଶାରେ ସ୍ୱତନ୍ତ୍ର ଡିଜାଇନ ସହ ଇଲେକ୍‌ଟ୍ରୋନିକ୍ ପ୍ରଡକ୍ଟ ନିର୍ମାଣ କରିବା, ଭାରତୀୟ ଇଲେକ୍‌ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର କ୍ଷେତ୍ରର ହଜିଯାଇଥିବା ଗୌରବକୁ ଫେରାଇ ଆଣିବା ପାଇଁ ଆମର ବୃହତ୍ ସ୍ୱପ୍ନର ଏହା ଏକ ଅଂଶ । ଓଡ଼ିଶାକୁ ପୂର୍ବାଞ୍ଚଳ ଭାରତର ଟେକ୍ନୋଲୋଜି ଗେଟ୍‌ୱେ କରିବା ନେଇ ଆମର ସ୍ୱପ୍ନ ପୂରଣ କରିବୁ। ବିଶେଷକରି ଫାଉଣ୍ଡେଶନ ରାଜ୍ୟରେ ଡିଜାଇନ, ମାନୁଫ୍ୟାକ୍ଚରିଂ, ଡିଷ୍ଟ୍ରିବ୍ୟୁଶନ ଓ ସର୍ଭିସ୍ କମ୍ପାନୀ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରିବ।

ଉଲ୍ଲେଖଯୋଗ୍ୟ, ଏଚ୍‌ସିଏଲ୍ ପ୍ରତିଷ୍ଠାତା ଡ. ଅଜୟ ଚୌଧୁରୀ ଓ ଅର୍ଜୁନ ମାଲ୍‌ହୋତ୍ରାଙ୍କ ସମେତ ସେମିକଣ୍ଡକ୍ଟର ଶିଳ୍ପର ବିଶିଷ୍ଟ ବ୍ୟକ୍ତି ଡ. ସତ୍ୟ ଗୁପ୍ତାଙ୍କ ଦ୍ୱାରା ସ୍ଥାପିତ ଏକ ଅଣଲାଭକାରୀ ସଂସ୍ଥା ହାର୍ଡୱେୟାର ପ୍ରଡକ୍ଟସ୍ ଥିଙ୍କ୍ ଟ୍ୟାଙ୍କ ଏପିକ୍ ଫାଉଣ୍ଡେଶନ ରାଜ୍ୟରେ ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

ଏହି ସହଭାଗିତା ପାଇଁ ପ୍ରସ୍ତାବିତ ପ୍ରାରମ୍ଭିକ ଉତ୍ପାଦ ଶୃଙ୍ଖଳାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରିବା ଲାଗି ଅନ୍ତର୍ଜାତୀୟ ମାନ ସହ ଏକ ଭାରତୀୟ ଟାବ୍‌ଲେଟ୍ ପିସି ନିର୍ମାଣ କରିବା ସାମିଲ ରହିବ। ଅପରପକ୍ଷରେ ଆମ ପୋର୍ଟଫୋଲିଓରେ ଅନ୍ୟ ଉତ୍ପାଦଗୁଡ଼ିକ ମଧ୍ୟରେ ଇନ୍‌ଡୋର ଓ ଆଉଟ୍‌ଡୋର୍ ୱାଇଫାଇ ଆକ୍‌ସେସ୍ ପଏଣ୍ଟ, ସ୍ମାର୍ଟ କ୍ୟାମେରା, ସ୍ମାର୍ଟ ମିଟର, ମୋବାଇଲ ଓ ଇଭି ଚାର୍ଜର ଆଦି ସାମିଲ ରହିଛି। ଏପିକ୍ ଫାଉଣ୍ଡେଶନ ଓ ସହଯୋଗୀଙ୍କ ଦ୍ୱାରା ନିର୍ମିତ ସମସ୍ତ ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ମରାମତି ଯୋଗ୍ୟ ଓ ଅପ୍‌ଗ୍ରେଡ୍‌ଯୋଗ୍ୟ ଅଟନ୍ତି ଏବଂ ଆର୍-କ୍ୟୁବ୍ ପଦ୍ଧତିର ଅନୁସରଣ କରିବେ ଯାହା ସେଗୁଡ଼ିକୁ ପରିବେଶ ଅନୁକୂଳ ଓ ଦୀର୍ଘସ୍ଥାୟୀ କରିବ। ଏପିକ୍ ଫାଉଣ୍ଡେଶନ ଏହାର ସହଭାଗିତାର ଅଂଶ ଭାବେ ଇଲେକ୍‌ଟ୍ରୋନିକ୍ ପ୍ରଡକ୍ଟଗୁଡିକର ନିର୍ମାଣ, ମରାମତି ଓ ସର୍ଭିସିଂ କ୍ଷେତ୍ରରେ ରାଜ୍ୟର କ୍ଷୁଦ୍ର ସହର ଓ ଅଣସଂରକ୍ଷିତ ସମୁଦାୟର ମହିଳା ଓ ଲୋକମାନଙ୍କୁ ଦକ୍ଷ କରିବା ପାଇଁ ଓଡ଼ିଶା ସରକାର ଓ ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟି ସହ ମିଶି କାର୍ଯ୍ୟ କରିବ।

# ଫର୍ନିଟେକ୍ ଲ୍ୟୁକ୍ସର ଫର୍ନିଚର ଏକ୍ସପେରିଏନ୍ସିଆଲ ସେଣ୍ଟର



ଭୁବନେଶ୍ୱର,୯।୧୨

ଦେଶର ପ୍ରିମିୟମ ଅପ୍‌ହୋଲ୍‌ଷ୍ଟରେଡ୍ ଫର୍ନିଚର ନିର୍ମାତା, ଫର୍ନିଟେକ୍ ଲ୍ୟୁକ୍ସ ପକ୍ଷରୁ ଭୁବନେଶ୍ୱରରେ ବ୍ରାଣ୍ଡର ପ୍ରଥମ ଫ୍ରାଞ୍ଚାଇଜ୍‌ଡ ଏକ୍ସପେରିଏନ୍ସିଆଲ ସେଣ୍ଟରର ଶୁଭାରମ୍ଭ ହୋଇଯାଇଛି। ଏପରିକି ସ୍ଥାନୀୟ ନୂଆ ଜାଗମରା ରୋଡ୍‌ସ୍ଥିତ ସୌଭାଗ୍ୟନଗରଠାରେ ଏହି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ୩୬୦୦ ବର୍ଗଫୁଟ୍ ଅଞ୍ଚଳରେ ପରିବ୍ୟାପ୍ତ ଏହି ଷ୍ଟୋରରେ ଆକର୍ଷଣୀୟ ଡେକୋର ଓ ଇଣ୍ଟେରିଅର ଫର୍ନିଚର ଓ ଆକ୍‌ସେସୋରିଜ୍‌ର ଏକ ବିସ୍ତୃତ ଶୃଙ୍ଖଳା ରହିଛି। ଏଠାରେ ଲକ୍‌ଜୁରି ସୋଫା, ରିକ୍ଲାଇନର, ଡାଇନିଂ ସେଟ୍, ସେଣ୍ଟର ଟେବୁଲ ଓ ଲାଉଞ୍ଜ ଚେୟାର ଆଦିର ଏକ ଉତ୍କୃଷ୍ଟ ରେଞ୍ଜ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଫର୍ନିଟେକ୍ ସିଟିଂ ସିଷ୍ଟମ୍ସ ପ୍ରା.ଲିଃ.ର ପରିଚାଳନା ନିର୍ଦ୍ଦେଶକ ଧୱଳ ଶାହ କହିଛନ୍ତି, ଆମେ ଭୁବନେଶ୍ୱରରେ ଆମର ଏକ୍ସପେରିଏନ୍ସିଆଲ ସେଣ୍ଟରର ଶୁଭାରମ୍ଭ ସହ ପୂର୍ବ ଭାରତରେ ଆମର ଉପସ୍ଥିତିକୁ ବିସ୍ତାରକରି ଆନନ୍ଦିତ। ଏହି ନୂଆ ସେଣ୍ଟର ଘର, ଅଫିସ୍, ଅନୁଷ୍ଠାନ, ରେଷ୍ଟୁରାଣ୍ଟ, ଲାଉଞ୍ଜ୍, ହୋଟେଲ, ଆର୍କିଟେକ୍ଟ ଓ ଇଣ୍ଟେରିଅର ଡିଜାଇନରଙ୍କୁ ଲକ୍‌ଜୁରି ଫର୍ନିଚର ପ୍ରଦାନ କରିବ।

# ଆଜିଠାରୁ ୨ଦିନିଆ କନକଲତା ଶାଢ଼ି ପ୍ରଦର୍ଶନୀ

ଭୁବନେଶ୍ୱର,୯।୧୨



ଦେଶର ପ୍ରମୁଖ ତଥା ଦୀର୍ଘ ୮୦ ବର୍ଷର ଶାଢ଼ି ବ୍ରାଣ୍ଡ 'କନକଲତା' ପକ୍ଷରୁ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ୨ଦିନିଆ କନକତଲା ଶାଢ଼ି ପ୍ରଦର୍ଶନୀ ଓ ବିକ୍ରୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଶେଷକରି ଉକ୍ତ ବ୍ରାଣ୍ଡର ସ୍ୱତନ୍ତ୍ର ହସ୍ତତନ୍ତ ଶାଢ଼ିର ଏକ ସ୍ୱତନ୍ତ୍ର ସମ୍ଭାର ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏପରିକି ଭୁବନେଶ୍ୱରସ୍ଥିତ ହୋଟେଲ ମେ ଫେୟାର ଲାଗୁନ୍ (ଲିଲି ହଲ୍)ରେ ହାତବୁଣା ଶାଢ଼ି ପ୍ରଦର୍ଶନୀ ଓ ବିକ୍ରୟ ହେବ। ସେହିଭଳି ଉକ୍ତ ପ୍ରଦର୍ଶନୀରେ କାଞ୍ଚିପୁରମ, ବନାରସୀ, ପାଇଥାନି, ଅର୍ଗାଞ୍ଜା, ପାଟୋଲା, ଜାମ୍‌ଦାନି, କୋଟା ଭଳି ଅନେକ ଜଣାଶୁଣା ବ୍ରାଣ୍ଡର ହାତବୁଣା ଶାଢ଼ି ଉଭୟ ପ୍ରଦର୍ଶନ ଓ ବିକ୍ରୟ କରାଯିବ। ଏପରିକି ସାରା ଭାରତରୁ ୫୦ରୁ ଅଧିକ ବୁଣାକାର କ୍ଲଷ୍ଟରଙ୍କ ଦ୍ୱାରା ଏହି ପ୍ରଦର୍ଶନୀ ଓ ବିକ୍ରୟ କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ କନକତଲାର ପରିଚାଳନା ନିର୍ଦ୍ଦେଶକ ମଲ୍ଲିକାର୍ଜୁନ ରାଓ କହିଛନ୍ତି, ପ୍ରତ୍ୟେକ ଋତୁରେ ଆମେ ଭାରତର ପ୍ରମୁଖ ସ୍ଥାନଗୁଡ଼ିକରେ ଏଭଳି ପ୍ରଦର୍ଶନୀର ଆୟୋଜନ କରିଥାଉ। ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରାମାଣିକ ଭାରତୀୟ ହସ୍ତତନ୍ତ ପାଇଁ ଏକମାତ୍ର ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି। ଉକ୍ତ ପ୍ରଦର୍ଶନୀରେ ଭାରତୀୟ ହସ୍ତତନ୍ତର ବିଶେଷ ବୁଣାକାରଙ୍କ ବହୁ ଉତ୍କୃଷ୍ଟ ସାମଗ୍ରୀ ସ୍ଥାନ ପାଇବ। ଏହି ପ୍ରଦର୍ଶନୀ ୨୦୨୨ ଡିସେମ୍ବର ୧୦ ଓ ୧୧ ତାରିଖ ସ୍ଥାନୀୟ ମେ ଫେୟାର ଲାଗୁନ୍ ଠାରେ ଆୟୋଜନ ହେବ। ସକାଳ ୧୦ ଘଣ୍ଟାରୁ ରାତ୍ର ୮ଘଣ୍ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ସବୁ ବର୍ଗର ଲୋକଙ୍କ ପାଇଁ ଖୋଲା ରହିଛି ବୋଲି କନକଲତା ପକ୍ଷରୁ କୁହାଯାଇଛି।


## Classified Everyday 0674-2580101, 2549949



REAL ESTATE

**SALE**

17 areas land layfarm of 1,30,000 hens near Nayagarh. 9040433993. D-2199

"Xmas and New Year Dhamaka" attractive discount on ready to move BDA/ Bank Project approved remaining one BHK flat in a multistoried apartment near Shani Temple, 500 meters from National Highway, Patrapada, Bhubaneswar. 9238326233. D-38584

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

Luxurious 4BHK Duplex near Balianta Bazar. Land-1400 Construction-2200-79 Lakh. 9938219397, 9861022055. D-2169

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-** classifieddharitri@gmail.com

ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ **readymade** ଘର ମିଳୁଅଛି। **7008067338, 9090746445.** D-74163

For sale 3 BHK Apartment well furnished Interior Modular kitchen with 4 Ac . Tankapani Road, Near Rajarani Temple, BHUBANESWAR. Contact-7978445271/ 9861406716. D-2161

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155



CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ତୃତୀୟ ଜନ୍ମଦିନର ଶୁଭେଚ୍ଛା**




**ଆଶିଷ କୁମାର ବାରିକ**
ବୁଦ୍ଧିପଡ଼ା, ଖୋର୍ଦ୍ଧା
ଆଜି ତୁମର ତୃତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୁଭେଚ୍ଛା ସହ:** ବାପା, ବୋଉ, ବାବା, ମାମା, ଅଜା, ଆଈ, ମଉସା, ମାଉସୀ, ସାନବାବା, ସାନମାମା, ନନା, ପିଉସା, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୪୬୧୦




Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608

**Full body massage by smart I expert therapist @ 999 only. 9078484455.** D-73666

Newly open Spa positively health benefit with expert. Contact: 7749976301. D-74501

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ମନେ ପଡ଼ନ୍ତି**

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ଲକ୍ଷ୍ମୀପ୍ରିୟା ଦାସ**
ଟାଉନ୍ ହଲ୍ ରୋଡ୍, ରାମଚନ୍ଦ୍ର ଭବନ ନିକଟ କଟକ
ଆବିର୍ଭାବ: ୧୦।୦୮।୧୯୪୯
ତିରୋଧାନ: ୨୪।୧୨।୨୦୧୮
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ
ଧ-୨୧୮୯


# ଦାୟିତ୍ୱ ଗ୍ରହଣକଲେ ନାଲ୍‌କୋର ୨ ନୂଆ ମହାପ୍ରବନ୍ଧକ

ଦାମନଯୋଡ଼ି,୯।୧୨(ଡି.ଏନ୍.ଏ.)

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର ମାନବ ସମ୍ବଳ ଓ ପ୍ରଶାସନ ବିଭାଗରେ ୨ ନୂତନ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ଇଂ. ଅମରେନ୍ଦ୍ର ମିଶ୍ର ଏବଂ ଇଂ. ନିହାର ରଞ୍ଜନ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଭୟେ ପୂର୍ବରୁ ବକ୍ସାଇଟ ଖଣିରେ କାର୍ଯ୍ୟରତ ଥିଲେ। ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ଏବଂ ଅଞ୍ଚଳର ଉନ୍ନୟନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବେ। ଜମିହରା, ଆଂଶିକ ଜମିହରା ଓ ଅନ୍ୟ ସହଯୋଗୀଙ୍କ ପିଲାଙ୍କୁ ନାଲ୍‌କୋରେ ବାହାରୁଥିବା ବିଭିନ୍ନ ନିଯୁକ୍ତି ନେଇ ହେଉଥିବା ପରୀକ୍ଷା ଲାଗି ସକ୍ଷମ କରିବା ଦିଗରେ ଆବଶ୍ୟକ ତାଲିମ ବ୍ୟବସ୍ଥାକୁ ଗୁରୁତ୍ୱ ଦେବେ ବୋଲି ମିଶ୍ର କହିଛନ୍ତି। ପାରିପାର୍ଶ୍ୱିକ ପିଲାଙ୍କ ପାଇଁ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ମାଗଣା ଆବାସିକ ଶିକ୍ଷା ସହିତ ନାଲ୍‌କୋ ପରିଚାଳିତ ସ୍କୁଲଗୁଡ଼ିକରେ ପଢ଼ିବା ସୁବିଧା ଚାଲୁରହିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ମିଶ୍ର ଇଞ୍ଜିନିୟରିଂ ଡିଗ୍ରୀ ପରେ ନାଲ୍‌କୋରେ ୧୯୯୪ ଜାନୁୟାରୀରେ ଜିଇଟି ରୂପେ ଯୋଗଦେଇଥିଲେ। ସେହିପରି ନାଲ୍‌କୋ ଆଲୁମିନା ରିଫାଇନେରିର ନୂତନ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ରୂପେ ନିହାର ରଞ୍ଜନ ମହାନ୍ତି ଗତ ୨ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଅନୁଗୋଳ ନାଲ୍‌କୋ ଏସ୍ ଆଣ୍ଡ ପି ପ୍ରକଳ୍ପରେ କାର୍ଯ୍ୟରତ ଥିଲେ। ମହାନ୍ତି ଇଞ୍ଜିନିୟରିଂ ଡିଗ୍ରୀ ପରେ ୧୯୮୫ ନଭେମ୍ବରରେ ନାଲ୍‌କୋରେ ଜିଇଟି ରୂପେ ଯୋଗଦେଇ ୧୯୮୬ରେ ସାଢ଼େ ୪ ମାସ ପାଇଁ ଫ୍ରାନ୍ସରେ ତାଲିମ ନେଇଥିଲେ। ୨୦୧୨ ପର୍ଯ୍ୟନ୍ତ ଦାମନଯୋଡ଼ିରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିଲେ। ଏବେ ରିଫାଇନେରିର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ଅବସରରେ ସେ ସମସ୍ତଙ୍କୁ ସାଙ୍ଗରେ ନେଇ କାର୍ଯ୍ୟ କରିବେ ଏବଂ ନୂତନ ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି। ଏହି ଅବସରରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ଦୁଇ ନୂତନ ସମୂହ ମହାପ୍ରବନ୍ଧକଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି।



ଇଂ. ଅମରେନ୍ଦ୍ର ମିଶ୍ର।



ଇଂ. ନିହାର ରଞ୍ଜନ ମହାନ୍ତି

# ବ୍ୟବସାୟ ବିସ୍ତାର କରିବ କଲ୍ୟାଣ ଜୁଏଲର୍ସ

ନୂଆଦିଲ୍ଲୀ,୯।୧୨

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ତା'ର ବ୍ୟବସାୟ ବିସ୍ତାର ପାଇଁ ଯୋଜନା କରୁଥିବା ଜଣାପଡିଛି। ଏପରିକି କଲ୍ୟାଣ ଜୁଏଲର୍ସ ୨୦୨୩ ଆର୍ଥିକ ବର୍ଷରେ ୫୨ଟି ନୂତନ ଶୋ'ରୁମ୍ ଖୋଲିବ ବୋଲି ନିକଟରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଘୋଷଣା କରାଯାଇଛି।

ଏ ନେଇ କଲ୍ୟାଣ ଜୁଏଲର୍ସ କହିଛି, ଦେଶର ଉତ୍ତର, ପୂର୍ବ ଓ ପଶ୍ଚିମ ପ୍ରତ୍ୟେକ ରାଜ୍ୟ ମାନଙ୍କରେ ୨ରୁ ୩ଟି ନୂତନ ଜୁଏଲର୍ସ ଶୋ'ରୁମ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ଦେଶର ପୂର୍ବାଞ୍ଚଳ ମାନଙ୍କରେ ଗ୍ରାହକଙ୍କ ସକରାତ୍ମକ ଚାହିଦା ଏବଂ ଲୋକଙ୍କ ଭଲ ପାଇବା ଆମ କାର୍ଯ୍ୟକୁ ୨ ଗୁଣାକରିଛି। ତେଣୁ କମ୍ପାନୀ ପାଇଲଟ୍ ଫ୍ରାଞ୍ଚାଇଜ୍ ମଡେଲ୍ ଆରମ୍ଭ କରିବାକୁ ଯୋଜନା କରିଛି ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୨୨ ସେପ୍ଟେମ୍ବର ୩୦ ସୁଦ୍ଧା କମ୍ପାନୀ ୧୩,୦୦୦ କୋଟି ଟଙ୍କାର ଏକ ପ୍ୟାଟ୍ ସହିତ ପ୍ରାୟ ୪୨୫ କୋଟି ଟଙ୍କା ରେକର୍ଡ଼ ବ୍ୟବସାୟୀ କରିଛି ଏବଂ ଏହି ଧାରା ଭବିଷ୍ୟତରେ ଆମେ ବଜାୟ ରଖିବୁ ବୋଲି କଲ୍ୟାଣ ଜୁଏଲର୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣାରାମନ୍ କହିଛନ୍ତି।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209

**ଶ୍ରୀ କୃଷ୍ଣ ଫାଇନାନ୍ସ**
ସବୁ ବ୍ୟାଙ୍କ ଦ୍ୱାରା ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଆଧାର କାର୍ଡ, ଗୃହ ଋଣ, ଇଟା ଭାଟି ଋଣ 36 ଘଣ୍ଟାରେ
2% ସୁଧ, 50% ଛାଡ଼
ସିବିଲ ଖରାପ ଥିଲେ ମଧ୍ୟ ଋଣ ପାଆନ୍ତୁ
7625883378

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୫୮୬୮ ଡିଏଲ୍, ୧୨୭୫ ଗାଡ଼ି ଜବତ

## ଏସ୍‌ଟିଏର ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍

■ ମାସକରେ ୩୫,୧୪୪ ଇ-ଚାଲାଣ
■ ବିନା ହେଲ୍‌ମେଟ ପାଇଁ ୧୫,୬୬୧ ଚାଲାଣ
■ ବିନା ସିଟ୍‌ବେଲ୍ଟ ପାଇଁ ୧୪୫୨ ଚାଳକ ଦଣ୍ଡିତ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାରକୁ ହ୍ରାସ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଗତ ନଭେମ୍ବରରୁ ୨ ମାସିଆ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରାଯାଇଛି। ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ଓଡ଼ିଶାରେ ମୋଟରଯାନ(ଏମ୍‌ଭି) ନିୟମକୁ ଖୋଲାଖୋଲି ଅବମାନନା କରୁଥିବା ଯାନ ବିରୋଧରେ ମୋଟ ୩୫,୧୪୪ ଇ-ଚାଲାଣ କଟାଯାଇଛି। ରଦ୍ଦ କରିବା ପାଇଁ ମୋଟ ୫,୮୬୮ ଡିଏଲ୍ ଜବତ କରାଯାଇଥିବାବେଳେ ଗୋଟିଏ ମାସ ମଧ୍ୟରେ ୧୨୭୫ ଗାଡ଼ି ଜବତ କରାଯାଇଛି। ହେଲ୍‌ମେଟ ଏବଂ ସିଟ୍‌ବେଲ୍ଟ ବିନା ଡ୍ରାଇଭିଂ, ମଦ୍ୟପାନ କରି ଡ୍ରାଇଭିଂ, ଅତ୍ୟଧିକ ଦ୍ରୁତଗତିରେ ଗାଡ଼ି ଚଲାଇବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ବ୍ୟବହାର, ନାବାଳକମାନଙ୍କ ଦ୍ୱାରା ଗାଡ଼ି ଚଲାଇବା, ଗାଡ଼ିର ଫିଟ୍‌ନେସ ନ ଥିବା, ଭୁଲ ପାର୍ଶ୍ୱ ଡ୍ରାଇଭିଂ ଏବଂ ବିପଦପୂର୍ଣ୍ଣ ଭାବେ ପାର୍କିଂ ପାଇଁ ଉକ୍ତ ଚାଲାଣ କଟାଯାଇଛି। ଅଧିକ ବେଗରେ ଗାଡ଼ି ଚଲାଇବା ପାଇଁ ସମୁଦାୟ ୯୪୧୬ ଚାଲାଣ କଟାଯାଇଥିବାବେଳେ ବିନା ହେଲ୍‌ମେଟରେ ଗାଡ଼ି ଚଲାଇବା ପାଇଁ ୧୫,୬୬୧ ଚାଲାଣ ଜାରି କରାଯାଇଛି। କ୍ରମାଗତ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ ଯୋଗୁ ସହରାଞ୍ଚଳରେ ଲୋକମାନେ ହେଲ୍‌ମେଟ ବ୍ୟବହାର କରୁଛନ୍ତି। କିନ୍ତୁ ରାଜପଥରେ ହେଲ୍‌ମେଟ ପିନ୍ଧିବାଠାରୁ ଦୂରେଇ ରହୁଛନ୍ତି। ଏଥିଯୋଗୁ ରାଜପଥଗୁଡ଼ିକରେ ଦୁର୍ଘଟଣା ହାର ବଢ଼ିଯାଉଛି। ଟ୍ରିପଲ୍ ରାଇଡିଂ ପାଇଁ ପ୍ରାୟ ୬୨୨ ଚାଲାଣ ଏବଂ ଭୁଲ୍ ପାର୍ଶ୍ୱ ଚାଳନା ପାଇଁ ୨୨୫ ଚାଲାଣ ଜାରି କରାଯାଇଛି। ନାବାଳିକା କିମ୍ବା ନାବାଳକଙ୍କ ଦ୍ୱାରା ଡ୍ରାଇଭିଂ ପାଇଁ ମୋଟ ୩୮ ଚାଲାଣ ଜାରି କରାଯାଇଛି। ଓଭରଲୋଡ୍ ସହିତ ଯାଉଥିବା ଯାନଗୁଡ଼ିକୁ ଅଟକାଇ ଚାଲାଣ କାଟିବା ପରେ ଅତିରିକ୍ତ ଭାରକୁ ଅନଲୋଡ୍ କରାଯାଇଥିଲା। ଓଭରଲୋଡିଂ ପାଇଁ ପ୍ରାୟ ୫୧୦ ଚାଲାଣ ଜାରି କରାଯାଇଛି। କେତେକ କ୍ଷେତ୍ରରେ ସୁପ୍ରିମକୋର୍ଟ ଏବଂ ଏମ୍‌ଭି ଆକ୍ଟ ଅନୁଯାୟୀ ଲୋଡ୍ ସାମଗ୍ରୀ ଠିକ୍ ଭାବରେ ଆବୃତ୍ତ ହୋଇ ନ ଥିଲା। ସେହିଭଳି ଏମ୍‌ଭି ଆଇନ ଉଲ୍ଲଂଘନ ପାଇଁ ୫୨୮ ଯାନର ଫିଟ୍‌ନେସ୍ ସାର୍ଟିଫିକେଟ୍ ବାତିଲ କରାଯାଇଛି। ସିଟ୍‌ବେଲ୍ଟ ବିନା ଗାଡ଼ି ଚଲାଉଥିବା ୧୪୫୨ ଜଣ ଚାଳକଙ୍କ ବିରୋଧରେ ଚାଲାଣ ଜାରି କରାଯାଇଥିବାବେଳେ ୧୪୨୩ ଜଣ ମଦ୍ୟପଙ୍କୁ ଦଣ୍ଡିତ କରାଯାଇଛି। ଗାଡି ଚଲାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ୭୧୯ ଲୋକଙ୍କୁ ଜରିମାନା କରାଯାଇଛି। ସ୍କୁଲ ଛାତ୍ରୀଛାତ୍ର ଚଲାଉଥିବା ପ୍ରାୟ ୩୬୬ ଯାନବାହନକୁ ଦଣ୍ଡିତ କରାଯାଇଛି।

ଖ୍ରୀଷ୍ଟମାସ ଏବଂ ନୂତନ ବର୍ଷ ସମେତ ରାଜ୍ୟରେ ଛୁଟିଦିନ ପାଇଁ ବିଭିନ୍ନ ସଡ଼କ ବ୍ୟବହାରକାରୀ ପିକ୍‌ନିକ୍ ସ୍ପଟ୍ ଏବଂ ପର୍ଯ୍ୟଟନସ୍ଥଳୀକୁ ଯିବା କାରଣରୁ ରାସ୍ତାରେ ଯାନବାହନ ଚଳାଚଳରେ ବୃଦ୍ଧିପାଇଛି। ଶୀତ ଋତୁରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାର ରୋକିବା ପାଇଁ ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ଏକ ଦାୟିତ୍ୱବୋଧକ ମନୋଭାବ ସୃଷ୍ଟି କରିବା ଏହି ଡ୍ରାଇଭ୍ ମୂଳ ଉଦ୍ଦେଶ୍ୟ ବୋଲି ପରିବହନ ଅତିରିକ୍ତ କମିଶନର ଲାଲମୋହନ ସେଠୀ (ଏନ୍‌ଫୋର୍ସମେଣ୍ଟ ଆଣ୍ଡ ସଡ଼କ ସୁରକ୍ଷା) କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଫୁ ମଲ୍ଲିକ

## ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ମୋତେ ବହୁ ଖୁସି ଦେଇଛି: ଇଫୁ



ଭୁବନେଶ୍ୱର,୯।୧୨(ବ୍ୟୁରୋ)

ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବାଲିଗୁଡ଼ାର ଛାତ୍ର ଇଫୁ ମଲ୍ଲିକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଇଫୁଙ୍କ ପ୍ରତିଭାର ଉଚ୍ଚପ୍ରଶଂସା କରିବା ସହିତ ଆଗକୁ ଏହିପରି ଉଦ୍ୟମ ଜାରି ରଖି ଦେଶବାସୀଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରେରଣା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଫୁଙ୍କ ସହିତ ସେଲ୍‌ଫି ଉଠାଇବା ସହ ଏକ ପୁସ୍ତକ ମଧ୍ୟ ଉପହାର ଦେଇଛନ୍ତି।

ସୂଚନାଯୋଗ୍ୟ, ଇଫୁ ମଲ୍ଲିକ କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳର ଜଣେ ଗରିବ, ଆଦିବାସୀ ଯୁବକ। ନିଜର ପ୍ରତିଭା ଓ ଉଦ୍ୟମ ଯୋଗୁ ଅନେକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେ ମେଡିକାଲ ପଢ଼ିବା ପାଇଁ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କିନ୍ତୁ ଅର୍ଥାଭାବ ଯୋଗୁ ତାଙ୍କର ଏ ଆଶା ପୂରଣ ହେବା ସମ୍ପର୍କରେ ସେ ସନ୍ଦିହାନ ଥିଲେ।

ସାମାଜିକ ଗଣମାଧ୍ୟମରୁ ଏ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ମେଡିକାଲ ପଢ଼ିବା ପାଇଁ ସମସ୍ତ ଆବଶ୍ୟକ ଖର୍ଚ୍ଚ ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ ଏବଂ ଇଫୁଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଧ୍ୟ ଇଫୁଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଇଫୁଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଇଥିଲା। ଇଫୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରି ଧନ୍ୟବାଦ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

# ଯୁକ୍ତ୨ ପରୀକ୍ଷା: ଫର୍ମ ପୂରଣ ପାଇଁ ଶେଷ ସୁଯୋଗ

ଭୁବନେଶ୍ୱର, ୯।୧୨(ବ୍ୟୁରୋ): ଯୁକ୍ତ୨ ପରୀକ୍ଷା ୨୦୨୩ ଲାଗି ଫର୍ମ ପୂରଣ ପାଇଁ ଛାତ୍ରୀଛାତ୍ରଙ୍କୁ ଆଉଥରେ ସୁଯୋଗ ଦିଆଯାଇଛି। ପୂର୍ବରୁ ଦୁଇଥର ଫର୍ମ ପୂରଣ ହୋଇଥିଲା। କିନ୍ତୁ ବହୁ ଉଚ୍ଚ ମାଧ୍ୟମିକ ସ୍କୁଲ ଓ ଛାତ୍ରୀଛାତ୍ର ଫର୍ମ ପୂରଣ ଅବଧି ବଢ଼ାଇବାକୁ ଅନୁରୋଧ କରିବା ପରେ ତୃତୀୟଥର ଫର୍ମପୂରଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୨ରୁ ୧୭ତାରିଖ ମଧ୍ୟରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଓ କରେସ୍‌ପଣ୍ଡେନ୍ସ କୋର୍ସର ଛାତ୍ରୀଛାତ୍ର ଫର୍ମପୂରଣ କରିପାରିବେ। ତେବେ ଏଥିନିମନ୍ତେ ୪୫୦ଟଙ୍କା ଫାଇନ ଦେବାକୁ ପଡ଼ିବ। ୨୧ରୁ ୨୨ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଆବଶ୍ୟକ ତଥ୍ୟ ଦାଖଲ କରିବେ। ଫର୍ମ ପୂରଣ ପାଇଁ ଏହା ଶେଷ ସୁଯୋଗ। ଆଗକୁ ଆଉ ଫର୍ମପୂରଣ ଅବଧି ବୃଦ୍ଧି କରାଯିବ ନାହିଁ। ଏ ନେଇ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ/ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ୨୦୨୩ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଜାନୁୟାରୀରେ କରାଯିବ। ସେହିଭଳି ମାର୍ଚ୍ଚ ଦ୍ୱିତୀୟ ସପ୍ତାହ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରୁ ଥିଓରି ପରୀକ୍ଷା ଆରମ୍ଭ କରିବାକୁ ଯୋଜନା କରାଯାଇଛି। ରାଜ୍ୟରେ ୨,୦୬୫ଟି ଉଚ୍ଚ ମାଧ୍ୟମିକ ସ୍କୁଲ ଥିବା ବେଳେ ଚଳିତବର୍ଷ ପ୍ରାୟ ୧,୧୫୦ରୁ ୧,୨୦୦ ଉଚ୍ଚ ମାଧ୍ୟମିକ ସ୍କୁଲକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିବାକୁ ନିଷ୍ପତ୍ତି ହୋଇଛି। ପରୀକ୍ଷା ପରିଚାଳନା ସହ ମୂଲ୍ୟାଙ୍କନ ଏବଂ ରେଜଲ୍ଟ ପ୍ରକାଶ ଯେପରି ସୁରୁଖୁରୁରେ ଶେଷ ହେବ ସେଥିଲାଗି ପରିଷଦ ଗୁରୁତ୍ୱ ଦେଉଛି।

# ବାପାଙ୍କୁ ୨୩ ବର୍ଷ ଜେଲ

## ନାବାଳିକା ଝିଅଙ୍କୁ ବଳାତ୍କାର ମାମଲା

ବାଲେଶ୍ୱର ଅଫିସ, ୯।୧୨: ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ଶୁକ୍ରବାର ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୩ ବର୍ଷ ଜେଲ୍‌ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ଆଉ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମ୍ପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ନିଜର ୧୨ବର୍ଷୀୟା ଝିଅଙ୍କୁ ବଳାତ୍କାର କରିଥିବା ନେଇ ତାଙ୍କ ମା’ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୨୦୨୦ ଏପ୍ରିଲ ୧୯ ତାରିଖରେ ମା’ କାମ କରିବା ପାଇଁ ବାହାରକୁ ଯାଇଥିବା ବେଳେ ଅପରାହ୍ନ ୨ଟାରେ ବାପା ନିଜର ନାବାଳିକା ଝିଅଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ମା’ ଘରକୁ ଫେରିବା ପରେ ଝିଅ ଏ ବିଷୟରେ ଜଣାଇଥିଲେ। ଝିଅ ଗର୍ଭବତୀ ହେବା ଭୟରେ ବାପା ତାଙ୍କୁ ଔଷଧ ଖୁଆଇବା ପାଇଁ ବାଧ କରିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ କଟୁରି ଧରି ସ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଭୟରେ ସ୍ତ୍ରୀ ପିଲାମାନଙ୍କୁ ଧରି ଗାଁ ଛାଡ଼ି ପଳାଇଥିଲେ। ଗତ ୨୦୨୦ ଏପ୍ରିଲ ୨୧ତାରିଖରେ ମହିଳା ଜଣକ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଏନେଇ ବରହମ୍ପୁର ଥାନାରେ ମାମଲା (ନଂ. ୩୬/୨୦) ରୁଜୁ ହୋଇଥିଲା। ଉକ୍ତ ମାମଲା ପୋକ୍‌ସୋ କୋର୍ଟରେ ବିଚାରାଧୀନ ଥିଲା। ଉକ୍ତ ମାମଲାକୁ ବିଚାରପତି ବିଚାର କରି ୧୫ ସାକ୍ଷ୍ୟ ଓ ୧୫ ଦସ୍ତାବିଜ୍‌କୁ ଆଧାର କରି ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଯୋଗାଇଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।



ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ।

## ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ଜାରି

# ବଜେଟ ଅଧିବେଶନରେ ବିଧାନସଭା ଘେରାଉ

## ମହିଳା ଓ ଶିଶୁ ବିକାଶ ସଚିବଙ୍କୁ ଭେଟି ଦାବିପତ୍ର ଦେଲେ ପ୍ରତିନିଧି

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ ଜାରି ରହିଛି। ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ୨୦ ଦିନରୁ ଅଧିକ ହେବ ଧାରଣା, ବିକ୍ଷୋଭ କରୁଛନ୍ତି। ଶୁକ୍ରବାର ମଧ୍ୟ ହଜାର ହଜାର ଅଙ୍ଗନୱାଡି କର୍ମୀ ଓ ସହାୟିକା ଲୋୟର ପିଏମ୍‌ଜିକୁ କବ୍‌ଜା କରି ଦାବି ପୂରଣ ପାଇଁ ଚେତାବନୀ ଦେଇଥିଲେ। ପରେ ମୋର୍ଚ୍ଚା ଆବାହକ ବିଜୟ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହିଳା ଓ ଶିଶୁ ବିକାଶ ସଚିବ ତଥା କମିଶନରଙ୍କୁ ସାକ୍ଷାତ କରି ଦାବିପତ୍ର ଉପସ୍ଥାପନ କରିଥିଲେ। ତେବେ ଶୀଘ୍ର ସମସ୍ତ ଦାବି ପୂରଣ ନ ହେଲେ ବଜେଟ୍ ଅଧିବେଶନ ସମୟରେ ବିଧାନସଭା ଘେରାଉ କରାଯିବା ସହ ସାରା ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜଧାନୀ ରାସ୍ତାରେ ଧାରଣାରେ ବସିବେ। ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି।

ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନେ ସ୍ଥାୟୀ ନିଯୁକ୍ତି ଓ ସରକାରୀ ମାନ୍ୟତା ସହ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚଳାଇ ଆସୁଛନ୍ତି। ଅନ୍ୟ ଦାବିଗୁଡିକ ହେଲା, ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ୬ଜଣ ଅଙ୍ଗନୱାଡ଼ିକୁ ପୁନଃ ନିଯୁକ୍ତି, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମୀ ମାନ୍ୟତା, ସରକାରୀ ମାନ୍ୟତା ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ୧୮ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଟଙ୍କା ଦରମା ପ୍ରଦାନ, ଅବସରକାଳୀନ ଭତ୍ତା, ମୃତ କର୍ମଚାରୀଙ୍କ ପରିବାରକୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ସହ ପରିବାରରୁ ଜଣଙ୍କୁ ଚାକିରି ଓ ଉନ୍ନମାନର ମୋବାଇଲ ପ୍ରଦାନ। ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ସଭାପତି ତଥା ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ମୋର୍ଚ୍ଚାର ଆବାହକ ତଥା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ଆବାହକ ତଥା ଏନ୍‌ଏଫ୍‌ଆଇଟିୟୁ ଆବାହକ ପ୍ରଶାନ୍ତ ପାଢ଼ୀ, ଅଲ୍ ଓଡ଼ିଶା ଅଙ୍ଗନୱାଡି ୱାର୍କର୍ସ ଆଣ୍ଡ୍ ହେଲପର୍ସ ଆସୋସିଏଶନ ନେତା ବିଷ୍ଣୁ ମହାନ୍ତି, ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଉପସାଧାରଣ ସମ୍ପାଦିକା ପ୍ରତିଭା ପାଲ ଏବଂ ମମତାଜ ଖୁଣ୍ଟିଆ, ଏଆଇଟିୟୁସି ରାଜ୍ୟ ଉପସଭାପତି ଅଭୟ ସାହୁ, ଦେବାଶିଷ ଘୋଷ, ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ସୁର ଜେନା, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା ପ୍ରମୁଖ ଦାବି ସଂକ୍ରାନ୍ତରେ କହିଥିଲେ।

# ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବିରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରତିବାଦ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ ବିଭିନ୍ନ ଦାବି ନେଇ ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବାରମ୍ବାର ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ରଖାଯାଉଛି। ହେଲେ ଏନେଇ ସରକାର କର୍ଣ୍ଣପାତ କରୁ ନ ଥିବାରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସରକାରଙ୍କ ଦୁର୍ଦ୍ଦିନ ସମୟରେ ସହଯୋଗ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ରାଜରାସ୍ତାରେ ବସିଥିବାବେଳେ ଏହା କ’ଣ ‘୫-ଟି’ର ବିଚାର ବୋଲି ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି।

ଗତ ଅକ୍ଟୋବର ୧୫ରେ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ନେଇ ଘୋଷଣା କରିଥିଲେ। ୨୦୧୩ରୁ ୨୦୨୨ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିରେ ନିଯୁକ୍ତି ପାଇ ୬ ବର୍ଷରେ ନିୟମିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ୬ଟି ବର୍ଦ୍ଧିତ ଦରମା ସହ ମୂଳ ଚାକିରିରେ ଯୋଗକରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ୨୦୦୪ରୁ ୨୦୧୩ ମଧ୍ୟରେ ମାତ୍ର ୧୫୦୦ ଓ ୨୫୦୦ ଟଙ୍କାରେ ଚୁକ୍ତିଭିତ୍ତିରେ ୬ ବର୍ଷ କାର୍ଯ୍ୟ କରି ନିୟମିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକ ଏଥିରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ୨୦୧୬ରୁ ୨୦୨୨ ମଧ୍ୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପାଇଁ ନିର୍ଦ୍ଦେଶନାମା ଥାଇ ମଧ୍ୟ ନିୟମିତ ହୋଇନାହାନ୍ତି। ତେଣୁ ୨ ଦଫା ଦାବି ନେଇ ନୂତନ ସଂଘ ଆସନ୍ତା ୧୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛି ବୋଲି ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, ଆବାହକ ନିରୋଦ ରଥ କହିଛନ୍ତି।

# ଆରମ୍ଭ ହେଲା ରାଜ୍ୟ ପୁସ୍ତକ ମହୋତ୍ସବ ‘ଅକ୍ଷର’

## ଦେଶବିଦେଶରେ ଓଡ଼ିଆ ପୁସ୍ତକର ପ୍ରଚାର ପ୍ରସାର ହେବା ଆବଶ୍ୟକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷା ଏକ ସୁନ୍ଦର ଭାଷା। ଓଡ଼ିଆରେ ରଚିତ ଅନେକ ପୁସ୍ତକ ବିଶେଷ ଦୃଷ୍ଟି ଆକର୍ଷଣ କରିଛି। ଏହି ପୁସ୍ତକଗୁଡିକର ପ୍ରଚାର ପ୍ରସାର ଦେଶ ବିଦେଶରେ ହେବା ଆବଶ୍ୟକ। ପିଲାଙ୍କ ମଧ୍ୟରେ ପୁସ୍ତକ ପଠନର ଆଗ୍ରହ ସୃଷ୍ଟି ସହ ଓଡିଆ ଭାଷାର ପ୍ରତିଟି ଅକ୍ଷର ପ୍ରତି ଦୃଷ୍ଟି ଦିଆଯିବ ବୋଲି ଶୁକ୍ରବାର ୪ର୍ଥ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ‘ଅକ୍ଷର’କୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜଧାନୀ ପୁସ୍ତକ ମେଳା, ଏକାମ୍ର ପୁସ୍ତକ ମହୋତ୍ସବ ଏବଂ ଓଡିଶା ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘ ସହଯୋଗରେ ପ୍ରଦର୍ଶନୀ ପଡ଼ିଆରେ ଏହି ପୁସ୍ତକମେଳା ଆରମ୍ଭ ହୋଇଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ, ପୁସ୍ତକ ଜନଜୀବନ ଓ ସାମାଜିକ ପରିବର୍ତ୍ତନରେ ସହାୟକ ହୋଇଥାଏ। ମନରୁ ଅହଂଭାବ ପରିହାର କରିବା ପାଇଁ ପୁସ୍ତକ ଏକ ଶାଣିତ ଅସ୍ତ୍ର ଭାବେ କାମ କରିଥାଏ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ପୁସ୍ତକ ସମସ୍ତଙ୍କୁ ଆନନ୍ଦ ଦିଏ, ମନ ପ୍ରଫୁଲ୍ଲ ରଖିବା ସହିତ ଅନ୍ଧକାରରୁ ଆଲୋକର ବାର୍ତ୍ତା ପ୍ରଦାନ କରେ। ପୁସ୍ତକ ପଠନ ଦ୍ୱାରା ମସ୍ତିଷ୍କର ବିକାଶ ହୋଇଥାଏ। ଗୃହିଣୀ, କୃଷକ, ନୀତି ନିର୍ଦ୍ଧାରକ, ଅବସରପ୍ରାପ୍ତ ବ୍ୟକ୍ତି ସମସ୍ତଙ୍କ ପାଇଁ ପୁସ୍ତକର ଉପାଦେୟତା ରହିଛି। ଡିଜିଟାଲ ଯୁଗରେ ପୁସ୍ତକର ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହିତ ନିଜ ଘରେ ପାଠାଗାର କରିବା, ଜିଲା ମହୋତ୍ସବରେ ପୁସ୍ତକମେଳା ଆୟୋଜନ, ପାଠାଗାର ଆନ୍ଦୋଳନକୁ ଗୁରୁତ୍ୱ ଦେବା ସହ ମୁଦ୍ରିତ ପୁସ୍ତକର ସ୍ୱତନ୍ତ୍ର ଚାହିଦା ରହିଥିବା ମୁଖ୍ୟ ଶାସନ ସଚିବ ସାହୁ ପ୍ରକାଶ କରିଥିଲେ। ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଚଳିତ ବର୍ଷ ପୁସ୍ତକ ମେଳାରେ ୬୦୦ଟି ଷ୍ଟଲ କରାଯାଇଥିବା ସୂଚନା ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଡ. ସୁବାସ ନାୟକଙ୍କ ରଚିତ କବିତା ପୁସ୍ତକ ‘ପ୍ରିୟା’, ସ୍ୱଦେଶ କୁମାର ପଟ୍ଟନାୟକଙ୍କ ଗଳ୍ପ ସଂକଳନ ‘ବୃତ୍ତାଙ୍କନ’, ଡ. ଇତି ସାମନ୍ତଙ୍କ ଦ୍ୱାରା ସମ୍ପାଦିତ ‘କାଦମ୍ବିନୀ’ ଓ ଶିଶୁ କିଶୋର ପତ୍ର ‘କୁନିକଥା’ର ସଦ୍ୟତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍କଳ ସଂଗୀତ ମହାବିଦ୍ୟାଳୟର କଣ୍ଠଶିଳ୍ପୀମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁଙ୍କ ସମେତ ବହୁ ପ୍ରକାଶକ, ପାଠିକାପାଠକ ଯୋଗଦେଇଥିଲେ। ଏହା ଆସନ୍ତା ୧୮ ତାରିଖ ଯାଏ ପ୍ରତ୍ୟହ ଅପରାହ୍ନ ୨ରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ।

# ‘ଚାଲେଞ୍ଜ ଗ୍ରହଣ କରିବାକୁ ପ୍ରସ୍ତୁତ ରୁହ’

## ପିଟିସିରୁ ପାସ୍ ଆଉଟ୍ ହେଲେ ୧୨୬ କ୍ୟାଡେଟ୍

ଅନୁଗୋଳ ଅଫିସ, ୯।୧୨

ରାଜ୍ୟ ପୋଲିସର ଦାୟିତ୍ୱ ବଢ଼ିବାରେ ଲାଗିଛି। ସାଇବର କ୍ରାଇମ, ଇକୋନୋମି ଅଫେନ୍ସ, ସହରାଞ୍ଚଳ ପୋଲିସ, ଟ୍ରାଫିକ ବ୍ୟବସ୍ଥା ଏବଂ ଶିଳ୍ପ ସଂସ୍ଥାକୁ ନେଇ ପୋଲିସକୁ ଦୈନିକ ନୂଆ ନୂଆ ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ଏହି ଚାଲେଞ୍ଜ ଗ୍ରହଣ କରିବାକୁ ପାସିଂ ଆଉଟ୍ କ୍ୟାଡେଟ୍‌ମାନେ ପ୍ରସ୍ତୁତ ରୁହନ୍ତୁ। ଅନୁଗୋଳ ପୋଲିସ ଟ୍ରେନିଂ କଲେଜ(ପିଟିସି)ରେ ଶୁକ୍ରବାର ଅନୁଷ୍ଠିତ ୬୦ତମ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ୧୨୬ ପ୍ରଶିକ୍ଷଣପ୍ରାପ୍ତ ଏସ୍‌ଆଇଙ୍କୁ ଏହି ଆହ୍ୱାନ ଦେଇଛନ୍ତି।

ପ୍ରକାଶ ଯେ, ସିଧାସଳଖ ପୋଲିସରେ ଭର୍ତ୍ତି ହୋଇଥିବା ୧୨୬ ଏସ୍‌ଆଇଙ୍କ ପ୍ରଶିକ୍ଷଣ ଅନୁଗୋଳ ପିଟିସିରେ ଶେଷ ହୋଇଛି। ଏହି ଅବସରରେ ପାସିଂ ଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଯୋଗ ଦେଇଥିବା ଡିଜିପି ବଂଶଲ କହିଥିଲେ, ସାଧାରଣ ଲୋକଙ୍କ ବିଶ୍ୱାସ ପୋଲିସ ଉପରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିଷ୍ଠାପର, ବିନା ଭେଦଭାବ, ବିଚାର ବ୍ୟବସ୍ଥାରେ ରହି ପୋଲିସକୁ କାର୍ଯ୍ୟ କରିବାକୁ ହେବ। ମାଓବାଦୀ ଦମନ ପାଇଁ ଓଡ଼ିଶା ପୋଲିସ ଯେଉଁ ବୋଝ କାନ୍ଧରେ ବୋହି ଆଗଧାଡ଼ିକୁ ଆସୁଛି, ତାହା ପ୍ରଶଂସନୀୟ। ପୋଲିସ ଟ୍ରେନିଂ କଲେଜରୁ ପାସ୍ ଆଉଟ୍ ହୋଇଥିବା କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଇନକୁ ସମ୍ମାନ ଦେଇ ଓଡ଼ିଶାର ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇଦେବାର ଦାୟିତ୍ୱ ନିଜ କାନ୍ଧକୁ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉପସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଲେ, ପୋଲିସ ପ୍ରଶିକ୍ଷଣ ସମୟ ଏତେ ସହଜ ନୁହେଁ। ଦାୟିତ୍ୱ ବଢ଼ିବା ସହ ବିଭିନ୍ନ ଚାଲେଞ୍ଜ ତୁମ ସମ୍ମୁଖକୁ ଆସିବ। ତେବେ କ୍ୟାଡେଟ୍ ସବ୍ ଇନ୍ସପେକ୍ଟରମାନେ ନିରାଶ କରିବେ ନାହିଁ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ରାଧା କିଶନ ଶର୍ମା, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଆଇଜି(ଟ୍ରେନିଂ) ଏସ୍.ସାଇନି, ପିଟିସି ଅଧ୍ୟକ୍ଷ ତଥା ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଜୟ ନାରାୟଣ ପଙ୍କଜ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଏମ୍. ଯୋଗଜୟାନନ୍ଦ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଢେଙ୍କାନାଳ ଏସ୍‌ପି ଏଲ. ଦିବ୍ୟା, ଦେବଗଡ଼ ଏସ୍‌ପି ପ୍ରମୋଦ କୁମାର ରଥ, ତାଳଚେର ଏସ୍‌ଡିପିଓ ଏସ୍. ସ୍ୱାତୀଙ୍କ ସହ ପିଟିସିର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଗୋଳ ପିଟିସି କାନ୍ଥରେ ଓଡ଼ିଶା ପୋଲିସର ପ୍ରଥମ ମହିଳା ଏସ୍‌ଆଇ ବିଜୟ ଲକ୍ଷ୍ମୀ ଦେବୀଙ୍କ ଏକ ଫଟୋ ଚିତ୍ରକୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଓ ଅନ୍ୟ ପଦାଧିକାରୀମାନେ ଉନ୍ମୋଚନ କରିଥିଲେ।



ପାସିଂ ଆଉଟ୍ ପରେଡ୍‌ରେ ଡିଜିପି ଅଭିବାଦନ ଗ୍ରହଣ କରୁଛନ୍ତି।

# ଯକୃତ ଓଜନ ୧୨ କେଜି



ହାଇଦ୍ରାବାଦ

## ଅସ୍ତ୍ରୋପଚାର କରି ବାହାର କଲେ ଡାକ୍ତର

ଭାରତରେ ପ୍ରଥମ ଥର ପାଇଁ ଜଣେ ମହିଳାଙ୍କଠାରୁ ୧୨ କିଲୋଗ୍ରାମ ଓଜନର ଯକୃତକୁ ଡାକ୍ତରମାନେ ସଫଳତାର ସହ ବାହାର କରିଛନ୍ତି। ଏଥିସହିତ ଉକ୍ତ ୫୦ ବର୍ଷୀୟ ମହିଳାଙ୍କଠାରେ ଏକସଙ୍ଗେ ଯକୃତ ଓ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ହାଇଦ୍ରାବାଦର କିମ୍ସ ହସ୍ପିଟାଲରେ ଏହି ପ୍ରତିରୋପଣ ପାଇଁ ୩ ଜଣ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଏବଂ କିଡ୍‌ନୀ ସର୍ଜନ ନିୟୋଜିତ ହୋଇଥିଲେ।

ଡାକ୍ତରଙ୍କ କହିବା ଅନୁଯାୟୀ ପଶ୍ଚିମବଙ୍ଗ ସିଲିଗୁଡ଼ିର ଉଷା ଅଗ୍ରୱାଲଙ୍କଠାରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇ ତାଙ୍କ ଜୀବନ ରକ୍ଷା କରାଯାଇପାରିଛି। ତାଙ୍କ ଯକୃତ ଏତେ ବଢ଼ିଯାଇଥିଲା ଯେ, ଏହା ସମ୍ପୂର୍ଣ୍ଣ ପେଟକୁ ସମ୍ପୂର୍ଣ୍ଣ ଆବୋରି ରଖିଥିଲା ଏବଂ ଅନ୍ତନଳୀଗୁଡ଼ିକୁ ଠେଲିଦେଇଥିଲା। ସ୍ୱାଭାବିକ ସୁସ୍ଥ ସ୍ଥିତିରେ ଜଣେ ବ୍ୟକ୍ତିଙ୍କ ଯକୃତର ଓଜନ ସର୍ବାଧିକ ୧.୫ କିଲୋଗ୍ରାମ। ଏହା ପେଟର ଡାହାଣ ପାର୍ଶ୍ୱ ଉପରିଭାଗରେ ରହିଥାଏ। ଉଷାଙ୍କ ଯକୃତ ଓଜନ ୧୨ କିଲୋଗ୍ରାମ ହୋଇଯିବା ପରେ ତାଙ୍କ ପାଇଁ ଚାଲିବା କଷ୍ଟକର ହୋଇପଡ଼ିଥିଲା। ୨୦୧୯ରୁ ସେ ଏଭଳି ସମସ୍ୟାର ସମ୍ମୁଖୀନ ହେବା ପରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଦୀର୍ଘ ୧୪ ଘଣ୍ଟାର ଅପରେଶନରେ ବିଶାଳ ଯକୃତକୁ ଅଲଗା କରାଯିବା ସହ ଅନ୍ୟଏକ ଯକୃତ ଏବଂ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ଲିଭର ସର୍ଜନ ଡ. ରବିଚନ୍ଦ୍ର ସିଦ୍ଧାଚାରୀ, କନ୍‌ସଲ୍ଟାଣ୍ଟ ତଥା ଲିଭର ଟ୍ରାନ୍ସପ୍ଲାଣ୍ଟ ବିଭାଗ ମୁଖ୍ୟ ଡ. ସଚିନ ଡାଗା, ବରିଷ୍ଠ କନ୍‌ସଲ୍ଟାଣ୍ଟ ଡ. କେ.ଏନ୍. ପରମେଶା ପ୍ରମୁଖ ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ଏବେ ମହିଳା ଜଣକ ସ୍ୱାଭାବିକ କାର୍ଯ୍ୟ କରିବାକୁ ସକ୍ଷମ ହୋଇଛନ୍ତି।

# ବିରଳ ରୋଗରେ ଆକ୍ରାନ୍ତ ସେଲିନ



**ଓଟାୱା:** କାନାଡା ସିଙ୍ଗର ସେଲିନ ଡିଓନ୍ ଏକ ବିରଳ ନ୍ୟୁରୋଲୋଜିକାଲ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ସେଲିନ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ ଶେୟାର କରିଛନ୍ତି। ରୋଗ ଯୋଗୁ ଭବିଷ୍ୟତରେ ସେଲିନ ହ୍ୟୁମାନ୍ ଷ୍ଟାଚ୍ୟୁରେ ପରିଣତ ହୋଇଯିବେ ବୋଲି କହିଛନ୍ତି। ଶରୀର ଅସୁସ୍ଥ ଲାଗିବା ଯୋଗୁ ସେ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ପରୀକ୍ଷାନୀରିକ୍ଷା ପରେ ତାଙ୍କୁ ଏହି ବିରଳ ରୋଗ ହୋଇଥିବା ଜଣାପଡ଼ିଥିଲା। ଏଥି ଯୋଗୁ ତାଙ୍କ ଶରୀରର ମାଂସପେଶୀ ଟାଣ ହୋଇଯିବା ସହ ରୋଗୀପକ୍ଷେ କଥା କହିବା କିମ୍ବା ଚାଲିବା ସମ୍ଭବପର ହେବ ନାହିଁ।

# ପ୍ରେମରେ ପଡ଼ିଲେ ରିୟା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କୁ ନେଇ ପୁଣିଥରେ ଚର୍ଚ୍ଚା ଜୋର୍ ଧରିଛି। ଏବେ କିନ୍ତୁ କୌଣସି ବିବାଦ ନୁହେଁ ବରଂ ରିୟା ନିଜ ଲଭ୍ ଲାଇଫ୍‌ରେ ଆଗକୁ ବଢ଼ିଥିବା କଥାକୁ ନେଇ ଇଣ୍ଡଷ୍ଟ୍ରିରେ ଏହି ଆଲୋଚନା। ରିୟାଙ୍କ ନାମ ଯୋଡ଼ି ହୋଇଛି ବଣ୍ଟି ସଜଦେହଙ୍କ ସହିତ। ବଣ୍ଟି ହେଉଛନ୍ତି ସାହେଲ ଖାନ୍‌ଙ୍କ ପୂର୍ବତନ ସ୍ତ୍ରୀ ସୀମା ସଜଦେହଙ୍କ ଭାଇ। ପ୍ରକାଶିତ ରିପୋର୍ଟ ମୁତାବକ ରିୟା ଓ ବଣ୍ଟି ନିଜ ରିଲେଶନ୍‌ସିଶିପ୍‌କୁ ଗୋପନୀୟ ରଖିଛନ୍ତି। ଦୁହେଁ ଏବେ ଏକାଠି ଅନେକ ସ୍ଥାନରେ ଦେଖାଯାଉଛନ୍ତି। କିନ୍ତୁ ରିଲେଶନ୍‌ଶିପ୍ ର ୍ୟୁମରକୁ ନେଇ ରିୟା କି ବଣ୍ଟି କୌଣସି ପ୍ରତିକ୍ରିୟା ରଖି ନାହାନ୍ତି।

ହିନ୍ଦୀ ଫିଲ୍ମ ଅଭିନେତା ତଥା ରିୟାଙ୍କ ଏକ୍ସ ବୟଫ୍ରେଣ୍ଡ ସୁଶାନ୍ତ ସିଂ ରାଜପୁତଙ୍କ ଅକାଳ ବିୟୋଗ ପରେ ରିୟାଙ୍କ ଅନେକ ବିବାଦରେ ଛନ୍ଦି ହୋଇଯାଇଥିଲେ। ସୁଶାନ୍ତଙ୍କ ବାପା କେ.କେ. ସିଂ ରିଙ୍କ ବିରୋଧରେ ବହୁ ସଙ୍ଗିନ ଅଭିଯୋଗ ଆଣିଥିଲେ। ସୁଶାନ୍ତଙ୍କ ରୋଜଗାରରେ ରିୟାଙ୍କ ପରିବାର ଚଳିବା ସହ ପାଖାପାଖି ୧୫ କୋଟି ଟଙ୍କା ସେ ସୁଶାନ୍ତଙ୍କ ଆକାଉଣ୍ଟରୁ ହେର୍‌ଫେର୍ କରିଥିବା ଅଭିଯାଗ ସାମ୍ନାକୁ ଆସିଥିଲା। ତଦନ୍ତକାରୀ ଏଜେନ୍ସି ରିୟାଙ୍କୁ ବହୁବାର ଜେରା କରିଥିବାବେଳେ ଏ ଘଟଣାରେ ବଣ୍ଟିଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଥିଲା। ତେବେ ରିୟାଙ୍କୁ ତାଙ୍କ ପ୍ରତ୍ୟେକ ଘଡ଼ିସନ୍ଧି ମୁହୂର୍ତ୍ତରେ ବଣ୍ଟି ସହଯୋଗ କରୁଥିବା ଯୋଗୁ ଦୁହିଁଙ୍କ ଭିତରେ ଘନିଷ୍ଠତା ବଢ଼ିଯାଇଥିବା କୁହାଯାଉଛି।

















































Your classified advertisement published in Dharitri will be listed free in Dharitri online edition :
www.dharitri.com

# ସିନ୍ଧେକେଲା ଥାନାଧିକାରୀ ନିଲମ୍ବିତ

**କଟକ ଅଫିସ,୯।୧୨**

ଏକ ମାମଲାରୁ ନାଁ କାଟିଦେବାକୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗତ ରବିବାର ଗିରଫ ହୋଇଥିବା ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାଧିକାରୀ ଆଲୋକ କୁମାର ବେହେରାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏ ନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶିତ ହୋଇଛି। ନିଲମ୍ବନ ଆଦେଶ ଗିରଫ ତାରିଖରୁ ହିଁ କାର୍ଯ୍ୟକାରୀ ହେବ। ନିଲମ୍ବନ ଅବଧି ମଧ୍ୟରେ ସେ ବଲାଙ୍ଗୀର ଏସ୍‌ପିଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବୋଲି ନିର୍ଦ୍ଦେଶନାମାରେ ସୂଚନା ଦିଆଯାଇଛି। ଦୁର୍ନୀତି ନିବାରଣ ଆଇନ ୨୦୧୮ର ଧାରା ୭ ଅନୁଯାୟୀ ବେହେରାଙ୍କ ବିରୋଧରେ

## ସମ୍ବଲପୁର ଭିଜିଲାନ୍ସ ମାମଲା

ଏହି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୦ ମସିହାର ଏକ ଟଙ୍କା ହେରଫେର ଘଟଣାରେ ମାମଲାରୁ ନାମ କାଟିଦେବାକୁ କହି ଅଜିତ କୁମାର ଘଡେଇ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଆଇଆଇସି ବେହେରା ଉକ୍ତ ଟଙ୍କା ନେଉଥିବାବେଳେ ବଲାଙ୍ଗୀର, ବରଗଡ ଏବଂ ସମ୍ବଲପୁରର ମିଳିତ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୪୧/୨୨) ରୁଜୁ ହୋଇଥିଲା।

# ଦୋଷୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

**ସୋନପୁର,୯।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି । ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଦୋଷୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ସହିତ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣକ ହେଲେ ସୋନପୁର ଥାନା ବଡଝିଙ୍କି

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

ଗ୍ରାମର ଯୁବକ ହୃଷିକେଶ ମହାନନ୍ଦ। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଡିସେମ୍ବର ୧୬ ତାରିଖ ଅପରାହ୍ନରେ ପୀଡିତା ନାବାଳିକା ଜଣକ ଘର ପାଖ ପଡିଆକୁ ଶୌଚ ପାଇଁ ଯାଇଥିଲେ । ହୃଷୀକେଶ ସେଠାରେ ପହଞ୍ଚି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ମହିଳା ଏହାର ପ୍ରତିବାଦ କରିବାରୁ ହୃଷିକେଶ ସେମାନଙ୍କୁ ମାଡ ମାରିଥିଲେ। ଏ ସଂକ୍ରାନ୍ତରେ ପୀଡିତାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାରେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦଶରଥ ମାହାନା ପରିଚାଳନା କରୁଥିଲେ ।

# ୮ ପୋଲିସ ଅଧିକାରୀଙ୍କୁ ଆଇଆଇସି ପଦୋନ୍ନତି

**କଟକ ଅଫିସ,୯।୧୨**

ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୮ ଜଣ ପୋଲିସ ଅଧିକାରୀଙ୍କୁ ଆଇଆଇସି ଭାବେ ପଦୋନ୍ନତି ଦିଆଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀଙ୍କୁ ବଦଳି କରାଯାଇ ନୂତନ ଥାନାରେ ନିଯୁକ୍ତି ଦିଆଯାଇଛି। ମନୋରଞ୍ଜନ ପରିଡ଼ାଙ୍କୁ ପୁରୀ, ସମରଜିତ୍ ନାୟକଙ୍କୁ ଢେଙ୍କାନାଳରୁ ଯାଜପୁର, ସୁନୀଲ କୁମାର ପ୍ରଧାନଙ୍କୁ ଗଞ୍ଜାମରୁ ନବରଙ୍ଗପୁର, ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କୁ ଢେଙ୍କାନାଳରୁ ସମ୍ବଲପୁର, ସୁଶାନ୍ତ କୁମାର ପ୍ରଧାନଙ୍କୁ ଗଞ୍ଜାମରୁ ସୁବର୍ଣ୍ଣପୁର, ସନ୍ତୋଷ କୁମାର ଜେନାଙ୍କୁ ପୋଲିସ କମିଶନରେଟ, ସୁଚନ୍ଦ୍ରା ମହାଳିକଙ୍କୁ ବାଲେଶ୍ୱରରୁ ମୟୂରଭଞ୍ଜ ଓ ଅରୁଣ କୁମାର ଖିଲାରଙ୍କୁ ପୋଲିସ କମିଶନରେଟରୁ ଅନୁଗୋଳରେ ନିଯୁକ୍ତି ଦିଆଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।


















































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୦/୨୦୨୨ Bhubaneswar, Saturday, December 10/ 2022

# ହେଡ୍-ଲାବୁସେନଙ୍କ ୨୯୭ରନ ପାର୍ଟନରଶିପ୍

**ଆଡିଲେଡ୍, ୯।୧୨ (ଏପି):** ୱେଷ୍ଟଇଣ୍ଡିଜ ବିପକ୍ଷ ଦିବାରାତ୍ର ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ଟ୍ରାଭିସ୍ ହେଡ୍ ଓ ମାର୍ନସ ଲାବୁସେନଙ୍କ ମଧ୍ୟରେ ୨୯୭ରନର ପାର୍ଟନରଶିପ୍ ସହାୟତାରେ ଅଷ୍ଟ୍ରେଲିଆ ୭ ଉଇକେଟରେ ୫୧୧ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଦଳ ପକ୍ଷରୁ ହେଡ୍ ସର୍ବାଧିକ ୧୭୫ ରନ କରିଥିବା ବେଳେ ଲାବୁସେନ ୧୬୩ ରନ କରିଥିଲେ। କାମଚଳା ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଦ୍ୱିତୀୟ ଦିବସ ଖେଳ ଦ୍ୱିତୀୟ ମଧ୍ୟାନ୍ତର ପୂର୍ବରୁ ପାଳି ଘୋଷଣା କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ୪ ଉଇକେଟରେ ୧୦୨ ରନ କରି ସଂଘର୍ଷ ଚଳାଇଛି। ଓପନର ଟାଗେନାରିନ୍ ଚନ୍ଦରପଲ କେବଳ ଅଷ୍ଟ୍ରେଲିଆ ବୋଲିଂ ଆକ୍ରମଣର ଉଚିତ ମୁକାବିଲା କରିପାରିଥିଲେ। ସେ ୯୮ ବଲ୍ ଖେଳି ୪୭ରନ ସହ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲୀୟ ପେସ୍ ବୋଲର ମାଇକେଲ ନାସେର ୨୦ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଅଧିନାୟକ କ୍ରେଗ୍ ବ୍ରାଥୱେଟ୍ (୧୯) ଓ ନମ୍ବର ୩ ବ୍ୟାଟର ଶମର୍ସ ବ୍ରୁକ୍ସ (୮) କଟ୍ ବିହାଇଣ୍ଡ ହୋଇଥିଲେ।



ଏଜୁକେଶନ ସିଟି ଷ୍ଟାଡିୟମରେ ଶୁକ୍ରବାର ଫିଫା ବିଶ୍ୱକପର କ୍ୱାର୍ଟର ଫାଇନାଲରେ କ୍ରୋଏସିଆର ଲୁକା ମୋଡ୍ରିକ ଓ ବ୍ରାଜିଲର ନେମାରଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

# ଫ୍ରାନ୍ସ-ଇଂଲଣ୍ଡ କଡ଼ା ଟକ୍କର

**ଦୋହା, ୯।୧୨**

ଚଳିତ ଫିଫା ବିଶ୍ୱକପ୍‌ର ଶେଷ କ୍ୱାର୍ଟର ଫାଇନାଲ ଗତଥରର ଚାମ୍ପିୟନ ଫ୍ରାନ୍ସ ଏବଂ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ଫ୍ରାନ୍ସ ଏଥର ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥିବାବେଳେ ଇଂଲଣ୍ଡ ପୂର୍ବ ଅଭିଜ୍ଞତାର ଉପଯୋଗ ଆଶାରେ ରହିଛି। ଇତିହାସ ଦେଖିଲେ ଉଭୟ ଦେଶ ପରସ୍ପରକୁ ମୋଟ ୩୧ଥର ଭେଟିଛନ୍ତି। ଏହା ମଧ୍ୟରୁ ଇଂଲଣ୍ଡ ୧୭ଟି ମ୍ୟାଚ ଜିତିଥିବାବେଳେ ଫ୍ରାନ୍ସ ୯ ମ୍ୟାଚରେ ବିଜୟୀ ହୋଇଛି। ଅନ୍ୟ ୫ଟି ମ୍ୟାଚ ଡ୍ର ରହିଛି। ବିଶ୍ୱକପ୍‌ରେ ଫ୍ରାନ୍ସକୁ ୨ଟି ମ୍ୟାଚରେ ଭେଟିଛି ଇଂଲଣ୍ଡ ଏବଂ ଉଭୟରେ ବିଜୟୀ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ ୧୯୬୬ ବିଶ୍ୱକପ୍‌ରେ ୨-୦ ଏବଂ ୧୯୮୨ ବିଶ୍ୱକପ୍‌ରେ ୩-୧ ଗୋଲରେ ବିଜୟ ହାସଲ କରିଥିଲା। ତେବେ ଶେଷଥର ପାଇଁ ୨୦୧୭ରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାରେ ଫ୍ରାନ୍ସ ୩-୨ ଗୋଲରେ ବିଜୟୀ ହୋଇଥିଲା। ବିଶ୍ୱକପର ନକ୍ଆଉଟ ପର୍ଯ୍ୟାୟରେ ଉଭୟ ଦଳ ପରସ୍ପରକୁ ପ୍ରଥମଥର ପାଇଁ ଭେଟିବାକୁ ଯାଉଛନ୍ତି। ତେଣୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

କାତାରରେ କ୍ୱାର୍ଟର ଫାଇନାଲ ପ୍ରବେଶ ପଥରେ ଫ୍ରାନ୍ସ ୪-୧ ଗୋଲରେ ଅଷ୍ଟ୍ରେଲିଆ ଏବଂ ୨-୧ରେ ଡେନ୍‌ମାର୍କକୁ ହରାଇବା ପରେ ଶେଷ ଲିଗ୍ ମ୍ୟାଚରେ ଟ୍ୟୁନିସିଆଠାରୁ ୦-୧ ଗୋଲରେ ହାରିଥିଲେ ହେଁ ଗ୍ରୁପ୍ 'ଡି'ରେ ଶୀର୍ଷସ୍ଥାନ ହାସଲ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ଏହି ଦଳ ୩-୧ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଇଂଲଣ୍ଡ ସ୍ଥିର ପ୍ରଦର୍ଶନ ବଜାୟ ରଖି ଇରାନକୁ ୬-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଆମେରିକା ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା ଏବଂ ୱେଲ୍ସକୁ ୩-୦ ଗୋଲରେ ପରାସ୍ତ କରିଥିଲା। ପ୍ରି-କ୍ୱାର୍ଟରରେ ଦଳ ସେନେଗାଲକୁ ୩-୦ ଗୋଲରେ ହରାଇ ଆଗକୁ ବଢ଼ିଥିଲା। ଫ୍ରାନ୍ସ ୧୯୯୮ ଓ ୨୦୧୮ରେ ୨ ଥର ଏବଂ ଇଂଲଣ୍ଡ ୧୯୬୬ରେ ଥରେ ଚାମ୍ପିୟନ ହୋଇଥିଲା।

# ପର୍ତ୍ତୁଗାଲକୁ ଥରେ ହରାଇଛି ମରକ୍କୋ

**ଦୋହା, ୯।୧୨**

ଫିଫା ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲରେ ଟାଇଟଲ ଆଶାୟୀ ପର୍ତ୍ତୁଗାଲକୁ ଭେଟିବ ବିପର୍ଯ୍ୟୟ ସୃଷ୍ଟିକାରୀ ମରକ୍କୋ। ଅଲ୍ ଥୁମାମା ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଦଳ ଚଳିତ ମେଗା ଟୁର୍ନାମେଣ୍ଟରେ ଅନ୍ୟତମ ଟାଇଟଲ ଆଶାୟୀ ରହିଛି। ଆପାତତଃ ନିଜର ଶେଷ ବିଶ୍ୱକପ୍ ହୋଇଥିବାରୁ ରୋନାଲ୍ଡୋ ମଧ୍ୟ ଟାଇଟଲ ଶୂନ୍ୟତାକୁ ପୂରଣ କରିବା ଲକ୍ଷ୍ୟରେ ଅଛନ୍ତି। ତେବେ ମରକ୍କୋ ବିପକ୍ଷ ମ୍ୟାଚ ଦଳ ପାଇଁ ସହଜ ହେବ ନାହିଁ ନିଶ୍ଚିତ। କାରଣ ଏହି ଦଳ ଏ ପର୍ଯ୍ୟନ୍ତ ଉତ୍ସାହୀ ପ୍ରଦର୍ଶନ ଜାରିରଖି ଯେପରି ଆଗକୁ ବଢ଼ି ଚାଲିଛି ତାକୁ ରୋକିବା ନିଶ୍ଚିତ କଷ୍ଟସାଧ୍ୟ ହେବ। ଇତିହାସ ଉପରେ ଦୃଷ୍ଟି ପକାଇଲେ ବିଶ୍ୱକପ୍‌ରେ ମରକ୍କୋ ବିପକ୍ଷରେ ପର୍ତ୍ତୁଗାଲର ରେକର୍ଡ ମଧ୍ୟ ସେତେ ଭଲ ନୁହେଁ। ଦୁଇ ଦେଶ ମଧ୍ୟରେ ବିଶ୍ୱକପ୍‌ରେ ଏ ପର୍ଯ୍ୟନ୍ତ ୨ ଥର ମୁକାବିଲା ହୋଇଛି। ୨ଟି ଯାକ ମ୍ୟାଚ ଗ୍ରୁପ୍ ପର୍ଯ୍ୟାୟରେ ହୋଇଥିବାବେଳେ ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତି ବରାବର ସ୍ଥିତିରେ ଅଛନ୍ତି। ଅର୍ଥାତ୍ ମରକ୍କୋ ଦଳ ପୂର୍ବରୁ ଥରେ ପର୍ତ୍ତୁଗାଲକୁ ହରାଇବାର ରେକର୍ଡ ରଖିଛି। ୧୯୮୬ ବିଶ୍ୱକପ୍‌ରେ ମରକ୍କୋ ୩-୧ ଗୋଲରେ ପର୍ତ୍ତୁଗାଲକୁ ପରାସ୍ତ କରିଥିଲା। ଆଗାମୀ ମ୍ୟାଚରେ ଏହାର ପୁନରାବୃତ୍ତି ଆଶାରେ ରହିଛି ୱାଲିଦ ରେଗ୍ରାଗୁଇଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ। ଅନ୍ୟପକ୍ଷରେ ୨୦୧୮ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟର ଏକ ମ୍ୟାଚରେ ପର୍ତ୍ତୁଗାଲ ୧-୦ରେ ମରକ୍କୋକୁ ହରାଇବାରେ ସକ୍ଷମ ହୋଇଥିଲା।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**ମରକ୍କୋ ବନାମ ପର୍ତ୍ତୁଗାଲ**

ସ୍ଥାନ: ଅଲ ଥୁମାମା ଷ୍ଟାଡିୟମ,
ସମୟ: ରାତି ୮.୩୦

**ଇଂଲଣ୍ଡ ବନାମ ଫ୍ରାନ୍ସ**

ସ୍ଥାନ: ଅଲ ବାୟଟ ଷ୍ଟାଡିୟମ
ସମୟ: ରାତି ୧୨.୩୦

ତେଣୁ ଅଲ୍ ଥୁମାମାରେ ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ସମ୍ଭାବନା ରହିଛି।

## ଡବଲ ବିପର୍ଯ୍ୟୟ ସହ ଅପରାଜେୟ

ଗ୍ରୁପ୍ 'ଏଫ'ରେ କ୍ରୋଏସିଆ ବିପକ୍ଷ ମ୍ୟାଚକୁ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ମରକ୍କୋ ପରବର୍ତ୍ତୀ ମ୍ୟାଚରେ ବେଲ୍‌ଜିୟମକୁ ୨-୦ ଗୋଲରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତୃତୀୟ ମ୍ୟାଚରେ କାନାଡ଼ାକୁ ୨-୧ ଗୋଲରେ ହରାଇ ଗ୍ରୁପ୍ ଚାମ୍ପିୟନଭାବେ ନକ୍ଆଉଟରେ ପ୍ରବେଶ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ଏହି ଦଳ ନିର୍ଦ୍ଧାରିତ ୯୦ ମିନିଟ, ଅତିରିକ୍ତ ୩୦ ମିନିଟରେ ପୂର୍ବତନ ଚାମ୍ପିୟନ ସ୍ପେନକୁ ପାଣି ପିଆଇବା ପରେ ପେନାଲ୍ଟି ଶୁଟ୍ଆଉଟରେ ବିଦାୟ ପଥ ଦେଖାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏହା ହେଉଛି ଫିଫା ବିଶ୍ୱକପ୍‌ରେ ମରକ୍କୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୧୯୮୬ ବିଶ୍ୱକପ୍‌ରେ ଦଳ ସର୍ବାଧିକ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିପାରିଥିଲା। ତେଣୁ ଏଥର ମରକ୍କୋ ଦୃଢ଼ ପ୍ରଦର୍ଶନ ମାଧ୍ୟମରେ ବହୁ ଆଗକୁ ଯିବାର ଯୋଜନାରେ ଅଛି। ଟୁର୍ନାମେଣ୍ଟରେ ଏ ପର୍ଯ୍ୟନ୍ତ ଅପରାଜିତ ରହିଛି। ଅନ୍ୟପକ୍ଷରେ ପର୍ତ୍ତୁଗାଲର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଏହି ଦଳ ଘାନା ବିପକ୍ଷରେ ୩-୨ରେ କଷ୍ଟସାଧ୍ୟ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଉରୁଗୁଏକୁ ୨-୦ରେ ହରାଇଥିଲେ ହେଁ ଅନ୍ତିମ ଲିଗ୍ ମ୍ୟାଚରେ ଦକ୍ଷିଣ କୋରିଆ ଦଳ ନିକଟରୁ ୧-୨ ଗୋଲରେ ହାରି ଯାଇଥିଲା। ତେବେ ଗ୍ରୁପ୍ 'ଏଚ୍'ର ଶୀର୍ଷ ଦଳ ଭାବେ ପର୍ତ୍ତୁଗାଲ ନକ୍ଆଉଟରେ ପ୍ରବେଶ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ପ୍ରଭାବୀ ପ୍ରଦର୍ଶନ କରି ସୁଇଜରଲାଣ୍ଡକୁ ୬-୧ ଗୋଲରେ ପରାସ୍ତ କରିଥିଲା। ରୋନାଲ୍ଡୋଙ୍କ ବଦଳ ଖେଳାଳି ଭାବେ ସୁଯୋଗ ପାଇଥିବା ଗୋନ୍‌କାଲୋ ମାଟିଆସ ରାମୋସ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରି ଦଳ ପାଇଁ ଆଶା ସଞ୍ଚାର କରିଛନ୍ତି। ୧୯୬୬ରେ ତୃତୀୟ ଏବଂ ୨୦୦୬ରେ ଚତୁର୍ଥ ହୋଇଥିବା ପର୍ତ୍ତୁଗାଲକୁ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିବାକୁ ହେଲେ ପ୍ରଥମେ ମରକ୍କୋ ହର୍ଡଲ୍ସକୁ ଅତିକ୍ରମ କରିବାକୁ ପଡ଼ିବ।



୧୯୮୬ ବିଶ୍ୱକପରେ ପର୍ତ୍ତୁଗାଲକୁ ହରାଇବାପରେ ନିଜ ଦଳର ମୁସ୍ତାଫା ବାଏଜଙ୍କୁ ଖୁସିରେ ଟେକି ଧରିଛନ୍ତି ମରକ୍କୋ ଗୋଲକିପର ବାଦୋଉ ଜାକି।

# ଅଗଷ୍ଟ ସୁଦ୍ଧା ୧,୦୦୦ ଖେଲୋ ଇଣ୍ଡିଆ ସେଣ୍ଟର

**ନୂଆଦିଲ୍ଲୀ, ୯।୧୨ (ପି.ଟି.):** ମାଲଖମ୍ବ, ଥଙ୍ଗ ତା', ଯୋଗାସନ ଗଟ୍‌କା ଓ କାଲ୍‌ପେଟା ଭଳି ପାରମ୍ପରିକ କ୍ରୀଡ଼ା ଖୁବ୍ ଶୀଘ୍ର ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଶୁକ୍ରବାର ଲୋକସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତାବର୍ଷ ଅଗଷ୍ଟ ୧୫ ସୁଦ୍ଧା ମନ୍ତ୍ରଣାଳୟ ସମଗ୍ର ଦେଶରେ ୧,୦୦୦ ଖେଲୋ ଇଣ୍ଡିଆ ସେଣ୍ଟର ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ଗୁରୁବାର କ୍ରୀଡ଼ା ଏବଂ ଏନେଇ ସରକାର ନେଇଥିବା ପଦକ୍ଷେପ ଉପରେ ବିତର୍କ ସହ ଲୋକସଭା ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି ତିଆର କରିବା ସହ ଗ୍ରାମାଞ୍ଚଳ ଯୁବ ଖେଳାଳି ଯେପରି ସୁଯୋଗ ପାଇପାରିବେ ସେ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିଲାଗି ସରକାରଙ୍କୁ ଅନୁରୋଧ କରିଥିଲେ। ଗତ ମାର୍ଚ୍ଚ ୩୧ରେ ପାର୍ଲାମେଣ୍ଟ ବଜେଟ ସେସନ ବେଳେ ଏହି ଆଲୋଚନା ଆରମ୍ଭ ହୋଇଥିଲା। ଶୁକ୍ରବାର ଠାକୁର ତାଙ୍କ ଉତ୍ତରରେ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ଅନ୍ୱେଷଣ କରିବା ଏବଂ ସେମାନଙ୍କୁ ଅନ୍ତର୍ଜାତୀୟ ଆଥଲେଟରେ ପରିଣତ କରିବା ଦିଗରେ ସରକାର କାର୍ଯ୍ୟ ଆରମ୍ଭ କରିସାରିଥିବା ଉଲ୍ଲେଖ କରିଛନ୍ତି। ଗ୍ରାମାଞ୍ଚଳରେ ଖେଲୋ ଇଣ୍ଡିଆ ସେଣ୍ଟର ଖୋଲିବା ଲାଗି ହେଉଥିବା ଦାବିକୁ ପୂରଣ କରିବାକୁ ଯାଇ ଆମେ ୧,୦୦୦ ଖେଲୋ ଇଣ୍ଡିଆ ସେଣ୍ଟର କରିବୁ। ଏହି ଭଳି ୭୩୩ଟି ସେଣ୍ଟରର ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଛି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।



କ୍ରୋଏସିଆ ବିପକ୍ଷ ଫିଫା ବିଶ୍ୱକପ ମ୍ୟାଚ ଉପଭୋଗ କରୁଛନ୍ତି ବ୍ରାଜିଲ ପ୍ରଶଂସକ।






# ବାଂଲାଦେଶକୁ କ୍ଲିନ୍ ସୁଇପ୍‌ରୁ ରୋକିବ ଭାରତ

**ଚଟ୍ଟୋଗ୍ରାମ୍, ୯।୧୨ (ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଇଞ୍ଜୁରି ଓ ଫିଟ୍‌ନେସ ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ଭାରତ ପ୍ରଥମ ଦୁଇଟି ମ୍ୟାଚରେ ହାରିସାରିଥିବାରୁ ଏହି ମ୍ୟାଚ ଜିତି ଲିଟନ ଦାସଙ୍କ ଦଳକୁ କ୍ଲିନ୍ ସୁଇପ୍ ବିଜୟରୁ ରୋକିବାକୁ ଚେଷ୍ଟା କରିବ। ଆସନ୍ତା ଡିସେମ୍ବର ୧୪ରୁ ହେବାକୁ ଥିବା ଟେଷ୍ଟ ସିରିଜ ପୂର୍ବରୁ ଭାରତର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ଅନ୍ୟପକ୍ଷରେ ବାଂଲାଦେଶ ୩-୦ରେ ସିରିଜ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିବା ଲାଗି ଚେଷ୍ଟା କରିବ। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡରେ ଭାରତ ଶେଷ ଗେମ୍ ଓ ବାଂଲାଦେଶ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମଧ୍ୟରେ ସମୟ ବ୍ୟବଧାନ ଖୁବ୍ କମ୍। ଚଳିତ ସିରିଜ ପାଇଁ ପ୍ରକୃତରେ ୨୦ କ୍ରିକେଟର ଉପଲବ୍ଧ ଥିଲେ। ମାତ୍ର ସପ୍ତାହକ ମଧ୍ୟରେ ସବୁ ଏପଟ ସେପଟ ହୋଇଗଲା। ଫାଇନାଲ ଗେମ୍ ପାଇଁ ବର୍ତ୍ତମାନ ୧୪ ଜଣ ଖେଳାଳି ଉପଲବ୍ଧ ହେଉଛନ୍ତି। ତାଙ୍କ ଭିତରୁ ଚୂଡ଼ାନ୍ତ ଏକାଦଶ ବାଛିବାକୁ ପଡ଼ିବ। ଭାରତୀୟ ବୋଲିଂ ଆକ୍ରମଣ ବର୍ତ୍ତମାନ ସ୍ୱଳ୍ପ ଅଭିଜ୍ଞତାସମ୍ପନ୍ନ ମନେ ହେଉଥିବାରୁ କୁଲ୍‌ଦୀପ ଯାଦବଙ୍କୁ ଚଟ୍ଟୋଗ୍ରାମ୍ ପଠାଯାଇଛି। ଏହି ବାମହାତୀ ସ୍ପିନ ବୋଲର ୭୨ ଅନ୍ତର୍ଜାତୀୟ ଦିନିକିଆ ଖେଳି ୧୧୮ ଉଇକେଟ ଅକ୍ତିଆର କରିଛନ୍ତି। ବୋଲିଂ ଲାଇନ୍ ଅପ୍‌ରେ ସେ ହେଉଛନ୍ତି ସବୁଠାରୁ ଅଭିଜ୍ଞ ବୋଲର। ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ବାମ ବୃଦ୍ଧାଙ୍ଗୁଳି ହାଡ଼ ଭାଙ୍ଗିଯାଇଥିବାରୁ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଦୀୟମାନ ପେସ୍ ବୋଲର କୁଲ୍‌ଦୀପ ସେନ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଖେଳି ସାରିବା ପରେ ତାଙ୍କ ପିଠିରେ ଆଘାତ ଲାଗିଛି।

**ଭାରତୀୟ ଦଳ:** କେ.ଏଲ୍. ରାହୁଲ (ଅଧିନାୟକ), ଶିଖର ଧାୱନ, ବିରାଟ କୋହଲି, ଶ୍ରେୟସ ଆୟର, ଈଶାନ କିଶନ (ଉଇକେଟକିପର), ମହମ୍ମଦ ସିରାଜ, ରଜତ ପଟିଦାର, ରାହୁଲ ତ୍ରିପାଠୀ, ୱାଶିଂଟନ ସୁନ୍ଦର, ଶାହାବଜ ଅହମ୍ମଦ, ଅକ୍ଷର ପଟେଲ, ଶାର୍ଦ୍ଦୁଳ ଠାକୁର, ଉମରାନ ମଲିକ ଓ କୁଲଦୀପ ଯାଦବ।

**ବାଂଲାଦେଶ ଦଳ:** ଲିଟନ କୁମାର ଦାସ, ଏନାମୁଲ ହେଗ୍ ବିଜେଏ, ଶକିବ ଅଲହସନ, ମୁସ୍ଫିକର ରହିମ, ଆଫିଫ୍ ହୋସେନ, ୟାସିର ଅଲ୍ ଚୌଧାରୀ, ମେହଦି ହସନ ମିରାଜ, ମୁସ୍ତାଫିଜୁର ରହମାନ, ତସ୍କିନ ଅହମ୍ମଦ, ହସନ ମେହମୁଦ, ଇବାଦତ ହୋସେନ ଚୌଧାରୀ, ନାସୁମ ଅହମଦ, ମହମ୍ମଦ ଉଲ୍ଲା, ନଜମୁଲ ହୋସେନ ଶାନ୍ତୋ, କ୍ୱାଜିନୁରୁଲ ହସନ ସୋହାନ, ଶୋରିଫୁଲ୍ ଇସ୍‌ଲାମ।



ଶାହାବାଜ ଅହମଦଙ୍କୁ ବ୍ୟାଟିଂ ଟିପ୍ସ ଦେଉଛନ୍ତି କୋଚ୍ ରାହୁଲ ଦ୍ରାବିଡ।

**ମ୍ୟାଚ ଆରମ୍ଭ: ପୂର୍ବାହ୍ନ ୧୧ଟା ୩୦**

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ